ପିରାମିଡ୍

ଜ୍ୟୋତିର୍ମୟୀ ମହାନ୍ତି



Digitized by srujanika@gmail.com

ପିରାମିଡ୍

ଜ୍ୟୋତିର୍ମୟୀ ମହାନ୍ତି

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ପିରାମିଡ୍

(ବିଜ୍ଞାନ ଭିତ୍ତିକ ଉପନ୍ୟାସ)

ଲେଖିକା :
ଜ୍ୟୋତିର୍ମୟୀ ମହାନ୍ତି, M.A.B.ED.
ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
ସିପିଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଜଗତ୍‌ସିଂହପୁର

ପ୍ରକାଶକ :
ଶ୍ରୀ ବିଜୟ ଶଙ୍କର ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ - ୭୫୩ ୦୦୨

ପ୍ରତିଷ୍ଠାତା ପ୍ରକାଶକ
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ସ୍ଥାପିତ - ୧୯୫୯

ପ୍ରଥମ ମୁଦ୍ରଣ - ୨୦୦୧
ଛାପାସଂଖ୍ୟା - ୫୦୦

ପ୍ରଚ୍ଛଦ : ଅସିତ୍ ମୁଖାର୍ଜୀ

ଅକ୍ଷର ସଜ୍ଜା :
ଆଶା କମ୍ୟୁନିକେଶନ୍,
ପିଠାପୁର, କଟକ - ୧

ମୁଦ୍ରାଣ :
ମଜ୍‌ଦୁର ପ୍ରିଣ୍ଟସ, କଟକ - ୨

PYRAMID

By :
Jyotirmayee Mohanty

Published by

Sri Bijoy Shankar Patra
ORISSA BOOK STORE
Binod Behari,
Cuttack – 753 002

PRICE : Rs. 40/-
ISBN 81-7400-320-7

First Edition – 2001

Digitized by srujanika@gmail.com

ଉତ୍ସର୍ଗ

''ମୋର ପରମ ପୂଜନୀୟ ଗୁରୁ ତଥା
ପ୍ରେରଣା ଦାତା ବିଜ୍ଞାନ ଉପନ୍ୟାସର
ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ଡଃ ଗୋକୁଳାନନ୍ଦ
ମହାପାତ୍ରଙ୍କ କର କମଳରେ,''

ଜ୍ୟୋତିର୍ମୟୀ

Digitized by srujanika@gmail.com

ନିଜକଥା

''ମିଶରର ପିରାମିଡ୍'', ତତ୍କାଳୀନ ଫାରୋ ବା ମହାମହିମ ସମ୍ରାଟ ମାନଙ୍କର ସମାଧି, ପ୍ରଚୀନ କଳା ସ୍ଥାପତ୍ୟର ଏକ ଆଶ୍ଚର୍ଯ୍ୟତମ ନିଦର୍ଶନ । କେଜାଣି କାହିଁକି ମୋ ମନର ସୂକ୍ଷ୍ମ ତନ୍ତ୍ରୀରେ ଝଙ୍କାର ତୋଳିଛି, ମୋର ସମଗ୍ର ସତ୍ତାକୁ ଆବୋରି ବସିଛି, ମୋ ଚକ୍ଷୁରେ ମାୟାଞ୍ଜନ ଲେପିଛି । ଗଭୀର ନିଶୀଥରେ ଓଡ଼ିଶାର ଏହି କ୍ଷୁଦ୍ର ପଲ୍ଲୀରୁ ମନ ମୋର ଧାଇଁ ଯାଏ ସୁଦୂର ମିଶରର ରାଜଧାନୀ କାଏରୋ ସହରର ନୀଳନଦୀ ତଟସ୍ଥ ସୁବିସ୍ତୀର୍ଣ୍ଣ ବାଲୁକାରାଶି ମଧ୍ୟକୁ ଯେଉଁଠି ନିଃଶବ୍ଦରେ ଦଣ୍ଡାୟମାନ ଏହି ପିରାମଡ୍, ଅନେକ ରହସ୍ୟର ଗନ୍ତାଘର, ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ଅନ୍ୟତମ । ତା'ର ସେହି ସୁବିଶାଳ ବୁକୁରେ ଖୋଦିତ ହୋଇ ରହିଛି ପାଞ୍ଚହଜାର ବର୍ଷ ତଳର ସୁଦୀର୍ଘ ଇତିହାସ, ଅତ୍ୟାଚାରୀ ଫାରେମାନଙ୍କର ଶାସନରେ ଲୋମହର୍ଷଣକାରୀ କାହାଣୀ....... ନିଜ ଲହୁକୁ ଲୁହ କରି ଢାଳି ଦେଇ, ପିରାମିଡ୍‌ର ପଥର ଉଠାଇ ପଥର ପାଲଟିଥିବା ସେହି ଶ୍ରମିକ ମାନଙ୍କ ବୁକୁର ଦୀର୍ଘଶ୍ୱାସ... ସବୁକିଛି । ଆହୁରି ଆଶ୍ଚର୍ଯ୍ୟ ଆହୁରି ରହସ୍ୟ ଘେରି ରହିଛି ତା ମଧ୍ୟରେ କଫିନ୍ ଭିତରେ ଶାୟିତ ନାନା ଅଳଙ୍କାର ମଣ୍ଡିତ ଫାରେ ତଥା ସେମାନଙ୍କର ରାଣୀମାନଙ୍କର ଶବମାନ, ଯାହାକୁ କି ମିଶରୀୟ ଭାଷାରେ କୁହାଯାଏ ମମି । ଆଶ୍ଚର୍ଯ୍ୟ ! କିପରି ରହିଛି ଏ ସବୁ ଦୀର୍ଘଦିନ ଧରି ଅକ୍ଷତ ଅବସ୍ଥାରେ, କି ଉପାଦାନ ଦେଇ ରଖିଛନ୍ତି ସେହି ପ୍ରାଚୀନ ମିଶରୀୟ ମାନେ ।

ମହାଶୂନ୍ୟ ବିଜୟୀ ବୈଜ୍ଞାନିକମାନେ ମଧ୍ୟ ମମି ପ୍ରୟସ୍ତୁତ ନିକଟରେ ହାର୍ ମାନିଛନ୍ତି, ହାର୍ ମାନିଛି ଆଧୁନିକ ବିଜ୍ଞାନର ସବୁ କଳ, କୌଶଳ ଏହାର ଅନ୍ତରାଳରେ ଥିବା ରହସ୍ୟର ପର୍ଦ୍ଦାର ଉନ୍ମୋଚନ ପାଇଁ ।

ଏହି ପିରାମିଡ୍ ଓ ମମିକୁ ନେଇ ଅନେକଙ୍କ ପରି ମୋ ମନ ଗହନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି, ମୋ ମନର ସୂକ୍ଷ୍ମତନ୍ତ୍ରୀରେ ସୃଷ୍ଟି ହୋଇଛି ଗଭୀର ଆଲୋଡ଼ନ । ଏହା କ'ଣ, ଏହା କିଏ କାହିଁକି ଓ କିପରି ନିର୍ମାଣ କରିଥିଲେ । ଏହାର ସମାଧାନ ପାଇଁ ମିଶର ଇତିହାସଠାରୁ ବ୍ରିଟନିକା ଏନ୍‌ସାଇକ୍ଲୋ ପେଡ଼ିଆ, ଜ୍ଞାନ ମଣ୍ଡଳ ପର୍ଯ୍ୟନ୍ତ ଅନେକ ପୁସ୍ତକ ଅଧ୍ୟୟନ କରିଛି, ଅନେକ ପତ୍ରପତ୍ରିକା ପାଠ କରିଛି । ଏ ସବୁର ସାର ମର୍ମକୁ ନେଇ କିଛି ବାସ୍ତବ ସହ ଓ କିଛି କଳ୍ପନା ପୁଟ ଦେଇ ପିରାମିଡ୍ ଓ ମମିର ରହସ୍ୟ ଉପରେ ଆଧାରିତ ମୋର ଏହି କ୍ଷୁଦ୍ର ଉପନ୍ୟାସଟି । ପ୍ରଚୀନ ମିଶରର ଐତିହ୍ୟ ସହ ବର୍ତ୍ତମାନ ମିଶରଦେଶର ପରମ୍ପରାର କିଛି ଚିତ୍ର ମଧ୍ୟ ଏଥିରେ ପର୍ଯ୍ୟବେସିତ ।

Digitized by srujanika@gmail.com

ଏହି ପୁସ୍ତକ ପ୍ରକାଶନ ଅବସରରେ ଅନେକଙ୍କଠାରେ ମୁଁ ଋଣୀ । ପ୍ରଥମେ ମୁଁ ଋଣୀ ଓଡ଼ିଶା ବୁକ୍‌ଷ୍ଟୋରର ପ୍ରୋପାଇଟର ପିତୃପ୍ରତିମ ଶ୍ରୀଯୁକ୍ତ ଗୋବିନ୍ଦ ଚରଣ ପାତ୍ରଙ୍କ ନିକଟରେ । ଆଗ୍ରହ ସହକାରେ ସେ ମୋ ପିରାମିଡ୍‌ର ବିଷୟବସ୍ତୁ ଶୁଣିଛନ୍ତି ଓ କଥାଛଳରେ କିଛି ନୂତନ ତଥ୍ୟ ମଧ୍ୟ ଯୋଗାଇଛନ୍ତି ଓ ଛାପିବା ପାଇଁ ଦେଇଛନ୍ତି ପ୍ରତିଶ୍ରୁତି । ଏଥି ସହ କୃତଜ୍ଞତା ଜଣାଉଛି ତାଙ୍କର ସୁପୁତ୍ର ଶ୍ରୀ ବିଜୟଶଙ୍କର ପାତ୍ରଙ୍କୁ ଯାହାଙ୍କ ଉଦ୍ୟମରେ ହିଁ ପାଣ୍ଡୁଲିପିଟି ଆମ୍ ପ୍ରକାଶ କଲା ପୁସ୍ତକ ଆକାରରେ ।

କୃତଜ୍ଞତା ଜଣାଉଛି ମୋର ପ୍ରଧାନ ଶିକ୍ଷକ ବନ୍ଧୁ ଶଙ୍କର ବାବୁଙ୍କୁ, ଯିଏ କି ପିରାମିଡ୍ ସମ୍ବନ୍ଧୀୟ କୌଣସି ତଥ୍ୟ ଦୃଷ୍ଟିକୁ ଆସିଲେ ମତେ ଯୋଗାଇ ଦିଅନ୍ତି, ଏପରି ଏକ ଐତିହାସିକ ସୃଷ୍ଟିକୁ ଲେଖନୀ ମୁନରେ ଫୁଟାଇବାକୁ ଦିଅନ୍ତି ପ୍ରେରଣା, କୃତଜ୍ଞତା ଜଣାଉଛି ସାନ ଭଉଣୀ ତୁଲ୍ୟ ମଞ୍ଜୁଙ୍କୁ ଯିଏ କି ବହୁ ଶ୍ରମ ସ୍ୱୀକାର କରି ମୋର ପାଣ୍ଡୁଲିପି ପ୍ରସ୍ତୁତ କରିବାରେ କରିଛନ୍ତି ଅଦମ୍ୟ ସାହାଯ୍ୟ ।

ପରିଶେଷରେ ଏହାକୁ ପାଠ କରି ପାଠକ ପାଠିକାମାନେ ଏହି ଅତ୍ୟାଶ୍ଚର୍ଯ୍ୟ ପିରାମିଡ୍ ସଂପର୍କରେ ସେମାନଙ୍କ ମନରେ ଦେଖା ଦେଇଥିବା କିଛିଟା ପ୍ରଶ୍ନର ଉତ୍ତର ପାଇଲେ ଓ ଆନନ୍ଦ ଲାଭ କଲେ ମୋର ଶ୍ରମ ସାର୍ଥକ ହେବ ବୋଲି ଜାଣିବି ।

ଜ୍ୟୋତିର୍ମୟୀ ମହାନ୍ତି

Digitized by srujanika@gmail.com

ସୋମେଶ୍ଙ୍କ ମୁଦା ଆଖି ପତା ଖୋଲୁଥିଲା ଧୀରେ ଧୀରେ । ଦେହରେ ତାଙ୍କର ଅନେକ ଅଂଶରେ ବ୍ୟାଣ୍ଡେଜ୍ ବନ୍ଧା ହୋଇଥିଲା ଓ ଭୀଷଣ କଷ୍ଟ ମଧ୍ୟ ସେ ଅନୁଭବ କରୁଥିଲେ । ପ୍ରଥମେ ସେ କିଛି ଜାଣିପାରିଲେ ନାହିଁ । ତାଙ୍କ ଚାରିପଟ ବାତାବରଣ ଥିଲା ଶାନ୍ତ ଆଉ ସ୍ତବ୍ଧ । ସମୟ ଥିଲା ରାତ୍ରୀର ପ୍ରଥମ ପ୍ରହର । ଏହି ସମୟରେ ଜଣେ କେହି ଆସି ତାଙ୍କ ଦେହରେ ଏକ ଇଂଜେକସନ୍ ଦେଇଗଲେ । ବେଶ ପୋଷାକରୁ ସେ ଅନୁମାନ କଲେ ଯେ ସେ ଜଣେ ସେବିକା । ବେଶ୍ ... ଏତିକି । ଆଉ କୌଣସି କଥା ଚିନ୍ତା କରିବାକୁ ସେ ଅବକାଶ ବି ପାଇନଥିଲେ । ତାପରେ ତାଙ୍କ ଚାରିପଟ କିପରି ହଠାତ୍ ନିସ୍ତବ୍ଧ ହୋଇଗଲା । ନିର୍ଜୀବ ଭାବେ ସେ ଯେ କେତେ ସମୟ ପର୍ଯ୍ୟନ୍ତ ଶୋଇ ରହିଛନ୍ତି, ତା ସେ ନିଜେ ମଧ୍ୟ ଜାଣି ନାହାନ୍ତି ।

ଏଥରକ ଆଖି ଖୋଲିଲାବେଳକୁ ତାଙ୍କୁ ଟିକିଏ ଭଲ ଲାଗୁଥିଲା । ଚାରିପଟୁ ଅଂସଖ୍ୟ କୋଳାହଳ ଭାସି ଆସୁଥିଲା । ନିଜ ଚାରିପଟକୁ ଅନାଇ ସେ ଏବେ ବୁଝିଲେ ଯେ ସେ ହସପିଟାଲର ଏକ ବେଡ଼ରେ ଶୋଇଛନ୍ତି । କିନ୍ତୁ କାହିଁକି ... ? କ'ଣ ପାଇଁ ... ? ମନରେ ତାଙ୍କର ଅସୁମାରୀ ପ୍ରଶ୍ନର ଢେଉ । କାହାକୁ ସେ କିଛି ପଚାରିବାକୁ ଚାହୁଁଥିଲେ । ତାଙ୍କ ଚାରିପଟେ ଅଂସଖ୍ୟ କାର୍ଯ୍ୟରତ ଡାକ୍ତର ଓ ନର୍ସ ଚଳପ୍ରଚଳ ହେଉଥିଲେ । ମାତ୍ର ଏ ସମସ୍ତେ ଥିଲେ ତାଙ୍କର ଅଚିହ୍ନା । ପୁଣି ତାଙ୍କୁ କିଛି ଔଷଧ ଖାଇବାକୁ ଦିଆଗଲା । ଔଷଧ ଖାଇବା ପରେ ଆଖି ମୁଦ୍ରିତ କରି ଶୋଇଗଲେ ।

କାହାର ସ୍ନିଗ୍ଧ କୋମଳ କଣ୍ଠରେ ତାଙ୍କ ନିଦ ଭାଙ୍ଗିଲା । ଅଧାଖୋଲା ଆଖି ପୁଣି ବୁଜି ହୋଇ ପଡ଼ିବା ପୂର୍ବରୁ ତାଙ୍କ କପାଳରେ ଅନୁଭବ କଲେ କାହାର କୋମଳ ହାତର ସ୍ନେହଁଭରା ସ୍ପର୍ଶ । ସେମିତି ଅର୍ଦ୍ଧମୁଦ୍ରିତ ଚକ୍ଷୁରେ ସେହି ସ୍ନେହମୟୀ ପ୍ରତିମା ଉପରେ ଦୃଷ୍ଟି ତାଙ୍କର ସ୍ଥିର ହୋଇଗଲା ।

ଅପେକ୍ଷାକୃତ କୋମଳ କଣ୍ଠରେ ଆୟେସା କହିଲା, "ଆପଣ ଯେ ଜୀବନ ନେଇ ସେଠାରୁ ଫେରି ଆସିଛନ୍ତି । ତାହା ପରମ ସୌଭାଗ୍ୟର କଥା । ଆୟେସାର କଣ୍ଠରେ ତାଙ୍କ

Digitized by srujanika@gmail.com

ପ୍ରତି ଥିବା ଐକାନ୍ତିକ ବ୍ୟାକୁଳତା ତାଙ୍କୁ ଅଭିଭୂତ କରିଦେଲା । ମ୍ଳାନ ହସହସି ସେ କହିଲେ, ‘‘ଏହାହିଁ ଥିଲା ମୋ ପ୍ରତି ଭାଗ୍ୟର ନିର୍ଦ୍ଦେଶ ବୋଧହୁଏ । ମାତ୍ର ଆପଣ କେମିତି ଜାଣିଲେ’’, ‘‘ସେ କଥା ପରେ ଥାଉ’’ ଏବେ ଦେହ କିପରି ଲାଗୁଛି ।

‘‘ଭଲ ଲାଗୁଛି’’ । ସଂକ୍ଷିପ୍ତ ଭାବେ ଉତ୍ତର ଦେଲେ ସୋମେସ୍ । ହେଲେ ମୁଁ ତ କିଛି ବୁଝିପାରୁନାହିଁ । କିପରି ଭାବେ ଏଠାକୁ ଆସିଲି । ମୋତେ ଟିକିଏ ସମସ୍ତ ଘଟଣା ଖୋଲି କୁହନ୍ତୁତ ।’’

‘‘ଶୁଣିବେତ ନିଶ୍ଚୟ । ଆପଣ ପ୍ରଥମେ ଭଲ ହୋଇ ଯାଆନ୍ତୁ । ଏହାପରେ ଆୟେସା ନିଜ ବ୍ୟାଗ୍‌ରୁ କିଛି ଫଳ ବାହାର କଲା । ପାଖ ବେସିନ୍‌ରେ ତାକୁ ଭଲଭାବେ ଧୋଇଦେଲା । ଛୁରି ଦ୍ୱାରା ଚୋପା ଛଡ଼ାଇ କାଟି ସୋମେସ୍‌ଙ୍କ ହାତକୁ ଖଣ୍ଡେ ଖଣ୍ଡେ ବଢ଼ାଇଦେଲା । ସୋମେସଙ୍କ ବାମ ହାତରେ ବ୍ୟାଣ୍ଡେଜ୍ ବନ୍ଧା ହୋଇଥିଲା । ମାତ୍ର ଡାହାଣ ହାତଟି ଭଲ ଥିଲା । ତେଣୁ ସେ ନିଜେ ଖାଇପାରୁଥିଲେ । ଖାଇ ସାରିଲା ପରେ ଆୟେସା ଫ୍ଲାସ୍କରେ ଆଣିଥିବା ଗରମ ପାଣି ଗ୍ଲାସରେ ଢାଳିଲା ଓ କିଛି ହର୍ଲିକ୍ସ ଗୋଳି ତାଙ୍କ ହାତକୁ ମଧ ବଢ଼ାଇଦେଲା । ହାତ ଘଡ଼ିକୁ ଚାହିଁ ଦେଖେ ତ ଦଶଟା ବାଜିବାକୁ ଯାଉଛି । ତାପରେ କହିଲା ଆପଣଙ୍କର ଏବେ ଔଷଧ ଖାଇବାର ପାଳି ।

ଏସବୁ ପରେ ସୋମେସ୍ ଟିକିଏ ଆରାମ ବୋଧ କଲେ ଓ ବେଡ୍‌କୁ ଆଉଜି ବସିବାକୁ ଚାହୁଁଥିଲେ । ମାତ୍ର ଡାକ୍ତର ମନା କରିଛନ୍ତି କହି ଆୟେସା ତାଙ୍କୁ ସେଥିରୁ ନିବୃତ୍ତ କଲା ।

ଲଜ୍ଜିତ କଣ୍ଠରେ ସୋମେସ୍ କହିଲେ, ‘‘ଆପଣ ମୋ ପାଇଁ ଅନେକ କଷ୍ଟ କଲେଣି । ଆପଣ ନଥିଲେ ଏ ଦେଶରେ ମୋ ଅବସ୍ଥା ଯେ କ’ଣ ହୋଇଥାଆନ୍ତା ତାହା ମୋ ଚିନ୍ତା ଶକ୍ତିରୁ ବାହାରେ ।’’

‘‘ଆଉ ସେଥିପାଇଁ ଆପଣ ମୋ ଶତ ବାରଣ ସତ୍ତ୍ୱେ ସେ ନିଷିଦ୍ଧ ଅଞ୍ଚଳକୁ ପ୍ରବେଶ କରି ଥିଲେ ।’’

‘‘ନିଷିଦ୍ଧ ଅଞ୍ଚଳ ?’’

‘‘ହଁ ନିଷିଦ୍ଧ ଅଞ୍ଚଳ ନୁହେଁ ତ ଆଉ କ’ଣ । ନୀଳନଦୀର କୂଳରେ ଥିବା ସେ ନିଘଞ୍ଚ ଅରଣ୍ୟ ଯେ କୌଣସି ଜୀବିତ ବ୍ୟକ୍ତି ପାଇଁ ଏକ ନିଷିଦ୍ଧ ଅଞ୍ଚଳ ।

କିଛି ସମୟ ସ୍ତବ୍ଧ ଭାବେ ବସି ରହିଲେ ସୋମେସ ସ୍ମୃତିର ପରଦାରେ ତାଙ୍କର ଭାସି ଉଠୁଥିଲା ଗିରି ଶ୍ରେଣୀ ପରିବେଷ୍ଟିତ, ଗଗନ ସ୍ପର୍ଶୀ ବୃକ୍ଷରାଜି ଭରା ସୁବିସ୍ତୀର୍ଣ୍ଣ ଘଞ୍ଚ ଅରଣ୍ୟ । ଅରଣ୍ୟ ମଧ୍ୟରେ ନାନା ଆଶ୍ଚର୍ଯ୍ୟ ସୁନ୍ଦର ଦୃଶ୍ୟ । ଆଉ ପ୍ରାଚୀନତମ ପିରାମିଡ୍ । ତାପରେ .... । ତାପରେ ଆଉ କିଛି ମନେ ପକାଇ ପାରୁନାହାନ୍ତି ସେ ।

ବ୍ୟସ୍ତ ବିବ୍ରତ ସୋମେସ୍‌ଙ୍କ ମୁଖ ମଣ୍ଡଳରେ ଦୃଷ୍ଟି ଥାପି ମୃଦୁ ହସି ଆୟେସା କହିଲା, ‘‘କହିଲି ପରା ଆପଣ ପ୍ରଥମେ ଭଲ ହୁଅନ୍ତୁ, ପରେ ସେ ସବୁ କଥା ଚିନ୍ତା କରିବେ । ଯାହା ଘଟିବାର ଥିଲା ଘଟିଗଲା । ସେଥିପାଇଁ ବ୍ୟସ୍ତ ହେଲେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ଆଡ଼କୁ ଗତି କରିବ । ଆପଣ ଏବେ ବିଶ୍ରାମ ନିଅନ୍ତୁ ।

Digitized by srujanika@gmail.com

କିଛି ସମୟ କଥାବାର୍ତ୍ତା ପରେ ଆୟେସା, କହିଲା, "ମୁଁ ଯାଉଛି ଆପଣ ଏବେ ଟିକିଏ ଶୋଇ ଯାଆନ୍ତୁ ।"

ଆୟେସା ଚାଲିଯିବା ପରେ ନାନା ଭାବନାରେ ଭଉଁରୀ ମଧ୍ୟରେ ହଜିଗଲେ ସୋମେସ୍ । ଜଙ୍ଗଲ ଭିତରର ଦୃଶ୍ୟ ପୁଣି ଥରେ ମନେ ପକାଇବାକୁ ଚେଷ୍ଟା କଲେ । ତାଙ୍କର ଠିକ ମନେ ପଡୁଛି ପ୍ରଫେସର ବୋଡ଼େଙ୍କ ନିର୍ଦ୍ଦେଶିତ ସେହି ପ୍ରାଚୀନ ପିରାମିଡ୍‌ଟି ତାଙ୍କର ଦୃଷ୍ଟି ଗୋଚର ହୋଇଥିଲା । ଆଉ କିଛି ସମୟ ଅରଣ୍ୟ ଅଭ୍ୟନ୍ତରରେ ଅନୁସନ୍ଧାନ କରିଥିଲେ ସେ ହୁଏତ ପାଇଥାଆନ୍ତେ ସେହି ଅଦ୍ଭୁତ ମମିର ସନ୍ଧାନ ଆଉ ତା ନିକଟରେ ଥିବା ରାସାୟନିକ ଫର୍ମୁଲା ଆବିଷ୍କାର କରିଥାଆନ୍ତେ, ଯାହା ହୋଇଥାଆନ୍ତା ବିଶ୍ୱର ଶ୍ରେଷ୍ଠ ଆବିଷ୍କାର ।

ପ୍ରାଚୀନ ମିଶରୀୟମାନଙ୍କର ସେହି କୌଶଳ ଯାହା ପ୍ରୟୋଗ କରି ସେମାନେ ଦୀର୍ଘ ପାଞ୍ଚହଜାର ବର୍ଷ ପରେ ମଧ୍ୟ ଶବକୁ ସୁରକ୍ଷିତ କରି ରଖି ପାରିଛନ୍ତି ଯାହାକୁ କୁହାଯାଉଛି ମମି । ଯାହା ଆଜିର ମହାଶୂନ୍ୟ ବିଜୟୀ ବୈଜ୍ଞାନିକମାନଙ୍କ ଚକ୍ଷୁରେ ଏବେ ବି ଲେପିଛି 'ମାୟାଞ୍ଜନ' । ମାତ୍ର କେମିତି ସେ ସେଠାରୁ ଆସିଲେ କିଏ ତାଙ୍କୁ ଆଣିଲା ଏ ସବୁତ ଯେତେ ଚେଷ୍ଟା କଲେବି ମନେ ପକାଇ ପାରୁ ନାହାନ୍ତି । ଆଉ ଆୟେସା କେଉଁଠୁ ଜାଣିଲା ତାଙ୍କର ଏ ବିପର୍ଯ୍ୟୟ ? ସେ ହିଁ କେବଳ ତାଙ୍କୁ ଦେଇ ପାରିବ ଏହା ମୂଳରେ ଥିବା ରହସ୍ୟର ସନ୍ଧାନ ।

ସେଦିନ ରାଜଧାନୀଠାରୁ ଅନେକ ଦୂରରେ, ନୀଳନଦୀର ତଟ ଦେଶରେ ଅବସ୍ଥିତ ନିଘଞ୍ଚ ଅରଣ୍ୟକୁ ଯିବାକୁ ପାଇଁ ସେ ମନସ୍ଥିର କଲେ । କାରଣ ତାଙ୍କୁ ଉନ୍ମୋଚନ କରିବାକୁ ପଡ଼ିବ ମିଶରୀୟମାନଙ୍କର ମମି ନିର୍ମାଣ କୌଶଳର ସେହି ସୂକ୍ଷ୍ମ ଫର୍ମୁଲାଟି । ସେହି ଫର୍ମୁଲାଟି ଖୋଦିତ ହୋଇଛି ଅରଣ୍ୟ ଅଭ୍ୟନ୍ତରରେ ଥିବା ପିରାମିଡ୍‌ର ଗାତ୍ରରେ । ମାତ୍ର ଯେ ଯାଉଛି ... ସେ ସେଠାରୁ ଫେରୁନାହିଁ ଜୀବନ ଘେନି । ତେଣୁ ଏ ପର୍ଯ୍ୟନ୍ତ ସେ ନିର୍ମାଣ କୌଶଳ ରହିଯାଇଛି ଲୋକଲୋଚନର ଅଗୋଚରରେ । ଏ ପଟେ ମୂଲ୍ୟବାନ ଜୀବନ ... ଅନ୍ୟପଟେ ନୂତନ ଆବିଷ୍କାରର ଉନ୍ମାଦନା ... ? କାହାକୁ ସେ ସ୍ୱାଗତ କରିବେ ... ? ମାତ୍ର ଜୀବନ ସେ ତ ସମୟ ମଧ୍ୟରେ ଦିନେ ଝରିଯିବ । ତା ପ୍ରତି ଏତେଟା ଆସକ୍ତି ରଖିଲେ ମଣିଷ ଭଲକାମରେ ଆଗେଇ ପାରିବ ନାହିଁ । ଯିବା ପାଇଁ ମନେ ମନେ ଦୃଢ଼ ନିଷ୍ପତ୍ତି ନେଲେ । ଶେଷରେ ମନର ଏହି ଭାବଟିକୁ ପ୍ରକାଶ କଲେ ଆୟେସା ନିକଟରେ । ମାତ୍ର ଜୀବନକୁ ବାଜି ରଖି ଏପରି ଏକ ବିପଦସଂକୁଳ ପଥରେ ପଥିକ ପାଇଁ ତାଙ୍କର ଏକ ପ୍ରକାର ଜିଦ୍‌କୁ ବାରମ୍ବାର ବାରଣ କରିଥିଲା ଆୟେସା । ତାର ଶତ ଚେଷ୍ଟା ସତ୍ତ୍ୱେ ସେ ସେଥିରୁ ତାଙ୍କୁ ନିବୃତ୍ତ କରି ନ ପାରିବାରୁ ଲୁହ ଛଳ ଛଳ ଆଖିରେ ତାଙ୍କୁ ବିଦାୟ ଦେଇଥିଲା । ନୀଳକଇଁର ପାଖୁଡ଼ା ପରି ତାର ଦୁଇ ସୁନ୍ଦର ଆଖିରେ ମୁକ୍ତାପରି ଟଳ ଟଳ ହେଉଥିବା କେଇବିନ୍ଦୁ ଅଶ୍ରୁନେଇ ସେ ଆୟେସାର ତାଙ୍କ ପ୍ରତି ଥିବା ସ୍ନିଗ୍ଧ ସ୍ନେହ ମମତାକୁ ଅନୁଭବ କରିପାରିଥିଲେ ।

ତାଙ୍କୁ ସବୁ ସମୟରେ, ସବୁମତେ ପାଇବାର ଆଶା ନ ରଖି ଅକୁଣ୍ଠ ସାହାଯ୍ୟ କରିଥିବା ଆୟେସା ସହ ତାଙ୍କ ପ୍ରଥମ ସାକ୍ଷାତର ସ୍ମୃତି ଏବେ ବି ମାନସ ପଟରେ ତାଙ୍କର ଜୀବନ୍ତ ଅଛି ।

Digitized by srujanika@gmail.com

ସମୟର ଅସରନ୍ତି ବେଳାଭୂମିରେ ଅଗଣିତ ପଦଚିହ୍ନ ପଡ଼େ । ତହିଁରୁ ଅନେକ ପାଣି ଫୋଟକା ପରି ମୁହୂର୍ତ୍ତକ ପାଇଁ ନିଜର ସ୍ଥିତିରଖି ପୁଣି ଉଭେଇ ଯାଆନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ କେତୋଟି ପଦଚିହ୍ନର ସ୍ମୃତି ସମୟର ଗତିକୁ ସ୍ଥାଣୁ କରିଦେଇ ଦୀର୍ଘକାଳ ପର୍ଯ୍ୟନ୍ତ ଅଙ୍କିତ ହୋଇ ରହିଯାଏ ।

ଠିକ୍ ସେମିତି ସୋମେସ୍‌ଙ୍କ ମନର ବେଳାଭୂମିରେ ପଡ଼ିଥିବା ଅନେକ ଅନେକ ପଦଚିହ୍ନ ମଧ୍ୟରୁ ଆୟେସାର ପଦଚିହ୍ନ ଗଭୀର ରେଖାପାତ କରି ରହିଯାଇଛି ।

ସୁଦୂର ମିଶରର କାଏରୋ ନଗରୀର କିଛି ଦିନ କଟାଇଲା ପରେ ଏହି ସହର ସତେ ଯେପରି ତାଙ୍କୁ ଆପଣେଇ ନେଇଥିଲା । ଆପଣେଇ ନେଇଥିଲା ତାର ବଜାର, ସହର, ସଡ଼କ, ନଈକୂଳ ଓ ପ୍ଲାଟଫର୍ମ ସବୁକିଛି । ଏ ସହର ସହ କିଛିଟା ପରିଚୟ ହେବା ପରେ ସେ ପହଞ୍ଚିଲେ ଦିନେ ତାଙ୍କର ବହୁ ଆକାଂକ୍ଷିତ ପିରାମିଡ୍ ନିକଟରେ, ଯାହାର ଆକର୍ଷଣ ହିଁ ତାଙ୍କୁ ଟାଣି ଆଣିଥିଲା ଜନ୍ମମାଟି ଭାରତବର୍ଷର କୋଳରୁ ଏ ଦୂର ଦେଶକୁ ।

ସେଦିନ ଅପଲକ ନେତ୍ରରେ ସୋମେସ୍ ଚାହିଁ ରହିଥିଲେ ମିଶରୀୟମାନଙ୍କର ଚମତ୍କାର କଳା, ଭାସ୍କର୍ଯ୍ୟର ନିପୁଣତାକୁ ବହନ କରି ମୁଣ୍ଡ ଟେକି ଉଠିଥିବା ପିରାମିଡ଼୍‌କୁ ।

ଅନାଇଲେ ଆଖି ପାଉନାହିଁ । ସେହି ବିରାଟକାୟ ତ୍ରିଭୁଜାକାର ବସ୍ତୁଟିର ଶୀର୍ଷ ଆକାଶର କୋଳକୁ ସତେ ଅବା ଭେଦି ଯାଇଛି । ପିରାମିଡ଼୍‌ର ଅବଲୋକନରେ ତାଙ୍କର ମନେ ହେଉଥିଲା ସେ ମହାକାଳର ଉଜାଣି ସ୍ରୋତରେ ଭାସି ଭାସି ସୁଦୀର୍ଘ ପାଞ୍ଚହଜାର ବର୍ଷ ତଳର ସେହି ଦିନକୁ ଯେପରି ଫେରି ଯାଇଛନ୍ତି । କାନରେ ତାଙ୍କର ଫାରୋ ଖୁଫୁଙ୍କର ଆଦେଶର ବେଣି ପ୍ରତିଧ୍ୱନି ତୋଳି କହୁଥିଲା "ମୋର ସମାଧି ପୀଠ ହେବ ବିଶ୍ୱର ଶ୍ରେଷ୍ଠ କଳାକୃତି ।

ଆକାଶର ହସନ୍ତ ମୁଖକୁ ଘୋଡ଼େଇଦେଇ ହଠାତ୍ ଖଣ୍ଡେ କଳାବଉଦ ଭାସି ଆସିଲା । ଖରାର ତେଜ ମଉଳି ପଡ଼ିଲା । ବର୍ଷା ଆଗମନର ସଂକେତ ଦେଇ ଗର୍ଜି ଉଠିଲା ଘଡ଼ଘଡ଼ି । ଅତି ଅପ୍ରତ୍ୟାଶିତ ଭାବେ ମାଡ଼ି ଆସିଲା ମେଘଟା । ଝରଝର ହୋଇ ଅବାରିତ ଭାବେ ଝରିପଡ଼ିଲା ବର୍ଷାର ଧାରା ପୃଥିବୀର ମାଟିକୁ ସିକ୍ତ ଓ ଶିହରିତ କରି । ଏମିତି ହଠାତ୍ ବର୍ଷାର ସମ୍ମୁଖୀନ ହେବେ ବୋଲି ସୋମେସ୍‌ଙ୍କର ଧାରଣା ବି ନଥିଲା । ତେଣୁ ସେଠାରେ ତିନ୍ତିବା ଛଡ଼ା ତାଙ୍କର ଅନ୍ୟ ଉପାୟ ନଥିଲା ।

ଖୁବ୍ ନିକଟରେ ଛତା ଖୋଲି ଝିଅଟିଏ ଛିଡ଼ା ହୋଇଥିଲା । ସୋମେସ୍‌ଙ୍କ ଅବସ୍ଥାକୁ ଦେଖି ମଧୁର କଣ୍ଠରେ କହିଲା, 'ଯଦି ଆପତ୍ତି ନଥାଏ ଏହି ଛତା ତଳକୁ ଆସନ୍ତୁ ।' ବର୍ଷାର ବେଗ ବଢ଼ିବା ଛଡ଼ା କମିବାର ଦେଖାଯାଉ ନଥିଲା । ଅନ୍ୟ ଉପାୟ ନ ଦେଖି ସଂକୋଚ ଭାବେ ଛତା ତଳକୁ ଗଲେ ସୋମେସ୍ ।

ବର୍ଷୁକି ବାଦଲଟା ବେଶ୍ ଅସରାଏ ପାଣି ବର୍ଷିଦେଇ ତା ବାଟରେ ଚାଲିଗଲା । ଆକାଶର ନୀଳିମା ପୁଣି ଫେରି ଆସିଲା ।

Digitized by srujanika@gmail.com

ଝିଅଟିକୁ ଧନ୍ୟବାଦ ଜଣାଇ ଫେରି ଯାଉଥିଲେ ସୋମେସ୍ । 'ଟିକେ ଶୁଣନ୍ତୁ' । ଝିଅଟି କଣ୍ଠରୁ ବୀଣାଝିଣା ସ୍ୱରରେ ଭାସି ଆସିଲା ।

ଅଟକି ଗଲେ ସେ । ପଚାରିଲେ 'କ'ଣ କହୁଛନ୍ତି ?'

'ହଁ, ଆପଣଙ୍କ ପରିଚୟଟା ... ।' କଥା ଅଧା ରଖି ପ୍ରଶ୍ନବାଚୀ ଦୃଷ୍ଟିରେ ତାଙ୍କ ମୁହଁକୁ ଚାହିଁଲା ଝିଅଟି ।

ସ୍ମିତହସି ସେ ଉତ୍ତର ଦେଲେ, 'ମୁଁ ଜଣେ ବିଦେଶୀ ଟୁରିଷ୍ଟ ।'

'ମୋର ଅନୁମାନ ଯଦି ନିର୍ଭୁଲ ହୁଏ, ତାହେଲେ ଆପଣ ଜଣେ ଭାରତୀୟ ।' ସୋମେସ୍‌ଙ୍କ ମୁହଁରେ ଆନନ୍ଦର ଏକ ଝଲକ ଦେଖାଗଲା । ଉତ୍ତର ଦେଲେ, 'ଆପଣଙ୍କ ଅନୁମାନ ପୁରାପୁରି ଠିକ୍ । ମୁଁ ମଧ୍ୟ ଆପଣଙ୍କ ପରିଚୟ ପାଇଁ ଆଗ୍ରହୀ ।'

ବେଶ୍ କୋମଳ କଣ୍ଠରେ ଝିଅଟି ଉତ୍ତର ଦେଲା, 'ମୁଁ ଏହି ମିଶର ଦେଶର ଏକ ଝିଅ । ମୋର ନାମ ଆୟେସା ।'

ସେଦିନର ସେହି ପରିଚୟ କ୍ରମେ ଘନିଷ୍ଠ ହେଲା । ସୁଦୂର ବିଦେଶ ମାଟିରେ ଆୟେସା ପରି ସ୍ନେହଶୀଳା ବାନ୍ଧବୀଟିଏ ଅପ୍ରତ୍ୟାଶିତ ଭାବେ ପାଇ ସୋମେସ୍ ଧନ୍ୟ ମନେକଲେ । ପ୍ରାଚୀନ ଭାରତର ସଂସ୍କୃତି ଓ ପରମ୍ପରା ଉପରେ ଗବେଷଣା କରୁଥିଲା ଆୟେସା । ଭାରତୀୟ ସଂସ୍କୃତି ପ୍ରତି ତାର ଭାରି ଶ୍ରଦ୍ଧା ଓ ସେ ବିଷୟରେ ଥିବା ତାର ଗଭୀରଜ୍ଞାନ ଦେଖି ସୋମେସ୍ ବିସ୍ମିତ ହୋଇପଡ଼ିଲେ ।

ଏକଦା ଆୟେସା ବିଜ୍ଞାନର ଛାତ୍ରୀ ଥିଲା । ବିଜ୍ଞାନର ଜଟିଳ ତଥ୍ୟକୁ ବିଶ୍ଳେଷଣ କରୁ କରୁ ସେ ଦେଖିଲା ଅଣୁ, ପରମାଣୁ, ପୃଥିବୀର ଘୂର୍ଣ୍ଣନ, ଜୀବଜଗତର ଉତ୍ପତ୍ତି ଆଦି ବହୁ ଜଟିଳ ତତ୍ତ୍ୱର ଆବିଷ୍କାରକ ରୂପେ ଭାରତୀୟ ମୁନି, ଋଷି ମାନେ ହିଁ ଚିର ସ୍ମରଣୀୟ । କ୍ରମେ ଭାରତର ଐତିହ୍ୟ ଓ ତା'ର ସଂସ୍କୃତି ପ୍ରତି ସେ ଅହେତୁକଭାବେ ଆକୃଷ୍ଟ ହୋଇପଡ଼ିଲା ।

ଆୟେସା ମୁହଁରେ ଆମର ଧର୍ମଗ୍ରନ୍ଥ ଶ୍ରୀମଦ୍ ଭାଗବତ ଗୀତାର ପ୍ରତି ଶ୍ଳୋକର ବୈଜ୍ଞାନିକ ବ୍ୟାଖ୍ୟା ସୋମେସ୍‌ଙ୍କୁ ଚକିତ କରିଦେଲା । ସେ ଭାବିଲେ ସେ ନୁହନ୍ତି, ଆୟେସା ହିଁ ହେଉଛି ପ୍ରକୃତ ଭାରତୀୟ । ପବିତ୍ର ଭାରତ ମାଟିରେ ଜନ୍ମଗ୍ରହଣ କରି ଭାରତୀୟ ସଂସ୍କୃତିର ନିଗୂଢ଼ ତତ୍ତ୍ୱ ଆୟେସା ହିଁ ବୁଝି ପାରିଛି । ପିରାମିଡ୍ ବିଷୟରେ ଗବେଷଣା କରିବାକୁ ଆସି ସୋମେସ୍ ଯେପରି ଆମର ମହାନ୍ ସଂସ୍କୃତିକୁ ଆଜି ନୂଆ ରୂପରେ ଦେଖୁଛନ୍ତି, ଶୁଣୁଛନ୍ତି ।

ସୋମେସ୍‌ଙ୍କ ଜନ୍ମ ଓଡ଼ିଶାରେ । ସେ ଭାରତର ପ୍ରାଚୀନ ଇତିହାସର ଜଣେ ବେଶ୍ ନାମକରା ଗବେଷକ । ଦିଲ୍ଲୀସ୍ଥ ପ୍ରତ୍ନତତ୍ତ୍ୱ ବିଭାଗରେ କାମ କରନ୍ତି । ଚାରୁକଳା ଓ ସ୍ଥାପତ୍ୟର ପ୍ରଧାନପୀଠ ଭାରତ ବର୍ଷର ପୁରାତନ ମନ୍ଦିର ଓ ଦୁର୍ଗ ମାନଙ୍କର କାରୁକାର୍ଯ୍ୟ, କଳା ଓ ଆଧ୍ୟାତ୍ମିକ ବୈଶିଷ୍ଟ୍ୟ ବିଷୟରେ ବୁଲି ବୁଲି ସେ ଗବେଷଣା କରୁଛନ୍ତି ମହାବଳୀପୁରମ୍‌ର କେତୋଟି ମନ୍ଦିର, ଫତେପୁର ସିକ୍ରି ଦୁର୍ଗ, ଏଲୋରା ଅଜନ୍ତା ଭାସ୍କର୍ଯ୍ୟ, କୋଣାର୍କର ସୂକ୍ଷ୍ମ

Digitized by srujanika@gmail.com

କାରୁକାର୍ଯ୍ୟ, ରାଜସ୍ଥାନର ଚିତୋର ଦୁର୍ଗର ସ୍ଥାପତ୍ୟ ଆଦି ବିଭିନ୍ନ ତଥ୍ୟ ମାନ ତାଙ୍କ ଗବେଷଣାର ବିଷୟବସ୍ତୁ ହୋଇଛି । ଏହାଛଡା ବିଭିନ୍ନ ଦେଶ ବୁଲି ବୁଲି ସେମାନଙ୍କର କଳା,ସ୍ଥାପତ୍ୟ ଓ ସଂସ୍କୃତି ବିଷୟରେ ମଧ୍ୟ ସେ ଗବେଷଣା ଚଳାଇଥିଲେ । ହେଲେ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନପାଇଥିବା ମିଶରର ପିରାମିଡ୍ ବିଷୟରେ ସେ ଯେତିକି ଯେତିକି ପଢୁଛନ୍ତି ତାହା ତାଙ୍କୁ ସେତିକି ରହସ୍ୟମୟ ବୋଧ ହେଉଛି । ପୃଥିବୀର ପ୍ରଥମ ଜୀବ ସୃଷ୍ଟି କେବେ ହୋଇଥିଲା ଓ କିପରି ହୋଇଥିଲା ସେ ରହସ୍ୟ ବୈଜ୍ଞାନିକମାନଙ୍କ ନିକଟରେ ଏବେ ବି ଦୁର୍ବୋଧ ରହିଲାପରି ପିରାମିଡ୍‌ର ରହସ୍ୟ ଆଜିସୁଦ୍ଧା ବୁଦ୍ଧିଜୀବୀ ମାନଙ୍କ ନିକଟରେ ଦୁର୍ବୋଧ ହୋଇ ରହିଛି । ତାଙ୍କର ମନେ ହେଉଛି ଯେମିତି ପିରାମିଡ୍ ଭିତରେ ଭରି ରହିଛି ଅନେକ ରହସ୍ୟ..... ଅନେକ ରୋମାଞ୍ଚ..... । ସେ ରହସ୍ୟର ପର୍ଦ୍ଦା ଉନ୍ମୋଚନ ଲାଗି ତାଙ୍କର ଗବେଷକ ମନ ବ୍ୟାକୁଳ ହୋଇ ଉଠୁଛି । ହେଲେ କାହିଁ କେତେ ଦୂରରେ ଆଫ୍ରିକା ମହାଦେଶ କୋଳରେ ଅବସ୍ଥିତ ମିଶର ଦେଶ ଆଉ ତାର ପିରାମିଡ୍ ।

ଉନବିଂଶ ଶତାବ୍ଦି ମଧ୍ୟଭାଗ ପର୍ଯ୍ୟନ୍ତ ଆଫ୍ରିକା ଉପକୂଳ ଅଞ୍ଚଳ ବ୍ୟତୀତ ଏହାର ଅଭ୍ୟନ୍ତର ବିଷୟରେ ସବୁ କିଛି ଅଜ୍ଞାତ ଥିଲା । ତେଣୁ ଏହା ଅନ୍ଧକାରମୟ ମହାଦେଶ ନାମରେ ବିଶ୍ୱ ନିକଟରେ ପରିଚିତ ଥିଲା । କ୍ରମେ ନାନା ଭୌଗଳିକ ଆବିଷ୍କାର ଫଳରେ ଏହି ମହାଦେଶର ଅଭ୍ୟନ୍ତରରେ ସୁନା, ପ୍ଲାଟିନମ୍, ଅଭ୍ର ଓ ମାଙ୍ଗାନିଜ ଆଦିର ସନ୍ଧାନ ମିଳିଲା । ଫଳରେ ଏହା ନିଜର ପରିଚୟ ବିଶ୍ୱବାସୀଙ୍କ ନିକଟରେ ଉନ୍ମୁକ୍ତ କଲା । ଆବିଷ୍କାରକ ମାନଙ୍କର ଧାର ଛୁଟିଲା । ଆବିଷ୍କାର ହେଲା ମିଶରର ବିରାଟ ପିରାମିଡ୍ । ପ୍ରଚୀନ କଳାସ୍ଥାପତ୍ୟର ଏକ ଆଶ୍ଚର୍ଯ୍ୟତମ ନିଦର୍ଶନ । ବେବିଲୋନିଆର ଝୁଲନ୍ତା ବଗିଚା ଦେବୀ ଡାଏନାଙ୍କ ମୂର୍ତ୍ତି, ସିକନ୍ଦରିଆର ବତୀଘର । ଏସବୁ ମଧ୍ୟରେ ମିଶରର ପିରାମିଡ୍ ଆଜିସୁଦ୍ଧା ମହାକାଶ ବିଜୟୀ ବୈଜ୍ଞାନିକ ମାନଙ୍କ ଚକ୍ଷୁରେ ମାୟାଞ୍ଜନ ଲେପିଛି । ଦଳଦଳ ହୋଇ ବୈଜ୍ଞାନିକ ମାନେ ଏହା ଉପରେ ଗବେଷଣା ଚଳାଇଛନ୍ତି । ବିଂଶ ଶତାବ୍ଦୀରେ ମଧ୍ୟ ଅନେକ ଦେଶର ସଂଗ୍ରାହାଳୟରେ ପିରାମିଡ୍‌ର ମଡେଲ୍ ଓ ଦୀର୍ଘ ପାଞ୍ଚହଜାର ବର୍ଷତଳର ମମି ସ୍ଥାନପାଇଛି । ଏସବୁ ଦେଖିଲେ ସୋମେଶ୍‌ଙ୍କ ମନ ବ୍ୟାକୁଳ ହୋଇଉଠେ ପିରାମିଡ୍ ବିଷୟରେ ଅଧିକ ଜାଣିବାକୁ । ଯୋଗକୁ ଭାରତ ସରକାରଙ୍କର ଏକ ବୃତ୍ତି ଲାଭ କରି ପିରାମିଡ୍ ଉପରେ ଗବେଷଣା ଲାଗି ମିଶର ଯିବାକୁ ତାଙ୍କର ସ୍ଥିର ହୋଇଗଲା । ମନ ତାଙ୍କର ଆନନ୍ଦରେ ଉଦ୍‌ବେଳିତ ହୋଇଉଠିଲା । ଯେଉଁ ସୁଯୋଗ ସେ ଖୋଜୁଥିଲେ ତାହା ସୌଭାଗ୍ୟକ୍ରମେ ତାଙ୍କ ହାତ ପାହାନ୍ତରେ ଜୁଟିଗଲା ।

ଜନ୍ମଭୂମିର ମାୟା ମମତା କାଟି ମିଶର ଅଭିମୁଖେ ଯାତ୍ରାପାଇଁ ନିଜକୁ ପ୍ରସ୍ତୁତ କରିନେଲେ ସେ । ନିର୍ଦ୍ଦିଷ୍ଟ ଦିନ ଜାହାଜରେ ଚଢିଲେ । ଅଶାନ୍ତ ସମୁଦ୍ରର ବିକ୍ଷୁବ୍ଧ ଜଳରାଶି ଉପରେ ଦୋହଲି ଦୋହଲି ଚାଲିଥାଏ ଜଳଜାହଜଟି । ତା ସହ ତାଳ ଦେଇ ସୋମେସ୍‌ଙ୍କ ମନ ନାନା ଆଶା, ଆଶାଙ୍କରେ ଉଦ୍‌ବେଳିତ ହୋଇ ଉଠୁଥାଏ । କ୍ରମେ ଆରବସାଗରର ସୁବିସ୍ତୃତ ଜଳରାଶକୁ ପରିତ୍ୟାଗ କରି ଜାହାଜଟି ଲୋହିତସାଗରରେ ପ୍ରବେଶ କଲା । ଲୋହିତସାଗରରେ କିଛିଦିନ ଗଲାପରେ ସୁଏଜ୍ କେନାଲ୍‌ରେ ଭାସିଚାଲିଲା ଜାହାଜ । ଏଥର

Digitized by srujanika@gmail.com

ମିଶରଦେଶର ସୀମା ନିକଟତର ହୋଇଆସିଲା । ଆଉ ଅଳ୍ପ ସମୟପରେ ସେମାନେ ମିଶରର ପୋର୍ଟସୟଦ ବନ୍ଦରରେ ଅବତରଣ କରିବେ । ଦୀର୍ଘଦିନର ଜଳଯାତ୍ରାପରେ ପୃଥିବୀର ମାଟି ଛୁଇଁବାକୁ ମନ ତାଙ୍କର ଯେତିକି ବ୍ୟାକୁଳ ହୋଇ ଉଠୁଥାଏ, ଏକ ସମ୍ପୂର୍ଣ୍ଣ ନୂତନ ଯାଗାରେ ପହଞ୍ଚିବାକୁ ଯାଉଥିବାରୁ ମନ ସେତିକି ଆଶାଙ୍କରେ ଆନ୍ଦୋଳିତ ହୋଇଉଠୁଥାଏ । କେନାଲ୍‌ର ଦୁଇକୂଳରେ ବେଶ୍ ସୁନ୍ଦର ସୁନ୍ଦର କୋଠାଘରମାନ ଦୃଷ୍ଟିଗୋଚର ହେଉଥାଏ । ତାଙ୍କର ଜଣେ ସହଯାତ୍ରୀ ବନ୍ଧୁ ତାଙ୍କୁ ମିଶରର ରାଜା ଫରୋକଙ୍କ ଗ୍ରୀଷ୍ମ ନିବାସକୁ ଚିହ୍ନାଇ ଦେଲେ । ସେହି ଗ୍ରୀଷ୍ମ ନିବାସର ଅପୂର୍ବ କଳା, ସ୍ଥାପତ୍ୟ ମିଶରୀୟମାନଙ୍କର ନିର୍ମାଣ ଶୈଳୀର ଉତ୍କର୍ଷତାକୁ ବେଶ୍ ପ୍ରମାଣ କରୁଥିଲା । ଏହି କାରିଗରୀରେ ଫୁଟିଉଠିଥିବା ଅତୁଟ କୌଶଳ ସେମାନଙ୍କ ବୁଦ୍ଧିମତାର ପରିଚୟ ପ୍ରଦାନ କରୁଥିଲା ।

ପୋର୍ଟସୟଦ ବନ୍ଦରରେ ଲଙ୍ଗର ପକାଇଲା ଜାହାଜଟି । ତାହା ହିଁ ଥିଲା ସୋମେଶ୍‌ଙ୍କର ଅବତରଣର ସ୍ଥାନ । ସେଠାରୁ ଓହ୍ଲାଇ କାଏରୋ ସହର ଅଭିମୁଖେ ଯାତ୍ରାକଲେ ସେ । କାରଣ ମିଶରର ରାଜଧାନୀ କାଏରୋ ଥିଲା ତାଙ୍କର ପ୍ରକୃତ ଗନ୍ତବ୍ୟସ୍ଥାନ ।

ମିଶରର ରାଜଧାନୀ କାଏରୋ ସହରର ଏକ ଆଭିଜାତ୍ୟ ସମ୍ପନ୍ନ ହୋଟେଲରେ ତାଙ୍କ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ହୋଟେଲର ପରିଚାରକ ତାଙ୍କର ପରିଚୟ ପାଇବା ପରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିବା କୋଠରୀରେ ତାଙ୍କୁ ପହଞ୍ଚିବାକୁ ସାହାଯ୍ୟ କଲା । କୋଠରୀଟି ଥିଲା ବେଶ୍ ପ୍ରଶସ୍ତ ଆଉ ଆଧୁନିକ ସାଜସଜାରେ ସଜ୍ଜିତ । ମୁକ୍ତ ବାତାୟନ ଦେଇ ସେ ଦୃଷ୍ଟିପକାଇଲେ ବାହାର ଆଡ଼କୁ । ବିମୁଗ୍ଧ ଭାବରେ ଅବଲୋକନ କଲେ କାଏରୋ ନଗରୀର ଚିତ୍ତାକର୍ଷକ ଦୃଶ୍ୟ । ଅଦୂରରେ ପ୍ରବାହିତ ପୂର୍ଣ୍ଣଗର୍ଭା ନୀଳନଦୀ, ଯାହାର ଦାନରେ ପରିପୁଷ୍ଟ ମିଶରର ପ୍ରତିଟି ଧୂଳିକଣା । ନଦୀର ନୀଳ ନିର୍ମଳ ଜଳରାଶି ବାତାୟନ ଫାଙ୍କ ଦେଇ ତାଙ୍କ ଦୃଷ୍ଟିରେ ସ୍ପଷ୍ଟ ଧରାପଡୁଥିଲା । ଏହି ଜଳରାଶୀ ସକାଳ ସୂର୍ଯ୍ୟଙ୍କ କିରଣରେ ଝଟକି ଅପୂର୍ବ ଲାଗୁଥିଲା ଏପରି ଏକ ସୁନ୍ଦର ମନୋମୁଗ୍ଧକର ପରିବେଶକୁ ଆତ୍ମବିଭୋର ସୋମେଶ ଉପଭୋଗ କରୁଥିଲେ । ନଦୀରୁ ପ୍ରବାହିତ ଶୀତଳ ସମୀରଣ ତାଙ୍କୁ ଶିହରିତ କରୁଥିଲା । ଯାତ୍ରାର କ୍ଲାନ୍ତି ମେଣ୍ଟାଇବାକୁ ଆହାର ଗ୍ରହଣ ପରେ ସେ ଶୋଇଗଲେ କିଛି ସମୟ ପାଇଁ । ସୁଦୂର ଭାରତବର୍ଷରୁ ଆଗତ ସୋମେଶ୍ କ୍ରମେ ଧୀରେ ଧୀରେ ନିଜକୁ ପରିଚିତ କରାଉଥିଲେ ପିରାମିଡ୍‌ର ଦେଶ ମିଶର ସହ । ଆଉ ମିଶର ବି ତାଙ୍କୁ ତାର ସ୍ନେହ ସୋହାଗରେ ଆପଣେଇ ନେଉଥିଲା ଧୀରେ ଧୀରେ ।

କାର୍ଯ୍ୟ ବ୍ୟସ୍ତତାର ଜଞ୍ଜାଳ ଭିତରେ କେବେ କେମିତି ମନ ତାଙ୍କର ଭାରି ହୋଇ ଉଠିଲେ, ହୋଟେଲ କୋଠରୀର କୃତ୍ରିମ ସାଜସଜାରୁ ନିଜକୁ ମୁକ୍ତ କରି ସେ ଛୁଟି ଆସନ୍ତି ନୀଳନଦୀ କୂଳକୁ । ନୀଳନଦୀର ଅଥଳ ଜଳରାଶୀ ସହ ଏକାକାର ହୋଇ ତାଙ୍କ ହୃଦୟ ମଧ୍ୟରେ ଲମ୍ବିଯାଏ ଭାବନାର ଅନେକ ଖିଅ । ଭାବନ୍ତି ଏହି ନୀଳନଦୀ, ସଭ୍ୟତାର ପ୍ରଥମ ଉନ୍ମେଷର ମୂକସାକ୍ଷୀ । ଆଜି ସେ ମାନବ ସଭ୍ୟତାର ଚରମ ବିକାଶକୁ ମଧ୍ୟ ଅବଲୋକନ କରୁଛି । କେତେଯୁଗର ଇତିହାସକୁ ସେ ତାର ବକ୍ଷରେ ସାଇତି ରଖିଛି । କାରଣ ବହୁ ବିଶେଷଜ୍ଞ

Digitized by srujanika@gmail.com

ମତ ଦିଅଛି ଯେ ପାଞ୍ଚ ହଜାର ବର୍ଷ ପୂର୍ବେ ସଭ୍ୟତାର ପ୍ରଥମ ଉନ୍ମେଷ ନୀଳନଦୀର ବସ୍ତୀର୍ଣ୍ଣ ଉପତ୍ୟକାରେ ହିଁ ଘଟିଥିଲା ।

ସେଦିନ ଫାରେ ଖୁଫୁଙ୍କ ନିର୍ମିତ ବିଶାଳକାୟ ଗ୍ରେଟ୍ ପିରାମିଡ୍‌କୁ ନିଜ ଆଖିରେ ଦେଖିବାକୁ ନିଜେ ସହରକୁ ଯାଇଥିଲେ ସୋମେସ୍ । ସେହିଠାରେ ପରିଚୟ ହେଲା ଆୟେସା ସହ, ମିଶର ମାଟିର ଏକ ଝିଅ । ସୋମେସ୍‌ଙ୍କ ଠାରୁ ସୁଦୂର ଭାରତବର୍ଷରୁ ମିଶରକୁ ଆସିବାର କାରଣ ଓ ତାଙ୍କର କାର୍ଯ୍ୟସୂଚୀ ସମ୍ପର୍କରେ ବିଷଦ୍‌ଭାବରେ ବୁଝିସାରିବା ପରେ ତାଙ୍କୁ ସାହାଯ୍ୟ ପାଇଁ ସ୍ୱେଚ୍ଛାକୃତଭାବେ ମତଦାନ କରିଥିଲା ସେ । ଏକଥା ଶୁଣି ଆନନ୍ଦର ଏକ ଅପୂର୍ବ ଧାରା ସୋମେସ୍‌ଙ୍କ ଚିନ୍ତାକ୍ଲିଷ୍ଟ ମୁଖମଣ୍ଡଳରେ ଝଲସି ଉଠିଥିଲା ।

ତାର ପ୍ରତିଶ୍ରୁତି ଅନୁଯାୟୀ ଆୟେସା ସମୟେ ସମୟେ ଆସି ଉପସ୍ଥିତ ହୁଏ ତାଙ୍କ ହୋଟେଲ କୋଠରୀ ମଧ୍ୟରେ । ଦୁହିଁଙ୍କ ଭିତରେ ଆଳାପ, ଆଲୋଚନାରେ ବିତିଯାଏ ଅନେକ ସମୟ । ଆୟେସାର ଏକନିଷ୍ଠ ସ୍ନେହ ସୌହାର୍ଦ୍ଦଭରା ସହଯୋଗ ସୋମେସ୍‌ଙ୍କ ମନ ମଧ୍ୟରେ ଥିବା ବିଦେଶ ରହଣୀର ଭୟକୁ କ୍ରମେ ଦୂରେଇ ଦେଉଥିଲା ।

ସୁଦୂର ବିଦେଶ ମାଟିର ପରିବାର, ବନ୍ଧୁ ଆତ୍ମୀୟମାନଙ୍କ ନିବିଡ଼ ମମତାଠାରୁ ଦୂରେଇ ରହି ଏକାକୀ ଜୀବନ କାଟୁଥିବା ସୋମେସ୍‌ଙ୍କ ପାଇଁ ଆୟେସାର ଉପସ୍ଥିତ ଥିଲା ଏକ କଳକଳ ଛଳଛଳ ବନ୍ୟ ଝରଣା ପରି, ଯାହାର ସ୍ୱଚ୍ଛ ଜଳରାଶୀ ତାଙ୍କ ହୃଦୟକୁ ପ୍ଳାବିତ କରି ବହିଯାଉଥିଲା ।

କିଏ ଜାଣେ ସମୟର ଘୂର୍ଣ୍ଣାୟମାନ ସୂଅରେ କାହାର ଅଦୃଷ୍ଟ ପ୍ରତି କେଉଁ ଇଙ୍ଗିତର ନିର୍ଦ୍ଦେଶ ଅଛି ।

ଦିନେ ନିହାତି ଅନ୍ତରଙ୍ଗଭାବେ ଆୟେସା ତାଙ୍କୁ ଅନୁରୋଧ କରି ବସିଲା ତାର ଘରକୁ ଯିବାଲାଗି । ତାର ସସ୍ନେହ ଅନୁରୋଧକୁ ଏଡ଼ାଇ ପାରି ନଥିଲେ ସୋମେସ୍ । ସହର ଠାରୁ ଅନତି ଦୂରରେ ଏକ ସବୁଜିମା ଭରା ପଲ୍ଲୀ କୋଳରେ ଆୟେସାର ଘର, ଯେଉଁଠାକୁକି ବସରୁ ଓହ୍ଲାଇ କିଛିବାଟ ଚାଲିବାକୁ ପଡ଼େ । ସୂର୍ଯ୍ୟଙ୍କର ପ୍ରଖର କିରଣରେ ଉଦ୍‌ଭାସିତ ହୋଇ ଉଠିଥିଲା ପଲ୍ଲୀପଥ, ରାସ୍ତା ପାର୍ଶ୍ୱସ୍ଥ ସବୁଜ ବୃକ୍ଷଲତା ସବୁକିଛି । ଆଗେ ଆଗେ ଆୟେସା ତାଙ୍କୁ ବାଟ କଢ଼ାଇ ନେଉଥାଏ । ନିଶବ୍ଦରେ ତାକୁ ଅନୁସରଣ କରୁଥିଲେ ସେ । ବାଟ ଚାଲୁ ଚାଲୁ ପିଲାଦିନେ ଭୂଗୋଳ ବହିରେ ପଢ଼ିଥିବା ପିରାମିଡ୍‌ର ଦେଶ ମିଶରକୁ ନିଜେ ଅନୁଭବ କରୁଥିବା ମିଶର ସହ ତୁଳନା କରି ଚାଲୁଥାଆନ୍ତି ସେ । ସାହାରା ଅଞ୍ଚଳର ଏକ ଉନ୍ନତ ଓ ସମୃଦ୍ଧିଶାଳୀ ଦେଶ ଏହି ମିଶର । ଭୂମଧ୍ୟସାଗର ଓ ଲୋହିତ ସାଗରର ଘେର ମଧ୍ୟରେ ତାର ଅବସ୍ଥିତି ।

ଏସବୁ ଭାବନାର ଫାଙ୍କ ଦେଇ ସୋମେସ୍‌ଙ୍କ ଯୁବସୁଲଭ ମନକୁ ପ୍ରିୟତମା ବୀଥିକାଙ୍କ ସ୍ମୃତି ଉଦ୍‌ବେଳିତ କରୁଥାଏ । ବୀଥିକା ଏକଦା ଥିଲା ତାଙ୍କର ସହପାଠିନୀ ଆଉ ବର୍ତ୍ତମାନର ବାକ୍‌ଦତ୍ତା । ଦୁଇବର୍ଷ ତଳୁ ସେ ଭଲ ପାଇବାର ଦୃଢ଼ ବନ୍ଧନରେ ବାନ୍ଧି ହୋଇଯାଇଥିଲେ

Digitized by srujanika@gmail.com

ବୀଥିକା ସହ । ବିବାହ ହୋଇଥାଆନ୍ତା ଖୁବ୍ ନିକଟରେ । ମାତ୍ର ହଠାତ୍ ତାଙ୍କର ବିଦେଶ ଆଗମନ ଯୋଗୁ ଏ ବିବାହ ଉତ୍ସବକୁ ସ୍ଥଗିତ ରଖାଗଲା । ମିଳନର ସେହି ମଧୁମୟ ମୁହୂର୍ତ୍ତକୁ ମନେ ପକାଇ ମନେ ମନେ ପୁଲକିତ ହେଉଥିବା ବୀଥିକାଙ୍କୁ ପ୍ରିୟତମଙ୍କ ଦୀର୍ଘ ବିରହ ଅଶ୍ରୁମୁଖୀ କରିପକାଇଲା । ତଥାପି ହୃଦୟ ଭିତରେ ଦୁଃଖକୁ ଚାପି ରଖି ହସି ହସି ଉପର ମନରେ ସେ କହିଥିଲେ ଭଲରେ ଫେରିଆସ । ତୁମର ଗୌରବ ତ ମୋର ଗର୍ବ । ମାତ୍ର ଏତକ କହିବାର ସେହି ମୁହୂର୍ତ୍ତମାନଙ୍କରେ ପଦ୍ମପାଖୁଡ଼ା ପରି ତାଙ୍କ ଦୁଇ ସୁନ୍ଦର ନୟନ ଅଶ୍ରୁଭରାରେ ଢଳ ଢଳ ହେଉଥିଲା ତାଙ୍କର ସେହି ଲୁହଭରା ଆଖି ଦୁଇଟି ସୋମେସ୍‌ଙ୍କ ହୃଦୟ ମଧରେ ଆଙ୍କି ହୋଇ ରହିଯାଇଛି ।

ତାଙ୍କ ଭାବନାରେ ବାଧା ସୃଷ୍ଟି କରି ସ୍ନିଗ୍ଧ ମଧୁର କଣ୍ଠରେ ଆୟେସା କହିଲା, ''ମୁଁ ଆପଣଙ୍କୁ ଏକ ନୂଆ ତଥ୍ୟ ଯୋଗାଇ ଦେବି ।''

'ନୂଆତଥ୍ୟ' ଆଶ୍ଚର୍ଯ୍ୟ ବିଜଡ଼ିତ କଣ୍ଠରେ ପ୍ରଶ୍ନ ତୋଳିଲେ ସୋମେସ୍ ।

ହଁ ଠିକ୍ ଯେ ମିଳିଯିବ, ମୁଁ କହିପାରୁନି, ତେବେ କିଛି ମିଳିପାରେ । କାଏରୋ ସହରର ଠିକ୍ ପାଖରେ ଏକ ବଜାର ଅଛି । ପ୍ରାଚୀନ ମିଶରର ରାଜଧାନୀ ଥିବସ ସହରର ଧ୍ୱଂସ ସ୍ତୁପ ଉପରେ ଏହା ଅବସ୍ଥିତ । ସଭ୍ୟତାର ପ୍ରଥମ ଆଲୋକ ଯେଉଁଠୁ ଝଲସି ଉଠିଥିଲା ତା ଆଜି ଧ୍ୱଂସ ।

'ହଁ, ଏଥର ଆଶ୍ଚର୍ଯ୍ୟ ହେବାର କ'ଣ ଅଛି । ସୁଦୀର୍ଘ ପାଞ୍ଚ ହଜାର ବର୍ଷର ବ୍ୟବଧାନ ପରେ ଆମେ ଆଉ କ'ଣ ଆଶା କରିବା ।'

ବାଃ, ମହାପରାକ୍ରମୀ ମିଶରୀୟ ସମ୍ରାଟ୍, ଯେଉଁମାନଙ୍କୁ କି ମିଶରୀୟ ଭାଷାରେ କୁହାଯାଏ ''ଫାରେ'' - ସେମାନଙ୍କର ଇନ୍ଦ୍ର ମହଲ ସଦୃଶ ରାଜପ୍ରାସାଦ । ହୀରା, ନୀଳା, ମୋତି, ମାଣିକ ଆଦି ମୂଲ୍ୟବାନ ପଦାର୍ଥରେ ଭରପୂର ରାଜକୋଷ ଆଜି ମହାକାଳ ସ୍ରୋତରେ ଭାସିଯାଇ ମୁଠାଏ ମାଟିରେ ପରିଣତ ହୋଇଛି । ଏହା ହିଁ ହେଉଛି ଆମର ଜୀବନ । ଏହା ହିଁ ହେଉଛି ସତ୍ୟ । ଜାଣ ଆୟେସା, ସେହି ସତ୍ୟର ଅନୁସନ୍ଧାନରେ ଆମ ଦେଶର ଜଣେ ରଜକୁମାର ତାଙ୍କ ରାଜପ୍ରାସାଦ, ତାଙ୍କର ପ୍ରିୟତମା ପତ୍ନୀକୁ ତ୍ୟାଗ କରି ଉରୁବିଲ୍ୱ ଅରଣ୍ୟରେ ନିରଞ୍ଜନା ନଦୀ କୂଳର ଅଶ୍ୱତ୍ଥ ବୃକ୍ଷମୂଳକୁ ନିଜ ସାଧନାର ପୀଠରୂପେ ବାଛି ନେଇଥିଲେ । ଏହି ସତ୍ୟର ଅନୁସନ୍ଧାନ ଲାଗି ମହାମାନବ ଯୀଶୁ ଦିନେ ଦୁର୍ବୃତ୍ତମାନଙ୍କ ଦ୍ୱାରା କ୍ରୁଶ ବିଦ୍ଧ ହୋଇ କ୍ୟାଲଭାରୀର ଶିଖର ଦେଶରେ ଅତି ଦୟନୀୟ ଭାବେ ମୃତ୍ୟୁ ବରଣ କରିଥିଲେ । ହେଲେ ଆଜିର ମଣିଷ ତାହା ବୁଝୁଛି ବା କେଉଁଠି ? ଏକ ଫିଲୋସଫର ପରି କହି ଉଠିଲେ ସୋମେସ୍ ।

''ମହାପୁରୁଷମାନଙ୍କ ଶାଶ୍ୱତ ନୀତି ସବୁ ଲୋକମାନଙ୍କ ଅନ୍ତରକୁ ଉଦ୍ଭାସିତ କରୁଥିଲେ ଆଜି ଏ ପୃଥିବୀ ତ ସ୍ୱର୍ଗ ପାଲଟି ଯାଆନ୍ତା । ବଞ୍ଚିବା ପାଇଁ ଆମକୁ ହୁଏତ ଏତେ ସଂଘର୍ଷ କରିବାକୁ ଆଜି ପଡୁନଥାନ୍ତା ।'' ଉତ୍ତରରେ କହିଲା ଆୟେସା ।

'ହଁ ଏବେ ତୁମେ କ'ଣ କହୁଥିଲ କୁହତ ?'

Digitized by srujanika@gmail.com

ଅଧା ଥିବା କଥାର ଖିଅ ଧରି ଆୟେସା ପୁଣି କହିଚାଲିଲା, 'କାଳର କବଳରୁ ଅତି ଆଶ୍ଚର୍ଯ୍ୟଜନକ ଭାବେ ସେହି ଫାରେମାନଙ୍କର କିଛି ସ୍ମୃତି କିନ୍ତୁ ରକ୍ଷାପାଇ ଯାଇଛି, ଯେଉଁ ମୂଲ୍ୟବାନ ସ୍ମୃତିକୁ ସାଉଁଟି ସାଉଁଟି ଦୀର୍ଘ ପାଞ୍ଚ ହଜାର ବର୍ଷ ପରେ ମଧ୍ୟ ଆମେ ସେମାନଙ୍କ ବିଷୟରେ କିଛି ଜାଣିବାକୁ ପାଉଛୁ । ସେହି ଅମଳର କେତେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ସେଠାରେ ବିକ୍ରି ହେଉଥିବାର ବହୁଲୋକେ କୁହନ୍ତି । ମୁଁ ମଧ୍ୟ ଶୁଣିଛି ସେହି ନଥିପତ୍ରମାନଙ୍କରୁ ପିରାମିଡ୍‌ର ଗବେଷକମାନେ ବହୁ ଚାଞ୍ଚଲ୍ୟକର ତଥ୍ୟମାନ ସଂଗ୍ରହ କରିପାରୁଛନ୍ତି । ମୋ ମତରେ ଆପଣ ସେଠାକୁ ଗଲେ ହୁଏତ ଆପଣଙ୍କ ଗବେଷଣାରେ ସାହାଯ୍ୟ କଲାଭଳି କିଛି ନୂଆତଥ୍ୟ ପାଇପାରିବେ ।

'ଯା ହେଉ ଆପଣଙ୍କ ପ୍ରସ୍ତାବଟି ମତେ ବହୁତ କିଛି ସହାୟ ହେବ ବୋଲି ମୁଁ ଅନୁମାନ କରୁଛି ।'

ବାଟ ଚାଲୁ ଚାଲୁ ଗୋଟିଏ ଘର ନିକଟରେ ଛିଡ଼ା ହୋଇଗଲା ଆୟେସା । ସୋମେସ୍‌ଙ୍କୁ ଚାହିଁ କହିଲା, 'ଘର ଭିତରକୁ ଆସନ୍ତୁ । ଏଇ ଆମର ଘର । ଛୋଟ ଏକ ଘର । ମାତ୍ର ବେଶ୍ ପରିଷ୍କାର ପରିଚ୍ଛନ୍ନ । ଘର ଚାରିପାଖକୁ ଲାଗିଛି ସବୁଜିମା ଭରା କୃଷିକ୍ଷେତ୍ରମାନ । ଘର ସାମ୍ନାରେ ଛୋଟ ଏକ ବଗିଚା । ବଗିଚା ମଧ୍ୟରେ ରଙ୍ଗବେରଙ୍ଗ ଫୁଲର ହସ ଘରର ଶୋଭାକୁ ଆହୁରି ବଢ଼ାଇ ଦେଇଛି । ଯଦିଓ ଘର ଓ ବଗିଚାରେ ବିଶେଷ କିଛି ଚାକଚକ୍ୟର ସମ୍ଭାର ନାହିଁ । ତଥାପି ବେଶ୍ ସୁନ୍ଦର ଆଉ ମନମୁଗ୍ଧକର ପରିବେଶ ହୋଇଥିବାରୁ ତାହା ସୋମେସ୍‌ଙ୍କୁ ବହୁତ ଭଲ ଲାଗିଲା । ଆୟେସାର ପଛେ ପଛେ ଘର ଭିତରକୁ ପ୍ରବେଶ କଲେ ସେ ।

ଭିତରୁ ସ୍ୱାଗତ ଜଣାଇଲେ ତାର ମା । ସତେ ଯେପରି ସେମାନଙ୍କ ଆସିବା ପଥକୁ ଅନାଇ ବସିଥିଲେ । ଖୁବ୍ ଭଲ ସ୍ୱାସ୍ଥ୍ୟବତୀ ନ ହେଲେ ହେଁ ମଧ୍ୟମ ଧରଣର ସ୍ୱାସ୍ଥ୍ୟ । ଟିକେ ହସିଦେଇ ସେମାନଙ୍କୁ ଭିତରକୁ ଡାକି ନେଲେ । ତାଙ୍କୁ ଦେଖିଲେ ହିଁ ମା ପରି ମନେ ହୁଏ । ମା ଶବ୍ଦଟି ସତେରେ କେଡ଼େ ଅମୃତମୟ, କେଡ଼େ ମଧୁର । ଏଇ ଶବ୍ଦଟି ସହିତ ଯେମିତି ଅଫୁରନ୍ତ ସ୍ନେହ, ସୋହାଗ ଜଡ଼ିତ ହୋଇରହିଛି । ନିମିଷକ ମଧ୍ୟରେ ନିଜ ମାର ସ୍ନେହ ସୋହାଗ ଭରା କଥାଗୁଡ଼ିକ ସୋମେସ୍‌ଙ୍କ ମନତଳେ ଉଙ୍କି ମାରିଲା । ଆୟେସା, ତାର ମା ଓ ବାବାଙ୍କୁ ନେଇ ଗଠିତ ଏଇ ଛୋଟ ପରିବାରଟି ଖୁବ୍ ଭଲ ଲାଗିଲା ତାଙ୍କୁ । ହେଲେ ତାଙ୍କର କାହିଁକି ମନେ ହେଲା ଯେପରି ଏହି ପରିବାର ମଧ୍ୟରେ କେଉଁଠି କେମିତି କିଛି ଫାଙ୍କ ରହିଯାଇଛି । ସବୁ ଆନନ୍ଦ ମଧ୍ୟରେ କିପରି ଏକ ନିରାନନ୍ଦର ଛାୟା ଯେପରି ଏହି ପରିବାରଟି ଉପରେ ଢାଙ୍କି ହୋଇ ରହିଛି । ତଥାପି ବେଶ୍ କିଛି ସମୟ ଆଳାପ, ଆଲୋଚନା ଓ ଅନ୍ତରଙ୍ଗ ଭାବେ ସେମାନଙ୍କ ସହ କଟାଇ ସାରିଲା ପରେ ଫେରିବା ଲାଗି ପ୍ରସ୍ତୁତ ହେଲେ ସେ । ଆୟେସାର ବାଧ୍ୟବାଧ୍ୟକତାଏବଂ ମାଙ୍କର ସ୍ନେହଭରା ଅନୁରୋଧକୁ ଏଡ଼ାଇ ନପାରି ସେଦିନ ରାତ୍ରୀ ଭୋଜନ ସେ ସେହିଠାରେ ସମାପ୍ତ କରିନେଲେ । ପରିଦିନ ପ୍ରତ୍ୟୁଷରୁ ଆୟେସା ଦ୍ୱାରା ପ୍ରସ୍ତାବିତ ସେହି ବଜାରକୁ ଯିବାଲାଗି ସେ ମନସ୍ଥ କଲେ । ମାତ୍ର ସେ ଏ ଦେଶରେ ଏକଦମ୍ ନୂଆ । ଏ ଦେଶର ସହର, ବଜାର ରାସ୍ତାଘାଟ ସବୁକିଛି ତାଙ୍କ ନିକଟରେ ସମ୍ପୂର୍ଣ୍ଣ ଅପରିଚିତ । ବହୁତ

Digitized by srujanika@gmail.com

ଭାବିଚିନ୍ତି ତାଙ୍କୁ ଟିକେ ସାହାଯ୍ୟ କରିବା ଲାଗି ଆୟେସାକୁ ଅନୁରୋଧ ଜଣାଇଲେ । ବିନା ଦ୍ୱିଧାରେ ତାଙ୍କୁ ସବୁପ୍ରକାର ସାହାଯ୍ୟ ଲାଗି ସେ ସମ୍ମତି ପ୍ରଦାନ କଲା । ଏ ଦେଶର ଲୋକମାନେ ଖୁବ୍ ହେଲ୍ପଫୁଲ୍ । ସେମାନେ ଅକାତରେ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି । ବିଦେଶକୁ ଆସିବା ପୂର୍ବରୁ ତାଙ୍କ ମନକୁ ଯେଉଁ ଅଜ୍ଞାତ ଭୟ ଟିକକ ଆବୋରି ବସିଥିଲା ତାହା ଏବେ ବହୁପରିମାଣରେ ଅପସରି ଗଲାଣି ।

ପରଦିନ ଆୟେସାକୁ ସଙ୍ଗରେ ଧରି ସେହି ନିର୍ଦ୍ଦିଷ୍ଟ ବଜାରରେ ସେ ପହଞ୍ଚିଗଲେ । ଏହି ବଜାରଟି ତାଙ୍କୁ ଆମ ଭାରତର କଲିକତା ନଗରୀର ଏକ ବଜାର ପରି କେତେକାଂଶରେ ବୋଧ ହେଲା । କିଛି ସମୟ ସେଠାରେ ବୁଲାବୁଲି କଲାପରେ ସେ ଯାହା ଅନୁମାନ କରିନେଲେ ସେଥିରୁ ଜାଣିଲେ ଯେ ଏହି ସ୍ଥାନଟି ରୂପ ବ୍ୟବସାୟର ପେଣ୍ଠସ୍ଥଳ । ସେଥିପାଇଁ ବହୁ ବିଦେଶୀ ଟୁରିଷ୍ଟଙ୍କର ଏଠାରେ ସମାଗମ ହୁଏ । ଏତଦ୍ ବ୍ୟତୀତ ମୁକ୍ତା ସନ୍ଧାନୀମାନେ ସାଗରର ବିଶାଳ ବକ୍ଷରେ ବୁଡ଼ି ବୁଡ଼ି ମୁକ୍ତା ଖୋଜିଲା ପରି ଦେଶ ବିଦେଶରୁ ଆଗତ ବହୁ ଗବେଷକଗଣ ଏକ ସନ୍ଧାନୀ ମନ ନେଇ ଏଠାରେ ପିରାମିଡ୍ ସମ୍ବନ୍ଧରେ ନାନା କୌତୁହଳ ତଥ୍ୟ ସନ୍ଧାନରେ ନିଜକୁ ନିୟୋଜିତ କରିଛନ୍ତି । ତେଣୁ ବଜାରଟିର କିଛି ଅଂଶ ବୁଲି ବୁଲି ଦେଖିବା ପାଇଁ ସେ ଖୁବ୍ ଆଗ୍ରହ ପ୍ରକାଶ କଲେ । ପରିଶେଷରେ ଆୟେସା ତାଙ୍କୁ ଏକ ଗୋପନ ସ୍ଥାନକୁ ନେଇଗଲା । ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସେହି ସ୍ଥାନରେ ବିକ୍ରୟ ହୁଏ । ବିଦେଶୀମାନଙ୍କ ଠାରୁ ବେଶ୍ ଏକ ମୋଟା ଅର୍ଥ ବିନିମୟରେ ପ୍ରାଚୀନ ମିଶରର ଗୌରବମୟ ତଥ୍ୟ ଏମାନେ ତାଙ୍କ ହାତକୁ ଟେକି ଦିଅନ୍ତି । ଏହାଛଡ଼ା କେତେକ ପ୍ରାଚୀନ ପିରାମିଡ୍‌ର ମଡ଼େଲ୍, ମୂଷା, ବିରାଡ଼ି ଆଦି ଜୀବମାନଙ୍କର ଦୀର୍ଘ ବର୍ଷ ତଳର ମମି ମଧ୍ୟ ଏହି ବଜାରରେ ମିଳେ । ଏଗୁଡ଼ିକୁ ବହୁ ଚୋରା ବ୍ୟବସାୟୀ ଅଧିକ ଅର୍ଥ ବିନିମୟରେ ଅନ୍ୟ ଦେଶମାନଙ୍କୁ ଦେଇ ଦିଅନ୍ତି । ତେଣୁ ଇଂଲଣ୍ଡ ଆମେରିକା ପରି ବହୁ ଧନଶାଳୀ ରାଷ୍ଟ୍ରମାନଙ୍କର ମ୍ୟୁଜିୟମରେ ପିରାମିଡ୍‌ର ମଡ଼େଲ ଓ ମମି ତିଆରି ପଦ୍ଧତିରେ ନାନା ଜୀବମାନଙ୍କର ମମି ସ୍ଥାନ ପାଇପାରିଛି । ଏମାନଙ୍କର କାର୍ଯ୍ୟକଳାପ କେତେକାଂଶରେ ଆମ ଦେଶର ମୂର୍ତ୍ତିଚୋରମାନଙ୍କ କାର୍ଯ୍ୟକଳାପ ସହ ତୁଳନା କରାଯାଇପାରେ ।

ଆମ ଭାଗବତରେ ଅଛି, ''ଧନ ଯେ ସର୍ବ ଦୁଃଖମୟ ।'' ବାସ୍ତବିକ୍ ମାନବିକତାକୁ ପଥଭ୍ରଷ୍ଟ କରି ମଣିଷକୁ ପଶୁରେ ପରିଣତ କରିବାରେ ଧନର କାରସାଦୀ କମ୍ ନୁହେଁ । ଧନ ଲୋଭରେ ନିଜ ଦେଶର ଗୌରବକୁ ଅନ୍ୟ ଦେଶକୁ ବିକି ଧନୀ ହେବାର ପ୍ରୟାସ ଭଣାଅଧିକେ ସବୁ ଦେଶରେ ଦେଖାଯାଏ । ଏହା ହିଁ ମାନବିକତାକୁ ଧ୍ୱଂସକରି ମଣିଷକୁ ଭ୍ରଷ୍ଟାଚାର ପଥରେ ଟାଣିନିଏ । ଏହି ନଗରୀଟି ଉକ୍ତ ସତ୍ୟର ଜ୍ୱଳନ୍ତ ଉଦାହରଣ । ନଗରଟି ଖୁବ୍ ପୁରାତନ । ବହୁ ପୁରାତନ ତଥ୍ୟର ଆଧାର ରୂପେ ଏକାଧାରାରେ ଗୌରବ ମଣ୍ଡିତ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ବ୍ୟଭିଚାରର ପୀଠ ରୂପେ ନିନ୍ଦିତ ମଧ୍ୟ ହେଉଛି ।

Digitized by srujanika@gmail.com

ଆୟେସା ମିଶରୀୟ ଭାଷାରେ ଏହିପରି କେତେକ ଲୋକଙ୍କ ସହ ସାକ୍ଷାତ କରି ତାଙ୍କୁ ନିର୍ଦ୍ଦେଶ କରି କିଛି କହିଲା । ସେମାନଙ୍କ ଭିତରୁ ଜଣେ ପଚାରିଲା ଆଖି ନେଇ ଚାହିଁ ରହିଲା । ସୋମେସ୍ ତାର ଆଖିର ଚାହାଣୀରୁ ପଢ଼ିନେଲେ ଯେ, ଥରେ ଅନାଇ ତାଙ୍କ ଠାରୁ କେତେ ପରିମାଣର ଅର୍ଥ ପାଇପାରିବେ ସେହି କଥାଟିକୁ ମନେ ମନେ ତଉଲି ନେଉଛନ୍ତି ସେମାନେ । ବହୁ ମୂଲଚାଲ ପରେ ପରିଶେଷରେ ଜଣେ ବୟସ୍କ ଲୋକ କିଛିଟା କାଗଜପତ୍ର କାଢ଼ିଲା । ଆୟେସା ସେଠାରେ ବସିଯାଇ ସେଗୁଡ଼ିକୁ ନିବିଷ୍ଟ ଚିତ୍ତରେ ଖେଳାଇବାକୁ ଲାଗିଲା । ପରିଶେଷରେ ଗୋଟିଏ ନଥିକୁ ଧରି ବହୁସମୟ ପଢ଼ିସାରିଲା ପରେ ତାଙ୍କ ହାତକୁ ବଢ଼ାଇଦେଲା । ସେ ନଥିଟିକୁ ଟିକିଏ ଏପଟସେପଟ କରିନେଇ ତା ଉପରେ ଆଖି ବୁଲାଇ ନେଲି । ତାଙ୍କର କମ୍ ଦିନ ରହଣୀ ଭିତରେ ମିଶରୀୟ ଭାଷା ପଢ଼ିବାପାଇଁ ଯେତିକି ଦକ୍ଷତା ଅର୍ଜ୍ଜନ କରି ନେଇଥିଲି ତାହାକୁ ପ୍ରୟୋଗ୍ କରି ଦେଖିଲି ଯେ ନଥିଟିରେ ଫାରୋ ଖୁଫୁ ଯିଏ କି ମିଶର ଇତିହାସରେ ଚିଆପସ ନାମରେ ପରିଚିତ ତାଙ୍କରି ରାଜତ୍ୱ ସମ୍ବନ୍ଧରେ ଅନେକ କଥା ଲିପିବଦ୍ଧ ହୋଇଛି । ସେତେବେଳେ ସମ୍ରାଟମାନଙ୍କୁ ମିଶରୀୟ ଭାଷାରେ ଫାରୋ ବୋଲି କୁହାଯାଉଥିଲା । ଅଫୁରନ୍ତ ଆନନ୍ଦରେ ମନ ତାଙ୍କର ପରିପୂର୍ଣ୍ଣ ହୋଇଗଲା । କାରଣ ଚିଆପସ୍ ହେଉଛନ୍ତି ପ୍ରଖ୍ୟାତ ଗ୍ରେଟ୍ ପିରାମିଡ୍‌ର ନିର୍ମାତା । ତେଣୁ ପିରାମିଡ୍ ରହସ୍ୟର ସମାଧାନର ଅନେକ ଖିଅ ଯେ ଏଥିରୁ ମିଳିଯିବ ଏହା ନିଶ୍ଚିତ । ହଠାତ୍ ଆସି ଏପରିଭାବେ ସେ ଅତି ଦରକାରୀ ବସ୍ତୁଟିକୁ ଯେ ହାତପାହାନ୍ତାରେ ପାଇଯିବେ ଏହା ତାଙ୍କ କଳ୍ପନାର ବାହାରେ ଥିଲା । ଭାଗ୍ୟ ମଣିଷକୁ ଅନେକ ଉପାୟରେ ଖେଳାଉଥାଏ । ମାତ୍ର ତାହା ଥରେ ପ୍ରସନ୍ନ ହେଲେ ମଣିଷର ସବୁ ଦୁଃଖ, ସବୁ ଗ୍ଲାନି ଅଚିରେ ଦୂର ହୁଏ । ତେଣୁ ସୋମେସ୍ ଅନୁମାନ କରିନେଲେ ଯେ ଭାଗ୍ୟ ତାଙ୍କ ପ୍ରତି ଅନୁକୂଳ ଅଛି ।

ରାଜଧାନୀ କାଏରୋ ସହର ଠାରୁ ଅନତି ଦୂରରେ, ଗିଜେ ସହର ଉପକଣ୍ଠରେ, କଳକଳ ନିନାଦିନୀ ନୀଳନଦୀର ସୁବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଉପରେ ସଦର୍ପରେ ଛିଡ଼ା ହୋଇଥିବା 'ଗ୍ରେଟ୍ ପିରାମିଡ୍' । ଏହି ସ୍ଥାନଟି ତତ୍‌କାଳୀନ ରାଜଧାନୀ ମେମଫିସ୍‌ର ନିକଟବର୍ତ୍ତୀ ଥିଲା । ଏହା ଥିଲା ସର୍ବ ବୃହତ୍ ପିରାମିଡ୍ । ଏହାର ନିର୍ମାଣର ଅୟମାରମ୍ଭରେ ଖୁଫୁଙ୍କର ଆଦେଶ ଥିଲା, ''ମୋର ସମାଧୀ ପୀଠ ହେବ ବିଶ୍ୱର ସବୁଠାରୁ ଶ୍ରେଷ୍ଠ କଳାକୃତି ଯାହା ଭିତରେ ମୋ ରାଜସଭାର ସମସ୍ତ ସଭ୍ୟବୃନ୍ଦ ସହ ମୋର ମର ଶରୀର କାଳ କାଳ ଲାଗି ସ୍ଥାନ ପାଇବ । ସମୟ, ପ୍ରକୃତି, ମନୁଷ୍ୟ କେହି ଏହି ପୀଠର କୌଣସି କ୍ଷତି କରିପାରିବେ ନାହିଁ ।'' ତାଙ୍କରି କଥା ବାସ୍ତବରେ ସତ୍ୟରେ ପରିଣତ ହୋଇଥିଲା । ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନ ପାଇଥିବା ଏହି ପ୍ରାଚୀନତମ ପିରାମିଡ୍ ହିଁ ପୃଥିବୀର ସବୁଠାରୁ ବୃହତ ସ୍ଥାପତ୍ୟ କୀର୍ତ୍ତି ରୂପେ ଏପର୍ଯ୍ୟନ୍ତ ସ୍ୱୀକୃତ । ତେର ଏକର ଜମି ଉପରେ ଦଣ୍ଡାୟମାନ, ଚାରିଶହ ଏକାଅଶୀ ଫୁଟ ଉଚ୍ଚତା ବିଶିଷ୍ଟ ଓ ତେଇଶିଲକ୍ଷ ପ୍ରସ୍ତର ଖଣ୍ଡର ସମଷ୍ଟିରେ ମୁଣ୍ଡ ଟେକି ଉଠିଥିବା ଏହି ବିଶାଳକାୟ ଅତ୍ୟାଶ୍ଚର୍ଯ୍ୟ ପିରାମିଡ୍ ବିଷୟରେ ସବିଶେଷ ଜାଣିବା ପାଇଁ ମନ ତାଙ୍କର ବ୍ୟାକୁଳ ହୋଇଉଠିଲା । ପାଇଥିବା ନଥି ଉପରେ ଆଖି ବୁଲାଇ ଥିଲେ ସୋମେସ୍ ।

Digitized by srujanika@gmail.com

ଖ୍ରୀଷ୍ଟପୂର୍ବ ତିନିହଜାର ଚାରିଶହରୁ ଦୁଇହଜାର ଚାରିଶହ ପଚସ୍ତରି ପର୍ଯ୍ୟନ୍ତ ଦୀର୍ଘ ସମୟ ମିଶର ଇତିହାସର ପିରାମିଡ୍ ଯୁଗ ନାମରେ ସୁପରିଚିତ । ଏହା ଏକ ଐତିହାସିକ ସତ୍ୟ । କାରଣ ମିଶରର ସେହି ଅତ୍ୟାଶ୍ଚର୍ଯ୍ୟ ନଭଶ୍ଚୁମ୍ବୀ ପିରାମିଡ୍‌ଗୁଡ଼ିକ ମୁଖ୍ୟତଃ ଏହି ସମୟ ମଧ୍ୟରେ ତତ୍‌କାଳୀନ ଫାରୋମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ଏହି ସମୟ ମଧ୍ୟରେ ଛଅଗୋଟି ରାଜବଂଶ ମିଶରକୁ ଶାସନ କରିଥିଲେ । ସେ ସମୟର ସମୃଦ୍ଧଶାଳୀ ନଗରୀ ମେମ୍‌ଫିସ୍ ଥିଲା ପ୍ରାଚୀନ ମିଶରର ରାଜଧାନୀ । ଫାରୋମାନଙ୍କର ଇନ୍ଦ୍ରମହଲ ସଦୃଶ ରାଜପ୍ରାସାଦ ରାଜଧାନୀ ମେମ୍‌ଫିସ୍‌ର କେନ୍ଦ୍ର ସ୍ଥଳରେ ମୁଣ୍ଡ ଟେକି ଉଠିଥିଲା । ଏହି ସବୁ ରାଜାମାନଙ୍କ ମଧ୍ୟରେ ଫାରୋ ଖୁଫୁ ଥିଲେ ଚତୁର୍ଥ ରାଜବଂଶୀୟ ସମ୍ରାଟ୍ । ତାଙ୍କରି ଦ୍ୱାରା ଗ୍ରେଟ୍ ପିରାମିଡ୍‌ଟି ନିର୍ମିତ ହୋଇଥିଲା । ଶୁଣାଯାଏ ସେ ତାଙ୍କ ପିରାମିଡ୍ ନିର୍ମାଣର ସମସ୍ତ କାର୍ଯ୍ୟ ତାଙ୍କ ରାଜବୈଦ୍ୟଙ୍କ ହାତରେ ନ୍ୟସ୍ତ କରିଥିଲେ କାରଣ ରାଜବୈଦ୍ୟ କେବଳ ଜଣେ ବିଶିଷ୍ଟ ବୈଦ୍ୟ ନଥିଲେ, ତାଙ୍କର ସମସ୍ତ ବିଷୟରେ ଅମାପ ଜ୍ଞାନ ଥିଲା ।

ପିରାମିଡ୍ ସମ୍ବନ୍ଧରେ ନଥିପତ୍ରରୁ ପାଇଥିବା ସମସ୍ତ ତଥ୍ୟ ଓ ମିଶରର ଇତିହାସରୁ ତା ସମ୍ବନ୍ଧରେ ଆହରଣ କରିଥିବା ଜ୍ଞାନକୁ ପୁଞ୍ଜିକରି ସୋମେସ୍ ଲେଖିଚାଲିଲେ ପିରାମିଡ୍ ନିର୍ମାଣ ମୂଳରେ ଜଡ଼ିତ ଥିବା ରହସ୍ୟମୟ ଓ ରୋମାଞ୍ଚକର କାହାଣୀ । ସୁଦୀର୍ଘ ପାଞ୍ଚହଜାରବର୍ଷ ତଳର କାହାଣୀ ।

ନୀଳନଦୀର ନୀଳଜଳ ଧାରା ରିମ୍‌ଝିମ୍ ବର୍ଷାର ନୂପୁର ନିକ୍ୱଣରେ ଚଳଚଞ୍ଚଳ ହୋଇ ଉଠିଛି । କୂଳ ଲଂଘି ତାର ଅମାପ ଜଳରାଶି ବୋହି ଯାଉଛି ବାଧା ବନ୍ଧନ ହୀନ ଭାବେ, ଜନପଦ, କୃଷିକ୍ଷେତ୍ର ସବୁକୁ ତାର କରାଳ ଗର୍ଭରେ ଲୀନ କରି । ନୀଳନଦୀ ଆଜି ସଂହାରିଣୀର ମୂର୍ତ୍ତି ଧରିଛି । ବନ୍ୟା ପ୍ରପିଡ଼ିତ ମିଶର ବାସୀଙ୍କ ଦୁଃଖ, ଦୁର୍ଦ୍ଦଶା ଅବର୍ଣ୍ଣନୀୟ । ସମଗ୍ର ମିଶର ଦେଶ ଆଜି ବନ୍ୟାରେ ପ୍ଲାବିତ । ପ୍ରଳୟଙ୍କରୀ ବନ୍ୟା ଏ ଜାତିର ମେରୁଦଣ୍ଡ ଦୋହଲାଇ ଦେଇଛି । ଶ୍ୟାମାୟିତ ଶସ୍ୟକ୍ଷେତ୍ର ଆଜି ତାଙ୍କର ଧୂସର ହୋଇଛି । ଦେଶରେ ଦେଖାଦେଇଛି ଖାଦ୍ୟର ଉତ୍କଟ ଅଭାବ । ଦେଶବାସୀଙ୍କ ସମ୍ମୁଖରେ ଘୋଟି ଯାଇଛି ଘନ ଅନ୍ଧକାର । ସେହି ଘନ ଅନ୍ଧକାର ମଧ୍ୟରେ ସେମାନଙ୍କର ବଞ୍ଚିବାର ପଥ ଆଜି କଣ୍ଟକିତ ହୋଇ ଉଠିଛି । ଫଳରେ ପ୍ରତ୍ୟେକ ମିଶରବାସୀଙ୍କ ପଞ୍ଜରା ଥରାଇ, ବାହାରି ଆସେ ହା-ହୁତାଶର ଦୀର୍ଘଶ୍ୱାସ । ଠିକ୍ ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ତତ୍‌କାଳୀନ ଶାସକ ଫାରୋ ଖୁଫୁଙ୍କର ଦୂତ ମୁଖରେ ପିରାମିଡ୍ ନିର୍ମାଣର କାର୍ଯ୍ୟ ପ୍ରଚାରିତ ହୁଏ । ପ୍ରତ୍ୟେକ କାର୍ଯ୍ୟକ୍ଷମ ବ୍ୟକ୍ତି ପିରାମିଡ୍ ନିର୍ମାଣ କାର୍ଯ୍ୟରେ ସାହାଯ୍ୟ କରିବେ ମାତ୍ର ଦୁଇ ଓଳି ଦୁଇମୁଠା ଖାଦ୍ୟ ବିନିମୟରେ । କାରଣ ସମଗ୍ର ଦେଶରେ ଦେଖାଦେଇଛି ଉତ୍କଟ ଖାଦ୍ୟାଭାବ । ତାକୁ ସମ୍ରାଟ ହିସାବରେ ସମାଧାନ କରିବା ତାଙ୍କର କର୍ତ୍ତବ୍ୟ । ମାତ୍ର ବନ୍ୟା ପ୍ରପୀଡ଼ିତ ନିଃସହାୟ ମିଶର ବାସୀଙ୍କ ପକ୍ଷେ ଏହାଥିଲା ଏକ ଦୁଃସହ ବୋଝ ଭଳି । ହେଲେ ସମ୍ରାଟଙ୍କ ନିକଟରେ ସେମାନେ ନିଷ୍କ୍ରିୟ ପ୍ରଜାମାତ୍ର । କିଛି କହିବାର, କିଛି କରିବାର ଅଧିକାର ସେମାନଙ୍କର ନାହିଁ । ପାଟି ଖୋଲିଲେ ପିଠିରେ ବସେ ଚାବୁକ୍‌ର ନିର୍ମମ ପ୍ରହାର । ତତ୍‌କାଳୀନ ଏକଛତ୍ରପତି ଶାସକ ଏହି ଫାରୋମାନଙ୍କର ଜନ

Digitized by srujanika@gmail.com

ସାଧାରଣଙ୍କ ଦୁଃଖକୁ ହୃଦୟଙ୍ଗମ କଲାପରି ହୃଦୟଟିଏ ନଥିଲା କି ନଥିଲା ଏମାନଙ୍କର ଗଭୀର ଅର୍ନ୍ତଦୃଷ୍ଟି ଯାହାଦ୍ୱାରା କି ଏମାନେ ରାଜ୍ୟବାସୀଙ୍କର ପ୍ରକୃତ ଅବସ୍ଥା ହୃଦୟଙ୍ଗମ କରିପାରିଥାଆନ୍ତେ ।

ନାସ୍ତିକ ସମ୍ରାଟ ଚିଆପସ୍‌ଙ୍କର ଧର୍ମ ପ୍ରତି ଖୁବ୍ ଘୃଣା ଥିଲା । ତାଙ୍କ ମତରେ ଧର୍ମ, ଆଧ୍ୟାତ୍ମିକ ବିଶ୍ୱାସ ଏସବୁକୁ ଦୁର୍ବଳମନା ବ୍ୟକ୍ତିମାନେ ସେମାନଙ୍କର ରକ୍ଷାକବଚ ରୂପେ ବ୍ୟବହାର କରିଥାଆନ୍ତି । ସେଥିପାଇଁ ସେମାନେ ଦେଉଳ ତୋଳନ୍ତି, ମୂର୍ତ୍ତି ପୂଜା କରନ୍ତି । ମାତ୍ର ଏସବୁର ଆବଶ୍ୟକତା କ'ଣ ? ଶରୀର ହିଁ ହେଉଛି ପ୍ରତ୍ୟେକ ମଣିଷ ପାଇଁ ଶ୍ରେଷ୍ଠ ପଦାର୍ଥ । ତାହାକୁ ସୁଚାରୁ ରୂପେ ରକ୍ଷା କରିବା ପ୍ରତ୍ୟେକ ବ୍ୟକ୍ତିର ସର୍ବ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ, ଜୀବନ ହିଁ ହେଉଛି ମହାନ୍ । ସେହି ଜୀବନକୁ ଉପଭୋଗ କରିବା ହିଁ ମଣିଷର ଶ୍ରେଷ୍ଠ ଧର୍ମ । ଫଳରେ ସୁଦୂର ଅତୀତରେ ଫାରୋମାନେ ରାଜପ୍ରାସାଦର ବିପୁଳ ଐଶ୍ୱର୍ଯ୍ୟ, ରାଜନର୍ତ୍ତକୀର ନୂପୁରର ରୁଣୁଝୁଣୁ ତାଳ ଓ ଅନିନ୍ଦ୍ୟ ସୁନ୍ଦରୀ ରୂପବତୀ ରାଣୀମାନଙ୍କର ରୂପର ଆଲୋକରେ ଆକଣ୍ଠ ବୁଡ଼ିରହି ଜୀବନକୁ ଉପଭୋଗ କରୁଥିଲେ କେବଳ ।

ରଙ୍ଗୀନ ସୁରା ପାତ୍ରରେ ଝଲମଲ ହେଉଥିବା ସୁରା ମଧ୍ୟରେ ତନ୍ନତନ୍ନ କରି ସେମାନେ ଦେଖୁଥିଲେ ଜୀବନ କ'ଣ ? ପ୍ରମୋଦ କକ୍ଷର ତୁଳିତଳ୍ପ ଶଯ୍ୟାରେ ରତ୍ନଦୀପାଳୀର ସ୍ତିମିତ ଆଲୋକ ଶିଖାରେ ଅର୍ଦ୍ଧଚେତନ ଅବସ୍ଥାରେ ପଡ଼ି ରହି ଜୀବନରେ ସୁଖର ସନ୍ଧାନକୁ ଖୋଜି ବସୁଥିଲେ । ତଥାପି ... ତୃପ୍ତି ନଥିଲା, କାମନା ପୂର୍ଣ୍ଣ ହୋଇ ନ ଥିଲା । ସେମାନେ ଚାହୁଁଥିଲେ ଯୁଗ ଯୁଗ ଧରି ଏମିତି ମିଶରର ରତ୍ନପ୍ରବାଳ ଖଚିତ ସିଂହାସନରେ ବସିରହି ସମସ୍ତ ଐଶ୍ୱର୍ଯ୍ୟକୁ ଆକଣ୍ଠ ପାନ କରିବାକୁ । ମାତ୍ର ... ଯେ ଯେଉଁ ଭାବରେ ଥାଉନା କାହିଁକି ଶେଷ ତାର ମୃତ୍ୟୁ ନିକଟରେ । ଏହା ଯେ ଧ୍ରୁବ ସତ୍ୟ । ମୃତ୍ୟୁ ଦିନେ ନା ଦିନେ ଆସି ସେମାନଙ୍କୁ କବଳିତ କରିବ ସତ୍ୟ ମାତ୍ର ଆତ୍ମା । ସେ ଯେ ଅମର ଅଜର ଅବିନଶ୍ୱର । ଏହା ମୃତ୍ୟୁର ଆଗମନ ମାତ୍ର ଶରୀର ତ୍ୟାଗ କରି ଚାଲିଯିବ । ହେଲେ .... ସମୟକ୍ରମେ ଆତ୍ମା ପୁଣି ଫେରିଆସିବ ତାର ପରିତ୍ୟକ୍ତ ଶରୀର ନିକଟକୁ । ଶରୀରକୁ କୌଣସିମତେ ଆତ୍ମା ଫେରିବା ପର୍ଯ୍ୟନ୍ତ ରକ୍ଷା କରାଯାଇ ପାରିଲେ ସେମାନେ ଅମରତ୍ୱ ଲାଭ କରିବେ । ଏହି ଅମରତ୍ୱ ଲାଭର ନିଶା ହିଁ ସେମାନଙ୍କୁ ଚମତ୍କାର ପିରାମିଡ୍ ନିର୍ମାଣ ପାଇଁ ଉତ୍ସାହିତ କରିଥିଲା । ତେଣୁ ଅମରତ୍ୱ ଲାଭ କରିବା ଆଶାରେ ଚିଆପସ୍ ପିରାମିଡ୍ ନିର୍ମାଣ ପାଇଁ ମନସ୍ଥ କଲେ । ସେ ଦେଖିଲେ ଏହା ହିଁ ହେଉଛି ପ୍ରକୃତ ସମୟ । ବନ୍ୟାକ୍ଳିଷ୍ଟ ମିଶରବାସୀଙ୍କୁ ଦୁଇଓଳା ଦୁଇମୁଠା ଖାଦ୍ୟ ଯୋଗାଇ ସେ ପିରାମିଡ୍ କରାଇନେବେ । ଏଇଠି ସୋମେସ୍‌ଙ୍କ ମନରେ ସନ୍ଦେହ ରହିଗଲା । ଆତ୍ମା ଯେ ଦିନେ ଫେରିଆସି ପରିତ୍ୟକ୍ତ ଶରୀର ଦେହରେ ପ୍ରବେଶ କରିବ ଓ ମୃତବତ୍ ପଡ଼ିଥିବା ଶରୀର ପୁଣି ବଞ୍ଚି ଉଠିବ ଏପରି ଏକ ଧାରଣା ଫାରୋମାନଙ୍କ ମନକୁ କିପରି ଆସିଲା ?

ନିଜର କର୍ମମୟ ଜୀବନ ମଧ୍ୟରେ କେବେ କେମିତି ଫାଙ୍କା ପାଇଗଲେ ଆୟେସା ତାଙ୍କ ନିକଟକୁ ଚାଲିଆସେ । ପ୍ରାଗ୍ ଐତିହାସିକ ଯୁଗରେ ଭାରତର ସେହି ମହାନ୍ ମୁନିଋଷିଗଣ ଜୀବନକୁ କିପରି ସରଳ ତରଳ ଭାବରେ ବିଶ୍ଳେଷଣ କରି ସମାଜକୁ ନାନା ହିତୋପଦେଶ

Digitized by srujanika@gmail.com

ପ୍ରଦାନ କରି ଯାଇଛନ୍ତି, ସେ ବିଷୟରେ ନାନା ପ୍ରଶ୍ନ ସୋମେସ୍‌ଙ୍କୁ ଗୁଡ଼େଇତୁଡ଼େଇ ପଚାରିଚାଲେ । ସୋମେସ୍ ମଧ ମିଶରର ଅତୀତ ଇତିହାସ ଓ ମିଶରୀୟମାନଙ୍କ ଜୀବନଦର୍ଶନ ସମ୍ପର୍କରେ ତାଙ୍କ ମନରେ ଦେଖା ଦେଇଥିବା ନାନା ଅସମାହିତ ପ୍ରଶ୍ନର ସମାଧାନମାନ ଆଲୋଚନା ପ୍ରସଙ୍ଗରେ ଆୟେସା ଠାରୁ ଜାଣିବାକୁ ଚାହାନ୍ତି । ଏହିପରି ଉଭୟ ଦେଶର ସଂସ୍କୃତି ଓ ପରମ୍ପରା ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ବେଶ୍ ଜମେ । ସମୟ ଦେଖି ଆତ୍ମାର ପରିତ୍ୟକ୍ତ ଶରୀର ମଧ୍ୟରେ ପୁନଃ ପ୍ରବେଶ ସମ୍ପର୍କରେ ସୋମେସ୍‌ଙ୍କ ମନରେ ଥିବା ସନ୍ଦେହକୁ ସେ ଆୟେସା ସମ୍ମୁଖରେ ଉପସ୍ଥାପନ କରି, ସେହି ବିଷୟରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି । ମୃତ୍ୟୁପରେ ଯେ ଚିଆପସ୍ ପୁଣି ବଞ୍ଚି ଉଠିବେ ଓ ମିଶରର ଶାସନଭାର ହାତକୁ ନେଇ ପୂର୍ବପରି ବିଭବ ଓ ଐଶ୍ୱର୍ଯ୍ୟରେ ବୁଡ଼ିରହି ରାଜ୍ୟ ଶାସନ କରିବେ ଏପରି ଏକ ଧାରଣାର ବଶବର୍ତ୍ତୀ ସେ କାହିଁକି ବା ହେଲେ ?

ଉତ୍ତରରେ ଆୟେସା କହିଥିଲା, - ଏକା ଚିଆପସ୍‌ଙ୍କର କାହିଁକି, ସମଗ୍ର ମିଶରବାସୀଙ୍କ ମନକୁ ଏପରି ଏକ ଅନ୍ଧବିଶ୍ୱାସ ଆବୋରି ବସିଥିଲା । ପ୍ରାଚୀନ କାଳରେ ମିଶରୀୟମାନଙ୍କର ବିଶ୍ୱାସ ଥିଲା ଯେ ମଣିଷର ପାଞ୍ଚଗୋଟି ଆତ୍ମା ରହିଅଛି । ଏହି ଆତ୍ମାମାନେ ଅମର । କାରଣ ମୃତ୍ୟୁ ମଣିଷର ଅନ୍ତିମ ଅବସ୍ଥା ନୁହେଁ । ମୃତ୍ୟୁ କେବଳ ହେଉଛି ଆତ୍ମାମାନଙ୍କର ଶରୀର ତ୍ୟାଗ । ମଣିଷର ମୃତ୍ୟୁପରେ ଏମାନେ ଦେହରୁ ବାହାରି ବିଭିନ୍ନ ରୂପରେ ବିଭିନ୍ନ ଠାରେ ଅବସ୍ଥାପନ କରନ୍ତି । ସେହି ପଞ୍ଚଆତ୍ମା ସମ୍ବନ୍ଧରେ ଅଧିକ କିଛି ଜାଣିବାକୁ ସୋମେସ୍‌ଙ୍କ ଗବେଷକ ମନ ବ୍ୟାକୁଳ ହୋଇଉଠିଲା । ତେଣୁ ସେ ଆୟେସାକୁ ଏହା ସମ୍ପର୍କରେ ଅଧିକ ପଚାରି ପଚାରି ଚାଲିଲେ । ତାଙ୍କ ମନର ସମସ୍ତ ସନ୍ଦେହକୁ ଦୂରୀକରଣ କରି ପଞ୍ଚଆତ୍ମା ବିଷୟରେ ଆୟେସା ତାଙ୍କୁ ବିଷଦ୍ ଭାବରେ ବୁଝାଇଦେଲା । ପାଞ୍ଚଗୋଟି ଆତ୍ମା ମଧ୍ୟରୁ ପ୍ରଥମ ଆତ୍ମାଟି ମୃତ୍ୟୁପରେ ଖାଦ୍ୟ ଓ ପାନୀୟ ଦରକାର କରେ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ପୁରାତନ ମିଶରର ସମ୍ରାଟମାନେ ପିରାମିଡ୍ ମଧ୍ୟରେ ତାଙ୍କ ମମି ସହ ପ୍ରଚୁର ସୁମିଷ୍ଟ ଖାଦ୍ୟ ଓ ପାନୀୟ ରଖୁଥିଲେ । ଖାଦ୍ୟ ନ ପାଇଲେ ଆତ୍ମାର କଷ୍ଟ ହେବ । ଦ୍ୱିତୀୟ ଆତ୍ମାର କାର୍ଯ୍ୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ସୂକ୍ଷ୍ମରୂପ ଧରି କବର ଚାରିପଟେ ଘୁରି ବୁଲେ ଓ ସମୟ ଆସିଲେ ପୁଣି ମରଶରୀର ମଧ୍ୟକୁ ପ୍ରବେଶ କରେ । ଫଳରେ ଶବ ହୋଇ ପଡ଼ିରହିଥିବା ମୃତପିଣ୍ଡର ପ୍ରାଣର ସଞ୍ଚାର ହୁଏ । ମୃତ ଶରୀର ପୁଣି ବଞ୍ଚିଉଠେ ଓ ତା'ର ଆତ୍ମୀୟସ୍ୱଜନମାନଙ୍କ ନିକଟକୁ ଫେରିଆସେ । ବିଶାଳକାୟ ପିରାମିଡ୍‌ର ନିର୍ମାଣ ଓ ତା ଦେହରେ ମୃତ ଶବକୁ ମମି ଆକାରରେ ସୁରକ୍ଷିତ କରି ରଖିବା ମୂଳରେ ମିଶରୀୟମାନଙ୍କର ଏହି ବିଶ୍ୱାସଟି ହିଁ ନିହିତ ।

''ମୃତ ଶରୀର ପୁଣି ବଞ୍ଚି ଉଠି ତା ଆତ୍ମୀୟମାନଙ୍କ ନିକଟକୁ ଫେରିଆସିବାର କିଛି ଦୃଷ୍ଟାନ୍ତ କ'ଣ ତୁମ ଦେଶରେ ଅଛି କି ? ପଚାରିଲେ ସୋମେସ୍ ।

'ନା, ମୃତ ଶରୀର କୌଣସି ପରିସ୍ଥିତିରେ ମଧ୍ୟ ଆତ୍ମାର ପୁନଃ ପ୍ରବେଶରେ ବଞ୍ଚି ଉଠିନାହିଁ । ହେଲେ ଏହି ବିଶ୍ୱାସର ଚେର ମଣିଷ ଜାତିର ମନର ଖୁବ୍ ଗଭୀରତମ ପ୍ରଦେଶକୁ

Digitized by srujanika@gmail.com

ପ୍ରବେଶ କରିଥିଲା । ସେହି ବିଶ୍ୱାସକୁ ନେଇ ମୁଣ୍ଡ ଟେକିଉଠିଲା ବିଶାଳକାୟ ପିରାମିଡ୍ । ପ୍ରାଚୀନ ମିଶରୀୟମାନଙ୍କର କଳା, ସ୍ଥାପତ୍ୟର ଉତ୍କର୍ଷତାକୁ ପ୍ରମାଣ କରି । ଏହାଛଡ଼ା ତୃତୀୟ ଆତ୍ମା ହେଉଛି ମଣିଷର ନାମ । ଏହା ତା'ର ନାମ ଆକାରରେ ବଞ୍ଚିରୁହେ । ମଣିଷଟି କାଳର କରାଳ ଗର୍ଭରେ ସମୟକ୍ରମେ ଲୀନ ହୋଇଗଲେ ମଧ୍ୟ ଜନମାନସରୁ ତା'ର ନାମଟି ଏତେଶୀଘ୍ର ଲୁଚିପାରେ ନାହିଁ । ଭଲ କାମ କରି ଲୋକଙ୍କର ମନରେ ଛାପ ପକାଇ ପାରିଥିବା ଲୋକର ନାମଟି ଚିରଦିନ ପର୍ଯ୍ୟନ୍ତ ମଣିଷ ମନର ସିଲଟରେ ଅମ୍ଳାନ ରହିଯାଏ । ଚତୁର୍ଥ ଆତ୍ମା ମଣିଷର ଛାଇ । ମଣିଷର ମୃତ୍ୟୁପରେ ସେ ଅଶରୀରୀ ହୋଇଯାଏ । ସେ ଜୀବନ୍ତ ମଣିଷ ପରି ଚଳପ୍ରଚଳ ହେବ । ଖାଦ୍ୟ ଗ୍ରହଣ କରିବ । ମାତ୍ର ତଫାତ୍ ଏତିକି ଯେ, ତା'ର ଆକାର ନାହିଁ । ସେ ନିରାକାର । ଛାୟା ପରି ସେ ଅନ୍ଧାରିଆ ସ୍ଥାନରେ, ଗଛ ଉହାଡ଼ରେ ଘୁରି ବୁଲେ । ଯାହାକୁ ଆମେ କହୁ ଅଶରୀରୀ । କୌଣସି କାରଣବଶତଃ ଏପରି ଏକ ଅଶରୀରୀର ସମ୍ମୁଖୀନ ହେଲେ ଯେ କେହି ମଧ୍ୟ ଭୟଭୀତ ହୋଇପଡ଼ନ୍ତି ।'

ଆୟେସାର ମୁହଁରୁ ଅଶରୀରୀର କଥା ଶୁଣି ଭାରତର ସମାଜରେ ପ୍ରଚଳିତ ଥିବା ଭୂତ, ପ୍ରେମ ଆଦିର ବିଶ୍ୱାସ ସୋମେସ୍‌ଙ୍କର ସ୍ମୃତିରେ ଭାସି ଉଠିଲା । ଅଳ୍ପ ହସି ସେ କହିଲେ ଆମ ସମାଜରେ ମଧ୍ୟ ଏହି ଅଶରୀର ଭୟ ଲୋକଙ୍କର ମନକୁ ଅଳ୍ପ ବହୁତ ପରିମାଣରେ ଆବୋରି ବସିଛି । ଆଚ୍ଛା, ଏଥର ଆପଣ ପଞ୍ଚମ ଆତ୍ମା ବିଷୟରେ କିଛି କୁହନ୍ତୁ ତ ?

''ପଞ୍ଚମ ଆତ୍ମା ହେଉଛି ମଣିଷର ମର ଶରୀର । ଅନ୍ୟ ଚାରୋଟି ଆତ୍ମା ଚାଲିଯିବା ପରେ ସେ ଶବ ରୂପରେ ପଡ଼ି ରୁହେ । ଆମର ପୂର୍ବ ପୁରୁଷମାନେ ବିଶ୍ୱାସ କରୁଥିଲେ ଯେ, ପଞ୍ଚମ ଆତ୍ମାଟିକୁ କୌଣସିମତେ ସଂରକ୍ଷଣ କରି ପାରିଲେ ଅନ୍ୟ ଆତ୍ମାଗୁଡ଼ିକ ଦିନେ ନା ଦିନେ ଫେରି ଆସିବେ ଓ ମରଶରୀର ପୁଣି ବଞ୍ଚି ଉଠିବ । ଆପଣମାନେ କ'ଣ ଏହି ଆତ୍ମାମାନଙ୍କର ସ୍ଥିତି ଉପରେ ବିଶ୍ୱାସ କରନ୍ତି ?''

ହଁ, ଆୟେସା ! ତୁମ ପରି ଆମ ଭାରତୀୟମାନଙ୍କର ବିଶ୍ୱାସ ଯେ, ଆତ୍ମା ଅଜର, ଅମର, ଅବିନଶ୍ୱର । ପବନ ଯେପରି ଗନ୍ଧ ଆହରଣ କରି ପୁଣି ତା ବାଟରେ ଚାଲିଯାଏ, ସେହିପରି ଆତ୍ମା ସୂକ୍ଷ୍ମରୂପରେ ଏ ଦେହ ଛାଡ଼ି ତା'ର ପ୍ରକୃତି ସହ ମନ, ଇନ୍ଦ୍ରିୟ ଓ ଅହଙ୍କାରକୁ ନେଇ ଅନ୍ୟତ୍ର ଚାଲିଯାଏ । ପୁଣି ପୂର୍ବ ଜନ୍ମର କର୍ମଫଳାନୁସାରେ ଅନ୍ୟତ୍ର ଜନ୍ମଗ୍ରହଣ କରେ । ଭାରତୀୟ ଦର୍ଶନ କୁହେ ଆତ୍ମା ସୁଖ, ଦୁଃଖରେ ଭାଗି ନୁହେଁ । ତାକୁ ନିଆଁ ପୋଡ଼ି ପାରେ ନାହିଁ । ପାଣି ଓଦାକରିପାରେ ନାହିଁ । ପବନ ଶୁଖାଇ ପାରେ ନାହିଁ । ଶସ୍ତ୍ର ହାଣିପାରେ ନାହିଁ । ତାହା କୌଣସି ପ୍ରକାରରେ ଧ୍ୱଂସଶୀଳ ନୁହେଁ ।

କେତେକ ଗବେଷକ ପ୍ରେତାତ୍ମା ଉପରେ ବିଶ୍ୱାସ କରନ୍ତି । ଏହି ପ୍ରେତାତ୍ମାଗୁଡ଼ିକ ହେଲେ ଅତୃପ୍ତ ଆତ୍ମା । ସଂସାର ପ୍ରତି ଏମାନଙ୍କର ଅତ୍ୟଧିକ ଆସକ୍ତି ଥିଲେ ବା କୌଣସି କାମନା ଓ ବାସନାପୂର୍ଣ୍ଣ ହୋଇନଥିଲେ ଏମାନେ ପ୍ରେତାତ୍ମା ରୂପରେ ଘୁରି ବୁଲନ୍ତି ।

'ତାହା ହେଲେ ଆପଣଙ୍କର ସମାଜ ମରୋଣତ୍ତର ଜୀବନ ସମ୍ବନ୍ଧରେ ବିଶ୍ୱାସ କରେ ।'

'ହଁ ଏମିତି କେତେକ ଗବେଷକ ମରଣୋତ୍ତର ଜୀବନକୁ ଦୃଢ଼ ଭାବରେ ବିଶ୍ୱାସ କରନ୍ତି ଓ ଉଦାହରଣ ଦ୍ୱାରା ପ୍ରମାଣ ମଧ୍ୟ କରିଦେଇଛନ୍ତି । ମୁଁ ଏହି ମରୋଣତ୍ତର ଜୀବନ

Digitized by srujanika@gmail.com

ସମ୍ବନ୍ଧରେ କେତେକ ଗବେଷଣାତ୍ମକ ପ୍ରବନ୍ଧମାନ ମଧ୍ୟ ପାଠ କରିଛି । ଆମ ରାଜସ୍ଥାନର ଚିତୋର ଜିଲ୍ଲାରେ ଘଟିଥିବା ଗୋଟିଏ ଛୋଟିଆ ଘଟଣା ଏବେ ଶୁଣ । ଜଣେ ଜମିଦାରଙ୍କ ପତ୍ନୀ ଏକ ଶିଶୁ ପୁତ୍ରକୁ ପ୍ରସବ କରିସାରିଲା ପରେ ଶେଷ ନିଶ୍ୱାସ ତ୍ୟାଗ କଲା । ମାତ୍ର ସେହି ଅତୃପ୍ତ ପ୍ରେତାତ୍ମାର ତା ଜନ୍ମିତ ଶିଶୁ ପ୍ରତି ଆକର୍ଷଣ କମି ନଥିଲା । ଫଳରେ ତାଙ୍କର ପ୍ରେତାତ୍ମା ସମୟ, ଅସମୟରେ ଚାଲି ଆସୁଥିଲା । ଶିଶୁର କିଛି କ୍ଷତି କରିବ ଭାବି ପ୍ରେତାତ୍ମାକୁ ତଡ଼ିବା ପାଇଁ ତନ୍ତ୍ର ପ୍ରୟୋଗ କରାଗଲା । କିନ୍ତୁ ଅତି ଆଶ୍ଚର୍ଯ୍ୟଜନକ ଭାବେ ଦେଖାଗଲା ଯେ ପ୍ରେତାତ୍ମା ଯିବା ପୂର୍ବରୁ ତା ସ୍ୱାମୀକୁ ଏକ ଗୁପ୍ତ ଧନର ନିର୍ଦ୍ଦେଶ ଦେଇଗଲା ଯାହାକୁ କି ଶିଶୁର ଭବିଷ୍ୟତ ପାଇଁ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲା । ଏମିତି ସବୁ କେତେକ କାରଣ ବଶତଃ ଆମର ବୈଜ୍ଞାନିକମାନେ ମରୋଣତ୍ତର ଜୀବନକୁ ଏକ ଅକାଟ୍ୟ ସତ୍ୟରୂପେ ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି ।

ଏପର୍ଯ୍ୟନ୍ତ ଆୟେସା ସୋମେସ୍‌ଙ୍କ କଥାକୁ କେବଳ ନିବିଷ୍ଟ ଚିତ୍ତରେ ଶୁଣି ଆସୁଥିଲା । ସବୁ ଶୁଣି ସାରିବା ପରେ କହିଲା ବୁଝିଲ ସୋମେସ୍, 'କେବଳ ଆପଣଙ୍କ ଭାରତୀୟ ପରମ୍ପରାରେ ନୁହେଁ ପୃଥିବୀର ଅନ୍ୟାନ୍ୟ ଅତ୍ୟାଧୁନିକ ଦେଶମାନଙ୍କର ମଧ୍ୟ ଏହି ଆତ୍ମା ତଥା ପ୍ରେତାତ୍ମା ଉପରେ ଅଗାଧ ବିଶ୍ୱାସ ଭରି ରହିଛି । ବିଭିନ୍ନ ଦେଶର ଧର୍ମପୁସ୍ତକମାନ ଅଧ୍ୟୟନ କରି ମୁଁ ଯେତିକି ଅଭିଜ୍ଞତା ପୁଞ୍ଜି କରିଛି ତାହା ଏବେ କିଛି କିଛି କହୁଛି ଶୁଣ । ମୃତ ଶବଗୁଡ଼ିକୁ କବର ଦେବା ଜର୍ମାନଙ୍କର ପରମ୍ପରାରେ ପ୍ରଚଳିତ ଅଛି । ତେଣୁ ସେଇଥି ପାଇଁ ଜର୍ମାନମାନେ ପ୍ରତିବର୍ଷର ଅକ୍ଟୋବର ୨୧କୁ ମୃତାତ୍ମା ଦିବସରୂପେ ପାଳନ କରନ୍ତି । ଅନାବନା ଗଛ ଓ ସବୁଜ ଘାସବଣ ମଧ୍ୟରେ ମୁଣ୍ଡ ଟେକିଥିବା ସବୁ କବରଗୁଡ଼ିକର ଚାରିପାଖ ବେଶ୍ ପରିଷ୍କାର, ପରିଚ୍ଛନ୍ନ କରାଯାଏ । ବର୍ଷକେ ଅନ୍ତରରେ ଏହି ପରିତ୍ୟକ୍ତ କବରଗୁଡ଼ିକର ଭାଗ୍ୟ ସତେ ଯେପରି ଫେରିଆସେ । ରଙ୍ଗ ବେରଙ୍ଗର ଫୁଲହାରରେ କବରକୁ ସଜାଇ ଦିଅନ୍ତି । ଏହି ସାଜସଜା ଦେଖିଲେ ମନେ ହୁଏ ସତେ ଯେପରି କବରଗୁଡ଼ିକ ଜୀବଦାନ ପାଇଛନ୍ତି । ସୁସ୍ୱାଦୁ କେକ୍, ନାନାପ୍ରକାର ମିଠା ଓ ଫଳର ପରିପୂର୍ଣ୍ଣ ଥାଳୀକୁ କବର ନିକଟରେ ଏମାନେ ରଖି ଦିଅନ୍ତି । ସେମାନଙ୍କର ବିଶ୍ୱାସ ମୃତ ଆତ୍ମା ଏହି ଦିନ ତା କବର ନିକଟକୁ ନିଶ୍ଚୟ ଫେରିଆସିବ । ଫ୍ରାନ୍ସରେ ନଭେମ୍ବର ମାସରେ ଗୋଟିଏ ଦିନ ସେମାନେ ମୃତାତ୍ମାମାନଙ୍କ ପାଇଁ ପ୍ରାର୍ଥନା କରନ୍ତି । ସେମାନଙ୍କର ବିଶ୍ୱାସ ସମବେତ ପ୍ରାର୍ଥନା ତଥା ଈଶ୍ୱରଙ୍କ ନାମ ସ୍ମରଣ ଦ୍ୱାରା ପରଲୋକରେ ଆତ୍ମାର ପଥ ପରିଷ୍କାର ହୋଇଯାଏ । ଇଂଲଣ୍ଡ, ଇଟାଲି, ସ୍କଟ୍‌ଲ୍ୟାଣ୍ଡ ଆଦି ସଭ୍ୟ ଶିକ୍ଷିତ ଦେଶମାନଙ୍କରେ ମଧ୍ୟ 'ସୋଲ୍‌ସ୍ ଇଭିନିଙ୍ଗ୍' ରୂପେ ମୃତାତ୍ମାମାନଙ୍କ ସନ୍ଧ୍ୟାପାଳନ କରାଯାଏ ।

ଆଉ ଆପଣଙ୍କ ଦେଶବାସୀଙ୍କର ବିଶ୍ୱାସ ଯେ ଲୋକ ମରିଗଲେ ତାର କର୍ମ ଅନୁସାରେ ଆତ୍ମା ଚନ୍ଦ୍ରଲୋକ କିମ୍ବା ସୂର୍ଯ୍ୟଲୋକରେ ବାସକରେ । ଏହା ବ୍ୟତୀତ ଏକ ପିତୃଲୋକ ଅଛି । ସେଠାରେ ସକଳ ଆତ୍ମା ଅବସ୍ଥାନ କରେ । ସେହି ଆତ୍ମାର ଉତ୍ତରୋତ୍ତର ଉନ୍ନତି ପାଇଁ ତାଙ୍କ ସନ୍ତାନ ସନ୍ତତିମାନେ ମୃତ ଦିବସକୁ ଶ୍ରାଦ୍ଧ ରୂପେ ପାଳନ କରନ୍ତି । ସେଦିନ ବିଭିନ୍ନ ପ୍ରକାର ଭୋଜି ଭାତ ହୁଏ ଓ ଆତ୍ମାର ସଦ୍‌ଗତି ପାଇଁ ଭଗବଦ୍ ଉପାସନା ମଧ୍ୟ କରାଯାଏ ।

Digitized by srujanika@gmail.com

ସୋମେସ୍ ଉତ୍ତର ଦେଲେ, ଜର୍ମାନ ଦାର୍ଶନିକ ମ୍ୟାକ୍ସ ମୁଲାର ନାନା ପ୍ରକାର ତଥ୍ୟ ଉପସ୍ଥାପନ କରି ପ୍ରମାଣ କରିଛନ୍ତି ଯେ, ସୁଦୂର ଅତୀତରେ ପ୍ରାଗ୍ ଐତିହାସିକ ଯୁଗରେ ମନୁଷ୍ୟ ସଭ୍ୟତାର ଉନ୍ମେଷର ଅୟମାରମ୍ଭ ସମୟରେ ଭାରତୀୟ, ପାରସିକ, ଗ୍ରୀକ୍, ରୋମିଓ, ମିଶରୀୟ ଓ ସ୍ଲାଭ୍ ଆଦି ଆଦି ପୁରୁଷମାନେ କେବଳ ଯେ ଗୋଟିଏ ସ୍ଥାନରେ ବାସ କରୁଥିଲେ ତା' ନୁହେଁ, ସେମାନେ ଗୋଟିଏ ଗୃହ ମଧରେ ହିଁ ରହୁଥିଲେ । ସେଇଥିପାଇଁ ସେମାନଙ୍କର ଭାଷାଗତ୍ ଐକ୍ୟ ଦେଖିବାକୁ ମିଳେ । ତୁମେ ନିଜେ ବିଚାର କରି ଦେଖୁନ - ଆମ ସଂସ୍କୃତରେ ବାପାଙ୍କୁ କହନ୍ତି ପିତର, ଲାଟିନ୍ ଭାଷାରେ କୁହାଯାଏ ପାଟିର, ଗ୍ରୀକ୍‌ରେ କୁହାଯାଏ ପାଟିର, ଜର୍ମାନମାନେ କୁହନ୍ତି ଭେଟର୍ ଓ ଇଂରେଜମାନେ କୁହନ୍ତି ଫାଦର । ଏଥିରୁ ପରିଷ୍କାର ଭାବେ ଜଣାଗଲା ଯେ, ପ୍ରତ୍ୟେକ ଦେଶର ଭାଷା ମଧରେ ବହୁତ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ତେଣୁ ସମସ୍ତ ଭାଷାର ମୂଳ ଉତ୍ସ ସମାନ । ଗୋଟିଏ ପରିବାରରୁ ଗାଁ ସୃଷ୍ଟି ହେଲା ପରି ସାରା ପୃଥିବୀର ମଣିଷ ସମାଜ ମଧ ସେମିତି ଗୋଟିଏ ପରିବାରରୁ ସୃଷ୍ଟି । ଗୋଟିଏ ମା'ର ରକ୍ତ ସମସ୍ତଙ୍କ ଦେହରେ ପ୍ରବାହିତ । ଭାଷାଗତ, ଦେଶଗତ ବିଭିନ୍ନତା ସତ୍ତ୍ୱେ ଆମେ ଏକ ।

ସୋମେସ୍‌ଙ୍କ କଥାରେ ବାଧାଦେଇ ଆୟେସା କହିଲା, 'ଗୋଟିଏ ପରିବାର ନୁହେଁ, ଗୋଟିଏ ମୌଳିକ ଶକ୍ତିରୁ ସମସ୍ତ ଦୃଶ୍ୟମାନ ଜଗତ ସୃଷ୍ଟି ହୋଇଛି । ତମ ଭାରତୀୟ ଦର୍ଶନରେ ସ୍ପଷ୍ଟ କୁହାଯାଇଛି ଯେ 'ବସୁଧୈବ କୁଟୁମ୍ବକମ୍' । ବାସ୍ତବିକ୍ ସତ୍ୟର ଅନୁସନ୍ଧାନ କରବାକୁ ଗଲେ ଆମେ ଏକ ଅଦୃଶ୍ୟଶକ୍ତି ପାଖରେ ପହଞ୍ଚିଯାଇ, ତାର ରୂପ ରେଖ ଧାରଣା କରିବା ମନର ଶକ୍ତି ଏବଂ କଳ୍ପନାର ଶକ୍ତି ବାହାରେ, ଆଜିର ମନୁଷ୍ୟ ସମାଜରେ ଯେଉଁ ଧ୍ୱଂସାତ୍ମକ ଭେଦଭାବ ଦେଖାଯାଉଛି ତାହା ଆମ ଅଜ୍ଞତା ଏବଂ ସ୍ୱାର୍ଥପରତାରୁ ଜାତ । ଆମେ ପ୍ରତ୍ୟେକ ନିଜକୁ ଗୁଣୀ, ଜ୍ଞାନୀ, ବଡ଼ ବୋଲି ଭାବି ଅନ୍ୟକୁ ନ୍ୟୁନ ଆଖିରେ ଦେଖିବାକୁ ଅଭ୍ୟସ୍ତ ହୋଇଛୁ । ସେହି ଅଭ୍ୟାସ ହିଁ ଆଜି ଆମକୁ ମହାପ୍ରଳୟ ବା ଧ୍ୱଂସର ମୁହଁକୁ ଟାଣି ନେଇଛି । ପରମାଣୁ ବୋମା, ବୀଜାଣୁ ବୋମା, ହାଇଡ୍ରୋଜେନ୍ ବୋମା, କ୍ଷେପଣାସ୍ତ୍ର ....ଆଦିର ସୃଷ୍ଟି କାହିଁକି ? ନିଜର ବଡ଼ିମାକୁ ଅନ୍ୟ ଆଗରେ ସୁପ୍ରତିଷ୍ଠିତ କରବା ପାଇଁ ଏସବୁ ମନ୍ଦ ବୁଦ୍ଧିର ଖେଳ ଆରମ୍ଭ ହୋଇଛି । ଆମେ ଭୁଲି ଯାଉଛୁ ଯେ ଅନ୍ୟକୁ ମାରିବା ପାଇଁ ଗଲାବେଳେ ଆମେ ମଧ ଆମର ସୃଷ୍ଟ ବିଷର ଶିକାର ହେବୁ ।

ବାସ୍ତବିକ୍ ସୋମ୍ ଏସବୁ କଥାକୁ ନିରପେକ୍ଷ ଭାବେ ବିଚାରକଲେ ଦେହ ମୋର ଶୀତେଇ ଉଠେ । କେତେକ ବଡ଼ ବଡ଼ ଶକ୍ତି ନିଜର ବଡ଼ିମାକୁ ସ୍ଥାୟୀଭାବେ ପୃଥିବୀରେ ରକ୍ଷା କରିବାର ଉଦ୍ଦେଶ୍ୟ ନେଇ ବିଭିନ୍ନ ଦେଶକୁ ଖଣ୍ଡ ବିଖଣ୍ଡ କରି ଦେଇଛନ୍ତି । ଭିଏତ୍‌ନାମ, କୋରିଆ, ଜର୍ମାନୀ, ଭାରତ ପ୍ରଭୃତି ଦେଶ ବିଭକ୍ତ ହୋଇ ହିଂସାକାଣ୍ଡର ତାଣ୍ଡବଲୀଳାରେ ଲାଗିଛନ୍ତି । ପ୍ରତି ଦେଶରେ ସାମ୍ପ୍ରଦାୟକ ବିଦ୍ୱେଷ ଓ ତା ପାଇଁ ଦଙ୍ଗା ହାଙ୍ଗାମା ଲାଗି ରହିଛି । ଏହି ଦଙ୍ଗାରେ କେହି ନିରିହ ଲୋକ ପ୍ରାଣ ହରାଉଛନ୍ତି । ଲୁଟାଭୁଷା, ନୃଶଂସ ହତ୍ୟାକାଣ୍ଡ ବସପୋଡ଼ି ଆଦି ଦ୍ୱାରା କେତେ ଯେ ଜୀବନ ନଷ୍ଟ ହେଉଛି ତାର ସୀମା ନାହିଁ । ଦେଖୁନ ଭିଏତ୍‌ନାମରେ କେତେ ଲୋକ ମଲେ ତାର ସୀମା ନାହିଁ । ଭାରତ, ପାକିସ୍ଥାନ ବିଭାଜନ

Digitized by srujanika@gmail.com

ସମୟରେ କେତେ ନିର୍ଦ୍ଦୋଷ ଲୋକ, ନିଷ୍ପାପ ଶିଶୁଙ୍କ ରକ୍ତରେ ଭାରତର ମାଟି ଯେ ଲାଲ ହୋଇଛି, ତା ହୁଏତ ଇତିହାସରେ ସ୍ଥାନ ପାଇ ନ ପାରେ । ବର୍ଲିନ ସହର ଦୁଇଭାଗ ହୋଇ ମଝିରେ ଛିଡ଼ା ହେଲା କଂକ୍ରିଟ ପାଚେରୀ । ଯେପରି ଗୋରା ଲୋକର ହୃଦୟ ଭିତରେ କଳା ଲୋକକୁ ମାରିବା ପାଇଁ ନିର୍ବୋଧ ଭୂତ ବାସ କରିଛି ।

ମୋର ଶାସ୍ତ୍ରୀୟ ଗବେଷଣାରୁ ମୁଁ ଯାହା ଜାଣିଛି ତମ ଦେଶର ଗୀତାରେ କୁହାଯାଇଛି

ଯୋ ମାଂ ପଶ୍ୟତି ସର୍ବତ୍ରଃ, ସର୍ବଂଚ ମୟି ପଶ୍ୟନ୍ତି

ଏହାର ମୋଟାମୋଟି ଅର୍ଥ ହେଲା ସର୍ବଶକ୍ତିମାନ ଏକ ଶକ୍ତି ସବୁ ଭିତରେ ରହିଛି । ଶ୍ରୀ ଶ୍ରୀ ରାମକୃଷ୍ଣଙ୍କ ଭାଷାରେ ବହୁ ରୂପୀ କାହାକୁ କଳା, କାହାକୁ ଲାଲ, କାହାକୁ ସବୁଜ ଦେଖାଯାଏ । ହେଲେ ପାଖକୁ ଆସିଲେ ପକ୍ଷୀଟିଏ । ଈଶ୍ୱର, ଆଲ୍ଲା, ଯୀଶୁ, ମହମ୍ମଦ, ବୁଦ୍ଧ ..... ରୂପ ଭିନ୍ନ ହେଲେ ସମସ୍ତେ ଏକ, ଅଭିନ୍ନ । ମାତ୍ର ସମୟ କ୍ରମେ ଆମେ ଏସବୁକୁ ଭୁଲିଯାଇ ଜାତିଗତ ଧର୍ମଗତ ପାର୍ଥକ୍ୟ ନାମରେ ପରସ୍ପରର ରକ୍ତରେ ହୋରି ଖେଳୁଛୁ । ହେଲେ ଟିକେ ପଛକୁ ଚାହିଁଲେ ଆମେ ଦେଖନ୍ତୁ, ଆମେ ଯେ ଗୋଟିଏ ମାଆର ସନ୍ତାନ । ଗୋଟିଏ ରକ୍ତ ସମସ୍ତଙ୍କ ଶିରା ପ୍ରଶିରାରେ ପ୍ରବାହିତ ।

ହଁ ଆୟେସା ତୁମେ ଠିକ୍ କହିଛି । ଧଉଳି ପାହାଡ଼ ଶିଖରରୁ ଦୟା ନଦୀକୁ ବୋହି ଆସିଥିବା ରକ୍ତର ଧାରତ ଦୁର୍ଦ୍ଧାନ୍ତ ସମ୍ରାଟ ଅଶୋକଙ୍କ ହୃଦୟରେ ପରିବର୍ତ୍ତନ ଆଣିଥିଲା । ତେବେ ଆମରି ଭାଇମାନଙ୍କ ରକ୍ତର ଧାର କ'ଣ ଆମ ହୃଦୟରେ ଟିକେ ପରିବର୍ତ୍ତନ ଆଣିବ ନାହିଁ ?

ସେଦିନ ଏମିତି ନାନା ଆଳାପ ଆଲୋଚନା ମଧ୍ୟରେ ଆୟେସା ତାଙ୍କ ଠାରୁ ବିଦାୟ ନେଇଥିଲା । ହେଲେ .... ତାଙ୍କ ପାଇଁ ଛାଡ଼ି ଯାଇଥିଲା ଭାବନାର ଖିଅ । ତା ସହିତ ତାଙ୍କର ବନ୍ଧୁତ୍ୱ ଯେତିକି ନିବିଡ଼ ହେଉଥାଏ, ଝିଅଟି ତାଙ୍କୁ ତାର ସ୍ୱକିୟ ଗୁଣରେ ସେତିକି ମୁଗ୍ଧ କରୁଥାଏ । ତାର ନମ୍ର, କମନୀୟ ମୁଖମଣ୍ଡଳ ସହ ମପାଚୁପା କଥାବାର୍ତ୍ତା, ନମ୍ର, ଶାନ୍ତ, ସଂଯତ ବ୍ୟବହାର ତାଙ୍କ ଅନ୍ତରର ନିଭୃତତମ ପରଦାରେ ଆଙ୍କି ହୋଇ ରହିଥାଏ । ସୁଦୂର ବିଦେଶରେ ଏକ ସ୍ୱଚ୍ଛ, ସଲିଳା ନିର୍ଝରିଣୀ ପରି ତାଙ୍କ ହୃଦୟ କନ୍ଦରରେ ଝରି ଝରି ଯାଉଥିବା ଆୟେସା ନାମ୍ନୀ ଝିଅଟିର ମନର ପାଣ୍ଡୁଲିପିକୁ ସେ ଏ ପର୍ଯ୍ୟନ୍ତ ପଢ଼ିବାକୁ ସକ୍ଷମ ହୋଇପାରି ନାହାନ୍ତି । ଦିଗନ୍ତ ବିସ୍ତୃତ ଅନନ୍ତ ଆକାଶର ନିଳୀମା, ବିଶାଳ ସମୁଦ୍ରର ଗଭୀରତା ଓ ନାରୀ ମନର ଅଭ୍ୟନ୍ତର ପ୍ରଦେଶରେ ଉଙ୍କି ମାରୁଥିବା ଭାବନାଗୁଡ଼ିକୁ ଯେ ସହଜରେ କଳି ହୁଏ ନାହିଁ, ଜାଣି ହୁଏ ନାହିଁ । ସ୍ୱଦେଶରେ ଥିବାବେଳେ ଥରେ ବୀଥିକା ତାଙ୍କୁ କଥା ଛଳରେ କହିଥିଲେ, 'ଜାଣନା ବିଦେଶିନୀ ଝିଅମାନେ ଭାରତୀୟ ଯୁବକମାନଙ୍କ ସହ ମଧୁମୟ ଦାମ୍ପତ୍ୟ ଜୀବନ ଯାପନ କରିବାର ସ୍ୱପ୍ନ ସବୁବେଳେ ଦେଖୁଥାଆନ୍ତି । ସୁବିଧା ପାଇଲେ ସୁନ୍ଦର ନୀଡ଼ଟିଏ ରଚନା କରିବାକୁ ଭୁଲନ୍ତି ନାହିଁ । ତାଙ୍କ ଆଖିର ଜାଲରେ ଥରେ ବନ୍ଦୀ ହୋଇଗଲେ ସେଠାରୁ ମୁକୁଳିବା କଷ୍ଟ । ମୋର କାହିଁକି ଭୟ ହେଉଛି । ତୁମକୁ ନେଇ ମନେ ମନେ ତୋଳି ଥିବା ସ୍ୱପ୍ନର ମିନାରଟି ମୋର ଟୁକୁଡ଼ା ଟୁକୁଡ଼ା ହୋଇ ଭାଙ୍ଗି ପଡ଼ିବନିତ ? କୁହ, କଥା ଦିଅ । ତାଙ୍କ ଆଖିରେ ଆଖି ଥାପି ଉତ୍ତର ଚାହିଁଥିଲା ବିଥିକା ।

Digitized by srujanika@gmail.com

ହସି ହସି ସେ ଉତ୍ତର ଦେଇଥିଲେ, 'ତୁମପରି ସ୍ତ୍ରୀ ଲୋକମାନଙ୍କ ମନ ସବୁ ପ୍ରକାର ସନ୍ଦେହ, ଅବିଶ୍ୱାସର ଗନ୍ତାଘର । ମାତ୍ର ସେ ଦେଖୁଛନ୍ତି କ'ଣ ? ଫୁଲପରି ସରଳ, ନିଷ୍ପାପ ଆୟେସା ନାମ୍ନୀ ଏହି ଝିଅଟିର ଆଖିରେ ସେ'ତ କୌଣସି ଦିନ କାମନାର ବହ୍ନିଶିଖା ଦେଖିନାହାନ୍ତି । ଏହି ସରଳ, ସୁନ୍ଦର ଝିଅଟି ତାଙ୍କର ଖୁବ୍ ପସନ୍ଦ ହୋଇଛି । ଭାରତ ଫେରିଗଲା ପରେ ମଧ୍ୟ ତାଙ୍କ ମନର ବେଳାଭୂମିରେ ଆୟେସାର ସ୍ମୃତିର ପଦଚିହ୍ନ ଚିରଦିନ ଲାଗି ଅଲିଭା ରହିବ ।

ପ୍ରାଚୀନ ମିଶରର ଗୌରବୋଜ୍ଜ୍ୱଳ ଅଧ୍ୟାୟ ପଢୁ ପଢୁ ପୁଲକିତ ହୋଇ ଉଠିଲେ ସୋମେସ୍ । ପ୍ରାଚୁର୍ଯ୍ୟମୟୀ ନଗରୀ ମେମ୍‌ଫିସ୍, ଯାହାକି ଥିଲା ଚିଆପସ୍‌ଙ୍କର ରାଜଧାନୀ ସେଠାରେ ମୁଣ୍ଡ ଟେକି ଉଠିଥିବା ବିଳାସପୂର୍ଣ୍ଣ ରାଜପ୍ରସାଦ ଥିଲା ଖୁଫୁଙ୍କ ନିବାସ । ତାଙ୍କ ଶାସନ ସମୟରେ ଏହି ନଗରୀ ପୁର, ପଲ୍ଲୀ, ପର୍ବତ, ପ୍ରାନ୍ତର, ତେଜସ୍ୱୀ ସେନା ଓ ନାନା କାରୁକାର୍ଯ୍ୟ ଖଚିତ ଦୁର୍ଗରେ ପରିପୂର୍ଣ୍ଣ ଥିଲା । ଯଦିଓ ଆଜି ସେହି ଦୁର୍ମୂଲ୍ୟ ପ୍ରାସାଦ ମାଟିତଳେ ପୋତି ହୋଇ ପଡ଼ିଛି ତଥାପି ସେହି ପୋତ୍‌ଥିତ ପ୍ରାସାଦର ଖଣ୍ଡିଏ ପଥର ହିଁ ଆଜି ସମଗ୍ର ମାନବ ଜାତି ପ୍ରତି ମହାମୂଲ୍ୟବାନ ହୋଇ ପଡ଼ିଛି । ପ୍ରାଚୀନତା ଓ ପରମ୍ପରାର ଯେ ଏକ ସ୍ୱକୀୟ ଆଦର୍ଶ ରହିଛି ଏହା ସର୍ବ ସମ୍ମତି କ୍ରମେ ଗ୍ରହଣ ଯୋଗ୍ୟ ପେରୁ ଓ ମେକ୍ସିକୋର ପ୍ରାଚୀନ ସଭ୍ୟତାର ଖଣ୍ଡିଏ ଖଣ୍ଡିଏ ପଥର ଯେ ସୁନା, ରୂପା ଠାରୁ ଅଧିକ ମୂଲ୍ୟବାନ ତାହାକୁ ଆଧୁନିକ ପ୍ରତ୍ନତତ୍ତ୍ୱବିତ୍‌ମାନେ ପ୍ରମାଣ କରି ସାରିଲେଣି । ମିଶରର ପିରାମିଡ୍‌ରେ ସେହି ସମୟରେ ବ୍ୟବହୃତ ହୋଇଥିବା ପଥର ସମସ୍ତ ଦକ୍ଷିଣ ଆଫ୍ରିକାର ହୀରକ ଓ ଧାତୁ ଅପେକ୍ଷା ମାନବ ସଭ୍ୟତାର ବିକାଶ ଦିଗରେ ହିଁ ଅଧିକ ସାହାଯ୍ୟ କରୁଛି ।

ମିଶରର କଳା, ସ୍ଥାପତ୍ୟ ବିଷୟରେ ଅନୁଧ୍ୟାନ କଲାବେଳେ ନିଜ ଜନ୍ମଭୂମି ଭାରତ ବର୍ଷର ନାନା ଐତିହ୍ୟ ଓ ପ୍ରାଚୀନ କୀର୍ତ୍ତିମାନ ତାଙ୍କର ସ୍ମୃତି ପଥାରୁଢ଼ ହୁଏ । ଏ ଦୃଷ୍ଟିରୁ ଭାରତର ସ୍ଥାନ ମଧ୍ୟ କିଛି କମ୍‌ରେ ନାହିଁ । ଛୋଟ ବଡ଼ ହୋଇ ନାନା କାରୁକାର୍ଯ୍ୟ ଖଚିତ ମନ୍ଦିରମାନଙ୍କର ଅବସ୍ଥିତି ହିଁ ଆଜି ଭାରତବର୍ଷକୁ ମନ୍ଦିରମାଳିନୀ ଦେଶର ଆଖ୍ୟା ଦେଇଛି । ଚାନ୍ଦେଲ ରାଜାଙ୍କ ଦ୍ୱାରା ନିର୍ମିତ ଖଜୁରାହ ମନ୍ଦିର, ମାଉଣ୍ଟ ଆବୁରେ ଥିବା ଦିଲୱାରା ମନ୍ଦିର, ଓଡ଼ିଶାର କୋଣାର୍କ ମନ୍ଦିର ଆଦି ପ୍ରସିଦ୍ଧ ମନ୍ଦିରମାନ ଭାରତର ଉତ୍କୃଷ୍ଟ କଳା ଓ ଐତିହ୍ୟର ପ୍ରମାଣ ଦିଏ । ହେଲେ ମିଶରର ପିରାମିଡ୍ ଯେ ପୃଥିବୀର ଶ୍ରେଷ୍ଠ କଳାକୃତି ଏହା ନିଶ୍ଚିତ । ଏହା ଭିତରେ ଶୋଇରହିଥିବା ମୃତ ଫାରୋମାନଙ୍କ ଶବ ବା ମମି ଯେ ବିଶ୍ୱର ସବୁ ରହସ୍ୟର ଊର୍ଦ୍ଧ୍ୱରେ ଏହା ମଧ୍ୟ ସତ୍ୟ ।

ସବୁ ଭାବନାରୁ ନିଜକୁ ମୁକ୍ତ କରି ଚିଆପସ୍‌ଙ୍କ କାହାଣୀ ଉପରେ ଆଖି ପକାଇଲେ ସୋମେସ୍ । ନିଜ ପାଇଁ କିପରି ତିଆରି ହେବ କାଳଜୟୀ ପିରାମିଡ୍, ଆତ୍ମା ଫେରି ଆସିବା ପର୍ଯ୍ୟନ୍ତ ତାଙ୍କ ଶବ କିପରି ସୁରକ୍ଷିତ ରହିବ ଏହି ଚିନ୍ତାରେ ଚିଆପସ୍‌ଙ୍କ ମନ ଆଚ୍ଛନ୍ନ ଥାଏ । ବହୁ ଭାବିଚିନ୍ତି ପିରାମିଡ୍‌ର ନିର୍ମାଣର ସମସ୍ତ କାର୍ଯ୍ୟ ସେ ତାଙ୍କର ରାଜବୈଦ୍ୟ ମାସାର୍ଥଙ୍କ ହାତରେ ନ୍ୟସ୍ତ କଲେ । ମାସାର୍ଥ କେବଳ ଜଣେ ଶ୍ରେଷ୍ଠ ବୈଦ୍ୟ ନଥିଲେ ତତ୍‌କାଳୀନ ସମାଜରେ

Digitized by srujanika@gmail.com

ସେ ଥିଲେ ଶ୍ରେଷ୍ଠ ବୈଜ୍ଞାନିକ । ରାଜ୍ୟର ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କୁ ମାସାର୍ଥଙ୍କୁ ପୂର୍ଣ୍ଣ ପ୍ରାଣରେ ସହଯୋଗ ନିମନ୍ତେ ସେ ଆଦେଶ ଦେଲେ ।

କବର ତିଆରି ପାଇଁ ପ୍ରସ୍ତୁତ ଆରମ୍ଭ ହେଲା ଏଥର । ସ୍ଥାନ ନିର୍ଣ୍ଣୟ କରିବେ ଫାରୋ ଖୁଫ୍ ନିଜେ । ରାଜ୍ୟର ମାନଚିତ୍ର ଆଣି ଭଲଭାବରେ ଦେଖିନେଲେ । ପାରିଷଦବର୍ଗଙ୍କୁ ରଥ ସଜ କରିବାକୁ ଆଦେଶ ଦେଲେ । ରାଜ୍ୟର ବିଭିନ୍ନ ଅଂଶ ଘୁରିଘୁରି ସେ ନିଜେ ଦେଖିବେ କେଉଁ ସ୍ଥାନଟି ସବୁ ଦୃଷ୍ଟିରୁ କବର ନିର୍ମାଣ ପାଇଁ ଉପଯୋଗୀ ହେବ । ରଥ ସଜା ହେଲା । ନିଜକୁ ମହା ମୂଲ୍ୟବାନ ପୋଷାକରେ ସଜ୍ଜିତ କଲେ ଚିଆପସ୍ । ସୁନା, ରୁପାର ତାରକସି କାମରେ ଝଲମଲ କରୁଥିବା ତାଙ୍କର ରାଜପୋଷାକ । ମଝିରେ ମଝିରେ ଖଞ୍ଜା ଯାଇଥିବା ବିଭିନ୍ନ ରଙ୍ଗର ମଣିମୁକ୍ତାର ସମାରୋହରେ ଅପୂର୍ବ ଦିଶୁଥିଲା ପୋଷାକଟି । ମସ୍ତକରେ ରତ୍ନ ଖଚିତ ମୁକୁଟ ଦାଉ ଦାଉ ହୋଇ ଜଳୁଥିଲା । ହାତରେ ରାଜଦଣ୍ଡ, କଟୀରେ ତରବାରୀ ପାରିଷଦବର୍ଗ ପରିବେଷ୍ଟିତ ହୋଇ ରାଜ୍ୟ ପରିଦର୍ଶନ ପାଇଁ ମହାମହିମ ଫାରୋଙ୍କୁ ଧରି ଘର୍ଘର ନାଦରେ ରଥର ଚକ ଗଡ଼ି ଚାଲିଲା । ରାଜ ରାସ୍ତାରେ ଚିଆପିସ୍‌ଙ୍କର ରଥର ଘର୍ଘର ନାଦ ଯେତେଦୂର ଶୁଣାଯାଉଥିଲା, ସେତେ ଦୂରପର୍ଯ୍ୟନ୍ତ ରାସ୍ତା ଥିଲା ସମ୍ପୂର୍ଣ୍ଣ ଜନଶୂନ୍ୟ । କାରଣ ଇତିହାସରେ ଚିଆପିସ୍ ଜଣେ ଅତ୍ୟାଚାରୀ ଶାସକ ରୂପେ ପରିଚିତ ଥିଲେ । ରାଜ୍ୟ ପରିକ୍ରମଣ କରି ପରିଶେଷରେ ରଥ ନୀଳନଦୀର ଅବବାହିକାରେ ଉପଗତ ହେଲା । ଆଧୁନିକ ମିଶରରେ ସେହି ସ୍ଥାନ ଗିଜେ ସହର ନାମରେ ପରିଚିତ । ନୀଳନଦୀର ନୀଳଜଳରାଶି ଶୀତଳ ସମୀରଣ ସ୍ପର୍ଶରେ ମତୁଆଲା ହୋଇ ଉଠୁଥିଲା । ସତେ ଯେପରି ଏହା ମିଶରର ଭାଗ୍ୟ ବିଧାତାକୁ ଅଭିନନ୍ଦନ ଜଣାଉଥିଲା । ତାର ଚିର ସବୁଜ ତଟଦେଶ କ୍ଷଣକ ଲାଗି ରାଜା ଓ ରାଜକର୍ମଚାରୀମାନଙ୍କ କୋଳାହଳରେ ମୁଖରିତ ହୋଇ ଉଠିଲା । ଭଗ୍ନହେଲା ନଦୀକୂଳର ବିରାଟ ନିସ୍ତବ୍ଧତା । ଗୋଟିଏ ଦିଗରୁ ବହୁ ଆସୁଥିବା ନୀଳନଦୀର ଜଳକଣାବାହି ଶୀତଳ ପବନ ତନୁ ମନରେ ଅପୂର୍ବ ପୁଲକ ସଞ୍ଚାର କରୁଥିଲା । ମାତ୍ର ଅନ୍ୟ ଦିଗରୁ ବୋହି ଆସୁଥିଲା ଉତପ୍ତ ପବନ, ସାହାରା ମରୁଭୂମିର ଧୂ ଧୂ ହୋଇ ଜଳୁଥିବା ବାଲୁକାରାଶିର ଆଲିଙ୍ଗନରୁ ମୁକ୍ତ ହୋଇ ।

ନଦୀର ପଶ୍ଚିମ ପଟେ ଥିବା ଖୁବ୍ ଏକ ଉଚ୍ଚାସ୍ଥାନଟି ରାଜାଙ୍କର ଦୃଷ୍ଟି ଆକର୍ଷଣ କଲା । ଭୂମି ପତନ ଠାରୁ ପ୍ରାୟ ଏକ ଶହ ଫୁଟ ଉଚ୍ଚରେ ଅବସ୍ଥିତ ଏହି ବିଶାଳ ଜାଗାଟିର ଆୟତନ ଥିଲା ବାର ତେର ଏକରରୁ ଅଧିକ । ମନେ ମନେ ସେହି ସ୍ଥାନଟିକୁ କବର ନିର୍ମାଣ ପାଇଁ ଉପଯୁକ୍ତ ହେବ ବୋଲି ସ୍ଥିର କଲେ ସମ୍ରାଟ । ଏହି ସୁବିଶାଳ ଆୟତନ ବିଶିଷ୍ଟ ସ୍ଥାନରେ ସେ ଗଢ଼ି ତୋଳିବେ ପିରାମିଡ୍, ଯାହାର ସମୟ, ପ୍ରକୃତି, ମନୁଷ୍ୟ କେହି କିଛି କରିପାରିବେ ନାହିଁ ।

ଅଦୂରରେ ଅବସ୍ଥିତ ତାଙ୍କର ପ୍ରସାଦ ମାଳିନୀ ରାଜଧାନୀ ମେମ୍ଫିସୋ ସହରର କୋଳାହଳ ମୃଦୁ ସମୀରଣରେ ଭାସି ଆସୁଥିଲା । ବେଶ୍ ହେବ ଏହି ସ୍ଥାନଟି । ସ୍ଥାନଟିର ମନୋନୟନ ପରେ ନଦୀ ଅବବାହିକାରୁ ରଥ ଫେରାଇବାକୁ ଆଦେଶ ଦେଲେ ଚିଆପସ୍ । ରାଜଧାନୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲା ରଥ ।

Digitized by srujanika@gmail.com

ସମଗ୍ର ମମିର ଅଞ୍ଚଳରେ ଏତେ ସୁନ୍ଦର ସ୍ଥାନ ଥାଉ ଥାଉ ନୀଳନଦୀ କୂଳରେ ସେହି ବାଲୁକାପୂର୍ଣ୍ଣ ଅବବାହିକାକୁ ଚିଆପସ୍ କାହିଁକି ବା ତାଙ୍କ କବରପୀଠ ନିର୍ମାଣ ପାଇଁ ବାଛିଲେ ? ଏକଥା ଖୁବ୍ ସନ୍ଦେହରେ ପକାଇଲା ସୋମେସଙ୍କୁ ତାଙ୍କର ମନେ ହେଲା ଯେପରି ସ୍ଥାନ ନିର୍ଣ୍ଣୟ ମଧ୍ୟରେ କିଛିଟା ରହସ୍ୟ ଜଡ଼ିତ ଅଛି । ସନ୍ଦେହ ମୋଚନ ପାଇଁ ଦିନେ ଆୟେସାକୁ ଏକଥା ପଚାରି ବସିଲେ ସେ ।

ଆୟେସା ତାଙ୍କୁ ବୁଝାଇଥିଲେ ସ୍ଥାନଟିର ମନୋନୟନ ସମ୍ପର୍କରେ ବିଭିନ୍ନ ଗବେଷକ-ମାନଙ୍କର ବିଭିନ୍ନ ମତ ଦେଖାଯାଏ । କେତେକ ଗବେଷକ ମତ ନିଅନ୍ତିଯେ ଚିଆପସଙ୍କର ଗ୍ରୀଷ୍ମକାଳୀନ ନିବାସ ଏହି ସ୍ଥାନଟିର ଖୁବ ନିକଟରେ ଅବସ୍ଥିତ ଥିଲା । ତେଣୁ ଚିଆପସ୍ ଏହି ପ୍ରସାଦରେ ଅବସ୍ଥାପନ କରି ପିରାମିଡ୍ ନିର୍ମାଣର ଅଗ୍ରଗତିକୁ ସ୍ୱଚ୍ଛନ୍ଦରେ ପରିଲକ୍ଷିତ କରିପାରିବେ । କେତେକ ଦୃଷ୍ଟିରୁ ବିଚାର କଲେ ଏହି ମତଟିର ଯଥାର୍ଥ ମଧ୍ୟ ରହିଛି । ଆଉ କେତେଙ୍କ ମତରେ ଏହି ପିରାମିଡ୍ ଗଠନ ପାଇଁ ଆବଶ୍ୟକୀୟ ପଥରଖଣ୍ଡମାନ ନୀଳନଦୀ ଦ୍ୱାରା ଏହି ସ୍ଥାନକୁ ସହଜରେ ଅଣା ଯାଇ ପାରିବ । ହେଲେ ଏ ଦୁଇଟିଯାକ ମତ ଖୁବ୍ ସାଧାରଣ ଲୋକ ମଧ୍ୟ କଳ୍ପନା କରି କହି ଦେଇ ପାରିବ । ଏହାଛଡ଼ା ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ସ୍ଥାନଟି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ସ୍ଥାନ ନିର୍ଣ୍ଣୟ ପଛରେ ଥିବା ବୈଜ୍ଞାନଗତ କାରଣଗୁଡିକୁ ସୁଦୀର୍ଘ ପାଞ୍ଚହଜାର ବର୍ଷତଳର ଜଣେ ସମ୍ରାଟ ଯେ ଜାଣିଥିଲେ ତାଙ୍କର ଏହା ଗଭୀର ଅର୍ନ୍ତଦୃଷ୍ଟିର ଏକ ସ୍ୱଷ୍ଟ ପରିଚୟ ପ୍ରଦାନ କରେ ।

ଏହାହେଲା ପିରାମିଡ୍‌ର ଭୂମିର ମଧ୍ୟ ବିନ୍ଦୁ ଓ ଶୀର୍ଷବିନ୍ଦୁକୁ ଯୋଗ କରି ଏକ କାଳ୍ପନିକ ରେଖା ଟାଣିଲେ ତାହା ପୃଥିବୀର ସମସ୍ତ ମହାସାଗର ଓ ସାଗରମାନଙ୍କୁ ଦୁଇ ସମାନ ଭାଗରେ ବିଭକ୍ତ କରେ । ତେଣୁ ଚିଆପସ୍ ତାଙ୍କ ପିରାମିଡ୍‌କୁ ପୃଥିବୀର ଠିକ୍ ମଧ୍ୟଭାଗରେ ନିର୍ମାଣ କରିଥିଲେ । ଚିଆପସ୍ ତାଙ୍କ ରାଜ୍ୟର ମାନଚିତ୍ରରୁ ଜାଣିଥିଲେ ପୃଥିବୀକୁ ଲମ୍ବଭାବରେ ଦୁଇଭାଗ କରୁଥିବା ସରଳ ରେଖାଟି ନୀଳନଦୀର ଅବବାହିକାସ୍ଥ ସେହି ସ୍ଥାନଟି ଦେଇ ଯାଇଅଛି ।

ପୁନଶ୍ଚ ପିରାମିଡ୍‌ର ଶୀର୍ଷଦେଇ ଟାଣୁ ଥିବା ସେହି କାଳ୍ପନିକ ସରଳରେଖାକୁ ଯଦି ଅସୀମ ଦୂରତା ପର୍ଯ୍ୟନ୍ତ ବଢ଼ାଇ ଦିଆଯିବ, ତାହାଲେ ତାହ ଆକାଶସ୍ଥ ଧ୍ରୁବ ତାରାକୁ ସ୍ପର୍ଶ କରିବ । ଗଭୀର ତନ୍ମୟ ହୋଇ ଶୁଣୁଥିଲେ ପିରାମିଡ୍‌ର ନିର୍ମାଣ କାହାଣୀ । ପରୀରାଇଜ କାହାଣୀ ଠାରୁ ଏହା ଥିଲା ଆହୁରି କୌତୂହଳ ଓ ଆହୁରି ଚମକ ପ୍ରଦ । ସବୁ ଶୁଣି ସୋମେସ୍ କହିଲେ, ‘‘ସଭ୍ୟତାର ପ୍ରଥମ ଉନ୍ମେଷ କାଳରେ ତତ୍‌କାଳୀନ ପାଠରେ ତଥା ସେମାନଙ୍କ ପାରିଷଦମାନଙ୍କର ଯେ ବିଜ୍ଞାନରେ ଏତେ ଗଭୀର ଜ୍ଞାନଥିଲା ତାହା ବାସ୍ତବିକ ଆଶ୍ଚର୍ଯ୍ୟର ବିଷୟ ।’’ କେବଳ ବିଜ୍ଞାନ ନୁହେଁ, ଗଣିତ ଶାସ୍ତ୍ର, ଜ୍ୟାମିତି ଶାସ୍ତ୍ର, ରସାୟନ ଶାସ୍ତ୍ର ଓ ଜ୍ୟୋତିଷଶାସ୍ତ୍ର ପ୍ରତ୍ୟେକଟିରେ ମିଶର ବାସୀଙ୍କର ଅସାଧାରଣ ଜ୍ଞାନଥିଲା । ସମସ୍ତ ଜ୍ଞାନକୁ ପୁଞ୍ଜିକରି ସେମାନେ ନିର୍ମାଣ କରିଗଲେ ବଡ଼ ବଡ଼ ପିରାମିଡ୍ ଓ ସ୍ଫିଙ୍କସ୍‌ମାନ, ଯାହା ଯୁଗ ଯୁଗ ଧରି ସେମାନଙ୍କର ଅଗାଧଜ୍ଞାନକୁ ବିଶ୍ୱବାସୀଙ୍କ ସମ୍ମୁଖରେ ଉପସ୍ଥାପନ ଲାଗି ଦୀର୍ଘ ବର୍ଷର ବ୍ୟବଧାନପରେ ମଧ୍ୟ ସଦର୍ପରେ ଦଣ୍ଡାୟମାନ । ବିଶେଷ କରି ଫାରୋ ଖୁଫୁଙ୍କ ଶାସନ

Digitized by srujanika@gmail.com

ସମୟ ମିଶରର ସାଂସ୍କୃତିକ ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ । ଏହି ସମୟରେ କଳାକ୍ଷେତ୍ରରେ ନୂତନ ଶୈଳୀର ଜନ୍ମ ନେଇଥିଲା, ଯାହାର ମୂକସାକ୍ଷୀ ହେଉଛି ଏହି ଗ୍ରେଟ୍ ପିରାମିଡ୍ ।

ଅଧାଥିବା କଥାର ଖିଅ ଧରି ପୁଣି ଆୟେସା ଆରମ୍ଭ କଲା, 'ଆମର ଆଧୁନିକ କ୍ୟାଲେଣ୍ଡର ବା ଦିନ ପଞ୍ଜିର ପ୍ରଥମ ଉଦ୍ଭାବକ ରୂପେ ଏ ବିଶ୍ୱବାସୀ ମିଶରୀୟ ମାନଙ୍କୁ ହିଁ ଚିରଦିନ ପାଇଁ ମନେ ରଖିଥିବେ । ଅଗଣିତ ଦିବସ ଓ ରାତ୍ରୀର ପ୍ରବାହମାନ ସ୍ରୋତରେ ସତ୍ତାହୀନ ଭାବେ ସେମାନେ ଭାସିଯିବାକୁ ଚାହିଁ ନଥିଲେ । ସେମାନେ ଚାହିଁଥିଲେ କିଛିଟା ସ୍ୱତନ୍ତ୍ରତା, ନୂତନତା । ସମୟ ଉପରେ ପାଦ ଥାପି ସେମାନେ ଚାହିଁଲେ ଅତୀତକୁ ସାଉଁଟିବା ପାଇଁ । ମିଶରୀୟମାନଙ୍କର ଏହି ପ୍ରଚେଷ୍ଟା ହିଁ ତାଙ୍କୁ କ୍ୟାଲେଣ୍ଡର ପ୍ରସ୍ତୁତି ପାଇଁ ପଥ ଉନ୍ମୋଚନ କଲା । ସେତେବେଳକାର ରାଜଧାନୀ ମେମ୍‌ଫିସର ଆକାଶରେ ଶୋଥିସ୍ ନାମକ ଉମଜ୍ଜ୍ୱଳ ତାରକା ଦୃଷ୍ଟି ଗୋଚର ହେଉଥିଲା । ସନ୍ଧ୍ୟା ଆକାଶର ମଥାରେ ଏହି ଉଜ୍ଜ୍ୱଳ ତାରକାଟି ହୀରାଖଣ୍ଡ ପରି ଝଟକୁ ଥିଲା । ଏହି ଶୋଥିସର ଗତି ବିଧିକୁ ଅନୁଧ୍ୟାନ କରି ସେମାନେ ଧରିନେଲେ ବର୍ଷକ ହେଉଛି ତିନିଶହ ପଞ୍ଚଷଠୀ ଦିନ । ଏହି ବର୍ଷକୁ ସେମାନେ ତିନିଗୋଟି ଋତୁରେ ବିଭକ୍ତ କଲେ । ବର୍ଷାର ଆଗମନରେନୀଳ ନଦୀର ବକ୍ଷ ଜଳରେ ଭରିଯାଏ । ଅଧିକ ବର୍ଷାହେଲେ ପୂର୍ଣ୍ଣଗର୍ଭା ଜଳ ତାର ଦୁଇକୂଳ ଲଂଘି ସଂହାରିଣୀର ମୂର୍ତ୍ତି ଧରି ତାର ତଟ ଦେଶରେ ଥିବା ଗ୍ରାମ, ସହରକୁ ପାଣିରେ ବୁଡ଼ାଇ ଦିଏ । ଲୋକେ କହନ୍ତି ନଦୀରେ ବନ୍ୟା ଆସିଲା, ଆଉ ସେହି ସମୟଟି ହେଲା ବନ୍ୟା ଋତୁ । ଏକ ନିର୍ଦ୍ଦିଷ୍ଟ ଋତୁର ଆଗମନରେ ତାଙ୍କ ବାଡ଼ି ବଗିଚାର ଗଛଗୁଡ଼ିକ ଥୋପି ଥୋପି ବର୍ଷାବିନ୍ଦୁରେ ଗାଧୋଇ ପଡ଼ନ୍ତି । ବର୍ଷା ପାଣିରେ ଗାଧୋଇ ମୁକ୍ତାପରି ଝଟକୁ ଥାନ୍ତି ଗଛର ଫୁଲମାନ । ସବୁଜ ପତ୍ରରେ ଭରିଥିବା ଗଛକୁଦେଖିଲେ ମନେହୁଏ ସତେ ଯେପରି ସବୁଜରଙ୍ଗ ଲେସି ହୋଇଛି ଗଛ ଯାକ । ଚାରିଆଡ଼ ସବୁଜିମାରେ ଭରିଯାଏ । ତାହା ହେଉଛି ସେମାନଙ୍କର ବୃକ୍ଷରୋପଣର ଋତୁ । ପରିଶେଷରେ ଆସେ ଆଉ ଏକ ଋତୁ, ଯେଉଁ ଋତୁରେ କି ଭରା ଫସଲରେ ତାଙ୍କର କ୍ଷେତ ହସିଉଠେ । ସେମାନେ ଗହମ, ଯଅ, ବାଲି ଆଦି ଫସଲ ବିଲରୁ ଆମଦାନୀ କରନ୍ତି । ତାହା ହେଲା ଫସଲ ଉତ୍ପାଦନର ଋତୁ । ଏହିପରିଭାବେ ଘୂର୍ଣ୍ଣୟମାନ ଋତୁଚକ୍ରକୁ ଏକ ସୁନ୍ଦର ଧାରାବାହିକ ଭାବରେ ସେହିମାନେ ହିଁ ପ୍ରଥମ ରୂପ ପ୍ରଦାନ କରିଥିଲେ ।

ଏହାଛଡ଼ା ସେମାନେ ମଧ୍ୟ ଜ୍ୟାମିତିର ବ୍ୟବହାର ଜାଣିଥିବାର ଅନେକ ପ୍ରମାଣ ମିଳିଛି । ଏକ ଜ୍ୟାମିତିକ ପ୍ରଣାଳୀରେ ବଡ଼ ବଡ଼ ପଥର ଖଣ୍ଡମାନଙ୍କର ମାପ ସ୍ଥିର କରାଯାଇ ଏହାକୁ ପିରାମିଡ୍‌ରେ ସ୍ଥାପନ କରାଯାଇଥିଲା ।

ମିଶରୀୟମାନେ ସେ ସମୟରେ ପୃଥିବୀର ମାନଚିତ୍ର ମଧ୍ୟ ଅଙ୍କନ କରିବାରେ ସକ୍ଷମ ହୋଇପାରିଥିଲେ । ସେତେବେଳେ ସେମାନଙ୍କ ଦ୍ୱାରା ଅଙ୍କିତ ମାନଚିତ୍ର ବର୍ତ୍ତମାନ ଯୁଗରେ ଚନ୍ଦ୍ର ଯାତ୍ରା ସମୟରେ ଆପୋଲୋ-୮ରେ ଖଞ୍ଜା ଯାଇଥିବା ଟେଲିଭିଜନ କ୍ୟାମେରାରେ ଉତ୍ତୋଳିତ ପୃଥିବୀର ଫଟୋଚିତ୍ର ସହ ବହୁ ଅଂଶରେ ମିଳିଯାଉଛି । ଏଥିରୁ ସହଜରେ ଅନୁମାନ କରିହେବ ଯେ ସେ କାଳର ମିଶରୀୟମାନେ କେତେ ସୁଉନ୍ନତ ଥିଲେ ।

Digitized by srujanika@gmail.com

ନଥି ପଢ଼ାରେ ମନୋନିବେଶ କଲେ ସୋମେସ୍ ନୀଳନଦୀର ତଟ ଦେଶରେ ଭ୍ରମଣରତ ଥିଲେ ରାଜବୈଦ୍ୟ ମାସାର୍ଥ । ସାନ୍ଧ୍ୟକାଳୀନ ମୃଦୁ ମନ୍ଦ ପବନ ପୂର୍ଣ୍ଣଗର୍ଭା ନୀଳନଦୀ ବକ୍ଷରେ ଅନେକ ଛୋଟବଡ଼ ଢେଉ ସୃଷ୍ଟି କଲାପରି ତାଙ୍କ ବିକ୍ଷୁବ୍ଧ ଅନ୍ତର ନାନା ଚିନ୍ତାର ଢେଉରେ ଉଦ୍‌ବେଳିତ ହେଉଥିଲା । ଫାରୋ ଖୁଫୁଙ୍କ ମନୋନିତ ସ୍ଥାନଟିରେ ପିରାମିଡ୍‌ର କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ । ଏହା ପୂର୍ବରୁ ସ୍ଥାନଟି ସମ୍ପର୍କରେ ତାଙ୍କୁ ଭଲଭାବେ ଜାଣିବାକୁ ହେବ । ସେ ଦେଖିଲେ ନିରୂପିତ ସ୍ଥାନଟିର ଆୟତନ ବାର ତେର ଏକରରୁ କମ୍ ହେବ ନାହିଁ । ତେର ଏକର ପରିମିତ ସମଗ୍ର ସ୍ଥାନ ଅଧିକାର କରି ନିର୍ମିତ ହେବ ପିରାମିଡ୍ । ସ୍ଥାନଟିକୁ ଅନେଇ ଦେଇ ଆଉ ଏକ ବିରାଟ ଅସୁବିଧାର ସମ୍ମୁଖୀନ ହେଲେ ସେ । ସ୍ଥାନଟି ଭୂମି ପତନ ଠାରୁ ଖୁବ୍ ଉଚ୍ଚରେ ଅବସ୍ଥିତ । ଅନୁମାନ ଦ୍ୱାରା ସେ ଯାହା ଦେଖିଲେ ସ୍ଥାନଟି ଶହେ ଫୁଟରୁ କମ ଉଚ୍ଚା ହେବ ନାହିଁ । ହେଲେ ନିର୍ମାଣ ସାମଗ୍ରୀମାନଙ୍କୁ ଏହି ଉଚ୍ଚତାକୁ ଅତିକ୍ରମ କରି ଉପରକୁ ଉଠାଇବାକୁ ପଡ଼ିବ । ତେଣୁ ଏହା ଉପରକୁ ଉଠିବାକୁ ଏକ ରାସ୍ତା ନିର୍ମାଣ କରିବାକୁ ଦରକାର । ଏହି ରାସ୍ତା ଏକ ସାଧାରଣ ରାସ୍ତା ହେବ ନାହିଁ । କାରଣ କବର ପୀଠଟି ନିଶ୍ଚୟ ବିରାଟ ବିରାଟ ପଥର ଖଣ୍ଡମାନଙ୍କ ସମଷ୍ଟିରେ ନିର୍ମିତ ହେବ ଓ ସେହି ବିରାଟକାୟ ପଥରମାନଙ୍କୁ ରାସ୍ତା ଦେଇ ବୋହିନେବାକୁ ପଡ଼ିବ ନିର୍ମାଣ ପୀଠ ପର୍ଯ୍ୟନ୍ତ । ଏହା ହିଁ ଥିଲା ଏକ ଚିନ୍ତାର ବିଷୟ ।

ଦୃଷ୍ଟି ତାଙ୍କର ଲମ୍ବି ଯାଇଥିଲା ନଦୀପଠାର ସୁବିସ୍ତୀର୍ଣ୍ଣ ବାଲୁକାଶଯ୍ୟା ଉପରେ । ନଦୀ ଅବବାହିକାର ଗୋଟିଏ ପଟେ ମାଇଲ ମାଇଲ ବ୍ୟାପି ବାଲୁକାସ୍ତୁପ ଓ ଅନ୍ୟପଟେ ଗହମ, ବାଜି, ବାଜେରାରେ ଭରା ହରିତ୍ ଫସଲର କ୍ଷେତ । ଶସ୍ୟକ୍ଷେତ୍ର ମଝିରେ ମଝିରେ ଦେଖାଯାଏ ଖଜୁର, ଅଲିଭ, କଦଳୀ ଓ ଆପେଲ ଆଦି ଗଛର ବଗିଚାମାନ । ଶସ୍ୟକ୍ଷେତ୍ରର ଅପର ପାର୍ଶ୍ୱରେ ସୁବିସ୍ତୃତ ସବୁଜ ବନଭୂଇଁର ଗାଢ଼ ଶ୍ୟାମଳିମା ଓ ଆକାଶର ନୀଳିମା ମିଶି ଏକ ବର୍ଣ୍ଣରେ ପରିଣତ ହୋଇଛି । ଦୂରଦିଗନ୍ତରେ ମରୁଭୂମିର କରାଳଛାୟା । ମରୁଭୂମିର ଅପର ପାର୍ଶ୍ୱରେ ଦିଗନ୍ତ ବିସ୍ତୃତ ପାହାଡ଼ମାଳା । ନିର୍ବିଚଳଭାବେ ସମାଧିମଗ୍ନ ସନ୍ୟାସୀପରି କେଉଁ ଆବହମାନ କାଳରୁ ଦଣ୍ଡାୟମାନ । ଅସୁମାରୀ ରହସ୍ୟର ଗନ୍ତାଗର ଥିଲା ଏହି ସ୍ତୁପିକୃତି ପଥରର ଭଣ୍ଡାର ପାହାଡ଼ଟି । ବିରାଟ ବିରାଟ ଖଣ୍ଡ ପଥରର ସମଷ୍ଟିରେ ଏହି ପାହାଡ଼ମାଳାଟି ମୁଣ୍ଡଟେକି ଉଠିଥିଲା ।

ରାଜାଙ୍କର ହୁକୁମ ଥିଲା ଲାଲ ରଙ୍ଗର ଗ୍ରେନାଇଟ୍ ଓ ଚୂନପଥରରେ ତିଆରି ହେବ ପିରାମିଡ୍ । ହେଲେ ... ଏ ପଥରମାନ ନିର୍ମାଣସ୍ଥାନ ନିକଟରେ ନଥିଲା । ଏହା ଥିଲା ସେହି ଦୂର ପାହାଡ଼ମାଳାରେ, ସିୟେନ ନାମକ ସ୍ଥାନରେ ଯାହାକି ପିରାମିଡ୍ ତିଆରି ହେବା ସ୍ଥାନଠାରୁ ଥିଲା ସାତଶହ ମାଇଲ ଦୂର । ଏହି ପଥରଗୁଡ଼ିକର ଓଜନ ମଧ୍ୟ କିଛି କମ୍ ନଥିଲା । ଏଗୁଡ଼ିକର ଓଜନ ଆନୁମାନିକ ଭାବେ ଅଢ଼େଇ ଟନରୁ କୋଡ଼ିଏ ଟନ ପର୍ଯ୍ୟନ୍ତ ହେବ । ଏଗୁଡ଼ିକୁ ବୋହି ଆଣିବାକୁ ପଡ଼ିବ ସୁଦୀର୍ଘ ସାତଶହ ମାଇଲ ଅତିକ୍ରମ କରି ସିୟେନଠାରୁ ଗିଜା ପର୍ଯ୍ୟନ୍ତ । ପଥ ମଧ୍ୟରେ ଅତିକ୍ରମ କରିବାକୁ ପଡ଼ିବ ନୀଳନଦୀର ଭରା ଜଳରାଶିକୁ । କେମିତି କରିବାକୁ

Digitized by srujanika@gmail.com

ହେବ ଏ ସବୁକୁ ... ? ଅସୁମାରୀ ଚିନ୍ତାର ଜାଲରେ କ୍ରମଶଃ ଛନ୍ଦି ହୋଇପଡୁଥିଲେ ମାସାର୍ଥ । ଶୀଘ୍ର ପିରାମିଡ୍ ନିର୍ମାଣ କାର୍ଯ୍ୟର ଅୟମାରମ୍ଭ ପାଇଁ ଚିଆପସ୍ ରାଜବୈଦ୍ୟ ମାସାର୍ଥଙ୍କ ଉପରେ ଘନ ଘନ ଚାପ ପକାଇଲେ । ପ୍ରଥମେ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ ମାସାର୍ଥ । ପ୍ରତ୍ୟେକ ଲୋକ ଏହି ନିର୍ମାଣ କାର୍ଯ୍ୟରେ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିବାକୁ ଚିଆପସ୍ ଘୋଷଣା କଲେ ।

ରାଜାଦେଶ ରାଜ୍ୟର ଘୋଷଣା କରାଗଲା । ବନ୍ୟାକ୍ଲିଷ୍ଟ ମିଶରବାସୀ ଆଖିର ଲୁହ ଓ ହୃଦୟ କୋହକୁ ଅନ୍ତରରେ ଚାପିରଖି ଏକତ୍ରିତ ହେଲେ । ଚିଆପସ୍ ଜଣେ ନାସ୍ତିକ ସମ୍ରାଟ୍ ଥିଲେ । ଈଶ୍ୱରଙ୍କର ଅସ୍ତିତ୍ୱ ସମ୍ପର୍କରେ ତାଙ୍କର ସାମାନ୍ୟତମ ବିଶ୍ୱାସ ମଧ ନଥିଲା । ସାଧୁ ସନ୍ଥମାନେ ରାଜ୍ୟର ଧର୍ମପୀଠମାନଙ୍କରେ ଯେଉଁ ପୂଜା ଉପାସନା କରୁଛନ୍ତି ତାହା କେବଳ ଅଯଥା ସମୟର ଅପଚୟ ବୋଲି ତାଙ୍କର ଦୃଢ଼ ଧାରଣା ଥିଲା । ତେଣୁ ପ୍ରଥମେ ରାଜ୍ୟର ସମସ୍ତ ଧର୍ମପୀଠ ଓ ପୂଜା ଉପାସନା ପୀଠମାନଙ୍କୁ ବନ୍ଦ କରିବାକୁ ସେ ଆଦେଶ ଦେଲେ ଓ ସମସ୍ତ ସାଧୁସନ୍ଥମାନେ ଏକତ୍ରିତ ହୋଇ ପିରାମିଡ୍ ନିର୍ମାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ସେ କହିଲେ । ତିନିଲକ୍ଷ ଲୋକ ସମବେତ ହୋଇ କାର୍ଯ୍ୟ ଆରମ୍ଭ କଲେ । ଏମାନଙ୍କ ମଧ୍ୟରେ ବେଶୀ ଥିଲେ କୃଷକ, ସାଧାରଣ କାରିଗର ଓ କ୍ରୀତଦାସମାନେ । କାରଣ ସେତେବେଳକାର ସମାଜରେ ଏମାନେ ନିମ୍ନଶ୍ରେଣୀର ଲୋକରୂପେ ପରିଗଣିତ ହେଉଥିଲେ । ସେମାନେ ଅଭାବ ଓ ଦାରିଦ୍ର୍ୟରେ ସଢୁଥିଲେ । କୃଷକମାନଙ୍କୁ ମିଶରୀୟ ଭାଷାରେ ଫେଲାହ ବୋଲି କୁହାଯାଏ । ଯଦିଓ ଏମାନେ ମିଶରବାସୀଙ୍କ ଜୀବନ ପ୍ରବାହରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରୁଥିଲେ ତଥାପି ଅଭାବ, ଅନାଟନର କରାଳଛାୟା ସେମାନଙ୍କ ଜୀବନକୁ ଆବୋରି ବସିଥିଲା । ଏମାନେ ହେଉଛନ୍ତି ମିଶର ଜାତିର ମୂଳପିଣ୍ଡ । ମିଶର ଦେଶରେ କେତେ ଝଡ଼ ଝଞ୍ଜା ବହିଯାଇଛି, କେତେ ବିଦେଶୀ ଶକ୍ତି ଦେଶକୁ ଆକ୍ରମଣ କରି ଛାରଖାର କରିଛନ୍ତି, ଏ ଜାତିର ଜୀବନ ପ୍ରବାହରେ କେତେ ପରିବର୍ତ୍ତନର ରଙ୍ଗ ଲାଗିଛି । ହେଲେ ଜାତିର ମୂଳପିଣ୍ଡ ଏହି ଫେଲାହମାନଙ୍କ ରୀତିନୀତିର କୌଣସି ପରିବର୍ତ୍ତନ ଆସିନାହିଁ । ଖୁବ୍ ଡେଙ୍ଗା ନ ହେଲେବି ପାଞ୍ଚଫୁଟ ନଅ ଇଞ୍ଚର ମଜବୁତ୍ ଶରୀର ଏହି ଫେଲାହମାନେ ମାଟିସହ ନିଜକୁ ସାମିଲ୍ କରି ଜାତିକୁ ଉନ୍ନତିର ପଥରେ ଆଗେଇ ନିଅନ୍ତି । ଅତୀତରେ ସେହିମାନେ ହିଁ ଏହି ନିର୍ମାଣ କାର୍ଯ୍ୟର ଥିଲେ ମୁଖ୍ୟାଂଶ ।

ଏକଲକ୍ଷ ଲୋକଙ୍କ ସମବେତରେ ଚିଆପସ୍‌ଙ୍କ ଦ୍ୱାରା ନିର୍ମିତ ଏହି ରାସ୍ତା ଏକ ସାଧାରଣ ରାସ୍ତା ନଥିଲା । ଜଣେ ମିଶରୀୟ ବନ୍ଧୁ ସୋମେସ୍‌ଙ୍କୁ କହିଥିଲେ, ସୁଦୀର୍ଘ ସାତଶହ ମାଇଲ ପରିବ୍ୟାପ୍ତ ଏହି ରାସ୍ତାର ଚିହ୍ନ ଅସ୍ପଷ୍ଟ ହେଲେ ବି ଏବେ ବି ମିଶରର ଅଧିକାଂଶ ଅଞ୍ଚଳର ଠାଏ ଠାଏ ଦୃଷ୍ଟିଗୋଚର ହୁଏ । ମିଶରର ଏକ ଆଧୁନିକ ଗ୍ରାମ କାଫ୍ର ନିକଟରେ ଏ ରାସ୍ତାର ଚିହ୍ନ ଆଜି ମଧ ସୁସ୍ପଷ୍ଟ ରୂପେ ବିଦ୍ୟମାନ । ସମୟ ସୁବିଧା ଦେଖି କାଫ୍ର ଗ୍ରାମ ନିକଟକୁ ଯାଇ ସେହି ରାସ୍ତାକୁନିଜ ଆଖିରେ ଦେଖିଆସିବା ଲାଗି ମନେ ମନେ ସ୍ଥିର କଲେ ସୋମେସ୍ । ଆଧୁନିକ ବିଜ୍ଞାନର ସମସ୍ତ କାରିଗରୀ କୌଶଳ ପ୍ରୟୋଗରେ ନିର୍ମିତ ରାସ୍ତା

Digitized by srujanika@gmail.com

ଦୁଇ ଚାରି ବର୍ଷ ଅନ୍ତରରେ ମରାମତି ନ ହେଲେ ତା'ର ଅବସ୍ଥା ଶୋଚନୀୟ ହୋଇପଡୁଛି । ହେଲେ ମାନବ ସଭ୍ୟତା ଉନ୍ମେଷର ପ୍ରଥମ ସକାଳରେ କେବଳ ମ୍ୟାନ୍‌ପାୱାର ଦ୍ୱାରା ନିର୍ମିତ ରାସ୍ତାର ଚିହ୍ନ ପାଞ୍ଚହଜାର ବର୍ଷର ବ୍ୟବଧାନ ପରେ ମଧ୍ୟ ଅଲିଭା ରହିଛି । ଏହା ଯେତିକି ଆଶ୍ଚର୍ଯ୍ୟଜନକ ସେତିକି କୌତୂହଳପ୍ରଦ ।

ମାସାର୍ଥ ଦେଖିଲେ ସିୟେନ ଠାରୁ ଗିଜା ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ପ୍ରାୟ ଅନେକ ବର୍ଷ ବିତିଯିବ । ଏହି ସମୟ ମଧ୍ୟରେ ଦେଶ, ବିଦେଶ ଭ୍ରମଣ କରି ଏ ସମ୍ପର୍କରେ ନୂତନଜ୍ଞାନ ଆହରଣ କଲେ ଖୁବ୍ ଭଲ ହୁଅନ୍ତା । ଦେଶ, ବିଦେଶ ବୁଲିବା କଥା ଭାବିବା ମାତ୍ରେ ସୁଦୂର ଭାରତଭୂଇଁର ଏକ ସୁନ୍ଦର ମନମୁଗ୍ଧକର ଚିତ୍ରପଟ ତାଙ୍କ ମାନସପଟରେ କ୍ଷଣିକ ଲାଗି ଭାସିଉଠିଲା ।

ପବିତ୍ର ଭାରତ ଭୂଇଁର ସଂସ୍କୃତି, ପରମ୍ପରା ଯୁଗେ ଯୁଗେ ସେ ମାଟିକୁ ଅଲୌକିକ ଶକ୍ତିର ଅଧିକାର କରିଛି । ସାଧନା, ସଂଯମ ଓ ତପସ୍ୟାଲବ୍ଧ ଶକ୍ତିର ପରାକାଷ୍ଠା ବଳରେ ଭାରତର ମୁନି, ଋଷି ଗଣ ସେ ଦେଶକୁ ଧନ୍ୟ କରିଛନ୍ତି । ସେମାନଙ୍କ ଦୃଢ଼ ଓ ଏକାଗ୍ର ସାଧନା ନିକଟରେ ବିଶ୍ୱର ଚିରନ୍ତନ ସତ୍ୟ ଆପେ ଉନ୍ମୋଚିତ ହୋଇଛି । ଏହି ମାନେ ହିଁ ଯଥାର୍ଥରେ ପ୍ରାଚୀନ ଭାରତର ଜଣେ ଜଣେ ବିଶିଷ୍ଟ ବୈଜ୍ଞାନିକ । ସେହିମାନଙ୍କ ଦ୍ୱାରା ରଚିତ ପୁସ୍ତକମାନଙ୍କରୁ ହୁଏତ କିଛି ତଥ୍ୟ ମିଳିପାରେ ... । ଏହା ହିଁ ଥିଲା ରାଜବୈଦ୍ୟ ମାସାର୍ଥଙ୍କ ବିଶ୍ୱାସ ।

ନିଜ ଜନ୍ମଭୂମିର ଐତିହ୍ୟ ଓ ଗୌରବୋଜ୍ଜ୍ୱଳ ଅଧ୍ୟାୟ ସୋମେସ୍‌କୁ ପୁଲୋକିତ କରୁଥିଲା । ବିଦେଶୀୟମାନଙ୍କ ଦ୍ୱାରା ସ୍ୱୀକୃତ ଏହି ଉକ୍ତି ତାଙ୍କ ମନକୁ ଏକ ସୁନ୍ଦର ସଙ୍ଗୀତର ସ୍ୱର ପରି ଆଚ୍ଛନ୍ନ କରିଥିଲା ।

ଦିନେ ସନ୍ଧ୍ୟାକାଳୀନ ଅବସରକୁ କଟାଇବାକୁ ଯାଇ ମାସାର୍ଥ ଏକ ଆୟୁର୍ବେଦିକ ପୁସ୍ତକ ପଠନରେ ମନୋନିବେଶ କରିଥିଲେ । ଭାରତୀୟ ବୈଦ୍ୟମାନଙ୍କ ଦ୍ୱାରା ଲିଖିତ ଏକ ପରିଚ୍ଛେଦ ତାଙ୍କର ଦୃଷ୍ଟିଗୋଚର ହେଲା । ପରିଚ୍ଛେଦଟିକୁ ଏକ ଲୟରେ ପଢ଼ି ବସିଲେ ସେ । ମଣିଷ କିପରି ଚିରଦିନ ଅକ୍ଷୁର୍ଣ୍ଣ ଯୌବନ ଭୋଗ କରିପାରିବ ତାହାର ବର୍ଣ୍ଣନା ବଡ଼ ସୁନ୍ଦର ଭାବେ କରାଯାଇଥିଲା । ମନୁଷ୍ୟର ଜୀବକୋଷ ମଧ୍ୟରେ ଅତିରିକ୍ତ ଲୌହ ଅଣୁ ଜମିଗଲେ କୋଷ ଆବରଣଗୁଡ଼ିକ କ୍ଷତିଗ୍ରସ୍ତ ହୁଅନ୍ତି ଓ ଦୁର୍ବଳ ହୋଇ ପଡ଼ନ୍ତି । ଏହାଦ୍ୱାରା ସେମାନେ ତାଙ୍କର କାର୍ଯ୍ୟକାରିତା ଶକ୍ତି କିଛି ପରିମାଣରେ ହରାଇ ବସନ୍ତି । ଫଳରେ ଶରୀରର ଚିକ୍‌କଣ ଓ ସୌନ୍ଦର୍ଯ୍ୟତା ହ୍ରାସ ପାଏ । ଚମ ଲୋଚା କୋଚା ହୋଇ ଆସେ ଓ ଯୌବନ ଅସ୍ତମିତ ହୋଇ ଜରା ଓ ବାର୍ଦ୍ଧକ୍ୟ ଘୋଟି ଆସେ । ହିମାଳୟର ନିଘଞ୍ଚ ଅରଣ୍ୟ ମଧ୍ୟରେ ଥିବା ଅଷ୍ଟଦ୍ୱୀପ ନାମକ ଉଦ୍ଭିଦର ପତ୍ର ରସ ପାନ କଲେ ଏହା ରକ୍ତ ମାଧ୍ୟମରେ ଜୀବ-କୋଷ ନିକଟରେ ପହଞ୍ଚେ । ଏଥିରେ ଥିବା ରାସାୟନିକ ପଦାର୍ଥଟି ଜୀବକୋଷରେ ଜମୁଥିବା ଲୌହ ଅଣୁ ସହ ରାସାୟନିକ କ୍ରିୟା କରି ସେଗୁଡ଼ିକୁ ନିଷ୍କାସନ କରାଇଦିଏ । ତେଣୁ ଲୌହ ଅଣୁଗୁଡ଼ିକ ଜମିବାକୁ ସୁବିଧା ପାଇ ପାରନ୍ତି ନାହିଁ । ଫଳରେ କୋଷଗୁଡ଼ିକ ଦୀର୍ଘଦିନ ଧରି ସୁଚାରୁରୂପେ ମଣିଷ

Digitized by srujanika@gmail.com

ଶରୀରର କାର୍ଯ୍ୟ ନିର୍ବାହ କରିପାରନ୍ତି । ଏହାଦ୍ୱାରା ମଣିଷର ଯୌବନ ଚିରଦିନ ଅକ୍ଷୁର୍ଣ୍ଣ ରହିଥାଏ । ବାର୍ଦ୍ଧକ୍ୟ ପରେ ପୁଣି ଯୌବନ ଲାଭ କରିଥିବା ରାଜା ଯଯାତିଙ୍କ ଆଖ୍ୟାୟିକା ତାଙ୍କୁ ଚକିତ କରିଥିଲା । ବାଃ, ପୁରାତନ ମୁନିଋଷିମାନଙ୍କର ପରିକଳ୍ପନା କେତେ ବିଜ୍ଞାନ ସମ୍ମତ ସତେ, ଯାହାକୁ କି ଆଧୁନିକ ବୈଜ୍ଞାନିକମାନେ ମଧ ସତ୍ୟରୂପେ ସ୍ୱୀକାର କରନ୍ତି । ଭାବିଲେ ସୋମେସ୍ । ଏବେ ବି ଭାରତର ମାଟି ସେହି ଗୌରବରେ ଗୌରବାନ୍ୱିତ । ଜନ କୋଳାହଳ ଠାରୁ ଦୂରରେ ରହି ପାହାଡ଼ ପର୍ବତର ଗୁମ୍ଫାମାନଙ୍କରେ ଏବେ ବି ମୁନିଋଷିମାନେ ସାଧନାରତ । ଏହି ଧାରଣାଟି ମାସାର୍ଥଙ୍କୁ ସୁଦୂର ମିଶରରୁ ଟାଣି ଆଣିଥିଲା ଭାରତର କୋଳକୁ ।

ଐତିହାସିକମାନେ ମତ ଦିଅନ୍ତି ଯେ, ମିଶରୀୟ ସଭ୍ୟତାର ଅଭ୍ୟୁଦୟ ବେଳକୁ ଭାରତର ସିନ୍ଧୁ ଉପତ୍ୟକାରେ ମୁଣ୍ଡଟେକି ଉଠିଥିବା ହରପ୍ପା ଓ ମହେଞ୍ଜୋଦାରୋ ସଭ୍ୟତାର ପୂର୍ଣ୍ଣ ବିକାଶ ଲାଭ ହୋଇଥିଲା ।

ଥରେ ସୋମେସ୍ ଓ ଆୟେସା ମଧରେ ପୃଥିବୀ ପୃଷ୍ଠରେ ସଭ୍ୟତାର ବିକାଶ ସମ୍ବନ୍ଧରେ ଆଲୋଚନା ଚାଲିଥିଲା । ସୋମେସ୍‌ଙ୍କ ମୁଖରୁ ଦ୍ୱାରକା ଓ ଇନ୍ଦ୍ରପ୍ରସ୍ଥର ସଭ୍ୟତା ବିଷୟରେ ଶୁଣୁ ଶୁଣୁ ଆୟେସା କହିଥିଲା, 'ଆପଣଙ୍କ ଐତିହାସିକ ମାନେ ତ ଏପରି ଏକ ସଭ୍ୟତାର ବିକାଶ ସମ୍ପର୍କରେ କୌଣସି ପ୍ରମାଣ ଦର୍ଶାଇ ନାହାନ୍ତି ।'

'ହଁ ଆୟେସା ଏବେ ସୁଦ୍ଧା ରାମାୟଣ ଓ ମହାଭାରତର ସେହି ସବୁ ରୋମାଞ୍ଚକର କଥାବସ୍ତୁ ଏକ ମହାକାବ୍ୟର କାହାଣୀ ହୋଇ ରହିଯାଇଛି ସତ, ତଥାପି ଆମର ଲବ୍ଧ ପ୍ରତିଷ୍ଠ ଐତିହାସିକ ଓ ଗବେଷକମାନେ ଏହାର ସତ୍ୟାସତ୍ୟ ପ୍ରମାଣରେ ଏବେସୁଦ୍ଧା ଗବେଷଣାରତ । ସେ ଯୁଗର ପ୍ରତିଟି କାହାଣୀକୁ ବାଖ୍ୟାକଲେ ଆମେ ଦେଖିବା ଯେ ଏହା ବିଜ୍ଞାନ ସମ୍ମତ ଓ ସତ୍ୟ । ଭଗବାନ୍ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିର୍ମିତ ଦ୍ୱାରକା ନଗରୀ ଯାହାକୁ ମହାଭାରତରେ ଏକ ଶ୍ରେଷ୍ଠ ନଗରୀ ରୂପେ ବର୍ଣ୍ଣନା କରାଯାଇଛି ଏବେ ପୁଣିତ ତାର ଭଗ୍ନାବଶେଷ ଆମର ପ୍ରତ୍ନତତ୍ତ୍ୱବିତ୍‌ମାନେ ସମୁଦ୍ର ଗର୍ଭରୁ ଉଦ୍ଧାର କରିଛନ୍ତି । ମହାଭାରତରେ ବର୍ଣ୍ଣିତ କାହାଣୀ ଅନୁଯାୟୀ ମାୟାବି ଚକ୍ରଧର ଏକ ନୂତନ ନଗରୀ ନିର୍ମାଣ ପାଇଁ ସମୁଦ୍ରର ଦେବତା ବରୁଣଙ୍କୁ କିଛି ଭୂମି ମାଗିଥିଲେ । ଶ୍ରୀକୃଷ୍ଣ ଥିଲେ ସ୍ୱୟଂ ପରଂବ୍ରହ୍ମ । ତାଙ୍କ ଆଦେଶକୁ ଅମାନ୍ୟ କରିବାର ଶକ୍ତି ବରୁଣଙ୍କର ନଥିଲା । ତେଣୁ ସେ ନିଜର ଅଥଳ ଜଳରାଶିକୁ କିଛି ବାଟ ଘୁଞ୍ଚାଇ ନଗରୀ ନିର୍ମାଣ ପାଇଁ ସ୍ଥାନ ଛାଡ଼ିଦେଲେ । କାହାଣୀଟି ଥିଲା ଏହିପରି । ମାତ୍ର ଟିକେ ଭଲଭାବେ ବିଚାର କଲେ ଆମେ ଜାଣିପାରିବା ଯେ ହଲାଣ୍ଡ ପ୍ରଭୃତି ଦେଶରେ ବୈଜ୍ଞାନିକ ଉପାୟରେ ସମୁଦ୍ର ଜଳକୁ ନିଷ୍କାସିତ କରାଯାଉଛି ଓ ସେଠାକାର ସନ୍ତସନ୍ତିଆ ଭୂମିକୁ କାର୍ଯ୍ୟରେ ଲଗାଯାଉଛି । ତେଣୁ ଏଠାରେ ଆମେ ଶ୍ରୀକୃଷ୍ଣଙ୍କୁ ଅତିମାନବ ଆଖ୍ୟାନ ଦେଇ ପୁରାତନ ଯୁଗର ଜଣେ ଶ୍ରେଷ୍ଠ ବୈଜ୍ଞାନିକ ବୋଲି ନ କହିବା କାହିଁକି ? ସେ ତାଙ୍କ ର ସୂକ୍ଷ୍ମ ବିଜ୍ଞାନଗତ ଜ୍ଞାନର ପ୍ରୟୋଗ ଦ୍ୱାରା ସମୁଦ୍ରର ଜଳକୁ ନିଷ୍କାସିତ କରି ସେଠାରେ ଏକ ସୁନ୍ଦର ନଗରୀ ନିର୍ମାଣ କରିବା ଅସମ୍ଭବ ନୁହେଁ ।

ଏମିତି ତର୍ଜମା କଲେ ସେ ଯୁଗର ସଭ୍ୟତାର ପରିପ୍ରକାଶ ମୂଳରେ ବହୁ ବୈଜ୍ଞାନିକ ସତ୍ୟ ଯେ ନିହିତ, ତାହା କେହି ଅସ୍ୱୀକାର କରିପାରିବେ ନାହିଁ ।

Digitized by srujanika@gmail.com

ସୁଦୀର୍ଘ ପାଞ୍ଚହଜାର ବର୍ଷ ପୂର୍ବେ ସଭ୍ୟତାର ପ୍ରଥମ ଉନ୍ମେଷ କେଉଁଠି ଓ କେବେ ଘଟିଥିଲା, ତାର ସଠିକତା ଏପର୍ଯ୍ୟନ୍ତ ବିଶେଷଜ୍ଞମାନେ ନିରୂପଣ କରିପାରିନାହାନ୍ତି । ତଥାପି ସେମାନେ ମତ ଦିଅନ୍ତି ଯେ, ମିଶରର ନୀଳନଦୀ କୂଳରେ, ଟାଇଗ୍ରୀସ୍ ଓ ଇଉଫ୍ରେଟିସ୍ ଉପତ୍ୟକାରେ, ଭାରତର ସିନ୍ଧୁ ଅବବାହିକା ଆଦି ସ୍ଥାନରେ ସଭ୍ୟତାର ପ୍ରଥମ ଆଲୋକ ବିଚ୍ଛୁରିତ ହୋଇ ପଡ଼ିଥିଲା । ଏହି ସମସ୍ତ ବିକଶିତ ସଭ୍ୟତା ମଧ୍ୟରେ ପବିତ୍ର ଭାରତର ସଭ୍ୟତା ଓ ସଂସ୍କୃତି ପ୍ରାଚୀନତମ ସଭ୍ୟତାର ଇତିହାସରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଦୀର୍ଘ ବର୍ଷର ବ୍ୟବଧାନ ପରେ ମଧ୍ୟ ଆଜିର ସୁସଭ୍ୟ ମାନବ ସମାଜ ମାଟି ଆଡ଼େଇ ଆଡ଼େଇ ସେ ସଭ୍ୟତାକୁ ଖୋଜୁଛି । ପ୍ରାଚୀନ ମିଶରର ସଭ୍ୟତା ନୀଳନଦୀର ସଂକୀର୍ଣ୍ଣ ଉପତ୍ୟକା ମଧ୍ୟରେ ପ୍ରାୟ ଏକହଜାର କି.ମି. ସୀମା ମଧ୍ୟରେ ବିସ୍ତାର ଲାଭ କରିଥିଲା । ମାତ୍ର ସିନ୍ଧୁ ସଭ୍ୟତା ହିମାଳୟ ଠାରୁ ଆରମ୍ଭ କରି ଶତଦ୍ରୁ ତୀରବର୍ତ୍ତୀ ପଞ୍ଜାବ, ମହାରାଷ୍ଟ୍ରର ତାପ୍ତୀ ମୁହାଣ ଓ ପଶ୍ଚିମରେ ବେଲୁଚି ସ୍ଥାନ ପର୍ଯ୍ୟନ୍ତ ପ୍ରାୟ ଦୁଇ ହଜାର କି.ମି. ପର୍ଯ୍ୟନ୍ତ ବିସ୍ତୃତ ଥିଲା । ତାହା ଛଡ଼ା ମିଶରବାସୀମାନଙ୍କ ସହ ସିନ୍ଧୁ ସଭ୍ୟତାର ଅଧିବାସୀମାନଙ୍କର ବାଣିଜ୍ୟଗତ ସମ୍ପର୍କ ମଧ୍ୟ ଥିଲା । ଏହି ବିରାଟ ସଭ୍ୟତାରୁ କିଛି ତଥ୍ୟ ଆହରଣର ମନୋବୃତ୍ତି ନେଇ ଭାରତଭୂଇଁରେ କୋଳରେ ପାଦ ଥାପିଲେ ମାସାର୍ଥ । ସୋମେସ୍ ଭାବିଲେ ମିଶର ଭୂଇଁରେ ଏହାତ ପ୍ରଥମ ପିରାମିଡ୍ ନଥିଲା । ତେବେ .... ।

ଇତିହାସ କହେ, ଫାରୋ ଜୋସାରିଙ୍କର ମୃତଦେହ ଉପରେ ତିଆରି ସମାଧି ସୌଧ ହିଁ ସର୍ବପ୍ରାଚୀନ ପିରାମିଡ୍ । ପ୍ରଥମ ପିରାମିଡ୍‌ର ନିର୍ମାତା ରୂପେ ଜୋସାରିଙ୍କ ପାଦଚିହ୍ନ ମିଶର ଇତିହାସ ପୃଷ୍ଠାରେ ଏବେ ବି ସୁସ୍ପଷ୍ଟ ଅଟେ । ଏହା ଖ୍ରୀଷ୍ଟପୂର୍ବ ତିନିହଜାରେ ଅଦ୍ଧରେ ସକ୍‌କାରା ନାମକ ସ୍ଥାନରେ ନିର୍ମାଣ ହୋଇଥିବାର ସୂଚନା ମିଳେ । ଏହାର ମୂଳରୁ ଶେଷପର୍ଯ୍ୟନ୍ତ ପାହାଚ ପାହାଚ ହୋଇଥିବାରୁ ଏହାକୁ 'ଷ୍ଟେପ୍ ପିରାମିଡ୍' କୁହାଯାଏ । କଳାଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ମିଶରର ରାଜଧାନୀ ଠାରୁ ଏହା ଅଳ୍ପ କେତେ କିଲୋମିଟର ଦୂରରେ ଅବସ୍ଥିତ ଥିଲା । ଅନେକ ମତ ଦିଅନ୍ତି ଯେ ଏହି ସ୍ଥାନଟି ସାରା ବିଶ୍ୱରେ ଏକ ପବିତ୍ରତମ ସ୍ଥାନ ଅଟେ । ଏହା ହିଁ ମନୁଷ୍ୟର ସଭ୍ୟତାର ଜନ୍ମଭୂମି ବୋଲି କେତେକ ସ୍ୱୀକାର କରନ୍ତି । ତତ୍‌କାଳୀନ ମିଶରର ବିଶିଷ୍ଟ ସ୍ଥାପତ୍ୟକାର ଇମ୍‌ହୋଟେପ୍ ଏହାର ନିର୍ମାଣ ଥିଲେ ବୋଲି ଇତିହାସରୁ ପ୍ରମାଣ ମିଳେ ।

ଷ୍ଟେପ୍ ପିରାମିଡ୍ ସମ୍ବନ୍ଧରେ ନାନା କୌତୁହଳପ୍ରଦ କାହାଣୀମାନ ଶୁଣାଯାଏ । କେହି କେହି ମତ ପ୍ରଦାନ କରନ୍ତି ଯେ ମହାଶୂନ୍ୟର ଅନ୍ୟ ଗ୍ରହରେ ଏକ ସୁଉନ୍ନତ ସଭ୍ୟତା ମୁଣ୍ଡଟେକି ଉଠିଥିଲା ଓ ସେଠାରେ ମଣିଷ ପରି ବୁଦ୍ଧିମାନ ଜୀବମାନେ ବସବାସ କରୁଥିଲେ । ସେମାନେ ପୃଥିବୀର ମଣିଷମାନଙ୍କ ସହ ସହଜରେ ଯୋଗାଯୋଗ କରିବା ଲାଗି ଏହି ପିରାମିଡ୍‌କୁ ଏପରି ପାବ୍ୟ ମାନଙ୍କ ସମାହାରରେ ଗଠନ କରିଛନ୍ତି । ଜୋସିରିଙ୍କ ଦ୍ୱାରା ନିର୍ମିତ ଏହି ପିରାମିଡ୍ ପଛରେ ସେହି ଗ୍ରହାନ୍ତର ସଭ୍ୟ ଜୀବମାନଙ୍କର ପ୍ରଯୁକ୍ତି ଓ କୌଶଳ ନିଶ୍ଚିତ ରୂପେ ନିହିତ ରହିଛି । ଏହାର ସତ୍ୟାସତ୍ୟ ଯଦିଓ ବୈଜ୍ଞାନିକ ପଦ୍ଧତିରେ ନିର୍ଣ୍ଣୟ କରାଯାଇନାହିଁ,

Digitized by srujanika@gmail.com

ତେବେ ଏହା ଯେ ସମ୍ପୂର୍ଣ୍ଣ ଏକ କପୋଳକଳ୍ପିତ କାହାଣୀ ତା ମଧ୍ୟ କହିହେବ ନାହିଁ । କାରଣ ଅନ୍ୟ ଗ୍ରହରେ ଯେ ଏକ ପ୍ରକାର ସଭ୍ୟ ଜୀବ ଅଛନ୍ତି, ତାହାର ପ୍ରମାଣ ଆଜିର ଆଧୁନିକ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଠିକ୍ ରୂପେ ପାଇନାହାନ୍ତି ସତ, ତଥାପି ଏ ପ୍ରମାଣ ପାଇବାକୁ ଆଉ ବିଶେଷ ଡେରି ନାହିଁ ।

ଏ ସମ୍ପର୍କରେ କୌଣସି ଏକ ବିଜ୍ଞାନ ପତ୍ରିକାରୁ ପଢ଼ିଥିବା ଏକ ତଥ୍ୟ ସୋମେସ୍ଙ୍କର ମନେ ପଡ଼ିଗଲା । ମାର୍କୋନି ମହାଶୂନ୍ୟକୁ କେତୋଟି ବେତାର ସଂକେତ ପଠାଇଥିଲେ । ଏଗୁଡ଼ିକୁ ସେ ପରୀକ୍ଷା ମୂଳକ ଭାବେ ପ୍ରେରଣ କରିଥିଲେ । ସେ ଦେଖିଲେ ପ୍ରତ୍ୟେକ ସଂକେତ ଠିକ୍ ବାଇଶ ବର୍ଷ ପରେ ପୃଥିବୀକୁ ଫେରି ଆସୁଛି । ଏହି ବିଚିତ୍ର ଘଟଣାଟିକୁ ବିଶ୍ଳେଷଣ କହେ ସ୍ୱତଃ ମନକୁ ଆସେ ଯେ ବୋଧହୁଏ ଆମ ପୃଥିବୀଠାରୁ ଏଗାର ଆଲୋକ ବର୍ଷ ଦୂରରେ ଏପରି ଏକ ଗ୍ରହ ଅଛି, ଯେଉଁଠାରେ ଉନ୍ନତ ଜୀବ ବସବାସ କରନ୍ତି ଓ ସେହିମାନେ ହିଁ ଆମର ବେତାର ସଂକେତକୁ ଧରି ପୁଣି ପୃଥିବୀକୁ ଫେରାଇ ଦେଉଛନ୍ତି । ବୈଜ୍ଞାନିକମାନେ ପ୍ରମାଣ କରିଦେଖିଲେ ଯେ ଆମ ଠାରୁ ଏଗାର ଆଲୋକ ବର୍ଷ ଦୂରରେ ଟଭ-କ୍ଷେଠି ନାମକ ଏକ ନକ୍ଷତ୍ର ଅଛି, ସେଠାରେ ମଣିଷ ପରି ଏକ ବୁଦ୍ଧିମାନ ଜୀବଥିବାକଥାକୁ ତ ସମ୍ପୂର୍ଣ୍ଣ ଅସମ୍ଭବ କହି ଉଡ଼ାଇ ଦେଇ ହେବ ନାହିଁ ।

ଲଣ୍ଡନର ପ୍ରସିଦ୍ଧ ମହାକାଶ ଗବେଷକ ମି.ଲୁନାରଙ୍କ ଗବେଷଣା ଏ ସମ୍ପର୍କରେ ଆମକୁ ଆହୁରି ଅଧିକ ନୂଆ ତଥ୍ୟ ଯୋଗାଇ ଦେଉଛି । ମି.ଲୁନାର ଦୀର୍ଘଦିନ ଧରି ମହାକାଶରେ ବୁଦ୍ଧିଜୀବୀମାନଙ୍କର ଉପସ୍ଥିତି ସମ୍ପର୍କରେ ଗବେଷଣାରତ ଥିଲେ । ଏହି ଗବେଷଣାରୁ ସେ ନାନା ପ୍ରମାଣ ପାଇଲେ ଯେ ଆଜକୁ ବହୁ ବର୍ଷ ତଳୁ ଅନ୍ୟ ଏକ ନକ୍ଷତ୍ର ମଣ୍ଡଳରେ ଥିବା ଏକ ସୁସଭ୍ୟ ଅଧିବାସୀ ପୃଥିବୀ ସହ ସମ୍ପର୍କ ସ୍ଥାପନ ପାଇଁ ଚେଷ୍ଟା କରୁଥିଲେ । ସେମାନେ ହୁଏତ ପୃଥିବୀ ନାମକ ଗ୍ରହରେ କୌଣସି ବୁଦ୍ଧିମାନ ବ୍ୟକ୍ତି ଥିବାର ଅନୁମାନ କରିଥାଇ ପାରନ୍ତି । ଆମର ବେତାର ବିଶେଷଜ୍ଞମାନେ ଯେଉଁ ସୂଚନା ପାଇ ଆଶ୍ଚର୍ଯ୍ୟ ହେଉଛନ୍ତି ତାହା ହୁଏତ ସେହିମାନେ ହିଁ ପଠାଇଦେଇ ପାରିଥାନ୍ତି । ସେହିମାନେ ହିଁ ଆମ ବେତାର ସଂକେତକୁ ଧରି ରଖି ଫେରାଇ ଦେଉଛନ୍ତି ।

ଜର୍ମାନ ଦେଶର ଗବେଷକ ଡଃ ଅଟୋହାନଙ୍କ ଗବେଷଣା ଲବ୍ଧଜ୍ଞାନ ମଧ୍ୟ ଡଃ.ଲୁନାରଙ୍କ ଗବେଷଣା ସହ କେତେକାଂଶରେ ମିଳିଯାଇଛି । ଭୂପୃଷ୍ଠରେ ପଡ଼ିଥିବା ଏକ ଉଲକାପିଣ୍ଡକୁ ପରୀକ୍ଷା କରିବା ସମୟରେ ସେ ସେଥିରେ ଗୋଡ଼, ହାତ ଥିବା କେତେକ ପ୍ରାଣୀଙ୍କର ଛାଞ୍ଚ ପାଇ ପାରିଥିଲେ । ତେଣୁ ସେ ଏଥିରୁ ଅନୁମାନ କରିନେଲେ ଯେ ନିଶ୍ଚୟ କୌଣସି ଗ୍ରହରେ ମହାଶୂନ୍ୟରେ ଜୀବନ୍ତ ପ୍ରାଣୀମାନେ ରହିଛନ୍ତି । ଯେଉଁମାନଙ୍କର ଛାଞ୍ଚ ଉଲ୍କାପିଣ୍ଡରେ ରହି ଜୀବାଶ୍ମରେ ପରିଣତ ହୋଇଛି । ଆମେ ଚାଲିଗଲା ପରେ ମାଟିରେ ଯେମିତି ଆମର ପଦଚିହ୍ନ ଆଙ୍କି ହୋଇଯାଏ, ସେମିତି କୌଣସି ପ୍ରାଣୀମାନେ ମରିଯାଇଥିଲେ ମଧ୍ୟ ସେମାନଙ୍କ ଜୀବାଶ୍ମ ବା ଫସିଲରେ ତାଙ୍କର ଚିହ୍ନ ଆଙ୍କି ହୋଇଯାଇଥାଏ ।

ନାନା ବିଜ୍ଞାନ ପତ୍ରିକାରେ ପ୍ରକାଶିତ ଏସବୁ ତଥ୍ୟରୁ ତାଙ୍କର ହୃଦବୋଧ ହୁଏ ଯେ ମହାଶୂନ୍ୟରେ ଜୀବଜଗତ ଥିବାର କଳ୍ପନା ସମ୍ପୂର୍ଣ୍ଣ କପୋଳକଳ୍ପିତ ନୁହେଁ । ଏଥିରେ କିଛି

Digitized by srujanika@gmail.com

ସତ୍ୟାସତ୍ୟ ଅଛି ନିଶ୍ଚୟ । ତେବେ ବିଚାର କରିବା କଥା ପୃଥିବୀବାସୀଙ୍କ ସହ ଏମାନଙ୍କ ସମ୍ପର୍କ କଥା କେତେ ଦୂର ସତ୍ୟ ।

ଋଷର ପ୍ରଖ୍ୟାତ ଲେଖକ ଗାର୍ବୋଭସ୍କି ତାଙ୍କ ଲିଖିତ "ପ୍ରାଚୀନ ସଭ୍ୟତାର ରହସ୍ୟ" ନାମକ ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ବହୁବର୍ଷ ପୂର୍ବେ ପୃଥିବୀ ପୃଷ୍ଠରେ ଆଧୁନିକ ସଭ୍ୟତାର ଅନୁରୂପ ଏକ ସଭ୍ୟତା ପ୍ରତିଷ୍ଠିତ ହୋଇଥିଲା । କୌଣସି କାରଣ ବଶତଃ ଏହାର ବିଲୋପ ସାଧନ ହୋଇଗଲା । ପ୍ରାଚୀନ୍ କିମ୍ବଦନ୍ତୀ ସହିତ, ଭାରତ, ମେକ୍ସିକୋ, ଆରବ ଓ ଇହୁଦି ଜାତିର ଧର୍ମ ପୁସ୍ତକର ସୂଚନା ଅନୁସାରେ ଜଣାଯାଏ ଯେ ପୃଥିବୀ ପୃଷ୍ଠରେ ଏକ ଭୟଙ୍କର ଭୂକମ୍ପନ ବହୁବର୍ଷ ତଳେ ଦେଖା ଦେଇଥିଲା । ଅସ୍ୱାଭାବିକ ଧରଣର ପ୍ରଖରତା ଦେଖା ଦେଇଥିବା ହେତୁ ଏହି ଭୂକମ୍ପନରେ ପ୍ରଭୁତ କ୍ଷତି ସାଧନ ହୋଇଥିଲା । ଏହା ଯଦି ସତ୍ୟ ହୋଇଥାଏ ତେବେ ସେହି ସୁପ୍ରତିଷ୍ଠିତ ସଭ୍ୟତା ଏଥିରେ ଲୋପ ପାଇଯିବା କିଛି ଅବିଶ୍ୱାସ ନୁହେଁ । ତଥାକଥିତ ଉନ୍ନତ ସଭ୍ୟତାର ଉତ୍ତର ଦାୟାଦ ମିଶରର ଫାରାଓମାନେ ସେ ସଭ୍ୟତାର ନିଦର୍ଶନ ସ୍ୱରୂପ ଗଢ଼ି ଦେଇଗଲେ କାଳଜୟୀ ପିରାମିଡ୍ ଯାହାକି ପ୍ରାଚୀନ ମନୁଷ୍ୟର ଅନୁସନ୍ଧିତ୍ସା ଓ ସୃଜନୀଶକ୍ତିକୁ ଘୋଷଣା କରି ତାର ଉନ୍ନତ ମଥା ଟେକି ଏଯାବତ୍ ଦଣ୍ଡାୟମାନ । ଏହି ସବୁ କେତେକ ପ୍ରମାଣକୁ ଭିତ୍ତିକରି କେତେକ ବୈଜ୍ଞାନିକମାନେ ମତ ପ୍ରକାଶ କରନ୍ତି ଯେ ମହାକାଶରେ ଥିବା ବୁଦ୍ଧିମାନଜୀବମାନେ ନିଜର ପ୍ରୟୋଜନ ଅନୁସାରେ ଆମ ଚିର ସବୁଜ ଗ୍ରହ ପୃଥିବୀ ସହ ସେମାନଙ୍କ ସମ୍ପର୍କ ରଖିବାକୁ ଏହିପରି ପାବଛର ସମାହାରରେ ଏକ ପିରାମିଡ୍ ଗଠନ କରିଛନ୍ତି । ଦାନିକେନ୍ ବହୁ ଅଂଶରେ ଏହି ମତବାଦକୁ ସତ୍ୟବୋଲି ମତ ପ୍ରକାଶ କରନ୍ତି ।

ରହସ୍ୟର ଗନ୍ତାଘର ଏହିସବୁ ପିରାମିଡ୍‌କୁ ଆଉ ଥରେ ମନ ପୁରାଇ ଦେଖିନେବାକୁ ମନସ୍ଥ କଲେ ସୋମେସ୍ । ଏଥିପାଇଁ ସେ ତାଙ୍କର ସାହାଯ୍ୟକାରିଣୀ ଆୟେସାର ସାହଚର୍ଯ୍ୟ ଖୋଜିଥିଲେ । ଆୟେସା ମଧ୍ୟ ଅକୁଣ୍ଠିତ ଚିତ୍ତରେ ତାଙ୍କୁ ଗାଇଡ୍ କରି ଗ୍ରେଟ୍ ପିରାମିଡ୍ ନିକଟକୁ ନେଇଯାଇଥିଲା । ଏହି ଗ୍ରେଟ୍ ପିରାମିଡ୍ ହିଁ ଆୟେସା ସହ ପ୍ରଥମ ସାକ୍ଷାତର ଅମଳିନ ସ୍ମୃତିକୁ ତାଙ୍କ ମନରେ ଉଜ୍ଜୀବିତ କରାଏ ।

ରାଜଧାନୀ କାଏରୋ ସହରର ଅନତି ଦୂରରେ ଗିଜାଠାରେ ମୁଣ୍ଡଟେକି ସଦର୍ପରେ ଦଣ୍ଡାୟମାନ ଚିଆପସ୍‌ଙ୍କ ଅକ୍ଷୟକିର୍ତ୍ତୀ ଗ୍ରେଟ୍ ପିରାମିଡ୍ । ପିରାମିଡ୍‌ର ଚୂଡ଼ା ଛୁଇଁ ଛୁଇଁ ଭାସି ଯାଉଛି ବାଦଲର ଏକ ଶୁଭ୍ର ଆସ୍ତରଣ । ଭାସିଯାଉ ଯାଉ ସତେ ଅବା କ୍ଷଣିକ ଲାଗି ଅଟକି ଯାଆନ୍ତି ସେମାନେ । ନୀରବ ଭାଷାରେ ସୁଦୂର ଅତୀତ ମଣିଷର କଳା ଭାସ୍କର୍ଯ୍ୟର ନୈପୁଣ୍ୟତାକୁ ବାଦଲ ଖଣ୍ଡର କାନରେ କହିଦିଏ ପିରାମିଡ୍ । ଅନାଇଲେ ମନେ ହୁଏ ନୀଳ ଆକାଶ ଆଉ ସବୁଜ ପୃଥିବୀ ମଧ୍ୟରେ ସତେ ଯେପରି ଏହା ଏକ ସଂଯୋଜକ ସେତୁ ।

ସମ୍ରାଟ ଜୋସାରି, ଚତୁର୍ଥ ରାଜବଂଶୀୟ ସମ୍ରାଟ ଖୁଫୁ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରୋମେସିସ୍, ରାଣୀ ନେଫେତାରି, କିଶୋର ରାଜା ତୂତନ ଖେମନ୍ ଆଦିଙ୍କର ଜୀବନଦୀପ ଲିଭିଯାଇଛି ସତ, ହେଲେ ତାଙ୍କ କିର୍ତ୍ତୀର ସମୁଜ୍ଜଳ ଦୀପଶିଖା ଏହି ପିରାମିଡ୍ ମଧ୍ୟରେ ଏବେବି ସେମାନଙ୍କର ସ୍ମୃତି ଅମ୍ଳାନ ରହିଛି ।

Digitized by srujanika@gmail.com

ବିରାଟ ବିରାଟ ପଥର ଖଣ୍ଡମାନଙ୍କର ସମଷ୍ଟିରେ ନିର୍ମିତ ଏହି ବିଶାଳ ପିରାମିଡ୍‌କୁ ଅପଲକ ନେତ୍ରରେ ନିରୀକ୍ଷଣ କରୁଥିଲେ ସୋମେସ୍ । ମନର ବେଳାଭୂମିରେ ତାଙ୍କର ଅସୁମାରୀ ପ୍ରଶ୍ନର ଢେଉ ମଥାପିଟି ଲୋଟୁଥିଲା । କେଉଁ ଶକ୍ତି, କେଉଁ ଯନ୍ତ୍ର ଓ କେଉଁ କାରିଗରୀ କୌଶଳ ବ୍ୟବହାର କରି ସୁଦୂର ଅତୀତରେ ମିଶରବାସୀ ଏହାକୁ ନିର୍ମାଣ କରିଥିଲେ । ଚିକ୍କଣ କାନ୍ଥରେ ତା'ର ଅନେକ ଚିତ୍ରର ସମାହାର । ଫାରାଓମାନଙ୍କର ଦିଗ୍‌ବିଜୟର ଚିତ୍ର, ରାଜଧାନୀ ମେମ୍ଫିସୋର ଚିତ୍ର, ରାଜାଙ୍କ ମହଲ, ରାଣୀଙ୍କ ମହଲ ଓ ଅନ୍ୟାନ୍ୟ ଐଶ୍ୱର୍ଯ୍ୟର ଏକ ବିବରଣୀ । ମୋଟାମୋଟି ତତ୍‌କାଳୀନ ଶାସନର ଏକ ସୂକ୍ଷ୍ମଚିତ୍ର ପିରାମିଡ୍‌ର କାନ୍ଥରେ ସୁନ୍ଦର ଭାବେ ଅଙ୍କିତ ହୋଇଛି । ପ୍ରବେଶଦ୍ୱାର ଦେଇ ଭିତରକୁ ପ୍ରବେଶ କଲେ ସେମାନେ । ଗୋଟିକପରେ ଗୋଟିଏ ହୋଇ ଅନେକ ସୁନ୍ଦର ପାହାଚମାନ ତଳକୁ ତଳ ଲମ୍ବିଯାଇଥିଲା, ତତ୍‌କାଳୀନ କାରିଗରି ବିଦ୍ୟାର ଶ୍ରେଷ୍ଠତମ ନିଦର୍ଶନ ଥିଲା ଏଇ ପାହାଚଗୁଡ଼ିକ । କେବଳ ସୋମେସ୍ ନୁହନ୍ତି, ଦେଶ, ବିଦେଶରୁ ଆଗତ ବହୁ ଟୁରିଷ୍ଟ ବିସ୍ମୟ ବିଭୁତ ହୋଇ ଏହି ପିରାମିଡ୍‌କୁ ଅବଲୋକନ କରୁଥିଲେ । ମାତ୍ର କେଉଁ କାରିଗରୀ କୌଶଳରେ ଏହି ସୁବିଶାଳ ପିରାମିଡ୍ ତାର ସର୍ବିତ ମଥାଟୋକି ଦଣ୍ଡାୟମାନ ହୋଇଥିଲା, ତାହା ସର୍ବ ସମ୍ମୁଖରେ ଏକ ବିରାଟ ପ୍ରଶ୍ନବାଚୀ ହୋଇ ରହିଥିଲା ।

ସୋମେସ୍‌ଙ୍କ ତନ୍ମୟତାକୁ ଲକ୍ଷ୍ୟ କରି ସ୍ମିତ ହସି ଆୟେସା କହିଲା, ''କାଏରୋ ଚାଲ ସୋମେସ୍, ଡି ଗ୍ରେଟ୍ ପିରାମିଡ୍ ଉପରେ ଦୀର୍ଘ ଛଅ ଶହ ପୃଷ୍ଠାର ଲିଖିତ ଏକ ପ୍ରବନ୍ଧ ଆମ ଷ୍ଟେଟ ଲାଇବ୍ରେରିରେ ଅଛି, ମୁଁ ମୋ ନାମରେ ଇସୁକରି ଆଣିବି । ତାକୁ ପଢ଼ିଲେ ସେଥିରେ ତୁମ ମନରେ ଉଙ୍କି ମାରିଥିବା ନାନା ପ୍ରଶ୍ନର ଉତ୍ତର ପାଇପାରିବ । ଏହି ବହିଟି ଅଠର ଶହ ଚଉଷଠୀ ମସିହାରେ ପ୍ରକାଶ ପାଇଥିଲା । ଚାର୍ଲସ ପିଜ୍ ସ୍ମିଥ୍ ନାମକ ଜଣେ ବ୍ୟକ୍ତି ଏହାର ଲେଖକ ଅଟନ୍ତି ।

''ବାସ୍ତବରେ ଆୟେସା ଆଧୁନିକ ଯୁଗର ମହାଶୂନ୍ୟ ବିଜୟୀ ବୈଜ୍ଞାନିକମାନେ ମଧ୍ୟ ତାଙ୍କର ସମସ୍ତ ବିଜ୍ଞାନଗତ କୌଶଳ ପ୍ରୟୋଗରେ ଏପରି ପିରାମିଡ୍ ତିଆରି କରିପାରିବେ ନାହିଁ । ଏକ ସ୍ୱପ୍ନପ୍ରବଣ ମନନେଇ କହିଲେ ସୋମେସ୍ । ପ୍ରଶ୍ନପରେ ପ୍ରଶ୍ନ ପଚାରିଚାଲିଥାନ୍ତି ସେ ଆୟେସାକୁ । ବଡ଼ ସୁନ୍ଦରଭାବେ ତାଙ୍କର ପ୍ରତିଟି ପ୍ରଶ୍ନର ଉତ୍ତର ଦେଉଥାଏ ଆୟେସା । ଏହାପରେ ଅସ୍ଥାୟୀ ଦ୍ୱାରଟି ବିଷୟରେ ସୋମେସ୍ ତାଙ୍କ ଠାରୁ କିଛି ଜାଣିବାକୁ ଚାହିଁଥିଲେ । ଆୟେସା କହିଲା ଏହି ପଥଟି ବିଷୟରେ ନାନା କଥା ଶୁଣାଯାଏ । କେତେକ ମତ ଦିଅନ୍ତି ଯେ, ୮୧୩ ଖ୍ରୀ.ଅ.ରେ ମୈମୁନ ନାମକ ଜଣେ ବ୍ୟକ୍ତି ଆରବର ଖଲିଫା ହେଲେ । ପିରାମିଡ୍‌ଗୁଡ଼ିକ ବିଷୟରେ ସେତେବେଳେ ମିଶରର ନାନା କୌତୁହଳପୂର୍ଣ୍ଣ କାହାଣୀମାନ ଶୁଣାଯାଉଥିଲା । ଏହି କାହାଣୀଗୁଡ଼ିକ ମୈମୁନଙ୍କୁ ଖୁବ୍ ପ୍ରଭାବିତ କଲା । ବିଶେଷ କରି ଖୁଫୁଙ୍କ ନିର୍ମିତ ଗ୍ରେଟ୍ ପିରାମିଡ୍‌ରେ ଅଭୂତପୂର୍ବ ନିର୍ମାଣ କୌଶଳ ତାଙ୍କୁ ଚମକୃତ କଲା । ସେତେବେଳେ ଶୁଣାଯାଉଥିଲା ଯେ, ଖୁଫୁ ତାଙ୍କ ପିରାମିଡ୍ ମଧ୍ୟରେ ଅମାପ ଧନସମ୍ପତ୍ତି ରଖିଯାଇଛନ୍ତି । ଧନଲୋଭର ବଶବର୍ତ୍ତୀ ହୋଇ ସେ ଖୁଫୁଙ୍କର ସେହି ପିରାମିଡ୍‌କୁ ଖୋଲିବାକୁ

Digitized by srujanika@gmail.com

ଆଦେଶ ଦେଲେ । ଖୋଳିବା ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ଖୋଳାଳୀମାନେ ଯେତେ ଖୋଳିଲେ ବି ଏହା ମଧ୍ୟକୁ ପ୍ରବେଶ ପଥ ପାଇପାରିଲେ ନାହିଁ । ତେଣୁ ସେମାନଙ୍କର ଧାରଣା ହେଲା ଯେ ପିରାମିଡ୍‌ଟି ଫମ୍ପା ନୁହେଁ । ଏହା ମଧ୍ୟଟି ନିଦା । ଏହା ମଧ୍ୟରେ ଚିଆପସ୍‌ଙ୍କ ଧନ, ସମ୍ପତ୍ତି ଓ ଚିଆପସ୍‌ଙ୍କ ମମି ରଖାଯିବାର ଯାହା ଶୁଣାଯାଉଛି ତା କେବଳ କପୋଳ କଳ୍ପିତ । ମାତ୍ର ତାଙ୍କର ସବୁ ଆଶଙ୍କାକୁ ବୃଥାରେ ପରିଣତ କରି ଦିନେ ଖୋଳିବା ସମୟରେ ପଥର ଖଣ୍ଡେ ଖସି ପଡ଼ିଲା । ତେଣୁ ଖୋଳାଳୀମାନେ ତାଙ୍କୁ ଜଣାଇଦେଲେ ଯେ ଏହା ଭିତରଟା ଫମ୍ପା । ଏହାକୁ ଖୋଳିଲେ ଅନେକ ଜିନିଷ ମିଳିପାରିବ । ଶେଷରେ ସେମାନଙ୍କୁ ଭିତରକୁ ଯିବାକୁ ରାସ୍ତା ମିଳିଗଲା । ହେଲେ ମୈମୁନ ତା ଭିତରୁ କ'ଣ ସଂଗ୍ରହ କଲେ ତାହା ସଠିକ୍ ଭାବେ କେହି କହିପାରିବେ ନାହିଁ । କେହି କେହି କହନ୍ତି ଯେ, ମୈମୁନ୍ ପିରାମିଡ୍ ମଧ୍ୟରୁ ରାଜା ଚିଆପସ୍‌ଙ୍କ ମମି ଓ ତାଙ୍କ ତରବାରୀ ସହ ବେଶ୍ କିଛି ଧନରତ୍ନ ସଂଗ୍ରହ କରିଯାଇଥିଲେ । ମାତ୍ର ଅନ୍ୟ କେତେକ ମତ ଦିଅନ୍ତି ଯେ, ସେ ପ୍ରକୃତରେ କିଛି ବି ପାଇପାରି ନଥିଲେ ।

ସେହି ଦ୍ୱାରକୁ ଭବିଷ୍ୟତରେ ପ୍ରବେଶ ପଥରୂପେ ବ୍ୟବହାର କରାଗଲା ଓ ତା ମଧ୍ୟରେ ଭିତରକୁ ପ୍ରବେଶ କରି ଗବେଷଣାକାରୀମାନେ ଉଦ୍‌ଘାଟନ କଲେ ପିରାମିଡ୍ ଅଭ୍ୟନ୍ତରର ଜମାଟବନ୍ଧା ରହସ୍ୟକୁ ।

ଏଥିରେ ବ୍ୟବହୃତ ପଥର ବିଷୟରେ ନାନା କୌତୂହଳ ପୂର୍ଣ୍ଣ କଥା ଶୁଣାଯାଏ ଯେ ଏହାର ମୂଳ ଅଂଶଟିରେ ଦଶରୁ ପନ୍ଦର ଟନ ପର୍ଯ୍ୟନ୍ତ ଓଜନର ପଥର ବ୍ୟବହୃତ ହୋଇଛି ଓ ଅଗ୍ରଭାଗରେ ଦୁଇରୁ ଅଢ଼େଇଟନ ପର୍ଯ୍ୟନ୍ତ ପଥର ବ୍ୟବହାର କରାଯାଇଛି । ଏହାପରେ ପଥରର ସେହି ସୂକ୍ଷ୍ମ ଯୋଡ଼େଇ ସ୍ଥାନକୁ ସ୍ଥିରକରିବାକୁ ଗବେଷକମାନେ ଲାଗିପଡ଼ିଲେ । ମାତ୍ର ବୈଜ୍ଞାନିକମାନଙ୍କର ନିର୍ମାଣ କୌଶଳର ଚରମ ପରାକାଷ୍ଠା ଫୁଟିଉଠିଥିବା ଅତ୍ୟାଧୁନିକ ଯନ୍ତ୍ର କମ୍ପ୍ୟୁଟର ଯିଏକି ମହାକାଶର ଜ୍ୟୋତିଷ୍କମାନଙ୍କର ଫଟୋ ଓ ମାନଚିତ୍ର ଆଦିର ସଠିକ ବିଶ୍ଳେଷଣ କରି ପୃଥିବୀକୁ ପଠାଇ ପାରୁଛି ପରେ ସମସ୍ତ କାର୍ଯ୍ୟକାରିତା ଶକ୍ତି ଅତି ଦୟନୀୟଭାବରେ ପିରାମିଡ୍ ନିକଟରେ ହାର ମାନିନେଇଥିଲା । ପଥରର ସେହି ସୂକ୍ଷ୍ମ ଯୋଡ଼େଇ ସ୍ଥାନ ବିଷୟରେ କମ୍ପ୍ୟୁଟର କୌଣସି ସୂଚନା ଦେଇ ପାରିନଥିଲା । ପଥରଗୁଡ଼ିକ ଖୁବ୍ ସୁନ୍ଦର ଭାବେ ପାଲିସ୍ କରାଯାଇଥିଲା । ଏଥିରେ ବ୍ୟବହୃତ ସବୁଠାରୁ ବଡ଼ ପଥରର ଓଜନଥିଲା ୧୩୫୦ ମହଣ । ଦୀର୍ଘ ସାତଶହ ମାଇଲ ଦୂରରୁ ଏହା ଅଣାଯାଇଥିଲା କିପରି ଓ ଏତେ ଉଚ୍ଚକୁ ବା ଉଠିଥିଲା କିପରି ତାହା ଏବେ ବି ବିସ୍ମୟ ସୃଷ୍ଟିକରେ ।

ପିରାମିଡ୍‌ର ଶିଳାଲିପିରୁ ଜଣାଯାଏ ଯେ ଏକଲକ୍ଷ କାରିଗର କୋଡ଼ିଏ ବର୍ଷକାଳ ଅବିଶ୍ରାନ୍ତ ପରିଶ୍ରମ କରି ଏହି ପିରାମିଡ୍‌ଟି ନିର୍ମାଣ କରିଥିଲେ । ଏଥିରେ ବ୍ୟବହୃତ ପଥରଗୁଡ଼ିକ ପାଲିସ୍ କରିବାକୁ ମଧ୍ୟ ଅନେକ କିଛି ବର୍ଷ ବିତିଯାଇଥିଲା । କେବଳ କାରିଗରମାନଙ୍କ ଖାଇବା ଲାଗି ଯେତେ ଖର୍ଚ୍ଚ ହୋଇଥିଲା ତାହାର ପରିମାଣ ହେଉଛି ଛୟାନବେ ଲକ୍ଷଟଙ୍କା । ପିରାମିଡ୍‌ର ଶିଳାଲିପିରୁ ଲିଖିତ ଖର୍ଚ୍ଚକୁ ପଢୁ ପଢୁ ମନେ ମନେ ସୋମେସ୍ ଚିନ୍ତାକଲେ ଏହାକୁ ଭାଙ୍ଗି ଯଦି

Digitized by srujanika@gmail.com

କେବେ ଏକ ସହର ତିଆରି କରାଯାଏ, ତାହାହେଲେ ସେହି ସହର ଆମର ବଡ଼ ସହର କଟକ ଠାରୁ କୌଣସି ଗୁଣରେ କମ୍ ହେବ ନାହିଁ ।

ଏକ ଲକ୍ଷ ଶ୍ରମିକଙ୍କର ଦୀର୍ଘ କୋଡ଼ିଏ ବର୍ଷ ଶ୍ରମଦାନର ଫଳ ସ୍ୱରୂପ ନିର୍ମିତ ପିରାମିଡ୍ ଆଜି କେବଳ ମିଶର ନୁହେଁ, ସମଗ୍ର ବିଶ୍ୱର ଗୌରବ ରୂପେ ଦଣ୍ଡାୟମାନ । ସେହିପରି ବାରଶହ ବଢ଼େଇଙ୍କର ବାରବର୍ଷର ସାଧନାର ଫଳ କୋଣାର୍କ ଆଜି ସମଗ୍ର ଭାରତବର୍ଷର ଗୌରବ ରୂପେ ପରିଚିତ । ସମୟର ବାଲିଗଦା ତଳେ ଏସବୁ ଅମ୍ଳାନ ସ୍ମୃତି କୌଣସି ଦିନ ମଧ ପୋତି ହୋଇପାରିବ ନାହିଁ । କୋଣାର୍କ ସହ ପିରାମିଡ୍‌କୁ ମନେ ମନେ ତୁଳନା କରୁଥିଲେ ସେ । ତତ୍‌କାଳିନ ଉତ୍କଳର ବାର ବର୍ଷର ରାଜସ୍ୱ ପ୍ରାୟ ଚାଳିଶ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମନ୍ଦିରଟି ଥିଲା ଏକ ଚଳନ୍ତା ରଥ ପରି । ଏଥିବରେ ବ୍ୟବହୃତ ପଥର ଖଣ୍ଡିଏ ଖଣ୍ଡିଏର ଓଜନ ଥିଲା ଅଢ଼ଚାଳିଶ କ୍ୱିଣ୍ଟାଲ ପର୍ଯ୍ୟନ୍ତ । ହେଲେ ପିରାମିଡ୍‌ର ପଥର ଯୋଡ଼େଇ କାର୍ଯ୍ୟ ଖୁବ୍ କୌତୁହଳପୂର୍ଣ୍ଣ । ପଥର ଯୋଡ଼େଇର ଏହି ଅପୂର୍ବ କୌଶଳକୁ ମନେ ମନେ ସମୀକ୍ଷା କରିଥିଲେ ସୋମେସ୍ । ହୁଏତ ଏପରି ହୋଇଥାଇ ପାରେ ଯେ ମିଶରୀୟମାନେ ପଥରକୁ ଯୋଡ଼େଇ କରିବା ସମୟରେ ଗୋଟିକର ମାଧ୍ୟାକର୍ଷଣ କେନ୍ଦ୍ରକୁ ଅନ୍ୟଟିର ମାଧ୍ୟାକର୍ଷଣ କେନ୍ଦ୍ର ଉପରେ ଠିକ୍ ରଖିଦେଉଥିବେ । ଏହା ହୋଇଥିଲେ ଗୋଟିଏ ପଥର ଅନ୍ୟ ପଥରଟିକୁ ଖୁବ୍ ଜୋରରେ ଟାଣି ଧରିବ ଏହି ଯୋଡ଼େଇରେ ସେମାନଙ୍କ ମଧ୍ୟରେ କୌଣସି ପଦାର୍ଥ ପ୍ରଲେପର ଆବଶ୍ୟକତା ନାହିଁ । ପରେ ଏହାକୁ ସୁଚିକ୍କଣଭାବେ ପାଲିସ କରିଦେଉଥିଲେ ଯାହା ଫଳରେ କି ଉଭୟ ପଥର ମଧ୍ୟରେ ଯୋଡ଼େଇର କୌଣସି ଚିହ୍ନ ରହୁନଥିଲା । ଏହି ପ୍ରସଙ୍ଗଟି ସେ ଆୟେସା ସମ୍ମୁଖରେ ଉପସ୍ଥାପନ କରିଥିଲେ ।

ଟିକିଏ ଚିନ୍ତିତ ରହି ଆୟେସା କହିଲା, "ହଁ ସେମାନଙ୍କର ବିଜ୍ଞାନଗତ ଜ୍ଞାନ ଯେ ସେତେବେଳେ ଖୁବ୍ ଉନ୍ନତ ଥିଲା ଏହାକୁ ସମ୍ପୂର୍ଣ୍ଣଭାବେ ଅସ୍ୱୀକାର କରାଯାଇ ପାରେନା ।

ଏହାପରେ ପ୍ରବେଶଦ୍ୱାର ଦେଇ ଭିତରକୁ ପ୍ରବେଶ କଲେ ସେମାନେ । ପାଞ୍ଚ କି ଛଅ ଫୁଟ ଚଉଡ଼ା ଓ ପଚାଶ ଫୁଟ ଦୀର୍ଘ ଏକ ସିଡ଼ିପଥ ତଳକୁ ଲମ୍ବି ଯାଇଥିଲା । ଏହି ପ୍ରବେଶଦ୍ୱାରଟି ଉତ୍ତର ପାର୍ଶ୍ୱରେ ଭୂମି ପତନ ଠାରୁ ଅଠର ମିଟର ଉଚ୍ଚାରେ ନିର୍ମିତ ହୋଇଥିଲା । ସେହି ସିଡ଼ିପଥ ମଧ୍ୟରେ ତଳକୁ ଓହ୍ଲାଇଗଲେ ସେମାନେ । ଏହା ଭିତରୁ ନିର୍ଗତ ହେଉଥିବା ଅପୂର୍ବ ନୈସର୍ଗିକ ସୁଗନ୍ଧ ମନ ମଧ୍ୟରେ ଏକ ଦିବ୍ୟ ଅପାର୍ଥିବ ଅନୁଭୂତି ଭରି ଦେଉଥିଲା । ପିରାମିଡ୍‌ର ଭିତର ପଟ କାନ୍ଥମାନଙ୍କରେ ଅଙ୍କିତ ନାନା ପ୍ରକାର ସୁନ୍ଦର ଚିତ୍ର ମିଶରୀୟମାନଙ୍କର ସୁଉନ୍ନତ ରୁଚି ଜ୍ଞାନର ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅତୀତ ଗୌରବ ଓ ସୁଉଜ୍ଜ୍ୱଳ ପରମ୍ପରାକୁ ନୀରବ ଗମ୍ଭୀରଭାବେ ଘୋଷଣା କରୁଥିଲା । ଫାରୋମାନଙ୍କର ଦିଗ୍‌ବିଜୟର ଚିତ୍ର, ରଣସଜ୍ଜା କୌଶଳର ଚିତ୍ର, ରାଜପ୍ରାସାଦର ଚିତ୍ର ମୋଟାମୋଟି ତତ୍‌କାଳିନ ଶାସନର ଏକ ପରିଚୟ ପ୍ରଦାନ କରୁଥିଲା । ସତେ ଯେପରି ଏହି ଚିତ୍ର ମାଧ୍ୟମରେ ମିଶରବାସୀ ସେମାନଙ୍କର ଅତୀତ ଓ ଭବିଷ୍ୟତକୁ ବ୍ୟକ୍ତ କରୁଥିଲେ ।

ପିରାମିଡ୍‌ର ମଧ୍ୟଭାଗରେ ଥିଲା ଏକ ସୁଦୃଶ୍ୟ ମହଲ । ମହଲର ଦ୍ୱାର ଦେଶରେ ଉପଗତ ହେଲେ ସେମାନେ । ମହଲର ଚାକଚକ୍ୟ ଓ କାରୁକାର୍ଯ୍ୟ ଦେଖିଲେ ଯେ କେହି

Digitized by srujanika@gmail.com

ମନେକରିବ ପାଞ୍ଚହଜାର ବର୍ଷ ତଳର ଫାରୋ ଖୁଫୁଙ୍କର ଏହା ରାଜପ୍ରାସାଦ । ସ୍ୱଚ୍ଛ ଆଲୋକମଧ୍ୟରେ ସମଗ୍ର ମହଲଟି ଇନ୍ଦ୍ରପୁରୀ ସଦୃଶ୍ୟ ପ୍ରତୀୟମାନ ହେଉଥିଲା । ସନ୍ଧ୍ୟା ଆଗତ ପ୍ରାୟ । ସେମାନଙ୍କୁ କାଏରୋ ପର୍ଯ୍ୟନ୍ତ ଫେରି ଯିବାକୁ ପଡ଼ିବ । ତେଣୁ ମହଲ ମଧ୍ୟକୁ ପ୍ରବେଶ କରିବାକୁ ସୋମେସ୍‌ଙ୍କ ହାତରେ ସମୟ ନଥିଲା । ଆୟେସା ଠାରୁ ଉକ୍ତ ମହଲ ସମ୍ପର୍କରେ ବହୁ ତଥ୍ୟ ସଂଗ୍ରହ କରିଥିଲେ ସେ । ପିରାମିଡ୍‌ର ଠିକ୍ ମଧ୍ୟଭାଗରେ ଥିଲା ଏକ ବର୍ଗାକାର କୋଠରୀ ଯାହାକି ରାଜାଙ୍କ ମହଲ ବା କିଙ୍ଗ୍‌ସ୍ ଚାମ୍ବର ନାମରେ ପରିଚିତ । ବର୍ଗାକାର କୋଠରୀର ଚଟାଣରେ ନିର୍ମିତ ହୋଇଥିଲା ଏକ ଆୟତାକାର ବେଦୀ । ଏହି ଆୟତାକାର ବେଦୀ ଉପରେ ସୁବର୍ଣ୍ଣର ଶବାଧାର ମଧ୍ୟରେ ହୀରା, ନୀଳା, ମୋତି, ମାଣିକ ଆଦି ମୂଲ୍ୟବାନ ଅଳଙ୍କାରରେ ବିମଣ୍ଡିତ ଚିଆପସ୍‌ଙ୍କ ମମି ରହିଥିଲା । ଏହି ମମିର କମର ଦେଶରେ ଥିଲା ବିରାଟ ଏକ ତରବାରୀ । ଚିଆପସ୍‌ଙ୍କ ତରବାରୀ ବିଷୟରେ ଏବେ ମଧ୍ୟ ନାନା ରହସ୍ୟପୂର୍ଣ୍ଣ କଥାମାନ ଶୁଣାଯାଏ ।

ରାଜାଙ୍କର କକ୍ଷ ଠାରୁ କିଛି ଦୂରରେ ରାଣୀଙ୍କର କକ୍ଷ ଥିଲା । ନାନା ଅଳଙ୍କାରରେ ବିମଣ୍ଡିତ ରାଣୀଙ୍କର ମମି ମଧ୍ୟ ସେହି ପଦ୍ଧତିରେ ରଖାଯାଇଥିଲା । ଏହାଛଡ଼ା ରାଜପରିବାରର କେତେକ ବ୍ୟକ୍ତିଙ୍କ ସହ ଦାସଦାସୀମାନଙ୍କର ଶବ ମଧ୍ୟ ମମି ଆକାରରେ ଏହିମହଲରେ ସ୍ଥାନ ପାଇଥିଲା । ଏହି ମମି ବା ଶବଗୁଡ଼ିକୁ ପରୀକ୍ଷା କରିଥିବା ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ଶବଗୁଡ଼ିକ ମୁହଁରେ ଆତଙ୍କତା ଫୁଟି ଉଠିନଥିଲା । ବରଂ ସେମାନଙ୍କ ମୁହଁ ଖୁବ୍ ପ୍ରସନ୍ନ ଦେଖାଯାଉଥିଲା । ମୃତ୍ୟୁ ଆସନ୍ନ ଜାଣି ସୁଦ୍ଧା ଏମାନଙ୍କ ମୁହଁରେ ଫୁଟି ଉଠିଥିବା ପ୍ରସନ୍ନତାରୁ ଅନୁମାନ ପରିକଳ୍ପନାରେ ବୋଧହୁଏ ଉଲ୍ଲସିତ ହୋଇଉଠୁଥିଲେ । ସେମାନଙ୍କ ମନରେ ଦୃଢ଼ ଧାରଣା ଥିଲା ଯେ ଏହା ସେମାନଙ୍କ ପାର୍ଥିବ ଜୀବନର ଅନ୍ତିମ ଅବସ୍ଥା ନୁହେଁ । ପୁଣି ଥରେ ସେମାନେ ପ୍ରତ୍ୟାବର୍ତ୍ତନ କରି ଜୀବନକୁ ଆହୁରି ଆନନ୍ଦମୟ ଭାବେ ଉପଭୋଗ କରିବେ । ଏସବୁ ସତ୍ତ୍ୱେ ଅଳ୍ପ କେତେକଙ୍କ ମୁଖ ମଣ୍ଡଳରେ ଭୟ ବା ଆତଙ୍କର ଏକ ସ୍ପଷ୍ଟ ଚିହ୍ନ ଆଙ୍କି ହୋଇ ରହିଥିଲା ।

ପିରାମିଡ୍‌ରେ ନିର୍ମିତ ହୋଇଥିବା ରାସ୍ତାଗୁଡ଼ିକ ସୋମେସ୍‌ଙ୍କୁ ବେଶ କିଛି ଆଶ୍ଚର୍ଯ୍ୟରେ ପକାଇଥିଲା । ପ୍ରବେଶ ପଥ ଠାରୁ ଏକ ମୁଖ୍ୟରାସ୍ତା ବାହାରି ରାଜାଙ୍କ କକ୍ଷ, ଯାହାକି ପିରାମିଡ୍‌ରେ ମଧ୍ୟଭାଗରେ ଅବସ୍ଥିତ, ସେ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ଏହି ମୁଖ୍ୟ ରାସ୍ତାରୁ ଅନେକ ଶାଖା ରାସ୍ତାମାନ ବାହାରି ପିରାମିଡ୍ ଅଭ୍ୟନ୍ତରରେ ଥିବା ନାନା ଗୃହ ସହ ସଂଯୋଗ ହୋଇଥିଲା । ଗୃହଗୁଡ଼ିକର ସାଜସଜ୍ଜା, ପରିଷ୍କାର ରାସ୍ତା ଦ୍ୱାରା ସଂଯୋଗ ସବୁକିଛି ଦେଖିଲେ ଜଣେ ଦର୍ଶକ ମନେକରେ ସତେ ଯେପରି ଫାରୋ ଖୁଫୁ ଏହି ରହସ୍ୟମୟ ପିରାମିଡ୍‌ର ଅଭ୍ୟନ୍ତରରେ ନିଜ ଶବ ରଖିବା ପାଇଁ ନୁହେଁ ଏକ ସୁନ୍ଦର ସହର ତିଆରିର ଅଭିନବ ପରିକଳ୍ପନା କରିଥିଲେ । ରାସ୍ତାଗୁଡ଼ିକ ବେଶ୍ ପରିଷ୍କାର ପରିଚ୍ଛନ୍ନ ଥିଲା ଏବଂ ଏହା ପିରାମିଡ୍ ନିର୍ମାଣକାରୀ ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ଥିଲା ।

ସବୁଠାରୁ ରହସ୍ୟମୟ ଥିଲା ପିରାମିଡ୍‌ର କେନ୍ଦ୍ର ସ୍ଥଳରୁ ଆଠ ମିଟର ଚଉଡ଼ା ବିଶିଷ୍ଟ ଏକ ରାସ୍ତା ମାଟିତଳେ ନିର୍ମିତ ଏକ ଗୃହ ପର୍ଯ୍ୟନ୍ତ ଭୂମି ତଳେ ତଳେ ଲମ୍ବି ଯାଇଥିଲା ।

Digitized by srujanika@gmail.com

ନିର୍ମାଣକାରୀମାନଙ୍କୁ ମାଟିତଳେ କାହିଁ ଯେ ଏକ ଗୃହ ନିର୍ମାଣ ପାଇଁ ଖୁଫୁ ଆଦେଶ କରିଥିଲେ ତା ମଧ୍ୟ ସନ୍ଦେହ ମଧ୍ୟରେ । ସମ୍ଭବତଃ ଏହି ଘରଟି ଶବ ରଖିବାପାଇଁ ମାଟିତଳେ ନିର୍ମାଣ କରାଯାଇଥିଲା । ମାଟିତଳେ ପ୍ରାୟ ପଚିଶ ମିଟର ଗଭୀରରେ ଏହି ଘରଟି ତିଆରି ହୋଇଥିଲା । ଏହା ମଧ୍ୟ ଗ୍ରାନାଇଟ୍ ପଥରରେ ନିର୍ମିତ ହୋଇଥିଲା । ସେହି ଗୃହଟି ଦେଖିସାରି ସେମାନେ ଫେରିଆସି ପୁଣି ପ୍ରଧାନ ରାସ୍ତାରେ ସିଧାଭାବରେ ଚାଲିବାକୁ ଲାଗିଲେ ।

"ଏହି ପିରାମିଡ୍ ଭିତରଟି ତୁମକୁ କିପରି ଲାଗୁଛି ସୋମେସ୍ ?"

"ଏ ଅନୁଭୂତି ମୋର ବର୍ଣ୍ଣନାତୀତ ଆୟେସା । ମୋର ମନେ ହୁଏ ଆମ ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମା ପ୍ରଥମ କରି ମହାଶୂନ୍ୟ ଯାନରେ ଯିବା ସମୟରେ ତାଙ୍କର ବୋଧହୁଏ ଏପରି ରୋମାଞ୍ଚକର ଅନୁଭୂତି ହୋଇନଥିବ । ପିରାମିଡ୍ ମଧ୍ୟରେ ବିସ୍ତୃତ ରାସ୍ତାରେ ଧୀରେ ପାଦ ପକାଇ ଚାଲୁଥାଆନ୍ତି ସୋମେସ୍ । ସେହି ରାସ୍ତା ଧାରରେ ଗୋଟିଏ ଲେଖାଏଁ ପାହୁଣ୍ଡ ଆଗେଇଲା ପରେ ତାଙ୍କର ମନେ ହେଉଥାଏ, ସେ ଯେପରି ପୁରାତନ ଯୁଗର ଏକ ସମ୍ରାଟ ଓ ତାଙ୍କର ବାହୁ ବଳରେ ଗୋଟିକ ପରେ ଗୋଟିଏ ଦୁର୍ଗ ଜୟ କରି ଚାଲୁଛନ୍ତି ।

ଏହିପରି ଭାବେ ପ୍ରଧାନ ରାସ୍ତାରେ ପ୍ରାୟ କୋଡ଼ିଏ ମିଟର ଚାଲିବା ପରେ ଏକ ଶାଖା ରାସ୍ତା ପଡ଼ିଲା । ଏଥର ପ୍ରଧାନ ରାସ୍ତା ଛାଡ଼ି ସେହି ଶାଖା ରାସ୍ତାରେ ସୋମେସ୍‌ଙ୍କୁ ଚାଲିବାକୁ ନିର୍ଦ୍ଦେଶ ଦେଲା ଆୟେସା । ସେହି ରାସ୍ତାରେ କିଛି ବାଟ ଚାଲିଲା ପରେ କେତେକ ସୁନ୍ଦର ଗୃହ ପଡ଼ିଲା । ସେହି ଗୃହ ନିକଟରେ ରାସ୍ତାଟି ଶେଷ ହୋଇଯାଇଥିଲା । ଗୃହ ମଧ୍ୟକୁ ପ୍ରବେଶ ପାଇଁ ଥିଲା କେତେକ ପାହାଚମାନ । ଏହି ପାହାଚଗୁଡ଼ିକ ଖୁବ୍ ଚଓଡ଼ା ଥିଲା ଓ ନିର୍ମାଣ କୌଶଳ ମଧ୍ୟ ବେଶ୍ ସୁନ୍ଦର ଥିଲା ।

ସେହି ଗୃହଟିକୁ ହାତ ନିର୍ଦ୍ଦେଶ କରି ଆୟେସା କହିଲା, "ଏହା ହେଉଛି ରାଣୀଙ୍କ ନିମିର ଗୃହ । ତେଣୁ ଏହାକୁ ରାଣୀଙ୍କ କକ୍ଷ ବୋଲି କୁହାଯାଏ ।"

"ରାଣୀଙ୍କ କକ୍ଷ" ! ଏହି ପଦୁଟିଏ କଥା ସୋମେସ୍‌ଙ୍କ ମନରେ କେତେ ମଧୁର ସ୍ମୃତି ଜାଗ୍ରତ କରାଇଦେଲା । ତାଙ୍କର ସ୍ମୃତି ପଥାରୂଢ଼ ହେଲା ବାରବାଟୀର ନବତଳ ପ୍ରାସାଦର କଥା । ତା ମଧ୍ୟରେ ଥିବା ରାଣୀ ହଂସପୁର କଥା, ଯାହାକୁ ଘେରି ରହିଥିଲା ଅଗଭୀର ଗଡ଼ଖାଇ ।

ବୀରରକ୍ତ ରଞ୍ଜିତ ବାରବାଟୀର ପ୍ରତ୍ୟେକ ଧୂଳିକଣାରେ ଜଡ଼ିତ ରହିଛି ଅତୀତ ଉତ୍କଳର ଗୌରବରାଜି । ତାର ନବତଳ ପ୍ରାସାଦର ପ୍ରତିଟି ପଥର ଖଣ୍ଡରେ ଅଦେଖାଲିପିରେ ଲିପିବଦ୍ଧ ହୋଇ ରହିଛି ସେ କାଳର କେତେ ମୂଲ୍ୟବାନ ତଥ୍ୟ, ଅତୀତର କେତେ ଇତିହାସ । ସେଥିପାଇଁ ସୁଦୀର୍ଘ ବର୍ଷର ବ୍ୟବଧାନ ପରେ ମଧ୍ୟ ଆଜି ଆମର ସରକାର ଭୂଗର୍ଭରୁ ସେ ନବତଳ ପ୍ରାସାଦର ସ୍ମୃତି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ନିଜ ଆଖିରେ ଦେଖିନଥିଲେ ମଧ୍ୟ ଜଣେ ଉତ୍କଳୀୟ ହିସାବରେ ଅତୀତର ଗୌରବ ବହନ କରିଥିବା ସେହି ନବତଳ ପ୍ରାସାଦର ଚିତ୍ର ଆଜି ମଧ୍ୟ ତାଙ୍କ ସ୍ମୃତିରେ ଅଙ୍କିତ ହୋଇ ରହିଛି । ତାର ସେହି ରାଣୀ

Digitized by srujanika@gmail.com

ହଂସପୁର ସହ ଆଜି ସେ ସ୍ୱଚକ୍ଷୁରେ ଅବଲୋକନ କରୁଥିବା ପିରାମିଡ୍ ମଧ୍ୟସ୍ଥ ତତ୍କାଳୀନ ଫାରୋଙ୍କ ଦ୍ୱାରା ନିର୍ମିତ 'ରାଣୀଙ୍କର କକ୍ଷକୁ' ମନେ ମନେ ତୁଳନା କରୁଥିଲେ ସେ । ତନ୍ମୟ ହୋଇ ସେ ନିରୀକ୍ଷଣ କରୁଥିଲେ ରାଣୀଙ୍କର କକ୍ଷ ବା କୁଇନ୍ସ ଚାମ୍ବରକୁ । ଆୟେସାର ଡାକରେ ସେ କଳ୍ପନା ଜଗତରୁ ଫେରିଆସିଲେ ବାସ୍ତବ ଜଗତକୁ । ରାଣୀଙ୍କର ମହଲ ବୁଲି ସାରିବା ପରେ ପୁଣି ଫେରିଆସିଲେ ପ୍ରଧାନ ରାସ୍ତାକୁ ।

ପ୍ରଧାନ ରାସ୍ତାଟି ଲମ୍ବିଯାଇଥିଲା ପିରାମିଡ୍‌ର କେନ୍ଦ୍ର ସ୍ଥଳ ପର୍ଯ୍ୟନ୍ତ । ଯେଉଁଠାରେ କି ଅବସ୍ଥିତ ଥିଲା ରାଜାଙ୍କ କକ୍ଷ । ଯାହା ଉପରେ ଥିଲା ରାଜାଙ୍କର ଶବଟି ମମି ଆକାରରେ । ଏହା ହିଁ ଥିଲା ପିରାମିଡ୍‌ର ସବୁଠାରୁ ଆକର୍ଷଣୀୟ ବସ୍ତୁ, କେନ୍ଦ୍ରବିନ୍ଦୁ । ଯାହାକୁ ଦେଖିବାକୁ ଦୂର ଦୂରାନ୍ତରୁ ବହୁ ଗବେଷକ, ଭ୍ରମଣକାରୀ ଓ ସୌନ୍ଦର୍ଯ୍ୟପିପାସୁ ବ୍ୟକ୍ତି ପ୍ରତ୍ୟହ ଏଠାରେ ସମବେତ ହୁଅନ୍ତି ।

ଏହି ଗୃହଟିର ଲମ୍ବ ଥିଲା ଦଶ ଦଶମିକ ତେୟାଳିଶ ମିଟର ଓ ଓସାର ଥିଲା ପାଞ୍ଚ ଦଶମିକ ଏକୋଇଶ ମିଟର । ଏହା ଭୂମି ସହ ସମକୋଣ ଅଙ୍କନ କରି ନିର୍ମିତ ହୋଇଥିଲା । ରାଜାଙ୍କର ସେହି ସୁଦୃଶ୍ୟ କକ୍ଷଟିରୁ ଦୁଇଟି ସରୁ ପାଦଚଲା ରାସ୍ତା ପିରାମିଡ୍‌ରେ ବାହାର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ଏହି ରାସ୍ତା ଦୁଇଟି ସେ କାଳର କୌଣସି ମିସ୍ତ୍ରୀ ଦ୍ୱାରା ନିର୍ମିତ ହୋଇଥିଲା । ମାତ୍ର ଏହି ରାସ୍ତା ଦୁଇଟିକୁ ଦେଖିଲେ ମନରେ ସ୍ୱତଃ ସନ୍ଦେହ ଜାତ ହୁଏ ଯେ କେଉଁ ଉଦ୍ଦେଶ୍ୟ ନେଇ ଫାରୋ ଖୁଫ୍ ପିରାମିଡ୍‌ର କେନ୍ଦ୍ର ସ୍ଥଳରୁ ଏହି ସରୁ ପାଦଚଲା ରାସ୍ତା ତାର ବାହାର ପର୍ଯ୍ୟନ୍ତ ନିର୍ମାଣ କରିଥିଲେ ?

ରାସ୍ତା ନିର୍ମାଣର କାରଣ ଚିନ୍ତା କଲାବେଳେ ଜଣେ ଦର୍ଶକର ମନରେ ସ୍ୱତଃ ଦୁଇଟି ସମାଧାନର ପନ୍ଥା ଆସିଯାଏ । ପ୍ରଥମ କାରଣଟା ହେଲା ହୁଏତ ଏହି ବିଶାଳକାୟ ପିରାମିଡ୍ ମଧ୍ୟକୁ କିପରି ସୁବିଧାରେ ବାୟୁ ଚଳାଚଳ ହୋଇପାରିବ ତାହା ଚିନ୍ତା କରି ଚିଆପସ୍ ଏହି ରାସ୍ତାଟିକୁ କରିଥାଇ ପାରନ୍ତି । ଏହା ଛଡ଼ା ଆଉ ମଧ୍ୟ ଏକ କାରଣ ହୋଇପାରେ ।

ପିରାମିଡ୍‌ରେ ପୂର୍ବପଟ କାନ୍ଥକୁ ଲାଗି ଦେବତା ହୋରସ୍‌ଙ୍କ ମନ୍ଦିର ଅବସ୍ଥିତ । ତତ୍କାଳିନ ଲୋକମାନଙ୍କର ଏକ ଦୃଢ଼ ବିଶ୍ୱାସ ଥିଲା ଯେ ଦେବତା ହୋରସ୍ ଲୋକମାନଙ୍କର ନାନା ପ୍ରକାର ବ୍ୟାଧି କବଳରୁ ମୁକ୍ତ କରନ୍ତି । ସେହି ଦେବତାଙ୍କର ଚକ୍ଷୁ ଇଂରାଜୀ ଅକ୍ଷରରେ ଆର୍ ଆକୃତିର ଥିଲା । ସେ ତାଙ୍କର ଜ୍ୟୋତିର୍ମୟ ଯାଦୁକାରୀ ଚକ୍ଷୁଦ୍ୱାରା ଲୋକଙ୍କର ବ୍ୟାଧିକୁ ଦୂର କରିପାରୁଥିଲେ । ପିରାମିଡ୍‌ର କାନ୍ଥ ମଧ୍ୟରେ ଖୋଦିତ ଶିଳାଲିପି ଓ ଚିତ୍ରଗୁଡ଼ିକ ମଧ୍ୟରେ ଦେବତା ହୋରସ୍ ଓ ତାଙ୍କ ଚକ୍ଷୁର ଚିତ୍ର ମଧ୍ୟ ଖୋଦିତ ହୋଇଥିଲା ।

ଏହି ପରି କେତେକ ଉଦାହରଣରୁ ଅନୁମାନ କରାଯାଏ ଯେ ବାହାରକୁ ଥିବା ଏହି ରାସ୍ତାଟି ହୋରସ୍‌ଙ୍କ ମନ୍ଦିର ସହ ପିରାମିଡ୍‌କୁ ସଂଯୁକ୍ତ କରିବା ଉଦ୍ଦେଶ୍ୟରେ ବୋଧହୁଏ ନିର୍ମାଣ କରାଯାଇଥିଲା । ଚିଆପସ୍‌ଙ୍କର ବିଶ୍ୱାସଥିଲା ଯେ ମୃତ ଶରୀରରେ ଆତ୍ମାର ପୁନଃପ୍ରବେଶ ପରେ ଏହା ଯେତେବେଳେ ଜୀବଦାନ ପାଇ ବଞ୍ଚିଉଠିବ ତାହା ଏହି ପଥଦେଇ ଦେବତା

Digitized by srujanika@gmail.com

ହୋରସ୍‌ଙ୍କ ମନ୍ଦିରକୁ ଯିବ ଓ ରୋଷ କବଳରୁ ରକ୍ଷା ପାଇ ଏକ ସରସ, ସୁନ୍ଦର ସୁସ୍ଥ ଜୀବନଯାପନ ପାଇଁ ତାଙ୍କ ଆଶୀର୍ବାଦ ଭିକ୍ଷା କରିବ ।

ଯଦିଓ ରାସ୍ତା ନିର୍ମାଣର ଉଦ୍ଦେଶ୍ୟକୁ ଚିଆପସ୍ କେଉଁଠାରେ ସ୍ପଷ୍ଟଭାବେ ବ୍ୟକ୍ତ କରିନାହାନ୍ତି, ତେବେ ଅନୁମାନ ଦ୍ୱାରା ଏହିପରି କେତେକ ସିଦ୍ଧାନ୍ତ ନିଆଯାଇଛି ।

ରାସ୍ତାର ଶେଷ ଭାଗକୁ ପିରାମିଡ୍‌ରେ ଭିତରପଟ କାନ୍ଥକୁ ଅଙ୍କିତ ହୋଇଥିଲା ଏକ ସୁନ୍ଦର ନଗରୀର ଚିତ୍ର । ନଗରୀ ମଧ୍ୟରେ ଥିବା ନାନା ସୁନ୍ଦର ଉଦ୍ୟାନ, ଚମତ୍କାର ବିହାରସ୍ଥଳୀ, ହ୍ରଦ, ଉପବନ ଓ ବିରାଟ ବିରାଟ ପ୍ରାସାଦମାନଙ୍କର ଚିତ୍ରକୁ ଶିଳ୍ପୀ ତାର ଶିଳ୍ପକଳାର ଚାତୁରୀ ମଧ୍ୟରେ ବେଶ୍ ଫୁଟାଇ ପାରିଥିଲା । ମୋଟାମୋଟି ନଗରୀଟି ଯେ ଏକ ଐଶ୍ୱର୍ଯ୍ୟପୂର୍ଣ୍ଣ ନଗରୀ ଥିଲା ତାର ଏକ ସ୍ପଷ୍ଟ ଧାରଣା ଏଥିରୁ ମିଳିଥାଏ । ବୋଧହୁଏ ତାହା ହିଁ ଥିଲା ତତ୍‌କାଳିନ ଫାରୋଙ୍କ ରାଜଧାନୀ ମେମ୍‌ଫିସର ଏକ ଚିତ୍ର । ଏହାଛଡ଼ା ତାର ଗାତ୍ରରେ ଅଙ୍କିତ ଅନ୍ୟ କେତେକ ଛବିରୁ ସୂଚନା ମିଳେ ଯେ ସେତେବେଳେ କମାର, କୁମ୍ଭାର, କାଚରା, ତନ୍ତୁବାୟ, ସୁନାରି, ବଢ଼େଇ ଆଦି ଶିଳ୍ପକାର ଥିଲେ । ମିଳୁଥିବା ପଦାର୍ଥଗୁଡ଼ିକ ମଧ୍ୟ ନିଃସନ୍ଦେହରେ ପ୍ରମାଣ କରି ଦିଏ ଯେ ସେମାନଙ୍କର ଶିଳ୍ପକଳା ଅତି ଉଚ୍ଚକୋଟୀର ଥିଲା । ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ରର ଚିତ୍ର ମଧ୍ୟ ଖୋଦନ କରାଯାଇଥିଲା । କେତେକ ସ୍ଥାନରେ ଅଙ୍କିତ ନୌକା ଓ ଗଧର ଚିତ୍ର ପ୍ରମାଣ କରିଦିଏ ଯେ ଏମାନେ ଏହା ସାହାଯ୍ୟରେ ଦୂର ସ୍ଥାନମାନଙ୍କ ସହ ବାଣିଜ୍ୟ କରୁଥିଲେ । ଏହାଛଡ଼ା ରାଜାଙ୍କ ଅସ୍ତ୍ରାଗାର, ଭଣ୍ଡାର ଘର, ରାଜକୋଷ ଆଦି ଗୃହମାନ ଧନଧାନ୍ୟରେ ପରିପୂର୍ଣ୍ଣ ହୋଇ ଧାଡ଼ି ଧାଡ଼ି ଭାବେ ଛିଡ଼ା ହୋଇଥିଲା । ଫାରୋମାନଙ୍କର ବିଶ୍ୱାସ ଥିଲା ଯେ ସେଠାରେ ଗଚ୍ଛିତ ଧନସମ୍ପତ୍ତିକୁ ନେଇ ସେମାନେ ଫେରିଆସି ପୁନର୍ବାର ବିଳାସମୟ ଜୀବନ ଯାପନ କରିବେ ।

‘‘ଆଚ୍ଛା ଏତେଗୁଡ଼ିଏ ଧନସମ୍ପତ୍ତିକୁ ମାଟି ତଳେ ପୋତିଦେଇ ଫାରୋମାନେ କୌଣସିମତେ ନିଶ୍ଚିନ୍ତ ହୋଇନଥିବେ ।’’

‘‘ସେଥିପାଇଁ ତ ସେମାନେ ଏହା ଉପରେ ବିଶାଳକାୟ ପିରାମିଡ୍ ନିର୍ମାଣ ପାଇଁ ଆଦେଶ ଦେଇଥିଲେ । ଓଜନଦାର ଗ୍ରାନାଇଟ୍ ପଥର ଦ୍ୱାରା ପ୍ରବେଶ ପଥକୁ ବନ୍ଦ କରାଯାଇଥିଲା । ଏହା ସତ୍ତ୍ୱେ ମଧ୍ୟ ନୀରବ ହୋଇ ବସିନଥିଲେ । ଚୋରମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ନକଲିପଥ ନିର୍ମାଣ କରାଯାଇଥିଲା । ସେ ପଥଟି ଏପରି ଭାବେ ନିର୍ମିତ ଥିଲା ଯେ ତାହା ମଧ୍ୟ ଦେଇ ପିରାମିଡ୍‌ର ଅଭ୍ୟନ୍ତରକୁ କୌଣସି ମତେ ପ୍ରବେଶ କରିବାର ଉପାୟ ନଥିଲା ।’’

‘‘ଏତେ ସତର୍କତା ସତ୍ତ୍ୱେ ମଧ୍ୟ ପିରାମିଡ୍ ଚୋରମାନଙ୍କର ଉତ୍ପାତ କମିନଥିଲା କାରଣ ପିରାମିଡ୍ ଚୋର ଉପରେ ପର୍ଯ୍ୟବେକ୍ଷିତ ନାନା ସୁନ୍ଦର କାହାଣୀମାନ ମୁଁ ଆମ ଦେଶର ବିଭିନ୍ନ ପତ୍ରପତ୍ରିକାରୁ ପଢ଼ିଛି । ମାତ୍ର ସେ କାହାଣୀଗୁଡ଼ିକ ଯେ କେତେଦୂର କପୋଳକଳ୍ପିତ ବା ନିଛକ ସତ୍ୟକଥା ତାର ସତ୍ୟାସତ୍ୟ ବିଷୟରେ ମୁଁ ବିଶେଷ କିଛି ଜାଣିନାହିଁ କହିଥିଲେ ସୋମେସ୍ ।’’

Digitized by srujanika@gmail.com

''ଉତ୍ତରରେ ଆୟେସା କହିଲା ନା ଆପଣଙ୍କ ଦ୍ୱାରା ପଠିତ କାହାଣୀମାନଙ୍କରେ କିଛିଟା ସତ୍ୟଅଛି ଏହା ନିଶ୍ଚିତ । କାରଣ ହୀରା, ନୀଳା, ସୁନା ଆଦି ମୂଲ୍ୟବାନ ଧନସମ୍ପତ୍ତି ପ୍ରତି ଲୋଭ ବା କାହାର ନାହିଁ ? ରାଜକୋଷ ନାମକ ଗୃହରେ ଯାହା କିଛି ଧନ ସମ୍ପତ୍ତି ଥିଲା, ତା ଠାରୁ ଅଧିକ ଥିଲା ରାଜା ଓ ରାଣୀମାନଙ୍କ ଦେହରେ । ଏ ଅଳଙ୍କାରର ମୋହ ଚୋରମାନଙ୍କୁ ବେଶ୍ ଆକର୍ଷଣ କଲା । ଯୁଗଯୁଗ ଧରି ଏହି ଲୋକ, ମାୟା, ମୋହ ମଣିଷକୁ ବିପଥଗାମୀ କରିବାରେ ସାହାଯ୍ୟ କରିଛି । କିଛି ପାଇଯିବାର କାମନା, ବାସନା ହିଁ ତାକୁ ଖରାପ ବାଟକୁ ଟାଣି ଆଣିଛି । ତଥାପି ମଣିଷର ମନ ସେ ସବୁକୁ ବୁଝେ ନାହିଁ । ସେମାନଙ୍କର ଦୁର୍ବାର ଆକର୍ଷଣରୁ ନିଜକୁ ମୁକ୍ତ କରିପାରେ ନାହିଁ । ପ୍ରଖର ସୁଅ ମୁହଁରେ ଶୁଖିଲା ପତ୍ରଟିଏ ତାର ସତ୍ତା ହରାଇ ଭାସିଗଲା ପରି ଲୋଭ ଓ ମୋହର ପ୍ରଖର ସୁଅରେ ସେ ଭାସିଯାଏ । ଫଳରେ କିଛି ଲୋକ ଏହି ପ୍ରାଚୀନ କୀର୍ତ୍ତିକୁ ଲୁଣ୍ଠନ କରିବାକୁ ପଛେଇଲେ ନାହିଁ । ସେମାନଙ୍କୁ ପିରାମିଡ୍ ଚୋର ନାମରେ ଆଖ୍ୟା ଦିଆଗଲା । କାରଣ ଫାରୋମାନଙ୍କ ପିରାମିଡ୍ ମଧ୍ୟରେ ପ୍ରବେଶ କରି ଧନରତ୍ନ ଲୁଣ୍ଠନ ହିଁ ସେମାନଙ୍କର ପ୍ରଧାନ କାମ ଥିଲା ।

''ଏମାନେ ପିରାମିଡ୍‌ର ଅଭ୍ୟନ୍ତରକୁ ପ୍ରବେଶ କରିବାର ଅସଲ ପଥଟି ପାଇଲେ ବା କିପରି ? ନିଜ ମନ ମଧ୍ୟରେ ଉପୁଜିଥିବା ସନ୍ଦେହକୁ ମୋଚନ କରିବାକୁ ପ୍ରଶ୍ନ କଲେ ସୋମେସ୍ ।''

''ଘର ଭିତରର ଭେଦ ଜଣାଇବାକୁ ଘର ଶତ୍ରୁ ଛଡ଼ା ଆଉ କିଏ ବା ସକ୍ଷମ ହେବ । ଯୁଗ ଯୁଗ ଧରି ଏହି ସତ୍ୟଟି ସିଦ୍ଧାନ୍ତ ରୂପେ ଗ୍ରହଣୀୟ ହୋଇ ଆସିଛି । ପିରାମିଡ୍‌ର ଅସଲ ଦ୍ୱାରର ନିର୍ମାଣକାରୀ ରାଜମିସ୍ତ୍ରୀ ଓ ଅନ୍ୟାନ୍ୟ ମିସ୍ତ୍ରୀମାନେ ହିଁ ମୁଖ୍ୟତଃ କବର ଲୁଣ୍ଠନରେ ଲିପ୍ତ ରହିଲେ । ଚୋର ଦଳ ଏହିମାନଙ୍କୁ ହାତକରି ବେଶ୍ କିଛି ଧନରତ୍ନ ଲୁଣ୍ଠନ କରିଗଲେ ବୋଲି ଶୁଣାଯାଏ । ନିଜ ଅଣ୍ଟିର ଛୁରୀ ନହେଲେ ତଣ୍ଟି କାଟିବାକୁ ସକ୍ଷମ ହେବ କିଏ । ଏହାର ଦୃଷ୍ଟାନ୍ତ ଯୁଗ ଯୁଗ ଧରି ଇତିହାସର ପୃଷ୍ଠା ମଣ୍ଡନ କରି ଆସୁଅଛି ।

ଏଇ ମନୁଷ୍ୟ କେତେବେଳେ ନୂତନ ସୃଷ୍ଟିରେ ଆହ୍ଲାଦିତ ହୁଏ ତ, କେତେବେଳେ ପୁଣି ଆନନ୍ଦ ପାଏ ଧ୍ୱଂସରେ ।

ଏହି ସବୁ କେତେକ କାରଣରୁ ଏବେ ପିରାମିଡ୍‌ର ଶବାଧାରଗୁଡ଼ିକ ଶୂନ୍ୟ ପଡ଼ିଛି । ଅତୀତର ସେହି ସବୁ ଆଶ୍ଚର୍ଯ୍ୟତମ କୀର୍ତ୍ତିଗୁଡ଼ିକୁ ନିରାପଦ ଭାବେ ସୁରକ୍ଷିତ କରି ରଖିବା ପାଇଁ ଆମ ଦେଶର ସରକାର ଏବେ ସେଗୁଡ଼ିକୁ ସ୍ଥାନାନ୍ତରିତ କରି ମ୍ୟୁଜିୟମ ମଧ୍ୟରେ ରଖିଛନ୍ତି । ପିରାମିଡ୍‌ର ଗଠନରେ ବ୍ୟବହାର କରାଯାଇଥିବା କୌଶଳତା ଓ ଫାରୋମାନଙ୍କ ସକଳ ସତର୍କତା ସତ୍ତ୍ୱେ ଏହି ପିରାମିଡ୍ ଚୋରମାନଙ୍କର ପ୍ରାଦୁର୍ଭାବ ବଢ଼ିବାକୁ ଲାଗିଲା । କର୍ମମୁଖର ଦିବସର କୋଳାହଳ ପରେ, ସାରା ଜଗତବାସୀ ଯେତେବେଳେ କ୍ଲାନ୍ତ, ଶ୍ରାନ୍ତ ଭାବେ ବିଶ୍ରାମରତ, ସେହି ରାତ୍ରୀର ଗାଢ଼ କଳା ଅନ୍ଧକାର ମଧ୍ୟରେ ନିଜକୁ ହଜାଇଦେଇ ଅତି ସନ୍ତର୍ପଣରେ ପାଦ ଚିପି ଚିପି ପିରାମିଡ୍‌ର ଅଭ୍ୟନ୍ତରକୁ ପ୍ରବେଶ କରନ୍ତି ସେମାନେ । ରାତ୍ରୀର ସେହି ବହଳ ଅନ୍ଧକାର ଅତୃପ୍ତ ପ୍ରେତାତ୍ମାମାନଙ୍କ ଦୀର୍ଘଶ୍ୱାସରେ ସେତେବେଳେ ଭାରି

Digitized by srujanika@gmail.com

ହୋଇଉଠୁଥାଏ । ଚାରିଆଡ଼େ ଅଖଣ୍ଡ ନୀରବତା, ବିରାଟ ସ୍ତବ୍ଧତା, ଛୁଞ୍ଚିଟିଏ ତଳେ ପଡ଼ିଗଲେ ବି ଶବ୍ଦ ଉତ୍ପନ୍ନ ହେବ । ଏହି ସମୟଟିକୁ ଚୋରମାନେ ଉପଯୁକ୍ତ ମନେ କରନ୍ତି । ମଣି, ମୁକ୍ତା, ହୀରାର ଲୋଭ ସେମାନଙ୍କୁ ପାଗଳ କରେ । ପାଦ ଚିପି ଚିପି ପିରାମିଡ୍ ଅଭିମୁଖେ ଅଗ୍ରସର ହୁଅନ୍ତି । ପିରାମିଡ୍‌ର ଚତୁଃପାର୍ଶ୍ୱରେ ଅସଂଖ୍ୟ ପ୍ରହରୀ ପ୍ରହରାରତ । ସେମାନଙ୍କୁ କୌଣସିମତେ ବଶିଭୂତ ନକଲେ ତାହା ମଧ୍ୟକୁ ପ୍ରବେଶ କରି ଧନସଂଗ୍ରହର ଆଶା ସମ୍ପୂର୍ଣ୍ଣ ଅସମ୍ଭବ । ଶେଷରେ ଗୋଟିଏ ବେଶ୍ ସୁନ୍ଦର ଉପାୟ ଅବଲମ୍ବନ କରନ୍ତି । ଧନ ସମ୍ପତ୍ତି ତ ମହୁଠାରୁ ବଳି ମିଠା, ସୂର୍ଯ୍ୟ କିରଣଠାରୁ ବଳି ଉଜ୍ଜ୍ୱଳତର । ତାହା ଯଦି ହାତରେ ଥାଏ ଯେ କୌଣସି ବ୍ୟକ୍ତି ହୋଇଥାଉନା କାହିଁକି ତାକୁ ବଶିଭୁତ କରିବାକୁ କେତେବା ସମୟ ଲାଗିବ । ପରିଶେଷରେ ସେମାନେ ତାଙ୍କ ଲବ୍ଧ ଧନରୁ କିଛି ଅଂଶ ପ୍ରହରୀମାନଙ୍କୁ ଉତ୍କୋଚ ସ୍ୱରୂପ ଦେବେବୋଲି ଯାଚିଲେ ଯାହାଫଳରେ ପ୍ରହରୀମାନେ ଚୋରଦଳକୁ ଭିତରକୁ ପ୍ରବେଶ ନିମନ୍ତେ ବାଟ ଛାଡ଼ିଦେଲେ । ଏହିପରି ଉପାୟରେ ଏକ ସୁସଂଗଠିତ ଚୋର ଦଳ ପିରାମିଡ଼କୁ ଲୁଣ୍ଠନ କରି ଚାଲିଲେ ।''

''ମାନବ ସଭ୍ୟତାର ଅୟମାରମ୍ଭର ପ୍ରଥମ ସକାଳରେ ମଧ୍ୟ ଏହି ଉତ୍କୋଚ ସମାଜରେ ତାର କାୟା ବିସ୍ତାର କରି ରହିଥିଲା ଭାବିଲେ ସତରେ ଆଶ୍ଚର୍ଯ୍ୟ ଲାଗେ । ସେ ସମୟରେ ମଧ୍ୟ ଚୋରୀ କରିବା, ଲୁଣ୍ଠନ କରିବା ଆଦି ଖରାପଗୁଣ ମଣିଷର ମନକୁ ଆବୋରି ବସିଥିଲା । ସେ ସମୟର ସେହି କ୍ଷୁଦ୍ର ବୀଜଟି ଆଜି ତାର ଶାଖା, ପ୍ରଶାଖା ମେଲାଇ ବସିଛି । ତାର ଚେର ସମାଜର କେତେ ଗହୀରକୁ ବ୍ୟାପି ଗଲାଣି ସତେ । ଆଜିର ସମାଜରେ ଲାଞ୍ଚ, ମିଛ, ହତ୍ୟା, ଲୁଣ୍ଠନ ଯେପରି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ହୋଇ ରହିଛି ଭାବିଲେ ହିଁ ଲଜ୍ୟା ଲାଗେ । ଟିପ୍ପଣୀ ଦେଲେ ସୋମେସ୍ ।

''ହଁ ମଣିଷର ମନ ମାତ୍ରେ ହିଁ ଏକ ଯୁଦ୍ଧକ୍ଷେତ୍ର । ସମସ୍ତଙ୍କ ମନ ମଧ୍ୟରେ ପାପ, ପୁଣ୍ୟ, ନ୍ୟାୟ, ଅନ୍ୟାୟ ଓ ସତ୍ୟ, ମିଥ୍ୟା ମଧ୍ୟରେ ଏକ ଯୁଦ୍ଧ ଲାଗିଥାଏ । ଯେଉଁମାନଙ୍କ ମନରେ ପାପର ଜୟ ହୁଏ, ସେମାନେ ହେଲେ ପାପାତ୍ମା । ଏହି ପାପ ସେମାନଙ୍କ ମନକୁ ନାନା ଅବାଟରେ ନିର୍ଦ୍ୱନ୍ଦରେ ଟାଣିନିଏ । ହେଲେ ମୁଁ କାହିଁକି ଭାବେ ସେହି ପାପାତ୍ମାମାନେ ଏଠାରେ ନ ହେଲେ ହେଁ ଈଶ୍ୱରଙ୍କ ଦରବାରରେ ଦଣ୍ଡିତ ହୋଇଥାଆନ୍ତି । ଦେଖନ୍ତୁନା ଏହି ଚୋରମାନଙ୍କ ମଧ୍ୟରୁ ପ୍ରକୃତ ରାଜାଙ୍କ କକ୍ଷ ମଧ୍ୟକୁ ଯେ କେହି ପଶି ଧନରତ୍ନ ଲୁଣ୍ଠନ କରିଛି ତାର ପରିଣାମ ବଡ଼ ଭୟଙ୍କର ହୋଇଛି । ସେଠାରୁ ଫେରି ଆସିବାର କିଛି ଦିନ ପରେ ସେମାନେ ସାଂଘାତିକ ମାନସିକ ବ୍ୟାଧିର ଶିକାର ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ପାଗଳ ହୋଇଯାଇଛନ୍ତି ତ ଅନ୍ୟ କେତେକ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ଭାବେ ଅକାଳ ମୃତ୍ୟୁର ଶିକାର ହୋଇ ପଡ଼ିଛନ୍ତି । ଅନ୍ୟ କେତେକଙ୍କ ମନ ମଧ୍ୟରେ ଆତ୍ମହତ୍ୟାର ପ୍ରବୃତ୍ତି ଜାଗରିତ ହୋଇଛି । କେତେକ କୌଣସି କାରଣ ନଥାଇ ମଧ୍ୟ ଆତ୍ମହତ୍ୟା କରିଛନ୍ତି ।

''ଖୁବ୍ ଆଶ୍ଚର୍ଯ୍ୟଜନକ ବ୍ୟାପାରତ । ତାହାହେଲେ ସତରେ କ'ଣ ପୁରାତନ କାଳରେ ସେହି ଫାରୋମାନେ ସେମାନଙ୍କ ମମି ସହ ଏପରି ଏକ ପଦାର୍ଥ ରଖି ଯାଇଛନ୍ତି ଯାହା ସେହି

Digitized by srujanika@gmail.com

କକ୍ଷ ମଧ୍ୟରେ ପ୍ରବେଶ କରୁଥିବା ବ୍ୟକ୍ତିର ମାନସିକ ଚିନ୍ତାଧାରାକୁ ସାଂଘାତିକ ଭାବେ ବିପର୍ଯ୍ୟସ୍ତ କରିପକାଉଛି ।'' ପଚାରିଲେ ସୋମେସ୍ । ଆପଣଙ୍କ ଦେଶର ଗବେଷକମାନଙ୍କର ମତ କ'ଣ ?

''ଆମର ଅଧିକାଂଶ ଗବେଷକ ମତ ପ୍ରଦାନ କରନ୍ତି ଯେ ଏହି ରାଜାଙ୍କ କକ୍ଷଗୁଡ଼ିକ ଏକ ସ୍ୱତନ୍ତ୍ର ଧରଣର ବୈଜ୍ଞାନିକ ପଦ୍ଧତିରେ ତିଆରି ହୋଇଥିଲା ନିଶ୍ଚୟ । କାରଣ ମମିଗୁଡ଼ିକ ଦୀର୍ଘଦିନ ଧରି ସତେଜ ରହିବା ମୂଳରେ ସେ କକ୍ଷର କିଛିଟା ପ୍ରଭାବ ଥାଇପାରେ । ଅନ୍ୟ କେତେକ ମତ ଦିଅନ୍ତି ଯେ କକ୍ଷଗୁଡ଼ିକ ଏପରିପଦ୍ଧତିରେ ତିଆରି ଯାହାଦ୍ୱାରାକି ସେ କକ୍ଷର ପରିବେଶ ଜଣଙ୍କର ଚିନ୍ତାର ତରଙ୍ଗକୁ ବିକ୍ଷିପ୍ତ କରିପକାଉଛି । ଏହିପରି ସବୁ କେତେକ କାରଣରୁ ଆମ ସରକାର ସେହି କକ୍ଷରେ ସ୍ୱତନ୍ତ୍ର ପ୍ରହରୀର ବ୍ୟବସ୍ଥା କରିଛନ୍ତି । ସେମାନେ ଛିଡ଼ା ହୋଇଥିବା ସ୍ଥାନରୁ କିଛିବାଟ ଆଗେଇ ଯାଇ ପିରାମିଡ଼୍‌ର କାନ୍ଥରେ ଖୋଦିତ ହୋଇଥିବା ଏକ ଲେଖାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଆୟେସା କହିଲା, ''ଏଇ ଦେଖନ୍ତୁ ସମ୍ରାଟମାନେ କବରଚୋରୀର ଆଶଙ୍କା କରି ପିରାମିଡ଼୍‌ର କାନ୍ଥରେ ଚୋରମାନଙ୍କୁ ସତର୍କ କରାଇ କିପରି ଲେଖିଛନ୍ତି ।

ଆୟେସାର ଅଙ୍ଗୁଳି ନିର୍ଦ୍ଦେଶିତ ସ୍ଥାନକୁ ଚାହିଁଲେ ସୋମେସ୍ । ପ୍ରାଚୀନ ମିଶରୀୟ ଲିପିରେ ଖୋଦିତ ହୋଇ ଲେଖାହୋଇଥିଲା ଅନେକଗୁଡ଼ିଏ ବାକ୍ୟ । ମାତ୍ର ଫାରୋମାନଙ୍କର ସେ ନିଷିଦ୍ଧ ବାକ୍ୟକୁ ଯେଉଁମାନେ ମାନିଲେ ନାହିଁ, ସେମାନେ ବିପଦରେ ପଡ଼ିଲେ । ଠିକ୍ ଯେପରି ବିଧାତାଙ୍କ ଦ୍ୱାରା ନିଷିଦ୍ଧ ଜ୍ଞାନବୃକ୍ଷର ଫଳକୁ ଭକ୍ଷଣ କରି ଏ ସୃଷ୍ଟିର ଆଦ୍ୟମାନବ ଆଦାମ୍ ଓ ଇଭ୍ ସଂସାରରଦୁଃଖ, କଷ୍ଟ ଜନିତ ଗ୍ଲାନିରେ ଛନ୍ଦି ହୋଇ ପଡ଼ିଥିଲେ । ବିଶେଷ କରି କିଶୋର ରାଜା ତୁତନ ଖାମେନଙ୍କର ସମାଧି ମଧ୍ୟରେ ଯେଉଁମାନେ ଧନ ସଂଗ୍ରହ ଆଶାରେ ପ୍ରବେଶ କଲେ ସେମାନେ ବଡ଼ ଅସ୍ୱାଭାବିକ ଭାବରେ ମୃତ୍ୟୁବରଣ କଲେ । ତାହାର କାରଣ ଏବେ ମଧ୍ୟ ରହସ୍ୟର ଘେର ମଧ୍ୟରେ ଆବଦ୍ଧ ।

''ତୁତନ ଖାମେନଙ୍କ ସମାଧି ? ଏହା କେଉଁଠାରେ ? ପଚାରିଲେ ସୋମେସ୍ ।''

''ତୁମେ ବୋଧହୁଏ ଆସ୍ୱାନ ଡ୍ୟାମ ଦେଖିନ ? ଏହି ଡ୍ୟାମ ଗିଜା ସହର ଠାରୁ କିଛି ଦୂରରେ ନୀଳନଦୀରେ ନିର୍ମାଣ କରାଯାଇଛି । ଏହାର ପାଖଦେଇ ସୁଏଜ କେନାଲ ପ୍ରବାହିତ ହୋଇଛି । ମିଶରରେ ଜଳସେଚନର ସୁବିଧା ପାଇଁ ସରକାର ଏହି ଡ୍ୟାମକୁ ନିର୍ମାଣ କରିଛନ୍ତି । ଫଳରେ ମିଶର ଦେଶର ସୁବିସ୍ତିର୍ଣ୍ଣ ଅଞ୍ଚଳରେ ଭଲଭାବେ ଜଳସେଚନ ହୋଇପାରୁଛି । ଶସ୍ୟ ଶ୍ୟାମଳା ହୋଇ ଉଠିଛି ଏହାର କିଛି ଅଂଶ । ସମଗ୍ର ଦେଶପାଇଁ ଏହି ଡ୍ୟାମର ଅବଦାନ ବାସ୍ତବିକ୍ ଅତୁଳନୀୟ ।

ଏହି ଆସ୍ୱାନ ଡ୍ୟାମ ନିକଟରେ ବହୁ କବର ଓ ମନ୍ଦିରମାନ ଦେଖାଯାଏ । ଏହିଠାରେ ହିଁ ଦେଖାଯାଏ ତୁତନ ଖାମେନଙ୍କ କବରପୀଠ । କବର ନିକଟରେ ମନ୍ଦିର ? ଏକ ଆଶ୍ଚର୍ଯ୍ୟ ବିଜଡ଼ିତ କଣ୍ଠରେ କହିଲେ ସୋମେସ୍ । ଆମ ଦେଶରେ ଏ ଦୁଇଟି ପରସ୍ପର ବିପରୀତମୁଖୀ । ଦେବାଳୟ ବା ମନ୍ଦିରଗୁଡ଼ିକ ସାଧାରଣତଃ ଏକ ପବିତ୍ରପୀଠ । ମାତ୍ର କବରଗୁଡ଼ିକ ପ୍ରାୟ

Digitized by srujanika@gmail.com

ଶ୍ମଶାନ ଠାରେ ଦେଖାଯାଏ, ଯେଉଁ ଠାରେ କି ପଡ଼ିଥାଏ ମଣିଷର ହାଡ଼ କେଇଖଣ୍ଡ, ଖଣ୍ଡିଆ କୁଲା ବା ଛାଞ୍ଚୁଣୀଟାଏ ଆଉ ତାର ଏତେ ଯତ୍ନରେ ସାଇତା ଦେହର ଶେଷ ପରିଣତି ମୁଠାଏ ପାଉଁଶ । ମାତ୍ର ଏଠାରେ ଏକ ବିଶେଷ କାରଣ ଯୋଗୁ ସେମାନେ କବରଗୁଡ଼ିକ ମନ୍ଦିର ନିକଟରେ ନିର୍ମାଣ କରିଥିଲେ । ଫାରୋମାନେ ଚୋରୀ ଘଟଣାରେ ବହୁତ ବିବ୍ରତ ହୋଇପଡ଼ିଲେ । ସେମାନେ ଭାବିଲେ ପିରାମିଡ୍‌ର ଏହି ବିଶାଳକାୟ ଗଠନ ହିଁ ଗୋବଧହୁଏ ଚୋରମାନଙ୍କୁ ଆକର୍ଷଣ କରୁଛି । ତେଣୁ କାଳକ୍ରମେ ସେମାନେ ପିରାମିଡ୍‌କୁ ପରିତ୍ୟାଗ କରି କେବଳ କବର ସୌଧ ଗଢ଼ିଲେ, ଏଗୁଡ଼ିକର ଉପରିଭାଗ ସମତଳ ରହିଲା । ଏଗୁଡ଼ିକୁ ସେମାନେ ମନ୍ଦିରମାନଙ୍କ ପାଖରେ ସାଧାରଣତଃ ନିର୍ମାଣ କଲେ କାରଣ ପୂର୍ବରୁ ପିରାମିଡ୍‌ଗୁଡ଼ିକ ଜନକୋଳାହଳ ଠାରୁ ଦୂରରେ ନିର୍ଜନ ସ୍ଥାନରେ ନିର୍ମାଣ କରାଯାଉଥିଲା । ଏହା ଚୋରମାନଙ୍କୁ ସୁବିଧା ଥିଲା । ମାତ୍ର ନିକଟରେ ମନ୍ଦିର ରହିଲେ ମନ୍ଦିରର ପ୍ରାଙ୍ଗଣ ନିଶ୍ଚୟ ସେବାୟତ, ପୂଜକ ଓ ଜନକୋଳାହଳରେ ଭରି ଉଠିବ । ଫଳରେ ଚୋରମାନେ ଚୋରୀକରିବାକୁ ବିଶେଷ ସୁବିଧା ପାଇପାରିବେ ନାହିଁ । ହେଲେ ଚୋରମାନଙ୍କୁତ ଚଉଦ ଭୂବନର କଥା ମାଲୁମ । ଏମାନେ ପୂଜକ ଓ ସେବାୟତମାନଙ୍କୁ ଧନଦ୍ୱାରା ବଶୀଭୂତ କରି ଚୋରୀ କରିବାରେ ଲାଗିଲେ । ଏହାଛଡ଼ା ପିରାମିଡ୍‌ରେ କାନ୍ଥ ଦେଶରେ ଲିଖିତ ଅନେକ ବାଣୀ ଆୟେସା ତାଙ୍କୁ ପଢ଼ି ବୁଝାଇଦେଲା ଯାହାଦ୍ୱାରା କି ସେ ସମୟର ସାମାଜିକ, ରାଜନୈତିକ ଓ ଧର୍ମଗତ ଅବସ୍ଥା ସମ୍ପର୍କରେ ସେ କିଛି ଜାଣିବାକୁ ପାଇଲେ ।

ପ୍ରାଚୀନ ଫାରୋମାନଙ୍କର ଅକ୍ଷୟ କାଳଜୟୀ କୀର୍ତ୍ତିକୁ ସ୍ୱଚକ୍ଷୁରେ ଦେଖି ଓ ଆୟେସାଠାରୁ ସେହି ପୁରାତନ କାହାଣୀମାନ ଶୁଣି ଶୁଣି ତନ୍ମୟ ହୋଇଯାଇଥିଲେ ସୋମେସ୍ । ପିରାମିଡ୍ ବିଷୟରେ ସେ ଯେତିକି ଯେତିକି ଜାଣୁଥାଆନ୍ତି, ଆହୁରି ଆହୁରି ଅଧିକ ରହସ୍ୟ ଭେଦ ଲାଗି ତାଙ୍କ ମନ ବ୍ୟାକୁଳ ହୋଇ ଉଠୁଥାଏ । ପିରାମିଡ୍ ଉପରେ ଲିଖିତ ତାଙ୍କର ସନ୍ଦର୍ଭଟି ନିଶ୍ଚୟ ସ୍ୱଦେଶରେ ଆଦୃତ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ । ନିଜ ଦେଶ କଥା ମନେପଡ଼ିଲେ ତାଙ୍କ ସ୍ମୃତିର ଆକାଶରେ ଆଶ୍ୱିନର ଭସାବାଦଲ ପରି ନିଜ ଗାଁର ଏକ ଛବି ଭାସିଯାଏ । ବରଓସ୍ତର ଗହଳ ଛାଇରେ ମୁଣ୍ଡ ଟେକି ଉଠିଥିବା ଛୋଟିଆ ଗାଁକୁ କିଆ ଗୋହରୀ ଦେଇ ଲମ୍ବିଯାଇଛି ଏକ ଅଙ୍କାବଙ୍କା ରାସ୍ତା । ଯେଉଁ ଗାଁ ସକାଳ ହେଲେ ସୂର୍ଯ୍ୟଙ୍କ କିରଣରେ ଝଲସି ଉଠେ । ସନ୍ଧ୍ୟା ହେଲେ ପକ୍ଷୀ କଣ୍ଠର ମଧୁର କାକଳୀରେ ପୁରିଉଠେ । ସେହି ଗାଁ, ତାଙ୍କର ଜନ୍ମମାଟି । ଗାଁର ସ୍ମୃତି ସହ ବିଥିକାର ସ୍ମୃତି ତାଙ୍କୁ ବ୍ୟାକୁଳ କରାଏ । ବିଚରା ବିଥିକା, ତାଙ୍କୁ ନେଇ କେତେ ସ୍ୱପ୍ନର ଜାଲ ବୁଣୁନଥିଲା । ବିଥିକାର ଏହି ଦିନଗୁଡ଼ିକୁ ସେ ଏକ ଦୁଃଖଦ ବୋଝ ପରି ମନେ କରୁଥିବ । ତାଙ୍କ ସହ ନିହାତି ଅନ୍ତରଙ୍ଗଭାବେ କଟାଉଥିବା ଅଳସ ସନ୍ଧ୍ୟାର ସେହି ରଙ୍ଗୀନ୍ ମୁହୂର୍ତ୍ତଗୁଡ଼ିକ ଏବେ ତାକୁ ନିହାତି ନିଃସଙ୍ଗବୋଧ ହେଉଥିବ । ସୋମେସ୍‌ଙ୍କ ନୀରବତାକୁ ଲକ୍ଷ୍ୟ କରି ଆୟେସା କହିଲା ଖୁବ୍ କ୍ଲାନ୍ତ ବୋଧ କଲେଣି ନା ? ଏବେ ଚାଲନ୍ତୁ ଫେରିଯିବା । ଆଉ ଦିନେ ଆସିଲେ ଏହାର ଅନ୍ୟ ଅଂଶଗୁଡ଼ିକ ଦେଖିବା । ବାସ୍ତବିକ୍ ମନ ଗହନର କଥାକୁ ବେଶ୍ ହୃଦୟଙ୍ଗମ କଲାପରି ଝିଅଟିଏ ଆୟେସା । ସାରା

Digitized by srujanika@gmail.com

ଦିନ ବୁଲି ବୁଲି ଖୁବ୍ ଥକା ଲାଗୁଥିଲା ତାଙ୍କୁ । ବାହାରକୁ ଆସିଲେ ସେମାନେ । ସନ୍ଧ୍ୟାର ଅନ୍ଧକାର ସେତେବେଳେ ଆକାଶ ଓ ପୃଥିବୀ ଉଭୟଙ୍କୁ ଢାଙ୍କି ରଖିଥିଲା । ଅହେତୁକ ଭାବେ ଉପରକୁ ଚାହିଁ ଛିଡ଼ା ହୋଇ ରହିଲେ ସୋମେସ୍ । ସୁବିସ୍ତୀର୍ଣ୍ଣ ଆକାଶ ଲମ୍ବିଯାଇଛି ମୁଣ୍ଡ ଉପରେ ଆଖି ପାଇବା ପର୍ଯ୍ୟନ୍ତ । କେତେ ଗ୍ରହ, ଉପଗ୍ରହ, ନକ୍ଷତ୍ର, ନିହାରିକା ଓ ଧୂମକେତୁଙ୍କୁ ସ୍ଥାନ ଦେଇଛି ତାର କୋଳରେ । ସେହି ନିର୍ଲିପ୍ତ ଆକାଶ, ସତେ ଯେପରି ସ୍ଥିର ଦୃଷ୍ଟିରେ ଅନାଇ ରହିଛି ଧୂସର ପୃଥିବୀକୁ ଆଉ ଅବଲୋକନ କରୁଛି ପ୍ରହେଳିକାମୟ ପିରାମିଡ୍‌କୁ ।

ଫେରିବା ପଥରେ ଆଉ ଆଶ୍ଚର୍ଯ୍ୟତମ ପଦାର୍ଥ ଦୃଷ୍ଟିଗୋଚର ହେଲା ସେମାନଙ୍କର । ପିରାମିଡ୍‌ର ଚତୁଃପାର୍ଶ୍ୱରେ ଦୃଷ୍ଟିଗୋଚର ହୁଏ ଅନେକଗୁଡ଼ିଏ ସ୍ଫିଂକ୍ସ୍, ବିଶାଳକାୟ ପଥରର ମୂର୍ତ୍ତିମାନ । ଏହି ସ୍ଫିଙ୍କ୍ସ୍‌ର ଦେହ ଥିଲା ସିଂହର ଶରୀର ପରି ଓ ମୁହଁଟି ଥିଲା ଏକ ମାନବର ମୁହଁ । କେତେକ ମତ ଦିଅନ୍ତି ଯେ, ଏମାନଙ୍କର ମୁହଁଗୁଡ଼ିକ ନିର୍ଦ୍ଦିଷ୍ଟ କେତେକ ଫାରୋମାନଙ୍କ ମୁହଁର ଅବଲମ୍ବନରେ ନିର୍ମାଣ କରିଛି । ଏହାର ନିର୍ମାଣ କୌଶଳରେ କାହିଁକି ଯେ ଏପରି ଏକ ପ୍ରଣାଳୀ ଅବଲମ୍ବନ କରାଯାଇଛି, ତାହା ଏବେ ମଧ୍ୟ ରହସ୍ୟର ଘେର ମଧ୍ୟରେ । ବୋଧହୁଏ ସିଂହର ପରାକ୍ରମ ଓ ମଣିଷର ଗଭୀର ଅର୍ନ୍ତଦୃଷ୍ଟି ନେଇ ଏହା ପିରାମିଡ୍‌କୁ ଅବଲୋକନ କରିବ । ଅନ୍ୟ କେତେକ ମତ ଦିଅନ୍ତି ଏହି ବିଶାଳକାୟ ପଥରମୂର୍ତ୍ତିଗୁଡ଼ିକୁ ହେଉଛି ସେମାନଙ୍କର ପ୍ରିୟ ଦେବତା ସୂର୍ଯ୍ୟଦେବତା ବା ଅମନଙ୍କ ପ୍ରତୀକ । ଯାହା ବି ହେଉ ଏମାନେ ହେଉଛନ୍ତି ମିଶରୀୟମାନଙ୍କ ଶକ୍ତି ଓ ସାମର୍ଥ୍ୟର ପ୍ରତୀକ । ଏହି ସ୍ଫିଙ୍କ୍ସ୍ ମୂର୍ତ୍ତିଗୁଡ଼ିକୁ ଦେଖିଲେ ଯେ କେହି ମନେକରିବ ଏମାନେ ଯେପରି ପିରାମିଡ୍‌ର ଏକ ଏକ ସତର୍କ ପ୍ରହରୀ । ଯେଉଁମାନଙ୍କର ଦୃଷ୍ଟି କେବଳ ହିଁ ପିରାମିଡ୍ ଉପରେ ନିବଦ୍ଧ । ବୋଧହୁଏ କୌଣସି ବିଶେଷ ଉଦ୍ଦେଶ୍ୟ ନେଇ ଫାରାଓମାନେ ଏଗୁଡ଼ିକୁ ତିଆରି କରିଥିଲେ ।

ନୀଳନଦୀର ଉପତ୍ୟକାରେ ଏହି ମୂର୍ତ୍ତିଗୁଡ଼ିକ ବହୁଳ ଭାବରେ ପରିଦୃଷ୍ଟ ହୁଏ । ପ୍ରାଚୀନ ମାନବଜାତିର ଇତିହାସରେ ଯେ ଏମାନଙ୍କ ସଭ୍ୟତା ଏକ ଗୌରବମୟ ସ୍ଥାନ ଅଧିକାର କରିଛି ତାହାକୁ ଏହି ସ୍ଫିଙ୍କସ୍ ଓ ପିରାମିଡ୍‌ମାନେ ହିଁ ପ୍ରମାଣ କରିଦିଅନ୍ତି । ଆଧୁନିକ ସଭ୍ୟତା ତୁଳନାରେ ସେମାନଙ୍କ ବିକଶିତ ସଭ୍ୟତା ଯଦିଓ ସେତେ ଉନ୍ନତ ନଥିଲା ତଥାପି ମନୁଷ୍ୟ ସମାଜ ସଭ୍ୟତାର ବିକାଶ ଦିଗରେ ଯେ ସେମାନେ ଦିଗଦର୍ଶୀ ହୋଇପାରିଛନ୍ତି, ତାହା କେହି ଅସ୍ୱୀକାର କରିବେ ନାହିଁ ।

ନୀଳନଦୀର ସୁନୀଳ ଜଳରାଶିରେ ସନ୍ତରଣରତ ଦଳ ଦଳ ହଂସ, ହଂସରାଳି ଉପରେ ଦୃଷ୍ଟି ଥାପି ଆୟେସାର ପଛେ ପଛେ ଆଗେଇ ଚାଲିଥାଆନ୍ତି ସୋମେସ୍, ଗୋଟିକ ପରେ ଗୋଟିଏ ମୂର୍ତ୍ତିର ନିର୍ମାଣ କୌଶଳକୁ ଆଶ୍ଚର୍ଯ୍ୟରେ ଅବଲୋକନ କରି । ମିଶରୀୟମାନଙ୍କ ଭାସ୍କର୍ଯ୍ୟର ଚରମ ଉତ୍କୃଷ୍ଟତା ଫୁଟି ଉଠିଥିଲା ଏହି ମୂର୍ତ୍ତିଗୁଡ଼ିକରେ । ସବୁଠାରୁ ଆଶ୍ଚର୍ଯ୍ୟତମ ଜିନିଷ ହେଲା ଯେ ଖଣ୍ଡିଏ ଖଣ୍ଡିଏ ବିଶାଳକାୟ ପଥରରେ ଏହି ମୂର୍ତ୍ତିଗୁଡ଼ିକ ଗଢ଼ା ହୋଇଛି । ବଡ଼ ବଡ଼ ପଥରଖଣ୍ଡମାନଙ୍କୁ କାଟି ଶିଳ୍ପୀ କି କୌଶଳରେ ଯେ ଏହାକୁ ନିର୍ମାଣ କରିଛି ଏହି ସ୍ଫିଙ୍କସ୍‌କୁ ଦେଖିଲେ ଯେ କେହି ନିଶ୍ଚୟ ଆଶ୍ଚର୍ଯ୍ୟବୋଧ କରିବ । ଏହି ମୂର୍ତ୍ତିମାନଙ୍କର ଉଚ୍ଚତା

Digitized by srujanika@gmail.com

ଅଶୀ କି ନବେ ଫୁଟରୁ କମ୍ ହେବ ନାହିଁ । ସେହିପରି ଏମାନଙ୍କର ଓଜନ ମଧ୍ୟ ଏକ ହଜାର ଟନରୁ ଅଧିକ ହେବ । ବୀର ଦର୍ପରେ ଦଣ୍ଡାୟମାନ ଏହି ବିଶାଳକାୟ ମୂର୍ତ୍ତିଗୁଡ଼ିକ ଅତୀତର ଫାରୋମାନଙ୍କର ବହୁମୁଖୀ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅମଳିନ ସ୍ମୃତିକୁ ମଧ୍ୟ ଦର୍ଶକ ସମ୍ମୁଖରେ ଚିତ୍ରିତ କରିଥାଆନ୍ତି । ଗ୍ରେଟ୍ ପିରାମିଡ୍‌ର ଅତି ନିକଟରେ ଥିବା ଏକ ବିଶାଳୟକାୟ ମୂର୍ତ୍ତିର ସନ୍ଦର୍ଶନରେ ଆଶ୍ଚର୍ଯ୍ୟ ହୋଇପଡ଼ିଲେ ସୋମେସ୍ । ଆୟେସା ତାଙ୍କର ବିସ୍ମୟତାକୁ ଲକ୍ଷ୍ୟକରି କହିଲା, ‘‘ଜାଣନ୍ତିନା, ଏହା ହେଉଛି ପୃଥିବୀର ବିଶାଳତମ ମୂର୍ତ୍ତି । ଚତୁର୍ଥ ରାଜବଂଶୀୟ ସମ୍ରାଟମାନଙ୍କ ସମୟରେ ଏହା ନିର୍ମିତ ହୋଇଥିବାର ସୂଚନା ମିଳେ । ସେହି ସମୟରେ ଏହାକୁ ତତ୍‌କାଳୀନ ମିଶରର ସୂର୍ଯ୍ୟୋଦୟର ଦେବତା ‘‘ହାର ମାସିସ୍’’ ରୂପେ ବିବେଚନା କରାଯାଉଥିଲା । ଉଦୟ ସୂର୍ଯ୍ୟର ଲାଲ୍ କିରଣ ପ୍ରଥମେ ହିଁ ଏହି ମୂର୍ତ୍ତିର ମୁଖ ଚୁମ୍ବନ କରୁଥିଲା । ଏହାକୁ ଦେଖିଲେ ମନେହୁଏ ସତେ ଯେପରି ଏହା ଚିପାପସ୍‌ଙ୍କ ପ୍ରତିମୂର୍ତ୍ତି ଯାହାକି ତାଙ୍କର କୀର୍ତ୍ତି ଗିଜେର ସେହି ପିରାମିଡ୍‌କୁ ସତତ ପ୍ରହରା ଦେଉଛି । ଦୃଷ୍ଟି ତାର ପିରାମିଡ୍ ଉପରେ ନିବଦ୍ଧ । ମୂର୍ତ୍ତିଟି ଆଜି ପର୍ଯ୍ୟନ୍ତ ଏକ ପ୍ରହେଳିକା ରୂପେ ଦର୍ଶକମାନଙ୍କ ସମ୍ମୁଖରେ ଦଣ୍ଡାୟମାନ । ଏହି ମୂର୍ତ୍ତିଗୁଡ଼ିକୁ ଦେଖିଲେ ସୋମେସ୍‌ଙ୍କର ଇଷ୍ଟର ଆଇଲ୍ୟାଣ୍ଡର କଥା ମନେପଡ଼ିଯାଏ । ଜନମାନବ ଶୂନ୍ୟ ଇଷ୍ଟର ଆଇଲ୍ୟାଣ୍ଡରେ ପରିଦୃଷ୍ଟ ହେଉଥିବା ମୂର୍ତ୍ତିଗୁଡ଼ିକ ଏହି ସ୍ପିଙ୍କସ୍ ସହ କେତେକାଂଶରେ ତୁଳନୀୟ ।

ଆମ ପୃଥିବୀ ପୃଷ୍ଠରେ ଏବେ ବି ନାନା ରହସ୍ୟ ଦେଖାଯାଏ ଯାହା ଏ ପର୍ଯ୍ୟନ୍ତ ମଧ୍ୟ ଅସମାଧିତ ହୋଇ ରହିଛି । ଇଷ୍ଟର ଆଇଲ୍ୟାଣ୍ଡର ରହସ୍ୟମୟ ଘଟଣା ତନ୍ମଧ୍ୟରୁ ଗୋଟିଏ ରହସ୍ୟର ଦୋଳାରେ ଦୋଳାୟମାନ କ୍ଷୁଦ୍ର ଏକ ଦ୍ୱୀପ । ପ୍ରଶାନ୍ତ ମହାସାଗର କୋଳରେ ଭାସମାନ ଏହି ଦ୍ୱୀପଟି କେତେ ରହସ୍ୟର ଗନ୍ତାଘର । ଚାରିପଟେ ଘେରି ରହିଛି ସମୁଦ୍ରର ଅଥଳ ଜଳରାଶୀ, ତା ମଧ୍ୟରେ ଟାପୁପରି ଏହି ଦ୍ୱୀପର ଅବସ୍ଥିତି । ଏ ଦ୍ୱୀପଟି ପ୍ରଶାନ୍ତ ମହାସାଗରର ଗଭୀରତମ ଜଳରାଶୀ ମଧ୍ୟରେ କିପରି ଉତ୍ପତ୍ତି ହେଲା, ତା ଏପର୍ଯ୍ୟନ୍ତ ଠିକ୍ ଭାବରେ ଜଣାପଡ଼ିନାହିଁ । ଆମର କେତେକ ଐତିହାସିକ ମତ ଦିଅନ୍ତି ଯେ ଆଗ୍ନେୟଗିରିର ଉଦ୍‌ଗିରଣ ଦ୍ୱାରା ଏହା ସୃଷ୍ଟି ହୋଇଛି ।

ମାତ୍ର ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଏହି ସମ୍ପୂର୍ଣ୍ଣ ଜନମାନବ ଶୂନ୍ୟ ଦ୍ୱୀପରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ହେବ ବିଶାଳ ମୂର୍ତ୍ତିମାନଙ୍କର ସନ୍ଧାନ ମିଳୁଛି । ଏହି ମୂର୍ତ୍ତିଗୁଡ଼ିକ କିଏ, କାହିଁକି ଓ କେଉଁ ଉଦ୍ଦେଶ୍ୟ ନେଇ ତିଆରି କରିଛି ତାହା ଏବେ ମଧ୍ୟ ଜଣାପଡ଼ି ନାହିଁ । ଏହି ମୂର୍ତ୍ତିଗୁଡ଼ିକ ଦେଖିବାକୁ ଖୁବ୍ ବିଶାଳ । ଏମାନଙ୍କ ମଧ୍ୟରୁ ଗୋଟି ଗୋଟିକର ଓଜନ ପ୍ରାୟ କୋଡ଼ିଏ ଟନ୍‌ରୁ ଅଧିକ ମଧ୍ୟ ହୋଇପାରେ ।

ମୂର୍ତ୍ତିଗୁଡ଼ିକର ଚେହେରାରେ ଫୁଟି ଉଠିଥିଲା ବେଶ୍ ରାଜକୀୟ ଠାଣି, ବିଶାଳ ଦେହ, ପ୍ରଶସ୍ତ ଲଲାଟ ଓ ଖଣ୍ଡାପରି ନାକ, ଯେ କୌଣସି ପରିଦର୍ଶକଙ୍କର ମନରେ ଏକ ରାଜପୁରୁଷର ଧାରଣା ଆଣି ଦେଉଥିଲା । ମାତ୍ର ଏ ଜନମାନବ ଶୂନ୍ୟ ଦ୍ୱୀପର ଏଗୁଡ଼ିକୁ କିପରି ନିର୍ମାଣ ହେଲା ତା ଏବେ ମଧ୍ୟ ସ୍ପଷ୍ଟ ନୁହେଁ । କେଉଁ ସଭ୍ୟତାର ଏହା ଧ୍ୱଂସାବଶେଷ ତାହା ଏପର୍ଯ୍ୟନ୍ତ

Digitized by srujanika@gmail.com

ମଧ୍ୟ ସଠିକ୍ ଭାବରେ ଜଣାପଡ଼ି ନାହିଁ । ଅନୁମାନ କରାଯାଇଛି ଯେ ଖୁବ୍ ପ୍ରାଚୀନ କାଳରେ ଏ ଦ୍ୱୀପର ହୁଏତ ସଭ୍ୟ, ଶିକ୍ଷିତ ଅଧିବାସୀମାନେ ବାସ କରିଥାଇପାରନ୍ତି, ଯେଉଁମାନଙ୍କର କି ଏ ମୂର୍ତ୍ତି ନିର୍ମାଣରେ ହାତ ଥାଇପାରେ ।

ଏ ଦ୍ୱୀପର ଆଦିମ ଅଧିବାସୀଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବାରୁ ଏତିକି ଜଣାଯାଇଛି ଯେ ସେମାନେ ଏକକାଳୀନ ମହାମାରୀର ପ୍ରକୋପରେ ପ୍ରାଣ ହରାଇଛନ୍ତି । ମୃତ୍ୟୁ ତାର ହିମ ଶୀତଳ ହାତ ସ୍ପର୍ଶରେ ଏ ଦ୍ୱୀପଟିକୁ ଏକବାର ଜନଶୂନ୍ୟ କରିଦେଇଛି । ତେଣୁ ଏ ଦ୍ୱୀପ ବିଷୟରେ ଖବର ସଂଗ୍ରହ କରିବାର ଅସଲ ଚାବିକାଠିଟା ବିସ୍ମୃତିର ଅତଳ ଗର୍ଭରେ ହଜିଯାଇଛି । ତଥାପି ନାନା ଖୋଳତାଡ଼ ଦ୍ୱାରା ଏତିକି ଅନୁମାନ କରାଯାଇଛି ଯେ ଏହା ବୋଧହୁଏ ପଲିଦେଶୀୟମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି । କାରଣ ଏହି ପଲିଦେଶୀୟମାନେ କୁଶଳୀ ଶିଳ୍ପୀ ଥିଲେ । ଅନ୍ୟ କେତେକ ଗବେଷକ ମତ ଦିଅନ୍ତି ଯେ ଏ ଦ୍ୱୀପର ଆଦିମ ଅଧିବାସୀମାନେ ପେରୁରୁ ଆସିଥାଇପାରନ୍ତି । ଅଧୁନା ଓ୍ୱାସିଙ୍ଗଟନ୍ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ନୃତତ୍ତ୍ୱବିତ୍ ଡଃ. ଗିଲ୍‌ଙ୍କ ନେତୃତ୍ୱରେ କେତେକ ବୈଜ୍ଞାନିକ ଏ ଦ୍ୱୀପର ଅଧିବାସୀମାନେ ପ୍ରକୃତରେ କିଏ ଥିଲେ ସେ ସମ୍ପର୍କରେ ଅନୁସନ୍ଧାନ ପାଇଁ ସେହି ଜନମାନବଶୂନ୍ୟ ଇଷ୍ଟର ଦ୍ୱୀପକୁ ଯାଇଥିଲେ । ସେମାନେ ବହୁ ଜିନିଷ ସଂଗ୍ରହ ମଧ୍ୟରେ କେତେକ ମଣିଷ କଙ୍କାଳ ଆବିଷ୍କାର କଲେ । ଏହି କଙ୍କାଳଗୁଡ଼ିକୁ ଭଲ ଭାବେ ପର୍ଯ୍ୟବେକ୍ଷଣ କଲେ ସେମାନେ ହୁଏତ ସେ ଯୁଗର କିଛି ତଥ୍ୟର ସନ୍ଧାନ ପାଇପାରିବେ । କେତେକ ଖପୁରୀ ପରୀକ୍ଷା କରିବାରେ ତାହା ପେରୁ ଦେଶବାସୀଙ୍କ ଖପୁରୀ ବୋଲି ଜଣାପଡ଼ିଲା ।

ଏହି ଆଦିମ ଅଧିବାସୀମାନେ ପୋଲିନେସିୟାରୁ ଆସିଥାଇ ପାରନ୍ତି ବା ପେରୁରୁ ଆସିଥାଇ ପାରନ୍ତି, ଯାହାହେଲେ ବି କାହିଁକି ଯେ ଏମାନେ ନିଜର ବାସଭୂମି ଛାଡ଼ି, ନିଜର ଆତ୍ମୀୟସ୍ୱଜନମାନଙ୍କୁ ଛାଡ଼ି, ନିଜ ଦେଶ ମାଟିର ମୋହକୁ ପରିତ୍ୟାଗ କରି ସମୁଦ୍ରମଧ୍ୟସ୍ଥ ଏପରି ଏକ ଦ୍ୱୀପକୁ ବାସଭୂମି ରୂପେ ପସନ୍ଦ କଲେ ତାହା ମଧ୍ୟ ସନ୍ଦେହର ଦୋଳାରେ ଦୋଳାୟମାନ । ଏମିତି ବି ହୋଇପାରିଥାଏ ଯେ ସେମାନେ କୌଣସି ବିପଦରେ ପଡ଼ି ଜନ୍ମମାଟିର ମୋହ ଓ ଆକର୍ଷଣକୁ ଏଡ଼ାଇ ସମୁଦ୍ରଯାତ୍ରା କରିଛନ୍ତି । ଶହ ଶହ ମାଇଲ ଧରି ସେମାନଙ୍କ ନୌକା ସମୁଦ୍ରର ଅକାତ ପାଣିରେ ଭାସିବା ପରେ କୌଣସି ଜନଶୂନ୍ୟ ଏହି ଦ୍ୱୀପଟିରେ ଲାଗିଛି । ବହୁଦିନର ଜଳଯାତ୍ରା ପରେ ଯେ କୌଣସି ପ୍ରକାର ସ୍ଥଳଭାଗ ହେଉ ପଛକେ ତାହା ସେମାନଙ୍କୁ ଆକର୍ଷିତ କରିଛି । ଏହି ଦ୍ୱୀପଟିରେ ସେମାନେ ସେମାନଙ୍କର ଦୀର୍ଘ ସମୟର ନୌଯାତ୍ରାକୁ ପରିସମାପ୍ତି କରି ଓହ୍ଲାଇ ପଡ଼ିଛନ୍ତି ।

ତେବେ ସେ ଯାହା ହେଉନା କାହିଁକି ପିରାମିଡ୍‌ର ରହସ୍ୟ, ସ୍ଫିଙ୍କସ୍‌ର ରହସ୍ୟ ଓ ଇଷ୍ଟର ଆଇଲ୍ୟାଣ୍ଡର ରହସ୍ୟ ସବୁକିଛି ଆଜି ଆମର ଚନ୍ଦ୍ର ବିଜୟୀ ବୈଜ୍ଞାନିକମାନଙ୍କ ସମ୍ମୁଖରେ ଏକ ବିରାଟ ପ୍ରଶ୍ନବାଚୀ ହୋଇ ରହିଛି ।

ସେ ଦିନ ସୋମେସ୍ ରହୁଥିବା ହୋଟେଲ୍‌ରେ ଜଣେ ପ୍ରଖ୍ୟାତ ନର୍ତ୍ତକୀର ନୃତ୍ୟ କାର୍ଯ୍ୟକ୍ରମ ଥିଲା । ପିଲାଟି ଦିନରୁ ନୃତ୍ୟ, ଗୀତ ପ୍ରତି ତାଙ୍କର ଅହେତୁକ ଆକର୍ଷଣ ରହିଛି ।

Digitized by srujanika@gmail.com

କର୍ମମୟ ଜୀବନ ମଧ୍ୟରେ କିଛି ଅବସର ପାଇଲେ ସେ ଟେଲିଭିଜନ କିମ୍ବା ଚଳଚିତ୍ର ଆଦିର ପ୍ରୋଗ୍ରାମକୁ ଉପଭୋଗ କରି ସମୟତକ ବିତାଇ ଦିଅନ୍ତି । ଆଜିତ ସହଜେ ନର୍ତ୍ତକୀର ଚିତ୍ରପଟ୍ଟ ପରିବର୍ତ୍ତେ ତାକୁସଶରୀରରେ ଦେଖିବାର ସୁବିଧା ମିଳୁଛି । ଏହାଛଡ଼ା ବିଭିନ୍ନ ଗ୍ରାମ, ସହର, ନଗର ଆଦି ଘୁରି ଘୁରି ତଥ୍ୟ ସଂଗ୍ରହ କରିବାରେ ସେ ଖୁବ୍ କ୍ଳାନ୍ତି ଅନୁଭବ କରୁଥିଲେ । ବିଭିନ୍ନ ଆଲୋଚନାର ଘନଘଟା ଓ ପ୍ରତିଦିନର କର୍ମକ୍ଲିଷ୍ଟ ଜଞ୍ଜାଳ ମଧ୍ୟରୁ ତାଙ୍କର ଅବସନ୍ନ ଶରୀର ଓ କାର୍ଯ୍ୟବ୍ୟସ୍ତ ମନ କିଛିଟା ଅବ୍ୟାହତ ଚାହୁଁଥିଲା । ତେଣୁ ସେଦିନ ପାଇଁ ଥିବା ତାଙ୍କର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରି ସେ ହୋଟେଲର ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସ୍ଥିର କଲେ ।

ସନ୍ଧ୍ୟା ଉତ୍ତୀର୍ଣ୍ଣ ପ୍ରାୟ । ଆଲୋକମାଳାରେ ସଜ୍ଜିତ ସମଗ୍ର ହୋଟେଲଟିକୁ ଦେଖିଲେ ମନେହେଉଥିଲା, ଡେଣାମେଲାଇ ଏକପରୀକନ୍ୟା ଉଡ଼ି ଯାଉ ଯାଉ ଯେପରି ହଠାତ୍ ଅଟକି ଯାଇଛି । ତାରା ଫୁଟିଲା ପରି ବିଭିନ୍ନ ରଙ୍ଗର, ବିନ୍ନ ବର୍ଣ୍ଣର ଆଲୋକ ବତୀଗୁଡ଼ିକ ଜଳି ଉଠିଥିଲା । ଆଲୋକର ସାଜସଜ୍ଜାରେ ମନୋଜ୍ଞ ଦିଶୁଥିଲା ସମଗ୍ର ପରିବେଶଟି । ଆଉ ଅଳ୍ପ ସମୟ ପରେ ନୃତ୍ୟ ଆରମ୍ଭ ହେବ । ଖାଇବା ପାଇଁ ଭୋଜନାଳୟକୁ ଗଲେ ସେ । ଭୋଜନାଳୟ ମଝିରେ ପଡ଼ିଥିଲା ମେହେଗାନି କାଠ ନିର୍ମିତ କେତୋଟି ଟେବୁଲ । ସନ୍ଧ୍ୟାର ଚା ଆସର ପାଇଁ ଟେବୁଲ ଚାରିପଟେ ସମସ୍ତ ଙ୍କର ମିଳନ ହୁଏ । ସନ୍ଧ୍ୟା ଆସରର ସେହି ଚା ପାନ ସମୟରେ ଜଣେ ମିଶରୀୟ ବନ୍ଧୁଙ୍କ ସହ ତାଙ୍କର ପରିଚୟ ହେଲା । ଭଦ୍ରଲୋକଙ୍କ ଘର ଆଲେକ୍‌ଜାଣ୍ଡ୍ରିଆ ବନ୍ଦର ନିକଟରେ । ଆଲେକ୍‌ଜାଣ୍ଡ୍ରିଆ ମିଶରର ଏକ ପ୍ରଧାନ ବନ୍ଦର । ଏଠାରୁ ଦେଶ ବିଦେଶକୁ ତୁଳା ରପ୍ତାନୀ କରାଯାଏ । ରାଜଧାନୀ କାଏରୋ ସହରରେ ତାଙ୍କର କିଛି ଜରୁରୀ କାମ ଥିଲା । ସେ ସପ୍ତାହେ ହେବ ଏହି ହୋଟେଲ୍‌ରେ ଥିଲେ । ଗଲାବେଳକୁ ଭାରତୀୟ ବନ୍ଧୁଟି ସହ ତାଙ୍କର ପରିଚୟ ହେଲା । କଥୋପକଥନ ସମୟରେ ପିରାମିଡ୍ ବିଷୟରେ ତାଙ୍କଠାରୁ କିଛି ଜାଣିବାକୁ ଚାହିଁଲେ ସୋମେସ୍ ।

ଭଦ୍ରଲୋକ ଜଣକ ମନ୍ତବ୍ୟ ଦେଲେ, ପିରାମିଡ୍‌ଗୁଡ଼ିକ ମିଶରର ଗୌରବ ଓ ପ୍ରାଚୀନ ସମ୍ରାଟ୍‌ମାନଙ୍କର ଏକ ଅମଳିନ ସ୍ମୃତି ସ୍ତମ୍ଭ ସତ ମାତ୍ର ବର୍ତ୍ତମାନ ଏହା ପ୍ରେତାତ୍ମାମାନଙ୍କର ନିବାସ ସ୍ଥାନ ।

ହସିଲେ ସୋମେସ୍ । ପଚାରିଲେ, କିପରି ?

ପିରାମିଡ୍‌ର ଅଳ୍ପଦୂରରେ ଅବସ୍ଥିତ ଗାଁର ଲୋକମାନଙ୍କର ଏ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭୂତି ଅଛି । ଗଭୀର ରାତିର ନିସ୍ତବ୍ଧତାକୁ ଭଙ୍ଗକରି ସେଠାରୁ ଭାସିଆସେ ଫାରୋମାନଙ୍କର ଅଟ୍ଟହାସ୍ୟ, ଅପମୃତ୍ୟୁର ଶୀକାର ହୋଇଥିବା ଦାସଦାସୀମାନଙ୍କର କରୁଣ କ୍ରନ୍ଦନ । ଧ୍ୱନି ସହ ଦୀର୍ଘଶ୍ୱାସ । ବେଳେବେଳେ ଶୁଣାଯାଏ ଅପରୂପା ରୂପସୀ ରାଜନର୍ତ୍ତକୀମାନଙ୍କର ପାଦର ଘୁଙ୍ଗୁରର ରୁଣୁଝୁଣୁ ତାନ । ଲୋକଙ୍କର ବିଶ୍ୱାସ କବର ମଧ୍ୟସ୍ଥ ମମିଗୁଡ଼ିକ ରାତ୍ରିର ଅନ୍ଧକାର ମଧ୍ୟରେ ଜୀବଦାନ ପାଇ ଚଳପ୍ରଚଳନ ହୁଅନ୍ତି । କେତେକ ଲୋକ ସେମାନଙ୍କର ଅସ୍ପଷ୍ଟ ଛାୟା ମଧ୍ୟ ଦେଖିଛନ୍ତି ।

Digitized by srujanika@gmail.com

"ଆପଣ କ'ଣ ସେ ସବୁକୁ ବିଶ୍ୱାସ କରନ୍ତି ?" ପଚାରିଲେ ସୋମେସ୍ ।

ଉତ୍ତରରେ ଭଦ୍ରଲୋକ ତାଙ୍କୁ କହିଥିଲେ ଏକ କାହାଣୀ । ସେ କାହାଣୀଟି ଥିଲା ଏହିପରି । ଚିଆପସ୍‌ଙ୍କ ମୃତ୍ୟୁପରେ ତାଙ୍କର କେତେକ କ୍ରୀତଦାସଙ୍କୁ ହତ୍ୟାକରି ସେମାନଙ୍କ ମୃତ୍ୟୁ ଦେହକୁ ମମି ଆକାରରେ ପିରାମିଡ୍‌ରେ ରଖିବାକୁ ନୂତନ ରାଜା ଆଦେଶ ପ୍ରଦାନ କଲେ । ରାଜାଙ୍କର ଆଦେଶ ଯେ କୌଣସି ମତେ ପାଳନ କରିବାକୁ ହେବ । ଏହି କ୍ରୀତଦାସଙ୍କ ମଧ୍ୟରେ ସେପ୍‌ଟସ୍ ନାମକ ଜନୈକ କ୍ରୀତଦାସ ଥିଲା । ତାର ଥିଲା ଥୋମା ନାମରେ ଜଣେ ପ୍ରଣୟିନୀ । ଉଭୟଙ୍କ ଅନ୍ତରରେ ଉଭୟଙ୍କ ପ୍ରତି ଥିଲା ପ୍ରଗାଢ଼ ସ୍ନେହ, ଉଚ୍ଛ୍ୱସିତ ପ୍ରଣୟ ଓ ସ୍ନିଗ୍ଧ ପ୍ରେମ ।

କର୍ମକ୍ଳାନ୍ତ ଦିବସର ଅବସାନ ପରେ ପରସ୍ପରକୁ ପରସ୍ପର ନିକଟରେ ପାଇ ସେମାନେ ଭୁଲି ଯାଉଥିଲେ ଦିନକର ଅବିଶ୍ରାନ୍ତ ପରିଶ୍ରମକୁ, ରାଜାଙ୍କର ଅତ୍ୟାଚାରକୁ ଓ ଦୀନହୀନ କ୍ରୀତଦାସ ଜୀବନର ଦୁଃଖକୁ । ସେମାନଙ୍କ ଜୀବନ ପୁସ୍ତକର ପ୍ରତିଟି ପୃଷ୍ଠାରେ ନିର୍ମଳ ପ୍ରେମର ସ୍ୱାକ୍ଷର ଅଙ୍କିତ ହୋଇଥିଲା । ସତେ ଯେପରି ପ୍ରେମର ଏକ ସ୍ୱଚ୍ଛଧାରା ସମସ୍ତ ଅବରୋଧକୁ ଠେଲି ଦୁହିଁଙ୍କର ଜୀବନକୁ ସିକ୍ତ ସୁରଭିତ କରି ବହି ଯାଇଛି ଅବାରିତ ଗତିରେ । ବେଶ୍ ଚାଲିଥିଲା ଦୁହିଁଙ୍କର ଜୀବନ ।

ଏହି ସମୟରେ ପ୍ରଚାରିତ ହେଲା ସେପ୍‌ଟସ୍‌କୁ ମରିବାକୁ ପଡ଼ିବ । ଚିଆପସ୍‌ଙ୍କ ସହ ସହଗାମୀ ହେବ । ଏକଦା ଥୋମା ନିକଟରେ ଖୁବ୍ ଶୀଘ୍ର ପହଞ୍ଚିଗଲା । ଦୁଃଖର ଏକ ପାହାଡ଼ ଭାଙ୍ଗି ପଡ଼ିଲା ତାର ମୁଣ୍ଡ ଉପରେ । ନିର୍ମଳ ସ୍ୱଚ୍ଛ ଆକାଶରୁ ବଜ୍ରପାତ ହୋଇ ଅତି ଆକସ୍ମିକ ଭାବରେ ପୃଥିବୀ ପୃଷ୍ଠରେ ଧ୍ୱଂସର ଲୀଳା ଘଟାଇଲା ପରି ତା ଅନ୍ତର ଭିତରଟା ଦୁଃଖର ଏ ବଜ୍ରପାତରେ ସତେ ଅବା ପୋଡ଼ି ଜଳି ପାଉଁଶ ହୋଇଗଲା । ସମୁଦ୍ର ଭିତରେ ବୁଡ଼ି ଯାଉଥିବା ଏକ ନାବିକ ବଞ୍ଚାଇବା ପାଇଁ ଚେଷ୍ଟା କଲା ପରି ସେ କାନ୍ଦି କାନ୍ଦି ନୂତନ ରାଣୀଙ୍କର ପାଦ ଦୁଇଟିକୁ ଧରି ସେପଟସ୍‌ର ଜୀବନ ଭିକ୍ଷା ମାଗିଥିଲା । ସେ ଭାବିଥିଲା ନାରୀ ହିସାବରେ ରାଣୀ ଅନ୍ୟ ଜଣେ ନାରୀର ଅନ୍ତରର ବେଦନା ବୁଝିବାକୁ ନିଶ୍ଚୟ ସକ୍ଷମ ହେବେ । ଅଫୁରନ୍ତ ଐଶ୍ୱର୍ଯ୍ୟର ସମ୍ଭାର ମଧ୍ୟରେ ବୁଡ଼ି ରହିଥିବା ରାଣୀଙ୍କର ଅନ୍ତରକୁ ସାମାନ୍ୟ ଜଣେ ଦାସୀର ଆକୁଳ ଆବେଦନ ସ୍ପର୍ଶ କରିପାରିନଥିଲା ।

ଅନ୍ୟ କ୍ରୀତଦାସମାନେ ଏକ ନୂତନ ଆଲୋକମୟ ରାଜ୍ୟକୁ ଯିବାର ଆନନ୍ଦରେ ଉଲ୍ଲସିତ ହେଉଥିଲାବେଳେ ପ୍ରେୟସୀ ଥୋମାକୁ ଛାଡ଼ି ଯାଉଥିବାର ଦୁଃଖରେ ମ୍ରିୟମାଣ ହେଉଥିଲା ସେପଟସ୍ । ପ୍ରେମର ବନ୍ଧନ ଲୁହାର ଶିକୁଳି ଠାରୁ ବି ଶକ୍ତ । ପରିଶେଷରେ ସେହି ଦୁଃଖଦ ଦିନଟି ପହଞ୍ଚିଗଲା । ସମସ୍ତ କ୍ରୀତଦାସମାନଙ୍କ ସହ ଘାତକମାନେ ସେପ୍‌ଟସ୍‌କୁ ହତ୍ୟାକଲେ । ସେମାନଙ୍କ ଶବକୁ ମମି ତିଆରି ପଦ୍ଧତିରେ ରାସାୟନିକ ପଦାର୍ଥର ପ୍ରୟୋଗ ଦ୍ୱାରା ପିରାମିଡ୍ ମଧ୍ୟରେ ନିର୍ଦ୍ଦିଷ୍ଟ କକ୍ଷରେ ଅବସ୍ଥାପନ କରାଗଲା ।

Digitized by srujanika@gmail.com

ବିରହିଣୀ ଥୋମାର ଆଖିରୁ ଲୁହ ଢାଳି ହୃଦୟର ଦୁଃଖ ଧୋଇବା ଛଡ଼ା ଉପାୟ ନଥିଲା । ସଂସାରର ଏହି ଦୁର୍ଗମ କଣ୍ଟକିତ ପଥରେ ପ୍ରତିଦିନ ମନକୁ ଦମନକରି ଆଗକୁ ପାହୁଣ୍ଡ ପକାଇବା କେଡ଼େ କଷ୍ଟକର ସେତ ! ସେ ପାସୋରି ପାରିଲା ନାହିଁ ତା ଜୀବନ ଅଧ୍ୟାୟର ସେହି ଅପାସୋରା କାହାଣୀଗୁଡ଼ାକୁ । ଭୁଲିପାରିଲାନି ସେପଟସ୍‌ର ମଧୁର ସ୍ମୃତିକୁ । ସେହି ସ୍ମୃତିର ମହମହ ବାସ୍ନା ତାକୁ ଟାଣି ନେଲା ପିରାମିଡ୍ ନିକଟକୁ, ଯେଉଁଠାରେ କି ଅଛି ସେପ୍‌ଟସ୍‌ର ଶରୀର ମମି ରୂପରେ । ରାତ୍ରୀର ଗାଢ଼ ଅନ୍ଧକାରରେ ସମଗ୍ର ଅନ୍ତପୁରବାସୀ ଯେତେବେଳେ ଗଭୀର ନିଦ୍ରାରେ ସୁପ୍ତ ସେହି ସମୟରେ ପାଦ ଚିପି ଚିପି ସେ ଚାଲିଯାଏ ତାର ପ୍ରିୟତମ ନିକଟକୁ । ଧାର ଧାର ହୋଇ ଲୁହ ଗଡ଼ିପଡ଼େ ତାର ଆଖିରୁ । ନିର୍ଜିବ ଗ୍ରାନାଇଟ୍ ପଥର ଦେହରେ ମୁଣ୍ଡ ପିଟି ପିଟି ସେ କହେ ତୁମେ ଫେରିଆସ ପ୍ରିୟତମ, ତୁମେ ଫେରିଆସ । ପିରାମିଡ୍‌ର ପ୍ରତିଟି ପଥରଖଣ୍ଡ ସତେ ଯେପରି ରାତ୍ରୀର ସେହି ନିର୍ଜନ ପ୍ରହରରେ ଜୀବନ୍ୟାସ ପାଇ ତା ଦୁଃଖରେ ସମବେଦନା ଜଣାନ୍ତି । ରାତ୍ରୀର ଘନ ଅନ୍ଧକାର ପାତଳ ହୁଏ । ଆକାଶର କୋଳରୁ ତାରା ଲୁଚି ଯାଆନ୍ତି । ଉଷାର ଆଲୋକ ପୂର୍ବଦିଗରୁ ଝରିପଡ଼ିବା ପୂର୍ବରୁ ନିଃଶବ୍ଦରେ ପୁଣି ଫେରିଆସେ ରାଜପୁରୀ ମଧ୍ୟକୁ । ପ୍ରତ୍ୟହ ରାତ୍ରୀରେ ସେହି ଗୋଟିଏ ଘଟଣାର ପୁନରାବୃତ୍ତି ଘଟେ । ଘନ ଜମାଟବନ୍ଧା ଅନ୍ଧକାର ମଧ୍ୟରେ ଗୋଟିଏ ନାରୀର ଛାୟା ମୂର୍ତ୍ତି ଆବିର୍ଭାବ ହୁଏ ପିରାମିଡ୍ ନିକଟରେ । ପ୍ରେମ ପାଗଳିନୀ ନାରୀ ହୃଦୟର ଆକୁଳ ଆବେଦନ ରାତ୍ରୀର ସେହି ନିର୍ଜନ ଲଗ୍ନରେ ବାୟୁମଣ୍ଡଳରେ କରୁଣ ରାଗିଣୀ ତୋଳେ । କାନ୍ଦି କାନ୍ଦି ସେ ଘୂରିବୁଲେ ପିରାମିଡ୍ ନିକଟରେ । ନୀଳନଦୀର ସେହି ବାଲୁକାଶଯ୍ୟାରେ ଆଜି ବି ହୁଏତ ତାର ଅଭିଭା ପାଦଛାପ ଆଙ୍କି ହୋଇ ରହିଥିବ ।

ହଠାତ୍ ଦିନେ ରାଜ ଅନ୍ତପୁରକୁ ଖବର ଆସିଲା ପିରାମିଡ୍ ନିକଟରେ ଏକ ତରୁଣୀର ମୃତ ଶବ ପଡ଼ି ରହିଛି । ସେ ଶବଟି ଆଉ କାହାର ନୁହେଁ । ତାହା ଥିଲା ଦାସୀ ଥୋମାର । ମାତ୍ର ସେହି କରୁଣ ନାଟକର ଯବନିକା ପତନ ଏତିକିରେ ହୋଇନଥିଲା । ରାତ୍ରୀର ଅନ୍ଧକାର ମଧ୍ୟରେ ଏକ ନାରୀ ମୂର୍ତ୍ତିର ଅସ୍ପଷ୍ଟ ଛାୟାକୁ ସେଠାରେ ଘୁରି ବୁଲୁଥିବାର ଅନେକ ଦେଖିଲେ । ତାହା କୁଆଡ଼େ ଥୋମାର ଅତୃପ୍ତ ଆତ୍ମା । ସେପ୍‌ଟସ୍ ଆତ୍ମା ଦିନେ ନା ଦିନେ ଫେରି ଆସିବ ତାର ମର ଶରୀର ନିକଟକୁ । ସେତିକିବେଳେ ଦୁଇ ପ୍ରଣୟ ବିଧୁର ଆତ୍ମାର ମିଳନ ହେବ । ସମୟେ ସମୟେ ସେଠାରୁ କାହାର ଚାପା କାନ୍ଦଣାର ସ୍ୱର ଭାସି ଆସିବାର ଅନେକଟି ଶୁଣିଛନ୍ତି ।

ଜନଶୃତିର କଙ୍କାଳ ଉପରେ ପର୍ଯ୍ୟବେସିତ କାହାଣୀଟି ଏବେ ବି ମିଶରର ପୁରପଲ୍ଲୀରେ ଶୁଣାଯାଏ । ଏହି ବଳିଷ୍ଠ ପ୍ରେମ କାହାଣୀଟି ସେଦିନ ମୋସେସ୍‌ଙ୍କ ଅନ୍ତରରେ ଏକ ଅଦେଖା କାଳୀରେ ଲିପିବଦ୍ଧ ହୋଇ ରହିଯାଇଥିଲା । ଆମ ଦେଶର କେଦାର ଗୌରୀ କାହାଣୀ ପରି ଏହି କାହାଣୀଟି ଏବେ ବି ଲୋକ ସ୍ମୃତିରେ ଜୀବିତ ଅଛି । ନିର୍ଲିପ୍ତ ଭାବେ ଗମ୍ଭୀର ଆକାଶ ତଳେ ଦଣ୍ଡାୟମାନ ପିରାମିଡ୍ । ବିଭିନ୍ନ ଦର୍ଶକ, ବିଭିନ୍ନ ପରିବ୍ରାଜକମାନେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ନେଇ ପିରାମିଡ଼କୁ ଦେଖିଥାଆନ୍ତି, ସମୀକ୍ଷା କରିଥାଆନ୍ତି ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

Digitized by srujanika@gmail.com

ଗୋଟିକ ପରେ ଗୋଟିଏ ଦିନ ଚକ ଗଡ଼ି ସମୟର କେଉଁ ଅନ୍ଧାରୁଆ ଗଳା ପରି ଗଡ଼ି ଗଡ଼ି ଭିତରକୁ ଚାଲିଯାଉଥାଏ ଖୁବ୍ ଶୀଘ୍ର । ଏହା ମଧ୍ୟରେ ସୋମେସ୍‌ଙ୍କର ଆସିବାର ଚାରୋଟି ମାସ ଅତିକ୍ରାନ୍ତ ହୋଇଗଲାଣି । ମିଶରୀୟ ମାନଙ୍କ ଦୈନନ୍ଦିନ ଜୀବନ ସହ ବେଶ୍ ପରିଚିତ ହୋଇଗଲେଣି ।

ସେଦିନ ସମଗ୍ର ମିଶର ବାସୀ ଆନନ୍ଦରେ ମତୁଆଲ ହୋଇ ଉଠିଥିଲେ । ଘରେ ଘରେ ଆନନ୍ଦ ଉତ୍ସବର ଆସର ବସିଥିଲା । ପ୍ରତ୍ୟୁଷରୁ ସନ୍ଧ୍ୟାପର୍ଯ୍ୟନ୍ତ ମେଘମୁକ୍ତ ନୀଳ ଆକାଶ ତଳେ ଏକତ୍ରିତ ମିଶର ବାସୀ ଉତ୍ସବର ଆୟୋଜନ କରୁଥିଲେ । ଉତ୍ସବ ମୁଖରିତ ହୋଇ ଉଠିଥିଲା ପ୍ରତିଟି ଜନପଦ । ରାଜଧାନୀ କାଏରୋ ନଗରୀରେ ମଧ୍ୟ ମହା ସମାରୋହରେ ପାଳିତ ହୋଇଥିଲା ଏ ଉତ୍ସବଟି ।

ଉତ୍ସବର କାରଣ ସ୍ଥାନୀୟ ଲୋକଙ୍କଠାରୁ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ସୋମେସ୍ । ସମୟଥିଲା ଅଗଷ୍ଟମାସ, ନୀଳନଦୀରେ ବନ୍ୟାଜଳ ସର୍ବୋଚ୍ଚ ସୀମା ସ୍ପର୍ଶ କରିଥିଲା । ଜଳରେ ଭରପୁର ନୀଳନଦୀ ଠିକ୍ ଦେଖାଯାଉଥିଲା ପୂର୍ଣ୍ଣଯୌବନା ଯୁବତୀ ପରି । ନଦୀରେ ବନ୍ୟା ଆସିଛି । ବନ୍ୟା ଜଳରେ ପ୍ଲାବିତ ହେବ ମିଶର । ତାପରେ...., ନଦୀଜଳଦ୍ୱାରା ଆନୀତ ପଟୁମାଟି ବିଛାଇ ହୋଇ ପଡ଼ିବ ତାର ତଟ ଦେଶରେ । ସବୁଜ ଶସ୍ୟରେ ଭରି ଉଠିବ ତାର ତଟ ଦେଶ । ଏହାକୁ କଳ୍ପନା କରି, ଏହି ଆଶାକୁ ମନରେ ଭରି ଉତ୍‌ଫୁଲିତ ହେଉ ଥିଲେ ମିଶରବାସୀ । ଯଦିଓ ତାଙ୍କର ସେହି କଳ୍ପନା ବାସ୍ତବ ରୂପରେ ରୂପ ନେବା ପାଇଁ ଅନେକ ସମୟ ବାକି, ମାତ୍ର ଭବିଷ୍ୟତର ସୁଖ ସ୍ୱପ୍ନକୁ କଳ୍ପନାରେ ଅଙ୍କିତ କରି ସେମାନେ ରୋମାଞ୍ଚିତ ହେଉଥିଲେ ।

ମଣିଷ ମାତ୍ରେ ହିଁ ଆଶାବାଦୀ । ଆଶାର ଆଶ୍ୱାସନା ତାକୁ ସବୁ ସମୟରେ ମିଳେ । ସଫଳତାର ଏକ ମରିଚିକା ଦେଖାଇ ଆଶା ହିଁ ଭରିଦିଏ ମଣିଷ ମନରେ କର୍ମତତ୍ପରତା, ଚଞ୍ଚଳତା ଇତ୍ୟାଦି । ତେଣୁ ସେହି ଆଶାକୁ ନିଜର ଅତି ବିଶ୍ୱସ୍ତ ବନ୍ଧୁରୂପେ ଗ୍ରହଣ କରି ଆଶାବାଦୀ ମନୁଷ୍ୟ ତା କାମ କରିଯାଏ ।

ନୀଳନଦୀର ଭରାଜଳହିଁ ମିଶର ବାସୀଙ୍କ ମନରେ ଭରି ଦେଉଥିଲା ଅନେକ ଆଶା । ସବୁଜ ଶସ୍ୟରେ ଭରିଉଠିବ ତାଙ୍କର ଦେଶ, ପୃଥିବୀରେ ଏକ ସମୃଦ୍ଧିଶାଳୀ ରାଷ୍ଟ୍ର ରୂପେ ପରିଣତ ହେବ....ଏମିତି ନାନା ଆଶା ତାଙ୍କ ମନରେ ଦେଖା ଦେଇଥିଲା । ଏଥିପାଇଁ ବୋଧହୁଏ ଗ୍ରୀକ୍‌ର ପ୍ରଖ୍ୟାତ ଐତିହାସିକ କହିଛନ୍ତି ''ମିଶର ହେଉଛି ନୀଳନଦୀର ଦାନ'' ନୀଳନଦୀ ନଥିଲେ ମିଶରରେ ଏହି ମହାନ୍ ସଭ୍ୟତା ବିକଶିତ ହୋଇନଥାନ୍ତା ।

ଏହି ଉତ୍ସବଟିର ନାମ ଥିଲା ନୀଳନଦୀର ବନ୍ୟାପର୍ବ । ନୀଳନଦୀ ଯାହାର ଦୟାରୁ ତାଙ୍କର ଜୀବନ ପାତ୍ର ପରିପୂର୍ଣ୍ଣ, ଯାହାର କରୁଣାରୁ ବିସ୍ତୃତ ମରୁଭୂମି ମଧ୍ୟରେ ସୃଷ୍ଟି ଶସ୍ୟ, ଶ୍ୟାମଳା ମିଶର । ମନେହୁଏ ନିରସ ଟାଙ୍ଗରା ଧୂସର ମରୁଭୂମି ମଧ୍ୟରେ ସତେ ଯେମିତି ଛଅଶହ ମାଇଲି ପରିବ୍ୟାପ୍ତ ଏକ ଶ୍ୟାମଳ ଗାଲିଚା କିଏ ବିଛାଇ ଦେଇଛି, ଆଫ୍ରିକାର

Digitized by srujanika@gmail.com

ମଧ୍ୟସ୍ଥଳି ଟଙ୍ଗାନିକା ହ୍ରଦରୁ ବାହାରି ଉଗାଣ୍ଡା, ଇଥିପିଆ, ସୁଦାନ ଓ ଇଜିପଟ ମଧ୍ୟରେ ପରିବ୍ୟାପ୍ତ ନୀଳନଦୀ ପରିଶେଷରେ ଭୂମଧ୍ୟ ସାଗରର ନିବିଡ଼ ଆଲିଙ୍ଗନରେ ନିଜକୁ ହଜାଇ ଦେଇଛି । ସାଗର ସଂଗମରେ ତାର ଜୀବନ ହୋଇଛି ଧନ୍ୟ । ସଂସାରର ଦୁଃଖ କଷ୍ଟ ମଧ୍ୟରେ ଘୁରି ଘୁରି ଆତ୍ମା ପରିଶେଷରେ ପରମତ୍ମାଙ୍କ ସହ ମିଶି ତାର ସ୍ୱତନ୍ତ୍ର ସତ୍ତା ହରାଇଲା ପରି ଦୀର୍ଘ ଚାରିହଜାର ଏକଶହ ମାଇଲର ଶିଳାବନ୍ଧୁର ପଥ ଅତିକ୍ରମ କରି ସାଗରର ନୀଳଜଳ ରାଶିରେ ତା ଜଳକୁ ଢାଳିଦେଇ ସେ ତାର ସ୍ରୋତର ସ୍ୱତନ୍ତ୍ର ପରିଚୟ ହଜାଇ ଦେଇଛି । ସେହି ନୀଳନଦୀ ଯେତେବେଳେ ମିଶରକୁ ସମୃଦ୍ଧ କରିଛି, ତା କୋଳରେ ଫୁଟାଇ ପାରିଛି ସବୁଜ ଶୋଭାର ସମ୍ଭାର । ତା ପ୍ରତି ସେମାନଙ୍କର କିଛି କର୍ତ୍ତବ୍ୟ ଅଛି । ସେତ ପ୍ରତିବର୍ଷ ତାର ପ୍ରତିଶ୍ରୁତି ପାଳନ କରି ତାଙ୍କୁ ଖାଦ୍ୟ ଯୋଗାଉଛି । ତେଣୁ ଇଜିପଟର ସରକାର ଗୋଟିଏ ଦଲିଲରେ ଲେଖନ୍ତି ନୀଳନଦୀ ଆଉଥରେ ତାର ପ୍ରତିଶ୍ରୁତି ପାଳନ କଲା । ଏହି ଦଲିଲଟିକୁ ଅସଂଖ୍ୟ ଜନ ସମାଗମ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ନେଇ ସରକାରଙ୍କର ସ୍ୱତନ୍ତ୍ର ଦୂତ ନୀଳନଦୀର ବନ୍ୟାଜଳରେ ଭସାଇ ନିଅନ୍ତି । ଏହାପରେ ପର୍ବର ପରିସମାପ୍ତି ଘଟେ । ପିରାମିଡ୍‌ର ଅଭିଜ୍ଞତା ସହ ଏ ଅଭିଜ୍ଞତାକୁ ମଧ୍ୟ ସୋମେସ୍ ପୁଞ୍ଜି କରିନେଲେ ।

ସୃଷ୍ଟିର ନିୟମ କେତେ ବିଚିତ୍ର ସତେ ? ଆକାଶରେ ଯେଉଁ ଚନ୍ଦ୍ର ଆଜି ପୂର୍ଣ୍ଣ ବିକଶିତ ହୋଇ ଅଫୁରନ୍ତି ଜ୍ୟୋତ୍ସ୍ନାଲୋକରେ ପୃଥିବୀକୁ ହସାଇ ଦେଉଛି, ଦିନେ ସେ ପୁଣି ଆକାଶ କୋଳରେ ସମ୍ପୂର୍ଣ୍ଣ ଲୁଚିଯାଏ । ପୃଥିବୀର ବକ୍ଷରେ ଘୋଟିଯାଏ ଗାଢ଼ କଳା ଅମାବାସ୍ୟାର ରଜନୀ । ଠିକ୍ ସେହିପରି ଯେଉଁ ନୀଳନଦୀ ଦିନେ ସଂହାରିଣୀର ମୂର୍ତ୍ତି ଧରି ମିଶରର ଜନ ଜୀବନ ବିପଦ ଗ୍ରସ୍ତ କରାଏ, ସେହି ପୁଣି ଦିନେ ତାର ଜଳଦାନରେ ଦେଶକୁ ଶସ୍ୟ ଶ୍ୟାମଳା କରାଏ ।ଜନ ଜୀବନକୁ ସମ୍ପଦରେ ଭରିଦିଏ ।

ନିବିଡ ଭାବାବେଶରେ ତନ୍ମୟ ହୋଇ ନଥିଟିର ପୃଷ୍ଠାପରେ ପୃଷ୍ଠା ଓଲଟାଇ ପଢ଼ି ଚାଲିଥିଲେ ସୋମେସ୍ ।

ବିଭିନ୍ନ ଦେଶ ଭ୍ରମଣରେ ଯାଇ ବିଭିନ୍ନ ଅଭିଜ୍ଞତା ଲାଭ କରି ପିରାମିଡ୍ ନିର୍ମାଣ କୌଶଳର ଜ୍ଞାନକୁ ପରିପୁଷ୍ଟ କରିବାକୁ ମନସ୍ଥକଲେ ମାସାର୍ଥ । ବାହାର ଦେଶ କଥା ମନରେ ଭାବିବା ମାତ୍ରେ ଭାରତବର୍ଷର ଏକ ସୁନ୍ଦର ଚିତ୍ର ତାଙ୍କ ମନର ସିଲଟ ଉପରେ ଅଙ୍କିତ ହୋଇଗଲା । ସାମ୍ୟ, ମୈତ୍ରୀ, ଆଧ୍ୟାତ୍ମିକତାର ପବିତ୍ର ପୀଠ ଭାରତ ବର୍ଷର, ପରିଭ୍ରମଣହିଁ ତାଙ୍କର , ଏକାନ୍ତ କାମ୍ୟ ।

ମାସାର୍ଥଙ୍କ ଭାରତ ଭ୍ରମଣର କାହାଣୀ ଥିଲା ସବୁଠାରୁ ରୋମାଞ୍ଚକର । ସବୁଜିମାଭରା ଶସ୍ୟକ୍ଷେତ୍ର, ଦିଗନ୍ତ ବିସ୍ତୃତ ସବୁଜ ବନାନୀର ତରଙ୍ଗାୟିତ ଚଟିନୀର ସମ୍ଭାରରେ ପୁରି ଉଠିଛି ଭାରତର କୋଳ । ଦୀର୍ଘ ଦିନଧରି ମନମଧ୍ୟରେ ଚିତ୍ରପଟଟିଏ ପରି ଆଙ୍କି ରହିଲା ଭଳି ଏକ ଦେଶ ହେଉଛି ଭାରତବର୍ଷ ।

ପଞ୍ଜାବର ମଣ୍ଟଗୋମାରୀ ଜିଲ୍ଲାର ଇରାବତୀ ନଦୀକୂଳରେ ଅବସ୍ଥିତ ହରପ୍ପା ନଗରୀରେ ପହଞ୍ଚିଲେ ମାସାର୍ଥ । ସେହି ସମୟରେ ଏହା ଏକ ସମୃଦ୍ଧିଶାଳୀ ତଥା ଉନ୍ନତ

Digitized by srujanika@gmail.com

ନଗରୀ ଥିଲା । ଏହି ନଗରୀ ଏକ ବିଶାଳକାୟ ସୁଉଚ୍ଚ ପ୍ରାଚୀର ପରିବେଷ୍ଟିତ ଥିଲା । ଏକ ବିରାଟକାୟ ଅଜଗରର ଶରୀର ପରୀ ନଗରୀ ମଧ୍ୟ ଦେଇ ଲମ୍ବି ଯାଇଥିବା ରାଜପଥ ଥିଲା ବେଶ୍ ପ୍ରଶସ୍ତ ଆଉ ପରିଷ୍କାର । ପରିଚ୍ଛନ୍ନ ରାସ୍ତାର ଦୁଇପଟରେ ଫୁଲଭରା ଗଛମାନ ନଗରୀର ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଥାଏ । ରାସ୍ତା ଉପରେ ପଡିଥିବା ଏକ ଦ୍ୱିଚକ ବିଶିଷ୍ଟ ଯାନ ତାଙ୍କୁ ଆହୁରି ବିସ୍ମୟାଭୂତ କାରିଥିଲା । ଏଇ ଚକଲଗା ଯାନ ସେ ଭାରତରେ ପ୍ରଥମେ ଦେଖିଲେ । ଚକଲଗା ଯାନର ପ୍ରଥମ ଆବିଷ୍କାରକ ରୂପେ ଭାରତୀୟ ମାନଙ୍କୁ ପୃଥିବୀ ବାସୀ ସବୁଦିନବାଇଁ ମନେରଖିବେ । ପ୍ରତ୍ୟେକ ଗୃହରୁ ଜଳ ନିଷ୍କାସନ ପାଇଁ ସଂକୀର୍ଣ୍ଣ ନାଳମାନ ଥିଲା ଓ ଏହି ନାଳଗୁଡିକ ରାସ୍ତାରେ ଥିବା ବଡନାଳ ସହିତ ସଂଯୁକ୍ତ ହୋଇଥିଲା । ବାସଗୃହ ଗୁଡିକ ମଧ୍ୟରୁ ଲାଗିଥିଲା ସ୍ନାନାଗାର ଓ ଗୃହସାମ୍ନାରେ ବେଶ୍ ଗଭୀର କୂଅମାନ । ନଗରୀର କେନ୍ଦ୍ରସ୍ଥଳୀରେ ବିରାଟ ଶସ୍ୟାଗାର ନଗରୀର ଅର୍ଥନୈତିକ ସମୃଦ୍ଧିକୁ ପ୍ରମାଣିତ କରି ଦେଉଥିଲା । ହରପ୍ପାର ସୁଦୀର୍ଘ ପ୍ରଶସ୍ତ ରାଜପଥ, ସୁବୃହତ ସ୍ନାନାଗାର, ବିଶାଳ ଶସ୍ୟଭଣ୍ଡାର ଓ ସୁଉଚ୍ଚ ଗମ୍ବୁଜମାନ ମାସାର୍ଥଙ୍କୁ ଚକିତ କରିଥିଲା । ମାନବ ସଭ୍ୟତାର ଅରୁଣୋଦୟ କାଳରେ ଭାରତ ଭୂଇଁରେ ଏପରି ଏକ ଉନ୍ନତ, ବିଶାଳ ସଭ୍ୟତାର ପରିପ୍ରକାଶ ତାଙ୍କ କଳ୍ପନାର ବାହାରେ ଥିଲା । ନଗରୀର ପ୍ରାଚୁର୍ଯ୍ୟତା ଲୋକମାନଙ୍କର ଉନ୍ନତ ଜୀବନଯାପନ ପ୍ରଣାଳୀର ପରିଚୟ ପ୍ରଦାନ କରୁଥିଲା । ମାସାର୍ଥ ଭାବୁଥିଲେ ଏହି ଭାରତଭୂଇଁ କେତେ ପବିତ୍ର ଓ ଏହାର ଅଧିବାସୀମାନେ ମଧ୍ୟ କେତେ ମହାନ୍ । ସମ୍ରାଟ୍ ଖୁଫୁଙ୍କ ପରିକଳ୍ପିତ ସୁବିଶାଳ ପିରାମିଡ୍ କେବଳ ତାଙ୍କରି ଲାଗି ଯୁଗ ଯୁଗ ଧରି ତାଙ୍କୁ ମନେ ପକାଇବା ପାଇଁ ନିର୍ମିତ ହେବ । ଏହାର ସାଧାରଣ ଲୋକଙ୍କ ସୁଖ, ସୁବିଧା ବୃଦ୍ଧି କରିବ ନାହିଁ ବରଂ ସେମାନଙ୍କ ଦୁଃଖ ବଢ଼ାଇବ । ରାଜ୍ୟର ସର୍ବମୟ କର୍ତ୍ତା ହିସାବରେ ରାଜ୍ୟବାସୀଙ୍କର ଦୀନହୀନ ଅବସ୍ଥାକୁ ବୁଝିବାକୁ ଚିଆପସ୍ ଆଦୌ ଚେଷ୍ଟା କରୁନଥିଲେ । ମାଟିର କୁଡ଼ିଆ ମଧ୍ୟରେ ରହୁଥିବା ବନ୍ୟା ପ୍ରପୀଡ଼ିତ ମିଶରବାସୀଙ୍କ ଉପରେ ଏହା ଏକ ଦୁଃସହ ବୋଝ । ମାତ୍ର ସେ ଏଠାରେ ଦେଖୁଛନ୍ତି କ'ଣ ? ଭାରତୀୟମାନେ ସାଧାରଣ ଲୋକଙ୍କ ସୁଖ, ସ୍ୱଚ୍ଛନ୍ଦ ବୃଦ୍ଧି ପାଇଁକିପରି ସେମାନଙ୍କର ସମସ୍ତ କାରିଗରୀ କୌଶଳ ଓ ନିର୍ମାଣ ଶକ୍ତିକୁ ପ୍ରୟୋଗ କରି ପୃଥିବୀରେ ଅଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି । ନିଜ ହିତ ପାଇଁ ସେମାନଙ୍କ ଜନ୍ମ ନୁହେଁ, ସମୂହ ହିତ ସାଧନ କଲେ ଯାଇ ଜନ୍ମ ସାର୍ଥକ ହେବ, ଏହା ହିଁ ତାଙ୍କର ଦୃଢ଼ ବିଶ୍ୱାସ ।

କଳକଳ ନିନାଦିନୀ ନଗରୀର ଉପକଣ୍ଠରେ ପ୍ରବହମାନା ନଦୀ ଇରାବତୀ, ଯିଏ କି ପ୍ରବହମାନା ତାର ସ୍ୱଚ୍ଛ ଜଳଦାନରେ ଏହି ସଭ୍ୟତାକୁ ପରିପୁଷ୍ଟ କରାଇଛି, ଇରାବତୀର କୂଳରେ ଛୋଟ ବଡ଼ ହୋଇ ଅନେକଗୁଡ଼ିଏ ଗାଁ ମୁଣ୍ଡଟେକି ଉଠିଛି । ସେହି ଗାଁ ମଧ୍ୟରେ ଗୋଟିଏ ଗାଁ ହେଉଛି ହିସ୍ପା । ଗାଁର ଚାରିପଟେ ଧୂସର ମୁଣ୍ଡିଆ ପାହାଡ଼ମାନ ମୁଣ୍ଡଟେକି ଛିଡ଼ା ହୋଇଛି । ପାହାଡ଼ ଶିଖରୁ ଥାକ ଥାକ ହୋଇ ଓହ୍ଲାଇ ଆସିଛି ପାଣିଭରା ଜଳପ୍ରପାତମାନ । ଗାଁଟିର ଶୋଭାସମ୍ପଦ ବାସ୍ତବିକ୍ ଉପଭୋଗ୍ୟ । ପ୍ରକୃତି ରାଣୀ ଏଠି ଯେମିତି ଖୋଲି ଦେଇଛି ତାର ସୌନ୍ଦର୍ଯ୍ୟର ପସରା ଅକୁଣ୍ଠ ଚିତ୍ତରେ । ପାହାଡ଼ର ସବୁଜ ଶୀର୍ଷକୁ ଚୁମ୍ବନ କରି ଭାସିଯାଏ

Digitized by srujanika@gmail.com

ଚୂନା ଚୂନା ଭସାଣିଆ ମେଘମାଳା । ବର୍ଷାର ଶାନ୍ତ ସ୍ନିଗ୍ଧ ସ୍ପର୍ଶରେ ସବୁଜ ଓଢ଼ଣୀ ଢାଙ୍କି ହସିଉଠେ କମନୀୟ ପଲ୍ଲୀଭୂଇଁ ।

ଗାଁର ଭିତରକୁ ମାସାର୍ଥ ଗୋଡ଼ ଆପେ ଟାଣି ହୋଇଗଲା । ଲୋକମାନଙ୍କ ସହିତ ପରିଚିତ ହେଲେ ସେ । ପରିଶେଷରେ ଗ୍ରାମର ମୁଖ୍ୟଙ୍କ ସହ ପରିଚିତ ହେଲେ । ପରମ ଆଗ୍ରହରେ ମୁଖିଆ ଜଣଙ୍କ ତାଙ୍କୁ ତାଙ୍କ ଘରେ ସ୍ଥାନ ଦେଲେ । ମୁଖିଆଙ୍କ ଘରେ ଆତିଥ୍ୟ ଗ୍ରହଣ କଲେ ମାସାର୍ଥ । ମୁଖିଆଙ୍କ ଘରଟି ଥିଲା ବେଶ୍ ମୁକ୍ତ, ପ୍ରଶସ୍ତ ଓ ସୁନ୍ଦର । ଘରକୁ ଲାଗି ଏକ ସୁନ୍ଦର ବଗିଚା । ଫୁଲ, ଫଳର ପ୍ରାଚୁର୍ଯ୍ୟରେ ଭରି ଉଠିଥିଲା । ମୋଟ୍ ଉପରେ ପରିବେଶଟି ବେଶ୍ ଲୋଭନୀୟ ବୋଧ ହେଲା ମାସାର୍ଥଙ୍କୁ । ମାସାର୍ଥଙ୍କୁ ବେଶ୍ ଏକ ପ୍ରଶସ୍ତ ଓ ପରିଷ୍କାର ଗୃହ ମୁଖିଆ ଜଣଙ୍କ ଛାଡ଼ିଦେଲେ । ତାଙ୍କ ଶୋଇବା ପାଇଁ ନୂଆ ବିଛଣା ଓ ପିନ୍ଧିବା ପାଇଁ ନୂଆ ଲୁଗାର ବ୍ୟବସ୍ଥା କରାଗଲା । ହେଲେ ମାସାର୍ଥ ଏସବୁ ବିଳାସ ବ୍ୟସନର ପ୍ରତିବାଦ କରନ୍ତି । କୁହନ୍ତି, "ମୁଁ ଜଣେ ସାମାନ୍ୟ ଭ୍ରମଣକାରୀ । ସାଧାରଣଭାବେ ଏଠାରେ କିଛି ଦିନ କଟାଇ ଚାଲିଯିବି । ଏତେ ଆଡ଼ମ୍ବର ମୋର କ'ଣ ଦରକାର ?

ଉତ୍ତରରେ ସାମାନ୍ୟ ହସନ୍ତି ମୁଖିଆଜଣକ । କୁହନ୍ତି, "ଯାହାହେଲେ ବି ଆପଣ ଜଣେ ବିଦେଶୀ ଓ ବିଶେଷ କରି ଆମର ଅତିଥି। ଅତିଥିମାନଙ୍କ ସୁଖ, ସୁବିଧା ଦେଖିବା ଆମର ପ୍ରଧାନ କର୍ତ୍ତବ୍ୟ । କାରଣ, ଆମର ପରମ୍ପରାରେ ଅଛି, ଯେଉଁ ଗୃହରେ ଅତିଥି ଅବହେଳିତ ହୁଏ, ସେ ଗୃହକୁ ତା ପିତୃପୁରୁଷ ପାଣି ଛୁଅନ୍ତି ନାହିଁ । ସେଥିପାଇଁ ଆପଣଙ୍କର ସେବା ହିଁ ଆମର ଏକମାତ୍ର କାମ ।" ମୁଗ୍ଧ ହୁଅନ୍ତି ମାସାର୍ଥ । ଭାରତୀୟମାନଙ୍କ ଅତିଥିବତ୍ସଳତା ତାଙ୍କୁ ମୁଗ୍ଧ କଲା । ଅଜ୍ଞାତ ଅପରିଚିତ ବ୍ୟକ୍ତି ହିସାବରେ ମାସାର୍ଥ ଭାରତ ଭୂଇଁରେ ଗୋଡ଼ ଦେଲାପରେ ନିଜକୁ ଅତି ଅସହାୟ ମନେ କରୁଥିଲେ । ତାଙ୍କ ଭାଷା, ତାଙ୍କ ଖାଇବା ରହିବା ଓ ତାଙ୍କ ଅସୁସ୍ଥତାର ଚିନ୍ତା ତାଙ୍କୁ ଘାରିଥିଲା । କିନ୍ତୁ ଜ୍ଞାନଲାଭ ପାଇଁ ଯେଉଁମାନେ ପାଗଳ, ସେମାନଙ୍କୁ ଏ ପ୍ରକାର ଚିନ୍ତା ବାଧାଦେଇ ଅଟକାଇ ରଖିପାରେନା । ସକଳପ୍ରକାର ଦୁଃଖକୁ ବରଣ କରିବା ପାଇଁ ପ୍ରସ୍ତୁତ ହୋଇ ମାସାର୍ଥ ଭାରତଭୂଇଁରେ ଗୋଡ଼ଦେଲେ । ଭାରତର ଅତିଥି ବତ୍ସଳତା ଦେଖି ମାସାର୍ଥ କେବଳ ମୁଗ୍ଧ ହୋଇନଥିଲେ ଚକିତ ମଧ୍ୟ ହୋଇଥିଲେ । ସେ ବୁଝି ପାରିଥିଲେ ଉନ୍ନତ ସଭ୍ୟତାର ଦାୟାଦ ରୂପେ ଭାରତୀୟମାନଙ୍କ ଅନ୍ତର ମଧ୍ୟରେ ଭରି ରହିଛି ଦେବତ୍ୱ ।

ଗ୍ରାମର ଶେଷରେ ଏକ ଦେବ ଉପାସନା ଗୃହ ପାହାଡ଼କୁ ଥାକ ଥାକ କରି କାଟି ତା ଖାଲରେ ଏହି ଗୃହଟି ଖୁବ୍ ସୁନ୍ଦର ଭାବେ ନିର୍ମାଣ କରାଯାଇଥିଲା । ସେଠାରେ ଥିଲା ଧ୍ୟାନରତ ପଶୁପତିଙ୍କର ଏକ ବିରାଟ ମୂର୍ତ୍ତି । ସନ୍ଧ୍ୟା ସମୟରେ ତାହାରି ପ୍ରାଙ୍ଗଣରେ ବସନ୍ତି ମାସାର୍ଥ, ତାଙ୍କ ସହ ଥାଆନ୍ତି ଗ୍ରାମର ମୁଖିଆ ଓ ଅନ୍ୟାନ୍ୟ କେତେକ ବିଶିଷ୍ଟ ଲୋକ । ଚମ୍ପା ଓ ମଲ୍ଲୀ ଫୁଲର ବାସ୍ନା ସହ ନାନା ଅନାବନା ଫୁଲର ବାସ୍ନା ବହନ କରି ମୃଦୁ ମନ୍ଦ ଗତିରେ ପ୍ରବାହିତ ସାନ୍ଧ୍ୟ ସମୀରଣ ବେଶ୍ ଏକ ମନ ମୁଗ୍ଧକର ପରିବେଶ ସୃଷ୍ଟି କରୁଥାଏ ତାଙ୍କ ମନ ଅଙ୍ଗନରେ ଏକ ନବୀନ ଅନୁଭୂତି ।

Digitized by srujanika@gmail.com

ସେଠାରେ ନାନା ବିଷୟରେ ଆଲୋଚନା ପଡ଼େ । ବିଶେଷ କରି ପ୍ରାଚୀନ ଭାରତର ଐତିହ୍ୟ ଓ ପରମ୍ପରା ବିଷୟରେ ନାନା କଥା ପଡ଼େ । ସେଥିରୁ ମାସାର୍ଥ ଯାହା ଦରକାର ମଣନ୍ତି, ତାଙ୍କ ଟିପା ଖାତାରେ ଟିପି ଲେଖନ୍ତି । ଭାରତୀୟମାନେ ମଧ୍ୟ ମାସାର୍ଥଙ୍କ ଠାରୁ ପିରାମିଡ୍ ନିର୍ମାଣର କାହାଣୀ ଶୁଣି ଶୁଣି ମୁଗ୍ଧ ହୁଅନ୍ତି ।

ସେଦିନ ସନ୍ଧ୍ୟାରେ ସୋମେସ୍ ଓ ଆୟେସାଙ୍କ ମଧ୍ୟରେ ପ୍ରଧାନ ଆଲୋଚ୍ୟ ବିଷୟ ଥିଲା ରାମାୟଣର ଯୁଗାନ୍ତକାରୀ କାହାଣୀ । ପାର୍ଥିବ ଜୀବନର ସର୍ବଶ୍ରେଷ୍ଠ ଆଦର୍ଶ ଏ କାହାଣୀର ଛତ୍ରେ ଛତ୍ରେ ପ୍ରତିଫଳିତ ହୋଇଛି । ପୁରୁଷୋତ୍ତମ ଶ୍ରୀରାମଙ୍କ ନୈସର୍ଗିକତା ଓ ସାଧୁତା ଓ ସତ୍ୟନିଷ୍ଠା ତାଙ୍କୁ ତନ୍ମୟ କରିଥିଲା । ପିତୃସତ୍ୟ ପାଳନରେ ରାଜପ୍ରାସାଦର ସକଳ ବିଭବ ତ୍ୟାଗ କରି ଅରଣ୍ୟବାସୀ ସାଜି ଥିଲେ ସେ ସାଙ୍ଗରେ ଅନୁଜ ଲକ୍ଷ୍ମଣ । ରାଜା ଦଶରଥଙ୍କର ଅନ୍ୟ ଦୁଇପୁତ୍ର ଭରତ, ଶତ୍ରୁଘ୍ନ ମାତୁଳାଳୟରେ । ଏପରି ଏକ ଘୋର ଅସମୟରେ ରାମଙ୍କ ବିରହ ଦୁଃଖରେ ଜର୍ଜରିତ ରାଜା ଦଶରଥ ପ୍ରାଣତ୍ୟାଗ କଲେ । ସେକାଳର ନିୟମ ଅନୁଯାୟୀ କୌଣସି ଜଣେ ହେଲେ ପୁତ୍ର ଆସି ରାଜ୍ୟଭାର ଗ୍ରହଣ ନକଲା ପର୍ଯ୍ୟନ୍ତ ମହାରାଜାଙ୍କ ଶବ ସତ୍କାର ହୋଇପାରିବ ନାହିଁ । ଭରତଙ୍କୁ ମାମୁଁଘରୁ ଆଣିବାକୁ ପଡ଼ିବ । ସେ ପର୍ଯ୍ୟନ୍ତ ଦଶରଥଙ୍କ ଶବ ସଂରକ୍ଷଣ ହୋଇରହିଲା । ଆଶ୍ଚର୍ଯ୍ୟ ହେଲେ ଆୟେସା । ଯେଉଁ ଶବ ସଂରକ୍ଷଣ ହିଁ ତାଙ୍କୁ ଆଜି ଏତେ ବଡ଼ ସମସ୍ୟାର ସମ୍ମୁଖୀନ କରାଇଛି, ଅତି ପୁରାତନ କାଳରୁ ହିଁ ଭାରତୀୟମାନେ ତାହାକୁ ଆୟତ କରିପାରିଥିଲେ । ହେଲେ ସେମାନେ ଶବଟିକୁ କି ଉପାୟରେ ସଂରକ୍ଷଣ କରିଥିଲେ ସେ ବିଷୟରେ ଆୟେସା ଅଧିକ କିଛି ଜାଣିବାକୁ ଚାହିଁଥିଲେ, ମାତ୍ର ତାଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ସୋମେସ୍ ଦେଇପାରିନଥିଲେ ।

କେବଳ ଏତିକି ନୁହେଁ, ରାବଣ ଦ୍ୱାରା ନିର୍ମିତଶିଳ୍ପୋନ୍ନତ ନଗରୀ ଲଙ୍କା ଭାରତୀୟମାନେ ଯେ ଦିନେ ଶିଳ୍ପ ଓ ବିଜ୍ଞାନରେ ଚରମ ଉତ୍କର୍ଷତା ଲାଭ କରିଥିଲେ ତା ପ୍ରମାଣ କରିଦିଏ । ଏହି ଲଙ୍କାନଗରୀ ଏକଦା ଭାରତ ଭୂଖଣ୍ଡର ଅନ୍ତର୍ଗତ ଥିଲା । କାଳକ୍ରମେ ସମୁଦ୍ରର ସ୍ରୋତଦ୍ୱାରା ତାହା ବିଚ୍ଛିନ୍ନ ହୋଇ ଦ୍ୱୀପ ଆକାରରେ ରହିଲା । ଏହି ଅନବଦ୍ୟ ମହାକାବ୍ୟର କାହାଣୀର ଛତ୍ରେ ଛତ୍ରେ ଫୁଟି ଉଠିଥିଲା ତ୍ୟାଗ, ନିଷ୍ଠା ଓ ଶୃଙ୍ଖଳାର ଏକ ଚିତ୍ର ।

ବାସ୍ତବିକ୍, ଏହି ମହାକାବ୍ୟର କାହାଣୀ ଆଜି ସମଗ୍ର ବିଶ୍ୱବାସୀଙ୍କୁ ଉଦ୍‌ବୁଦ୍ଧ କରୁଛି । ଏପରିକି କମ୍ୟୁନିଷ୍ଟ ଚିନ୍‌ରେ ମଧ୍ୟ ଏହି କାବ୍ୟର ଅନୁବାଦ ପାଇଁ ଏବେ ଉଦ୍‌ଯୋଗ ଆରମ୍ଭ ହେଉଛି । ସେ ବହୁଥର ସେ କାହାଣୀକୁ ପଢ଼ିଛନ୍ତି । ହେଲେ ଯେତିକି ଯେତିକି ପଢୁଥାଆନ୍ତି, ତାଙ୍କୁ ସେତିକି ସେତିକି ନୂଆ ଲାଗୁଥାଏ । ମନେ ମନେ ଭାବିଲେ ସୋମେସ୍ । ଏଥିରେ ଫୁଟି ଉଠିଥିବା ଚିରନ୍ତନ ସତ୍ୟ ଓ ଗଭୀର ଦାର୍ଶନିକ ତତ୍ତ୍ୱ ଆଜିର ବିପଥଗାମୀ ସଭ୍ୟତାକୁ ହିଁ ସୁପଥଗାମୀ କରାଇବ । ସେଇଥିପାଇଁ ଗଭୀର ଜୀବନ ଦର୍ଶନ ସମ୍ପର୍କରେ ଅମୂଲ୍ୟତଥ୍ୟ ପରିବେଷଣ କରୁଥିବା ଏହି କାହାଣୀକୁ ଆମ ଦେଶରେ ଟେଲିଭିଜନ ମାଧ୍ୟମରେ ଲୋକଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଉଛି । ହୁଏତ ସମସ୍ତେ ନହେଲେ ହେଁ କିଛି ଲୋକ ଏ ଆଦର୍ଶରେ

Digitized by srujanika@gmail.com

ନିଜକୁ ଅନୁପ୍ରାଣିତ କରିପାରନ୍ତି । କେବଳ ଏତିକି ନୁହେଁ ପୁରାତନ ମୁନି, ଋଷିମାନଙ୍କ ଦ୍ୱାରା ରଚିତ ପୁସ୍ତକମାନ ଏକାଧାରାରେ ବିଜ୍ଞାନ, ରାଜନୀତି, ସମାଜତତ୍ତ୍ୱ ଓ ଅନାବିତ ପ୍ରେମପ୍ରୀତିର ଏକ ଜୀବନ୍ତ ସତ୍ୟ ବହନ କରିଛି । ଏହି ସତ୍ୟର ଅନୁସରଣ ହିଁ ଆଜିର ଏ ଅନ୍ଧକାର ମଧ୍ୟର ଆମ୍ଭମାନଙ୍କୁ ଦିବ୍ୟଜ୍ୟୋତିର ସନ୍ଧାନ ଦେବ ।

ନଥିର ଆଉ ଏକ ପୃଷ୍ଠା ଓଲଟାଇଲେ ସୋମେସ । ବିଶାଳ ଭୂଖଣ୍ଡ ଭାରତ ତାର ପ୍ରେମର ସ୍ୱର୍ଗୀୟ ମହକରେ ଭରିଦେଇଥିଲା ମାସାର୍ଥଙ୍କ ଅନ୍ତର ।

ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କରି ସ୍ନାନ ଆଦି ସାରି ସୂର୍ଯ୍ୟତର୍ପଣ କରିବା ରାଜବୈଦ୍ୟ ମାସାର୍ଥଙ୍କର ନିତିଦିନର ପ୍ରଥମ କର୍ମସୂଚୀ । ଭାରତ ଆସିବା ପରେ ଏ ଅଭ୍ୟାସ ତାଙ୍କର ଆହୁରି ଟିକିଏ ବଢ଼ିଯାଇଛି । ପାହାନ୍ତିଆ ଆକାଶକୋଳରୁ କୁଆଁତାରା ନ ଲୁଚୁଣୁ, ଜହ୍ନର ଆଲୁଅ ଫିକା ନ ପଡୁଣୁ ନଦୀକୂଳ ଅସଂଖ୍ୟ ସାଧୁ, ସନ୍ଥମାନଙ୍କର ସମାବେଶରେ ପୂରି ଉଠେ । ସେମାନଙ୍କ କଣ୍ଠ ନିସୃତ ଭଗବତ୍ ବନ୍ଦନା ମୃଦୁମନ୍ଦ ସମୀରଣରେ ଚତୁର୍ଦ୍ଦିଗରେ ଝଙ୍କୃତ ହୋଇଉଠେ । ଖୁବ୍ ଭଲ ଲାଗେ ରାଜବୈଦ୍ୟଙ୍କୁ ଏ ପରିବେଶଟି । ଭାରତୀୟମାନଙ୍କର ଭଗବତ୍‌ଶକ୍ତି ଉପରେ ଅଖଣ୍ଡ ବିଶ୍ୱାସ । ପ୍ରବଳ ଖରସ୍ରୋତା ନଦୀର ସ୍ୱଚ୍ଛ ଘୂର୍ଣ୍ଣାୟମାନ ଜଳରାଶି ତା ବକ୍ଷରେ ଥିବା ସମସ୍ତ କାଠିକୁଟାକୁ ତାର ପ୍ରବଳ ସୁଅରେ ତଡ଼ି ନେଲାପରି ଭାରତୀୟମାନଙ୍କ ଅନ୍ତର ତଳେ ପ୍ରବାହିତ ଭଗବତ୍ ବିଶ୍ୱାସର ସେହି ପବିତ୍ରଧାରା ତାଙ୍କ ହୃଦୟରୁ ସମସ୍ତ ଆବିଳତା ଓ ଜଟିଳତାକୁ ତା'ର ପ୍ରବଳ ସୁଅରେ ତଡ଼ିନେଇ କାହିଁ କେଉଁଠି ପକାଇ ଦେଇଛି । ସେଇଥିପାଇଁ ବୋଧହୁଏ ଝରଣାର ଜଳପରି ଏମାନଙ୍କର ହୃଦୟଟା ସ୍ୱଚ୍ଛ ଓ ନିର୍ମଳ ।

ଦିନକର ଘଟଣା । ସ୍ନାନ ଓ ପୂଜା ଆଦି ସାରି ଗାଁ ଅଭିମୁଖେ ଫେରି ଆସୁଥିଲେ ମାସାର୍ଥ । ସ୍ତ୍ରୀ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଘାଟିରୁ ଠିକ୍ ସେହି ସମୟରେ ଫେରି ଆସୁଥିଲା ଝିଅଟିଏ । ଥରେ ମାତ୍ର ଆଖି ପକାଇ ଦେଇ ଆଖି ଫେରାଇ ଆଣିଲେ ସେ । ତାଙ୍କ ଜୀବନ କାଳ ମଧ୍ୟରେ ଏପରି ସୌନ୍ଦର୍ଯ୍ୟର ପ୍ରତିମା ସେ କେବେହେଲେ ଦେଖି ନଥିଲେ । ଖୁବ୍ ତରବର ହୋଇ ବାଟଭାଙ୍ଗି ଝିଅଟି ଚାଲିଗଲା । ଦେହରେ ତାର ଜଡ଼ିରହିଥିଲା ଏକ ଶ୍ୱେତ ଶୁଭ୍ର ଆବରଣ । ଏକ ଶୁଭ୍ର ରଜନୀଗନ୍ଧାର ସ୍ତବକପରି ସେ ଶୋଭା ପାଉଥିଲା ।

ବନ୍ଧନମୁକ୍ତ କୁନ୍ତଳ ତାର ପିଠିପଟେ ବିଛାଇ ହୋଇ ପଡ଼ିଥିଲା । ସେହି ସାଧାରଣ ବେଶରେ ବି ସେ ଅପୂର୍ବ ଲାଗୁଥିଲା । ମାସାର୍ଥ ଜାଣିଥିଲେ ଜଣେ ଅପରିଚିତ ପୁରୁଷ କୌଣସି ସ୍ତ୍ରୀ ଲୋକକୁ ମୁହଁଟେକି ଅନାଇବାଟା ପାପ ବୋଲି ସେହି ସମୟରେ ଧରାଯାଉଥିଲା । ବିଚିତ୍ର ଏ ସମାଜ । ବିଚିତ୍ର ତାର ନିୟମ । ଜଣେ ବିଦେଶୀ ହିସାବରେ ସେତେବେଳକାର ସମାଜର ନିୟମ ମାନିବାକୁ ସେ ବାଧ ହେଉଥିଲେ । ତଳକୁ ମୁହଁପୋତି ସେ ମଧ ତାଙ୍କ ବାଟରେ ଚାଲିଗଲେ ।

ସ୍ୱପ୍ନ ପ୍ରତିଟି ମଣିଷର ଅତିପ୍ରିୟ ବସ୍ତୁ । କର୍ମବ୍ୟସ୍ତତାଜୀବନ ମଧ୍ୟରୁ ନିଜକୁ କିଛି ସମୟ ପାଇଁ ଅବ୍ୟାହତି ଦେଇ ସ୍ୱପ୍ନମୟ ରାଜ୍ୟରେ ଥରେ ଘୂରି ଆସିବାକୁ କିଏ ଅବା ଭଲ

Digitized by srujanika@gmail.com

ନପାଏ ? ବାସ୍ତବରେ ନହେଉ ପଛକେ, ନିଜର ଅତିପ୍ରିୟ ଜିନିଷକୁ କିଛି ସମୟ ପାଇଁ କଳ୍ପନାରେ ପାଇଯାଏ । ଏମିତିବି ବେଳେବେଳେ ସମୟ ଆସେ ଅତି ଅପ୍ରତ୍ୟାଶିତଭାବେ ମଣିଷର ସ୍ୱପ୍ନ ସତ୍ୟରେ ପରିଣତ ହୋଇଯାଏ । ଠିକ୍ ଏମିତି ଏକ ଘଟଣା ଘଟିଲା ମାସାର୍ଥଙ୍କ କ୍ଷେତ୍ରରେ ।

ପାହାଡ଼ ପର୍ବତର ବୁକୁଚିରି ନୀଳ ଜଳ ଭରା ଝରଣାର ଜଳ ଝରି ଝରି ଗଲାପରି କଠୋର କର୍ତ୍ତବ୍ୟରେ ହଜିଯାଇଥିଲା ମଣିଷର ହୃଦୟ ତଳେ ମଧ ନିଭୃତରେ ପ୍ରେମର ଏକ ସ୍ୱଚ୍ଛ ଧାରା ପ୍ରବାହିତ ହେଉଥାଏ । ସୁବିଧା ପାଇଲେ ତାହା ଶୁକ୍ଳପକ୍ଷରେ ସମୁଦ୍ରର ଜଳପରି କୂଳଲଂଘନ କରି ମାଡ଼ି ଆସେ । ଠିକ୍ ସେମିତି ସୁଦୂର ବିଦେଶରେ ସୁନ୍ଦରୀ ନାରୀଟିର ଦର୍ଶନ ମାତ୍ରକେ ମାସାର୍ଥଙ୍କ ହୃଦୟ କନ୍ଦରରେ ପ୍ରବାହିତ ପ୍ରେମର ନଦୀଟି ସତେଅବା ଉଚ୍ଛୁଳି ପଡ଼ିଲା । ତାଙ୍କୁ ମନେ ହେଲା ଏତେ ଅନ୍ତରଙ୍ଗଭାବେ ଜୀବନରେ କାହାକୁ ସେ ଭଲ ପାଇ ନଥିଲେ । ଏହା ହିଁ ବୋଧହୁଏ ତାଙ୍କ ପ୍ରତି ପ୍ରଥମ ଥିଲା । ଯାହାକୁ କୁହନ୍ତି 'ପ୍ରଥମ ଦର୍ଶନରେ ହିଁ ପ୍ରେମ', ତାହା ହିଁ ମାସାର୍ଥଙ୍କ କ୍ଷେତ୍ରରେ ଘଟିଥିଲା । ସେହି ଝିଅଟିକୁ ଥରେ ମାତ୍ର ପାଖରେ ଦେଖିବାକୁ ମାସାର୍ଥଙ୍କ ମନ କେତେ ଆକୁଳ ହୋଇଛି, କେତେ ସେ ସ୍ୱପ୍ନ ଦେଖିଛନ୍ତି, କେତେ ବିନିଦ୍ର ରଜନୀ ବିତାଇଛନ୍ତି । ଦିନେ ଦେଖିଲେ ସତକୁ ସତ ତାଙ୍କର ସ୍ୱପ୍ନ ସତ ହୋଇଛି ।

ସେଦିନ ଉପାସନା ଗୃହଟି ଖୁବ୍ ନିର୍ଜନ ଥିଲା । ପଶୁପତିଙ୍କ ପଦତଳେ ଭକ୍ତି ନୈବେଦ୍ୟ ଅର୍ପଣ କରି ଫେରୁଥିଲାବେଳେ ସେହି ଝିଅଟି ସହ ତାଙ୍କର ଅପ୍ରତ୍ୟାଶିତ ଭାବେ ଭେଟ ହୋଇଗଲା । ଝିଅଟିର ଲଜ୍ୟାନତ ମୁଖରେ ଥରେ ଦୃଷ୍ଟି ଫେରାଇ ଆଣି ମୁହଁ ପୋତିଲେ ମାସାର୍ଥ । ଚତୁର୍ଦ୍ଦଶୀ ଚନ୍ଦ୍ରର କିରଣ ବେଢ଼ାଛିତ ଗଛ ଲତାର ପତ୍ରେ ପତ୍ରେ ଜ୍ୟୋସ୍ନାର ପୀୟୁଷ ଢେଉ ବିଚ୍ଛୁରି ଦେଉଥିଲା । କିଛି ଜ୍ୟୋସ୍ନାଲୋକ ପତ୍ର ଗହଳିର ଫାଙ୍କେ ଫାଙ୍କେ ଆସି ଦୂବଘାସ ଉପରେ ରୂପେଲି ରଙ୍ଗ ନେସି ଦେଇଥିଲା । ସେହି ସଫେଦ ଜହ୍ନ ଆଲୁଅ ସହ ଏକବାର ମିଶିଯାଉଥିଲା ଝିଅଟିର ଶ୍ୱେତ ଶୁଭ୍ର ପରିଧାନ । ମନ୍ଦିରର ଗୋଟିଏ କୋଣକୁ ଦୀପଟିଏ ଜାଳି ପ୍ରଣତି ଜଣାଉଥିଲା ସେ ।

ପ୍ରତିଦିନ ଅନେକ ସୁନ୍ଦରୀ ଝିଅଙ୍କୁ ସେ ତାଙ୍କ ଜୀବନର ଚଲାପଥରେ ଭେଟିଛନ୍ତି । ହେଲେ ରାସ୍ତାରେ ପ୍ରତ୍ୟହ ଯିବାଆସିବା କରୁଥିବା ଅଗଣିତ ବାଟୋଇ ଯେପରି କୌଣସି ପଦଚିହ୍ନ ରଖିଯାଆନ୍ତି ନାହିଁ, ଠିକ୍ ସେମିତି ତାଙ୍କ ଜୀବନ ପଥରେ ସେମାନଙ୍କ ସ୍ମୃତିର ପଦଚିହ୍ନ ଏତେ ଟିକିଏ ବି ନାହିଁ । ମାତ୍ର ଏହି ଝିଅଟି କ୍ଷେତ୍ରରେ ଏକ ସ୍ୱତନ୍ତତା ଦେଖାଦେଇଛି । ଏହିପରି ନାନା ଚିନ୍ତା ମଧରେ ମନ୍ଦିର ବାହାରକୁ ପାଦ ବଢ଼ାଇଲେ ସେ । ଚାରିଆଡ଼େ ଅଖଣ୍ଡ ନୀରବତା, ନିର୍ଜ୍ଜନତାର ଏକ ସ୍ୱତନ୍ତ୍ର ରୂପ ଅଛି, ଯାହାକି ପ୍ରତିଟି ମଣିଷର ମନକୁ ଆଚ୍ଛନ୍ନ କରେ ।

ଉପାସନା ଗୃହ ଠାରୁ ଗାଁଟି ଥିଲା ଅଳ୍ପ ଦୂର । ତଥାପି ସ୍ୱଳ୍ପ ଦୂର ବିଶିଷ୍ଟ ସେହି ରାସ୍ତାଟି ଅପେକ୍ଷାକୃତ ନିର୍ଜନ ଥିଲା । ନିର୍ଜନ ରାସ୍ତାରେ ଝିଅଟିକୁ ଏକୁଟିଆ ଭାବେ ଛାଡ଼ିଦେଇ ଯିବାକୁ ତାଙ୍କ ବିବେକ ବାଧା ଦେଉଥିଲା । ଝିଅଟି ପାଖକୁ ଯାଇ ଧୀର, ନମ୍ର ସ୍ୱରରେ ସେ କହିଲେ, ''ଯଦି ଆପତ୍ତି ନଥାଏ, ମୋ ସହ ଆସନ୍ତୁ । ମୁଁ ଗାଁରେ ଛାଡ଼ିଦେଇ ଯିବି ।''

Digitized by srujanika@gmail.com

''ଝିଅଟି ତାଙ୍କ ପଛେ ପଛେ ନୀରବରେ ଚାଲିଲା ।'' ଝିଅଟିର ମୁହଁକୁ ଜହ୍ନ ଆଲୁଅର ପସରା ମଧ୍ୟରେ ଥରେ ଅନେଇ ଦେଇ ମାସାର୍ଥ ବୁଝିନେଲେ ହଜିଯାଇଥିବା ଅତୀତ ଦିନର କୌଣସି ଏକ ବିଶିଷ୍ଟ ସ୍ମୃତି ତାର ସୌନ୍ଦର୍ଯ୍ୟଭରା ମୁହଁ ଉପରେ ଉଦାସୀନତାର ରଙ୍ଗ ବୋଳି ଦେଇଛି । ବାସିଫୁଲର ପାଖୁଡ଼ା ପରି ତାର କମନୀୟ ମୁଖମଣ୍ଡଳଟି କି ଏକ ଦୁଃଖରେ ଝାଉଁଳି ପଡ଼ିଛି ।

ମାସାର୍ଥଙ୍କ ମନ ମଧ୍ୟରେ ଅସରନ୍ତି ଭାବନାର ଢେଉ ବୁଢ଼ୀଆଣୀ ଜାଲ ପରି ଛନ୍ଦି ହୋଇ ଯାଇଥାଏ । ଅନେକ ଥର ତାଙ୍କର ମନ୍ଦିର ବେଢ଼ାରେ ତା ସହ ଭେଟ ହୋଇଛି । ହେଲେ ତାର ନୀରବ, ଉଦାସୀନ ଭରା ଚାହାଣୀକୁ ଦେଖି ସେ ଭରସି କରି ପଚାରି ପାରନ୍ତି ନାହିଁ । ସମୟ ହିଁ ହେଉଛି ସତ୍ୟର ପଥ ପ୍ରଦର୍ଶକ । ଏହା ସବୁ ଅସାଧାରଣକୁ ସାଧାରଣ କରେ । କଠିନ ଓ ଜଟିଳକୁ ସରଳ କରେ ।

ସେହି ସମୟ କ୍ରମେ ମାସାର୍ଥ ଦିନେ ଝିଅଟିକୁ ତା ବିଷୟରେ କିଛି ଜାଣିବା ପାଇଁ ପଚାରିଲେ ।

ଦୁଃଖରେ ପଡ଼ିଲେ ମଣିଷ ଯଦି ତା ହୃଦୟର ଭାବନାକୁ ବା ଆବେଗକୁ କାହା ଆଗରେ ପ୍ରକାଶ କରିଦିଏ ଅଥବା ତତଲା ଲୁହ ଆକାରରେ ଢାଳିଦିଏ ତା ମନ ଭିତରେ ଉଠିଥିବା ଦୁଃଖର ଢେଉ କିଛି ପରିମାଣରେ କମିଯାଏ । ଏହା ବାସ୍ତବ ସତ୍ୟ ।

ଝିଅଟିର ନାମ ଥିଲା ଅର୍ପିତା । ଅତି କମ୍ ବୟସରୁ ଏକ ନିଃସହାୟ, ନିଛାଟିଆ ଜୀବନ ଯାପନ କରି କରି ତା ହୃଦୟ ଭିତରଟା ଏକ ଯନ୍ତ୍ରଣାରେ ଛଟପଟ ହେଉଥିଲା । ସେଦିନ ସେ ଦୁଃଖର ଜ୍ୱାଳାକୁ ଯନ୍ତ୍ରଣାରେ ସ୍ୱରକୁ ମାସାର୍ଥ ଆଗରେ ପ୍ରକାଶ କରିଥିଲା ନିଃସଙ୍କୋଚରେ ।

ଅଳ୍ପ ବୟସରୁ ଅର୍ପିତା ପାଖ ଗାଁର ଜଣେ ଯୁବକକୁ ବିବାହ କରିଥିଲା । ମାତ୍ର ତା ସ୍ୱାମୀଙ୍କର ସଂସାର ପ୍ରତି କୌଣସି ଆସକ୍ତି ନଥିଲା । ପିଲାଦିନରୁ ସେ ଥିଲେ ଏମିତି । ବିଷାଦର ଛାଇ ସର୍ବଦା ତାଙ୍କ ମୁହଁକୁ ଢାଙ୍କି ରଖିଥାଏ । ସାଙ୍ଗ ସାଥିମାନଙ୍କର ହସଖୁସି ଠାରୁ ମଧ୍ୟ ସେ ନିଜକୁ ଦୂରେଇ ରଖିଥାଆନ୍ତି । ଏକୁଟିଆ ନିରୋଳା ଜାଗାରେ ବସି ରହି ଭାବନାର ଅକଳନ୍ତି ଢେଉ ମଧ୍ୟରେ ନିଜକୁ ହଜାଇ ଦେବାରେ ହିଁ ଥିଲା ତାଙ୍କର ପରମ ଆଗ୍ରହ । ସବୁବେଳେ ତାଙ୍କର ମତଥିଲା ଅନନ୍ତ କାଳ ପାରାବାର ମଧ୍ୟରେ । ଜୀବନ ହେଉଛି ସାମାନ୍ୟ ଗୋଟିଏ ପାଣି ଫୋଟକା । ତେଣୁ ଜୀବନର ସୁଖ ଦୁଃଖ ପାଇଁ ଏତେଗୁଡ଼ିଏ ଚିନ୍ତା କରିବା କୌଣସି ବିଜ୍ଞ ବ୍ୟକ୍ତିର କର୍ତ୍ତବ୍ୟ ନୁହେଁ । ଦୁଃଖ ଆଉ ସୁଖ ସେ ସବୁତ ଭଗବାନଙ୍କ ନିର୍ଦ୍ଦେଶରେ ହୁଏ । ଯାହା ହେବାର ଥିବ ନିଶ୍ଚୟ ହେବ । ସେ ତ ବିଧି ନିର୍ଦ୍ଦେଶ । ସେଥିପାଇଁ ମନୁଷ୍ୟ ନିଜକୁ ଅଯଥା ଜଡ଼ିତ କରିବା ଉଚିତ ନୁହେଁ । ତେଣୁ ସେ ସମସ୍ତ ଚିନ୍ତା ଜଞ୍ଜାଳରୁ ଅବ୍ୟାହତ ନେଇ କେବଳ ଭଗବତ୍ ଚିନ୍ତାରେ ମଗ୍ନ ରହିଲେ ।

Digitized by srujanika@gmail.com

ଅର୍ପିତା ଭାବିଥିଲା ବିବାହ ପରେ ସବୁ ହୁଏ ତ ଠିକ୍ ହୋଇଯିବ । ତେଣୁ ତାର ଯୁଗ୍ମ ଜୀବନକୁ ସଜାଡ଼ିବାକୁ ତାଙ୍କୁ ଖୁସି କରିବାକୁ ଯାହା କିଛି କରିବାର ସେ ସବୁ କରିଥିଲା । ଏକ କର୍ତ୍ତବ୍ୟ ପରାୟଣା ସ୍ତ୍ରୀ ହିସାବରେ ନିଜ ସ୍ୱାମୀ ପାଇଁ କର୍ତ୍ତବ୍ୟରେ ସେ କେବେହେଲେ ତ୍ରୁଟି କରିନଥିଲା । ମାତ୍ର ସେ ଯେ ଅନ୍ୟ ପଥର ପଥିକ । ଚିରନ୍ତନ, ଶାଶ୍ୱତ ଶାନ୍ତି ଲାଭ କରିବା ଯାହାର କାମ୍ୟ ସାମାନ୍ୟ ସାଂସାରିକ ସୁଖ ତା ସ୍ଥିରମନକୁ ବା ଚହଲାଇ ଦେବ କିପରି ? ତଥାପି ସେ ଆଶା ହରାଇ ନଥିଲା । ଭାବିଥିଲା ସମୟ ନିଶ୍ଚୟ ଆସିବ, ତା ସ୍ୱାମୀ ପୁଣି ସଂସାର ପଥକୁ ଫେରି ଆସିବେ । ଏଥିପାଇଁ ଅସୀମ ଧୈର୍ଯ୍ୟର ସହ ସେ ପ୍ରତୀକ୍ଷା କଲା । ହେଲେ ଆଜି ତା ସମ୍ମୁଖରେ ସବୁକିଛି ଓଲଟ ପାଲଟିଗଲା । ଭାବନାର ସ୍ରୋତ ତାର ବଦଳିଗଲା । ଜୀବନର ରଥଚକ୍ର ତାର ଏକ ବିରାଟ ଦୁର୍ଘଟଣାର ସମ୍ମୁଖୀନ ହେଲା ।

ତାର ସମସ୍ତ ଆଶା ଆଶଙ୍କାର ପରିସମାପ୍ତି ଘଟାଇ ଦିନେ ତା ସ୍ୱାମୀ ତାକୁ କିଛି ନ ଜଣାଇ ନିଖୋଜ ହୋଇଗଲେ । ସେଥିପାଇଁ ତାକୁ ହିଁ ଦାୟୀ କରାଗଲା । ନାନା ଗଞ୍ଜଣା, ଦୁଃଖ ଭିତରେ ତା ଜୀବନ କଟିବାକୁ ଲାଗିଲା । ମୁଣ୍ଡ ଉପରେ ତାର କଳଙ୍କର ବୋଝ ଲଦି ଦିଆଗଲା । ଫୁଲଟି ତା'ର କଅଁଳ ପାଖୁଡ଼ା ମେଲି ଫୁଟିବା ପୂର୍ବରୁ ହଠାତ୍ ବର୍ଷା ପବନର ଆଘାତରେ ଭୂଲୁଣ୍ଠିତ ହେଲା ପରି ସଂସାର ତା'ର ଆରମ୍ଭ ହେବା ପୂର୍ବରୁ ଏକ ଅଦିନିଆ କାଳବୈଶାଖୀର ଆଘାତରେ ଭାଙ୍ଗି ଭୁଷୁଡ଼ିଗଲା । ଏତେ ଦୁଃଖ ସତ୍ତ୍ୱେ ତଥାପି ତା ହୃଦୟରେ ଆଶା ଥାଏ ସେ ନିଶ୍ଚୟ ଫେରି ଆସିବେ । କାରଣ ସେ ଥରେ ମତେ କହିଥିଲେ ଭଗବାନ୍ ନିର୍ଦ୍ଦୋଷୀକୁ ଦଣ୍ଡ ଦିଅନ୍ତି ନାହିଁ । ହେଲେ ଏତେବଡ଼ ଦଣ୍ଡ ମତେ କାହିଁକି ମିଳିବ ? ଗୋଟି ଗୋଟି ହୋଇ ଅନେକ ଦିନ ଅତୀତ ଗର୍ଭରେ ଲୀନ ହୋଇଗଲା । ମାତ୍ର ... ସେ ଫେରିଲେ ନାହିଁ । ମୋ ହୃଦୟର ସମସ୍ତ ଆବେଗ, ଆକୁଳତାକୁ ଲୋତକ ବିନ୍ଦୁରେ ପରିଣତ କରିବା ଛଡ଼ା ମୋର କିଛି ଉପାୟ ନଥିଲା । ସେ ଯିବା ପରେ ଦୁନିଆର ଏ ଲମ୍ବା ପଥରେ ଏକା ଏକା ବାଟ ଚାଲିବାରେ ଅନେକ ଝଡ଼, ଝଞ୍ଜା ଆସିଛି ଅନେକ ଦୁଃଖ ଆସିଛି, ମାତ୍ର କୌଣସି ଦୁଃଖରେ ପଡ଼ିଲେ ସେ ମୋର ମନେ ପଡ଼ନ୍ତି । ମତେ ମନେହୁଏ ସେ ଯେପରି କାୟା ସାଙ୍ଗରେ ଛାୟାପରି ମୋ ପାଖେ ପାଖେ ଅଛନ୍ତି । ବିପଦ ସମୟରେ ଧୈର୍ଯ୍ୟ ଧରିବାକୁ ମତେ ପ୍ରେରଣା ଦେଉଛନ୍ତି । ତାଙ୍କରି ସୌମ୍ୟମୂର୍ତ୍ତି ମୋ ସମ୍ମୁଖରେ ଉଭାହୁଏ । ଦୁଃଖ, ଦୁଃଖ ପରି ଲାଗେ ନାହିଁ । ପ୍ରଖର ସୂର୍ଯ୍ୟ ତାପରେ କଠିନ ବରଫ ତରଳିଲା ପରି ମୋ ମନ ତଳେ ଜମାଟ ବନ୍ଧା ସମସ୍ତ ଦୁଃଖ ଓ ଗ୍ଲାନି ତରଳି ଯାଏ । ତଥାପି ଆଖିର ଲୁହରେ ମନର ଦୁଃଖ ଓ କୋହକୁ ଧୋଇ ତାଙ୍କ ଫେରିବାର ପଥକୁ ଆଶାର ଦୀପାଳୀ ଜାଳି ପ୍ରତୀକ୍ଷା କରିଛି । ମୋର ଦୃଢ଼ ବିଶ୍ୱାସ ସର୍ବନିୟନ୍ତା ଈଶ୍ୱର ଦିନେ ନା ଦିନେ ନିଶ୍ଚୟ ମୋ ଦୁଃଖ ବୁଝିବେ । ସେ ନିଶ୍ଚୟ ସାଧନାରେ ସିଦ୍ଧି ଲାଭ କରି ଫେରିଆସିବେ ।

''ସାଧନା'' - ଆଶ୍ଚର୍ଯ୍ୟଭାବେ ପଚାରିଥିଲେ ମାସାର୍ଥ ।

- ''ହଁ, କେହି କେହି କୁହନ୍ତି ସେ ହିମାଳୟକୁ ସାଧନା କରିବାକୁ ଯାଇଛନ୍ତି ।''

Digitized by srujanika@gmail.com

କଥାଟି ଦୁର୍ବୋଧ ବୋଧହେଲା ମାସାର୍ଥଙ୍କୁ । ତଥାପି ଭଦ୍ରତାର ଖାତିରିରେ ସେ କିଛି ପଚାରିଲେ ନାହିଁ ।

ଏକ ମର୍ମଭେଦୀ ଅଭିମାନରେ, ଆକୁଳ ଆବେଗପୂର୍ଣ୍ଣ ଅଶ୍ରୁଳ ହୃଦୟରେ, ଝିଅଟି ତା ଦୁଃଖ ଜର୍ଜରିତ ହୃଦୟରେ ସବୁବେଦନାକୁ କାତର କଣ୍ଠରେ ଯାହା ତାଙ୍କ ସମ୍ମୁଖରେ ପ୍ରକାଶ କଲା ତାହାକୁ ଜଣେ ଭଲଭାବେ ତର୍ଜମା କଲେ ଜାଣିପାରିବ ସତେ ଯେପରି ଏହା ଏକ ବିୟୋଗାନ୍ତକ ଉପନ୍ୟାସ । ତାହା ଏକ ଅଦୃଶ୍ୟ କାଳିରେ ଅବ୍ୟକ୍ତ ଭାଷାରେ ଓ ଅଶ୍ରୁତ ସ୍ୱନରେ ତାଙ୍କର ହୃଦୟ କୋଠରୀ ମଧ୍ୟରେ ଲିପିବଦ୍ଧ ହୋଇଗଲା ।

ଏତେ କମ ବୟସରେ ତପସ୍ୱିନୀ ପରି ଜୀବନଯାପନ କରୁଥିବା ସୌନ୍ଦର୍ଯ୍ୟର ମୂର୍ତ୍ତିମନ୍ତୀଦେବୀ ଏହି ଝିଅଟିର ଶୁଦ୍ଧ, ପୂତ ଜୀବନଧାରା ମାସାର୍ଥଙ୍କ ହୃଦୟକୁ ଗଭୀର ଭାବରେ ଆଲୋକିତ କରିଥିଲା । ଭୋଗର ଆଶା ନାହିଁ, ତ୍ୟାଗର ଗଭୀର ବ୍ରତନେଇ ଏହି ନାରୀଟି ତା ଜୀବନକୁ ଏକ ସଳିତା ପରି ଜାଳି ଜାଳି ତାର ଚତୁଃପାର୍ଶ୍ୱକୁ ଆଲୋକିତ କରି ଚାଲିଛି କେବଳ । ଏମିତିଆ ନାରୀମାନଙ୍କୁ ଯେଉଁ ଦେଶ କୋଳରେ ଧରିଛି, ସେ ଦେଶ ହେଉଛି ଧନ୍ୟ । ଭାରତୀୟମାନଙ୍କ ଗଭୀର ଜୀବନ ଦର୍ଶନ ନିକଟରେ ତାଙ୍କ ମୁଣ୍ଡ ଆପେ ଆପେ ନଇଁ ଆସିଥିଲା ।

ଭାରତୀୟ ନାରୀ ଚରିତ୍ର ମାସାର୍ଥଙ୍କୁ ବିମୁଗ୍ଧ କରାଏ । ପାହାଡ଼ର ଶିଳା ବନ୍ଧୁର ବକ୍ଷରେ ନଦୀର ଚଳଚଞ୍ଚଳ ଗତି ପରି ବିବାହ ପୂର୍ବରୁ ଏ ଦେଶର ଝିଅମାନେ ଥାଆନ୍ତି ଚପଳ । ମାତ୍ର ବିବାହ ସେମାନଙ୍କ ଜୀବନର ପୂର୍ଣ୍ଣତା ଆଣେ, ଆଣେ ସ୍ଥିରତା । ସମତଳ ଭୂମିରେ ପ୍ରବେଶ କରି ନଦୀ ସାବଲୀଳ, ଧୀର, ମନ୍ଥର ଗତିରେ ଗତିକଲା ପରି ସେମାନଙ୍କ ଗତି ହୁଏ ଧୀର ମନ୍ଥର ।

କୌତୁହଳୀ ମନ ନେଇ ପଢ଼ି ଚାଲିଥାଆନ୍ତି ସୋମେସ୍ ।

ପୁରାତନ ଭାରତର ବିକଶିତ ସଭ୍ୟତା ଓ ସଂସ୍କୃତି ମାସାର୍ଥଙ୍କୁ ଆକର୍ଷିତ କଲା । କିଛି ସଂଗ୍ରହ କରିବାର ଓ କିଛି ଜାଣିବାର ଆକାଂକ୍ଷାନେଇ ମାସାର୍ଥ ସେ ଗ୍ରାମର ବିଜ୍ଞ, ପଣ୍ଡିତ ଓ ବୟସ୍କ ବ୍ୟକ୍ତିମାନଙ୍କୁ ଭେଟନ୍ତି । ସେମାନଙ୍କ ସହ ନାନା କଥା ଆଲୋଚନା କରନ୍ତି । କାଳର କରାଳ ଗର୍ଭରେ ପୋତି ହୋଇପଡ଼ିଥିବା ଘଟଣାଗୁଡ଼ିକୁ ତର୍ଜମା କରନ୍ତି । ତଦାନୀନ୍ତନ ଭାରତୀୟ ସଭ୍ୟତା ବିକାଶର ଚରମ ସୀମାରେ ଉପନୀତ ହୋଇଥିଲା । ସେତେବେଳେ ଭାରତୀୟମାନଙ୍କର କାରିଗରୀ କୌଶଳ ଭିନ୍ନ ବୈଜ୍ଞାନିକ ଚିନ୍ତାଧାରାର ଉତ୍ସ ସୃଷ୍ଟି କରିଥିଲା ଯାହାକି ବର୍ତ୍ତମାନ ଅବଲୁପ୍ତ । ସେମାନେ ମନ୍ତ୍ର ଶକ୍ତି ଦ୍ୱାରା ଧନୁ ଓ ତୀର ବ୍ୟବହାର କରି କୃତ୍ରିମ ବର୍ଷା, ଭୂମିକମ୍ପ, ପ୍ରବଳ ପବନ ଆଦି ସୃଷ୍ଟି କରିପାରୁଥିଲେ । ସେମାନଙ୍କ ଧନୁର ଟଙ୍କାରରେ ତିନିଭୁବନ କମ୍ପି ଉଠୁଥିଲା । ମନକୁ ନିଜର ଆୟତ୍ତାଧୀନ କରି ସେମାନେ ଅସାଧ ସାଧନ କରୁଥିଲେ । ଏସବୁ ସାଧନାର ପ୍ରଧାନ ଦିଗ ହେଲା ମନକୁ ନିୟନ୍ତ୍ରଣ କରି ପାରିଲେ ସମସ୍ତ ସତ୍ୟ ସାଧକ ନିକଟରେ ଆପେ ଆପେ ଉଦ୍ଭାସିତ ହୋଇଉଠେ । କୂପ, ପୁଷ୍କରିଣୀ

Digitized by srujanika@gmail.com

ଆଦି ସମସ୍ତ ଜଳାଶୟ ବର୍ଷାରେ ପରିପୂର୍ଣ୍ଣ ହୋଇଗଲେ ଅଧିକ ଜଳ ଯେପରି ନିରର୍ଥକ ହୋଇଉଠେ, ଠିକ୍ ସେହିପରି ସାଧକ ନିକଟରେ ସୃଷ୍ଟିର ସତ୍ୟ ଥରେ ଉଦ୍‌ଘାଟନ ହେଲେ ତା ମନରେ ଥିବା କାମନା, ବାସନା ନିରର୍ଥକ ହୋଇଉଠେ ।

ମନ୍ତ୍ର ସାହାଯ୍ୟରେ ଏକ ଅଦ୍ଭୁତ ଶବ୍ଦ ଶକ୍ତିକୁ ଉତ୍ପନ୍ନ କରି ତାହା ଦ୍ୱାରା ବିରାଟ ବିରାଟ ପାହାଡ଼ ଭାଙ୍ଗିବା ପରି ନାନା କଷ୍ଟକର କାର୍ଯ୍ୟ କରିପାରୁଥିଲେ । ଏହି ଶବ୍ଦ ଶକ୍ତିଦ୍ୱାରା ମୁନିଋଷିମାନେ ନାନା ପ୍ରକାର ପବିତ୍ର ଶ୍ଳୋକ ତଥା ମନ୍ତ୍ରମାନଙ୍କରୁ ନିର୍ଗତ ହେଉଥିବା ଶବ୍ଦ ତରଙ୍ଗ ମଣିଷର ମନ ଓ ଶରୀର ଉପରେ ଏକ ପ୍ରକାର ଅଦ୍ଭୁତ ପ୍ରଭାବ ପକାଇ ପାରୁଥିଲା ।

ଶବ୍ଦତରଙ୍ଗ ଦ୍ୱାରା ଏପରି ଅଦ୍ଭୁତ କାର୍ଯ୍ୟ ସାଧିତ ହେଉଥିବାର ପଢ଼ୁ ପଢ଼ୁ ନିଜେ ସୋମେସ୍ ମଧ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ । ଆଧୁନିକ ଯୁଗରେ ବୈଜ୍ଞାନିକମାନେ ଶବ୍ଦ ଶକ୍ତିକୁ ଯେପରି ବିଚିତ୍ର ଭାବରେ କାମରେ ଲଗାଇ ପାରୁଛନ୍ତି ପ୍ରାଚୀନ କାଳରେ ଲୋକମାନେ ଶବ୍ଦ ଶକ୍ତି ଦ୍ୱାରା କରୁଥିବା କାର୍ଯ୍ୟ ଏହାଠାରୁ କୌଣସି ଗୁଣରେ କମ୍ ନୁହେଁ । ବର୍ତ୍ତମାନ ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ମଧ ଶବ୍ଦ ସାହାଯ୍ୟରେ ବହୁତ କିଛି ଅସାଧ କାର୍ଯ୍ୟ ସମ୍ପାଦନ କରାଯାଇଛି । ଏହି ବାୟୁ ମଣ୍ଡଳରେ କେତେ ଜୀବାଣୁ ଏତେ ଛୋଟ ଯେ ତାକୁ ଦେଖି ହୁଏ ନାହିଁ କି ଧରି ହୁଏ ନାହିଁ । ସେହି ଜୀବାଣୁ ଦ୍ୱାରା ଖାଦ୍ୟପଦାର୍ଥ ପଚିସଢ଼ି ଯାଏ, ଫିମ୍ପି ମାରିଯାଏ, ଦୁଗ୍ଧ ଆମ୍ବିଳା ହୁଏ, କଲେରା ମହାମାରୀ ଆଦି ରୋଗ ଜନ୍ମେ । ମାତ୍ର ଶବ୍ଦ ସାହାଯ୍ୟରେ ଅତି ଆଶ୍ଚର୍ଯ୍ୟଜନକ ଭାବେ ଜୀବାଣୁକୁ ଧ୍ୱଂସ କରାଯାଇଥାଏ । ଆଜିକାଲି ଯେଉଁସବୁ ଖାଦ୍ୟ ଓ ଦୁଗ୍ଧ ଟିଣ ବଜାରରେ ବିକ୍ରି କରିବା ପାଇଁ ପଠାଯାଏ, ସେହି ଟିଣରେ ଖାଦ୍ୟପୂର୍ଣ୍ଣ କରିସାରିବା ପରେ ଧ୍ୱନି ସାହାଯ୍ୟରେ ବ୍ୟାକ୍‌ଟେରିଆ ସମୂହକୁ ନିରାକରଣ କରାଯାଇ ସିଲ୍ ଦିଆଯାଇଥାଏ ।

କାରଣ ଶବ୍ଦ ତ ଏକ ଶକ୍ତି, ଯେପରି ଆଲୋକ ଶକ୍ତି, ଚୁମ୍ବକ ଶକ୍ତି, ବିଦ୍ୟୁତ ଶକ୍ତି ବଳରେ ନାନା ଅସାଧ କାର୍ଯ୍ୟ ସାଧନ ହୋଇପାରୁଛି । ସେହିପରି ଶବ୍ଦ ଶକ୍ତି ଦ୍ୱାରା ମଧ ଆହୁରି ବଡ଼ ବଡ଼ କାମ ହୋଇପାରୁଛି । ଆନାମଲାଇ ବିଶ୍ୱବିଦ୍ୟାଳୟର ମୁଖ୍ୟ ଅଧାପକ ଟି.ସିଏନ୍ ସିଂହ କେତେକ ଚିଙ୍ଗୁଡ଼ିଆ ଦଳକୁ ନେଇ ପ୍ରମାଣ କରାଇ ଦେଖାଇ ଦେଲେ ଯେ, ବେହେଲା, ବଂଶୀ, ହାର୍‌ମୋନିୟମ୍, ଆଦି ଦ୍ୱାରା ଯନ୍ତ୍ର ସଙ୍ଗୀତ ନିୟମିତ ଭାବେ ବୃକ୍ଷ ନିକଟରେ ପରିବେଷଣ କଲେ ଗଛଗୁଡ଼ିକ ଶକ୍ତ ଓ ଡେଙ୍ଗା ହୋଇ ଉଠନ୍ତି । ଏହା ଛଡ଼ା ପଣ୍ଡିଚେରୀ ଆଶ୍ରମ ବାତାବରଣ ମଧରେ ଥିବା ଅରୋଭିଲ୍ କୃଷି ଫାର୍ମରେ ଧାନ, ଆଖୁ ଆଦି ଫସଲରେ ଉତ୍ପାଦନ ଉପରେ ସଙ୍ଗୀତର କ୍ରିୟା ଅନୁଧାନ କରି ଦେଖାଯାଇଛି ଯେ ସଙ୍ଗୀତ ଦ୍ୱାରା ଅମଳ ଅଧିକ ହେଉଛି ଓ ଗଛଗୁଡ଼ିକ ହୃଷ୍ଟପୁଷ୍ଟ ହୋଇ ବଢ଼ି ପାରୁଛି । ଏହି ଅଦ୍ଭୁତ ଶବ୍ଦ ତରଙ୍ଗ ମୃତ୍ତିକାର ତାପମାତ୍ରା ଓ ମୃତ୍ତିକାସ୍ଥ ସୂକ୍ଷ୍ମ ଅଣୁଜୀବମାନଙ୍କର କାର୍ଯ୍ୟକୁ ମଧ ପ୍ରଭାବିତ କରିପାରୁଥିଲା । ଶବ୍ଦ ଶକ୍ତିର ଏ ଅଦ୍ଭୁତ କରାମତିକୁ ଲୋକ ଲୋଚନକୁ ଆଣିବାରେ ଭାରତୀୟମାନେ ହେଉଛନ୍ତି ପ୍ରଧାନ ।

କେଉଁ ପ୍ରାଚୀନ କାଳରୁ ସେମାନେ ଏହାକୁ ଅନୁଧାନ କରି ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରି ଆସୁଛନ୍ତି । ଆମର ପ୍ରାଚୀନ ମହାକାବ୍ୟ ମହାଭାରତରେ ମଧ ବର୍ଣ୍ଣିତ ଅଛି ଯେ ବିରାଟ

Digitized by srujanika@gmail.com

ମହାଭାରତ ଯୁଦ୍ଧ ଆରମ୍ଭ ପୂର୍ବରୁ କୁରୁକ୍ଷେତ୍ର ଠାରେ ସମବେତ ଯୋଦ୍ଧାମାନଙ୍କ ମନରେ ସାହସ ଓ ଧୈର୍ଯ୍ୟର ସଂଚାର ପାଇଁ ପ୍ରଥମେ ପିତାମହ ଭୀଷ୍ମ ସିଂହନାଦ କରି ଶଙ୍ଖ ଫୁଙ୍କି ଥିଲେ । ତା ସହ ବାଜି ଉଠିଥିଲା ନାନା ବୀର ବାଜା, ଭେରୀ ତୁରୀ ଇତ୍ୟାଦି । ପୂଜା ସମୟରେ ଘଣ୍ଟ, ଘଣ୍ଟି, ଶଙ୍ଖ ଆଦିର ଧ୍ୱନି ଉତ୍ପନ୍ନ କରାଯାଏ । ଏହାର କାରଣ ହେଲା ପୂଜା ଜିନିଷକୁ ବୀଜାଣୁମାନଙ୍କ କବଳରୁ ରକ୍ଷା କରିବା । ଅତି ପ୍ରାଚୀନ କାଳରୁ ଆମ ସମାଜରେ ପ୍ରଚଳିତ ଅଛି ଯେ ଗ୍ରାମମାନଙ୍କରେ ହଇଜା ବା ବସନ୍ତ ରୋଗ ଲାଗିଲେ କରତାଳ, ମୃଦଙ୍ଗ, ଘଣ୍ଟା ଇତ୍ୟାଦି ଧ୍ୱନି ସୃଷ୍ଟି କରାଯାଏ ଓ ନାମ କୀର୍ତ୍ତନ ମଧ୍ୟ କରାଯାଏ । ଏହାର କାରଣ ହେଲା ଉତ୍ପନ୍ନ ହେଉଥିବା ଏହିସବୁ ଧ୍ୱନି ଦ୍ୱାରା ସେହିସବୁ ରୋଗର ଜୀବାଣୁ ବିନାଶ ହୁଅନ୍ତି । ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ ଯେ ପ୍ରାଚୀନ ଭାରତୀୟମାନେ ଏହା ଜାଣି ରୋଗର ନିରାକରଣ ପାଇଁ ଏପରି ବ୍ୟବସ୍ଥା କରିଥିଲେ । ଆହୁରି ଏକ ଉଦାହରଣ ହେଲା ଦୀପକ ରାଗରେ ଗୀତ ବୋଲିଲେ ଦୀପ ଜଳି ଉଠେ । କେଦାର ଗୀତ ଶୁଣି ସାପ ଖେଳେ ପ୍ରଭୃତି । ଗୋଟିଏ ସାଧାରଣ କଥା ବିଚାର କରାଯାଉ । ଯୁଦ୍ଧ ସମୟରେ ସାମରିକ ସଙ୍ଗୀତଗାନ କରିବା ଦ୍ୱାରା ସୈନିକର ହୃଦୟରେ ବୀର ଭାବ ଜାତ ହୁଏ । ସେ ନିଜ ଜୀବନକୁ ପଣ କରି ଜନ୍ମଭୂମିର ସ୍ୱାଧୀନତା ରକ୍ଷା କରିବା ଲାଗି ଆଗେଇ ଯାଏ । ବର୍ତ୍ତମାନ ଶବ୍ଦ ଶକ୍ତିର ଏହି ଅଦ୍ଭୁତ କରାମତିକୁ ବହୁଦେଶ ନାନା ଉପାୟରେ ନାନା କ୍ଷେତ୍ରରେ ପ୍ରୟୋଗ କରୁଛନ୍ତି । ବିଜ୍ଞାନରେ ଚରମ ଉତ୍କର୍ଷ ଲାଭ କରିଥିବା ଅତ୍ୟାଧୁନିକ ଆମେରିକା ବୈଜ୍ଞାନିକମାନେ ଚିକିତ୍ସାକ୍ଷେତ୍ରରେ ମଧ୍ୟ ବିଭିନ୍ନ ଧ୍ୱନି ଦ୍ୱାରା ଅନେକ ଅସାଧ୍ୟରୋଗ ନିବାରଣ କରି ପାରୁଛନ୍ତି । ଏହି ଧ୍ୱନିର ଆଧାର ଉପରେ ଆଧୁନିକ ବୈଜ୍ଞାନିକଗଣ ରେଡ଼ିଓ ଯନ୍ତ୍ର ଓ ପ୍ରତିଧ୍ୱନିର ଆଧାର ଉପରେ ରାଡ଼ାର ଯନ୍ତ୍ରର ଉଦ୍ଭାବନ କରିଛନ୍ତି । ଏହା ମୂଳରେ ଏକ ବୈଜ୍ଞାନିକ ସତ୍ୟ ନିହିତ ଅଛି । ତାହାହେଲା ଧ୍ୱନିଦ୍ୱାରା କମ୍ପନ ଜନିତ ସୂକ୍ଷ୍ମ ଶକ୍ତି ଅନ୍ୟ ପରମାଣୁ ସହିତ ପରିଭ୍ରମଣ କରିବା ସମୟରେ ଏକ ବିଶିଷ୍ଟ ବିଦ୍ୟୁତ ଶକ୍ତି ସୃଷ୍ଟି କରି ଉପଯୁକ୍ତ କ୍ଷେତ୍ରରେ ବିଶେଷ ପ୍ରଭାବ ପକାଏ ଏବଂ ଉତ୍ପନ୍ନ ସ୍ଥଳକୁ କିଛି ସମୟପରେ ଫେରିଆସେ । ମନ୍ତ୍ର ବଳରେ ପୂର୍ବ କାଳର ମୁନିଋଷିମାନେ ଯେଉଁ ଅସାଧ୍ୟ ସାଧନ କରୁଥିଲେ ଟିକିଏ ବଳେଇ କରି ବିଚାରକଲେ ଆମେ ଜାଣି ପାରିବା ଯେ ତାହା ମୂଳରେ ଏହି ତଥ୍ୟଟି ହିଁ ନିହିତ ।

ମଣିଷର ମନ ଏକ ଅଦ୍ଭୁତ ଉପାଦାନରେ ଗଢ଼ା । ସେ କେତେବେଳେ ଯେ କ'ଣ ଚାହେଁ ତାର କିଛି ନିର୍ଦ୍ଦିଷ୍ଟତା ନାହିଁ, ହେଲେ ତାର ସବୁଗୁଡ଼ିକ ଆଶା ପୂରଣ ହୋଇପାରେ ନାହିଁ । ମାତ୍ର ସମୟେ ସମୟେ ଏପରିବି ଘଟେ ଅଚାନକ ଭାବେ ଆଶାଗୁଡ଼ିକ ପୂରଣ ହୋଇଯାଆନ୍ତି । ଠିକ୍ ସେମିତି ଶବ୍ଦ ଶକ୍ତି ବିଷୟରେ କିଛି ଆଲୋଚନା ପାଇଁ ସୋମେଶ୍ ମନେ ମନେ ଆୟେସାକୁ ଖୋଜୁଥିଲେ ।

ଖାଇସାରି ହୋଟେଲରେ ନିଜ ଶଯ୍ୟା ଉପରେ ପଡ଼ିରହି ଏକ ବିଜ୍ଞାନ ସମ୍ବନ୍ଧୀୟ ମ୍ୟାଗାଜିନ୍‌ର ପୃଷ୍ଠା ଓଲଟାଉଥିଲେ । ଅପରାହ୍ନର ମ୍ଳାନ ଖରା ଅଦୂରସ୍ଥ ବୃକ୍ଷମାନଙ୍କର ପତ୍ର ଫାଙ୍କରେ ଦୋଳି ଖେଳୁଥିଲା । ଆକାଶର ରଙ୍ଗ ଧୀରେ ଧୀରେ ବଦଳୁଥିଲା । କାହାର ଡାକରେ

Digitized by srujanika@gmail.com

ତାଙ୍କର ଧ୍ୟାନ ଭଗ୍ନ ହେଲା । ଚାହିଁ ଦେଖନ୍ତି ତ ଆୟେସା ତାଙ୍କ କୋଠରୀରେ ଛିଡ଼ା ହୋଇଛି । ଏକ ଅନିର୍ବଚନୀୟ ଆନନ୍ଦରେ ମନ ତାଙ୍କର ଭରିଗଲା । ଘର ଭିତରେ ପଡ଼ିଥିବା ଏକ ସୋଫାରେ ତାକୁ ବସିବାକୁ ଅନୁରୋଧ କଲେ ସୋମେସ୍ । ଆୟେସାକୁ ଅତି ନିକଟରେ ପାଇଲେ ତାଙ୍କ ମନଟା କିପରି ଚହଲି ଉଠେ । ମାତ୍ର ସେ କିନ୍ତୁ ନିର୍ବିକାର, ନିଷ୍ପନ୍ଦ । ତାର ନିସ୍ତରଙ୍ଗ କାମନାଶୂନ୍ୟ ମନରେ ସତରେ କ'ଣ କୌଣସି ଦିନ କୌଣସି ତରଙ୍ଗ ଉଠେ ନାହିଁ । ମନର ଭାବନାକୁ ମନ ମଧ୍ୟରେ ଚାପିଦେଇ କହିଲେ, ''ଠିକ୍ ଏଇମାତ୍ର ମୁଁ ତୁମକୁ ମନେ ପକାଉଥିଲି ।

''କାହିଁକି ?'' ସ୍ମିତ ହସି ପଚାରିଲା ଆୟେସା ।

-'' ତୁମେତ ବିଜ୍ଞାନ ଛାତ୍ରୀ, ଶବ୍ଦଶକ୍ତିର ଅଦ୍ଭୁତ କରାମତି ଉପରେ ତୁମକୁ ନିଶ୍ଚୟ ବେଶ୍‌ଭଲଭାବରେ ଜଣାଥିବ । ଏହା କହି ମାସାର୍ଥଙ୍କ ଲେଖାରେ ଉଲ୍ଲେଖଥିବା ଶବ୍ଦଶକ୍ତି ତାଙ୍କର ଶବ୍ଦଉପରେ ଥିବା ସମସ୍ତ ଅଭିଜ୍ଞତାକୁ ସେ ଆୟେସା ସମ୍ମୁଖରେ ଉପସ୍ଥାପନ କଲେ ।

ସବୁଶୁଣି ଆୟେସା କହିଲା ମାସାର୍ଥ ଠିକ୍ ଲେଖିଛନ୍ତି । ପୂର୍ବକାଳରେ ଆପଣଙ୍କ ଭାରତୀୟମାନେ ଅଦ୍ଭୁତ ଇନ୍‌ଫ୍ରାସାଉଣ୍ଡର ବ୍ୟବହାର ଜାଣି ତାକୁ ପ୍ରୟୋଗ କରି ନାନା ଅସାଧ୍ୟ ସାଧନ କରୁଥିଲେ ।

''ଇନ୍‌ଫ୍ରାସାଉଣ୍ଡ ବିଷୟରେ ସୋମେସ୍‌ଙ୍କର ଭଲଭାବରେ ଧାରଣା ନଥିଲା । ସେ ଏ ବିଷୟରେ ବିଷଦ୍‌ଭାବରେ ଆୟେସା ଠାରୁ ଜାଣିବାକୁ ଚାହିଁଲେ ।

ଆୟେସା କହି ଚାଲିଥାଏ ଓ ସେ ତନ୍ମୟ ହୋଇ ଶୁଣୁଥାଆନ୍ତି ଇନ୍‌ଫ୍ରାସାଉଣ୍ଡର କୌତୂହଳପୂର୍ଣ୍ଣ କାହାଣୀ ।

ଗଭୀର ସମୁଦ୍ରର ଅଥଳ ଜଳରାଶି ମଧ୍ୟରେ ଭାସି ଭାସି ଚାଲିଥାଏ ଜାହାଜ କେତୋଟି । ହଠାତ୍ ଦିନେ ଖବର ଆସିଲା ସେମାନେ ନିଶ୍ଚିହ୍ନ ହୋଇଯାଇଛନ୍ତି । ଏହା ପୂର୍ବରୁ ସେମାନେ ଏକ ସଂକେତ ପଠାଇଥିଲେ । ତାହାର ବିଶ୍ଳେଷଣ କରି ଜଣାପଡ଼ିଥିଲା ଯେ ସେମାନେ କିଛି ଜାଣିପାରୁନାହାନ୍ତି । ଜାହାଜର ଗତିକୁ କଣ୍ଟ୍ରୋଲ କରିପାରୁନାହାନ୍ତି । ଦିଗହୀନ ଭାବେ ଜାହାଜଗୁଡ଼ିକ ସମୁଦ୍ରର ଅଥଳ ଜଳରାଶିରେ ଭାସି ଭାସି ଚାଲୁଛନ୍ତି କେବଳ । କ୍ୟାପଟେନଙ୍କର ଇଞ୍ଜିନ୍ ଉପରେ କୌଣସି କର୍ତ୍ତୃତ୍ୱ ରହୁନାହିଁ । କିଛି ସମୟ ପରେ ଜାହାଜ ସହ ସମସ୍ତ ଯୋଗାଯୋଗ ଛିନ୍ନ ହୋଇଗଲା ଓ ଜାହାଜଗୁଡ଼ିକ ସବୁଦିନ ପାଇଁ ନିଖୋଜ ହୋଇଗଲେ । ଏ ବିଶେଷରେ ବେଶ୍ ତନାଘନା ଭାବେ ତଦନ୍ତ ଚାଲିଲା । ପରେ ଜଣାଗଲା ଯେ ଏହା ହେଉଛି ସମୁଦ୍ର ଝଡ଼ର ସ୍ୱରରୁ ଉତ୍ପନ୍ନ ହେଉଥିବା ସେହି ଇନ୍‌ଫ୍ରାସାଉଣ୍ଡ ଧ୍ୱନିର କରାମତି । ଯାହାକୁ ମଧ୍ୟ କୁହାଯାଏ ସମୁଦ୍ରର ସ୍ୱର । ଏହି ଅଦ୍ଭୁତ ଧ୍ୱନି ଜାହାଜଗୁଡ଼ିକୁ ତା'ର ପ୍ରତିକ୍ରିୟା ଦ୍ୱାରା ଖଣ୍ଡ ବିଖଣ୍ଡିତ କରିସମୁଦ୍ରପାଣିରେ ଚିରଦିନ ପାଇଁ ଲୀନ କରିଦେଲା ।

ଏସବୁ ଶୁଣି ସୋମେସ୍ କହିଲେ ଆମ ରାମାୟଣରେ ଅଛି ସୀତାଙ୍କ ସ୍ୱୟମ୍ବରରେ ମିଥିଳାରେ ଶ୍ରୀରାମ ଯେତେବେଳେ ଶିବଧନୁ ଭାଙ୍ଗିଲେ ସେ ଭାଙ୍ଗିବାର ଶବ୍ଦକୁ ରାବଣ

Digitized by srujanika@gmail.com

ଲଙ୍କାରେ ଥାଇ ଶୁଣି ପାରିଲା । ଏବେ ମୁଁ ଅନୁମାନ କରୁଛି ସେସ୍ୱର ବୋଧହୁଏ ଏହି ବିଚିତ୍ର ଧ୍ୱନିର କରାମତି । ଆଉ ସେ ଧନୁତିଆରିରେ ତତ୍‌କାଳୀନ ବୈଜ୍ଞାନିକମାନେ ମଧ ଏକ ବିଶିଷ୍ଟତା ଅବଲମ୍ବନ କରିଥିଲେ । କାରଣ - ''ମାସାର୍ଥଙ୍କ ଲେଖାରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ପୂର୍ବକାଳରେ ଆମ ଦେଶର ଲୋକମାନେ ସେହି ବିଚିତ୍ର ଧ୍ୱନିକୁ ଉତ୍ପନ୍ନ କରି ତାଦ୍ୱାରା ନାନା କାର୍ଯ୍ୟ କରି ପାରୁଥିଲେ । ଏହି ଯେମିତି ପାହାଡ଼ ଭାଙ୍ଗିବାର ଏକ ଉଦାହରଣ ସେ ବର୍ଣ୍ଣନା କରିଛନ୍ତି ।

- ''ହଁ, ଏବେ ଆଉ ଗୋଟିଏ କୌତୁହଳପ୍ରଦ ଘଟଣା ଶୁଣ ।''

ଆମ ରାଜ୍ୟର ବଡ଼ ସହର କଟକ ଓ ଭୁବନେଶ୍ୱରକୁ ଯୋଗ କରୁଥିବା ରାଜରାସ୍ତାର ଗୋଟିଏ ନିର୍ଦ୍ଦିଷ୍ଟ ଯାଗାରେ ବହୁ ଦୁର୍ଘଟଣା ଘଟିଲା । ଅଚାନକ ଭାବେ ଯାଉଥିବା ଗାଡ଼ିଗୁଡ଼ିକ ରାସ୍ତାକଡ଼କୁ ଗଡ଼ିପଡ଼ନ୍ତି, ନଚେତ୍ ଗଛରେ ବାଡ଼େଇ ହୋଇଯାଆନ୍ତି ବା ଅନ୍ୟ ଗାଡ଼ି ସହ ଧକ୍କା ଲଗାଇ ଦିଅନ୍ତି । ଏମିତିକି ପ୍ରତି ଦୁଇ ଚାରିଦିନ ଅନ୍ତରରେ ଗୋଟିଏ ଗୋଟିଏ ଦୁର୍ଘଟଣା ଘଟିଲା । ଏହି ଦୁର୍ଘଟଣାକୁ କେନ୍ଦ୍ରକରି ସ୍ଥାନୀୟଲୋକମାନଙ୍କ ମଧ୍ୟରେ ନାନା ଗୁଜବ ଉଠିଲା । ଏହା ପ୍ରେତକଥା ଠାରୁ ମଧ ଆହୁରି ଭୟଙ୍କର । କେହି କେହି କହିଲେ ବହୁତଦିନତଳେ ସେଠାରେ ବସ୍ ସହ ଏକ ସ୍କୁଟର ଆକ୍ସିଡ଼େଣ୍ଟରେ ଜଣେ ଝିଅ ପ୍ରାଣ ହରାଇଥିଲା । ସେହି ଦିନଠାରୁ ଝିଅଟିର କଟାମୁଣ୍ଡ ନିର୍ଜନ ରାତ୍ରୀରେ ରାସ୍ତାରେ ପଡ଼େ । ତାହାକୁ ଯେ କୌଣସି ଡ୍ରାଇଭର୍ ଦେଖିଲେ ଭୟଭୀତ ହୋଇପଡ଼େ ଓ ସେ ଗାଡ଼ି ଚଳାଇବାର କ୍ଷମତା ହରାଇବସେ । ଫଳରେ ଗାଡ଼ିଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହୁଅନ୍ତି । ଏ ଘଟଣା ଉପରେ ଅନୁସନ୍ଧାନ କରି ଆମ ବୈଜ୍ଞାନିକମାନେ ସେହି ଇନ୍‌ଫ୍ରାସାଉଣ୍ଡର କରାମତି ବୋଲି ମତ ଦିଅନ୍ତି ।

ହଁ ହୋଇପାରିଥାଏ । ଏ ଘଟଣା ଏକା ତୁମ ରାଜ୍ୟରେ ଘଟେ ନାହିଁ । ଫ୍ରାନ୍‌ସ, ଜାପାନ ଆଦି ବହୁ ରାଜ୍ୟରେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ରାସ୍ତାରେ ଏହିପରି ଅନେକ ଦୁର୍ଘଟଣା ଘଟିଲା । ଏଥିରେ ବହୁଲୋକ ପ୍ରାଣ ହରାଇଲେ । ହେଲେ ଦୁର୍ଘଟଣାର ଅସଲ କାରଣ ଜଣାପଡ଼ିଲା ନାହିଁ । କେତେକ ଲୋକ ମଧ ଏହାକୁ ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କର ପ୍ରେତାତ୍ମାର କାର୍ଯ୍ୟରୂପେ ବର୍ଣ୍ଣନା କଲେ । ଦେଖଣାହାରୀମାନେ କୁହନ୍ତି ଯେ ପ୍ରାୟ ଅଧିକାଂଶ ଦୁର୍ଘଟଣାରେ ଗାଡ଼ିଗୁଡ଼ିକର ଗତି ଅଚାନକଭାବେ ବଢ଼ିଯାଏ ଓ ଗାଡ଼ି ବଙ୍କେଇ ବଙ୍କେଇ ଯାଇ ହଠାତ୍ କେଉଁଠି ପିଟି ହୋଇଯାଏ । ଦୁର୍ଘଟଣାରୁ ରକ୍ଷା ପାଇଥିବା ଜଣେ ଡ୍ରାଇଭର ଥରେ କହିଲେ ଯେ ହଠାତ୍ ବିନା କାରଣରେ ସେ ମୁଣ୍ଡର ଭାରସାମ୍ୟତା ହରାଇ ବସିଲେ ଓ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କଲେ । ଗାଡ଼ିର ଗତି ଅଚାନକ ଭାବେ ବଢ଼ି ଧକ୍କା ହେଲା । ହେଲେ କିଛି ଜାଣିପାରିଲେ ନାହିଁ ।

ଏହିସବୁ ଘଟଣାକୁ ବିଶ୍ଳେଷଣ କରି ଶେଷରେ ବୈଜ୍ଞାନିକମାନେ ମତ ଦେଲେ ଯେ ଏହା ହେଉଛି ସେହି ଅଦୃଶ୍ୟ ଇନ୍‌ଫ୍ରାସାଉଣ୍ଡର କରାମତି । ରାସ୍ତାକଡ଼ରେ ଥିବା କେତେକ ଗଛରୁ ଛାଇ ସୃଷ୍ଟି ହୋଇ ରାସ୍ତାରେ ପଡ଼େ । ଅନ୍ଧାର ଓ ଆଲୁଅର କ୍ରମାଗତ ବ୍ୟବଧାନ ଫଳରେ ଏହି ଇନ୍‌ଫ୍ରାସାଉଣ୍ଡ ସୃଷ୍ଟି ହୁଏ । ଯାହାର ପ୍ରଭାବ ଗାଡ଼ିଚାଳକର ମସ୍ତିଷ୍କ ଉପରେ

Digitized by srujanika@gmail.com

ବାସ୍ତବିକ୍ ପଡ଼େ । ଫଳରେ ଗାର୍ଡ଼ ଦୁର୍ଘଟଣାଗ୍ରସ୍ତ ହୁଏ । ଏହା ସାହାଯ୍ୟରେ ବିରାଟ କୋଠାକୁ ନିମିଷକ ମଧ୍ୟରେ ଧୂଳିସାତ୍ କରାଯାଇପାରେ । ତେଣୁ ପ୍ରାଚୀନ କାଳରେ ଭାରତୀୟମାନେ ଏହାକୁ ବ୍ୟବହାର କରି ପାହାଡ଼ ଭାଙ୍ଗିବା ପରି ଦୁଃସାଧ୍ୟ କାର୍ଯ୍ୟ କରିବା କିଛି ଅସମ୍ଭବ ନୁହେଁ । ଶବ୍ଦଶକ୍ତି ଦ୍ୱାରା ପାହାଡ଼ ଭାଙ୍ଗିବା କାର୍ଯ୍ୟଟି ସମ୍ଭବ ହେଉଥିବା ଜାଣି ମାସାର୍ଥ ସେ ବିଷୟରେ ଅଧିକରୁ ଅଧିକତର ଜାଣିବାପାଇଁ ଲାଗିପଡ଼ିଲେ । କାରଣ ପିରାମିଡ୍ ପାଇଁ ଆବଶ୍ୟକୀୟ ପଥରଗୁଡ଼ିକୁ ନୀଳନଦୀ ସେପଟେ ଥିବା ମରୁଭୂମିର ଅପର ପାର୍ଶ୍ୱସ୍ଥ ମେଡ଼ଟୋରିଆନ୍ ପର୍ବତମାଳାରୁ ସଂଗ୍ରହ କରିବା ଲାଗି ତାଙ୍କ ଯୋଜନା ଥିଲା । ମାଇଲ୍ ମାଇଲ୍ ଧରି ବ୍ୟାପିଥିବା ଏହି ପର୍ବତମାଳାଟି ବିରାଟ ବିରାଟ ପଥରଖଣ୍ଡମାନଙ୍କର ଏକ ଗନ୍ତାଘର । ସେହି ପାହାଡ଼ ଦେହରୁ ପଥରଖଣ୍ଡମାନ ଭାଙ୍ଗିଆଣିବା ତାଙ୍କୁ ଏକ ବିରାଟ ସମସ୍ୟାରେ ପକାଇଥିଲା । ନିର୍ମାଣକାରୀମାନେ ଅକ୍ଳାନ୍ତ ପରିଶ୍ରମ କରି ହୁଏତ ତାହାକୁ ସମ୍ଭବ କରିପାରନ୍ତି । ମାତ୍ର ତାହା ଯେତିକି ସମୟ ସାପେକ୍ଷ ସେତିକି କଷ୍ଟକର । ଏହି ଶବ୍ଦ ଶକ୍ତିର ପ୍ରୟୋଗରେ ହୁଏତ କାର୍ଯ୍ୟଟି ଖୁବ୍ ସୂକ୍ଷ୍ମରେ ସମ୍ପାଦିତ ହେବ । ତେଣୁ ସେହି ଶକ୍ତିର ଉତ୍ପନ୍ନ ଓ ପ୍ରୟୋଗ ଶିଖିବାରେ ସେ ନିଜକୁ ନିୟୋଜିତ କଲେ ।

ଅର୍ଥନୈତିକ ବ୍ୟବସାୟର ଏକ ମୁଖ୍ୟକେନ୍ଦ୍ର ରୂପେ ପ୍ରତିଷ୍ଠା ଲାଭ କରିଥିବା ମିଶର ସହ ସେତେବେଳେ ପୃଥିବୀର ଅଧିକାଂଶ ଦେଶମାନଙ୍କର ବାଣିଜ୍ୟଗତ ସମ୍ପର୍କ ଥିଲା । ବିଶେଷ କରି ଭୂମଧ୍ୟସାଗରୀୟ ଜଳବାୟୁ ଏହାକୁ ଏକ ଶସ୍ୟସମୃଦ୍ଧ ଦେଶରୂପେ ଗଢ଼ି ପାରିଥିଲା । ସେତେବେଳେ ଭାରତର ସିନ୍ଧୁ ଅବବାହିକାର ଅଧିବାସୀଙ୍କ ସହ ସେମାନଙ୍କର ମଧ୍ୟ ବାଣିଜ୍ୟ ଗତ ସମ୍ପର୍କ ଥିଲା । ସେମାନଙ୍କ ବାଣିଜ୍ୟତରୀ ଲୋହିତ ସାଗର ମଧ୍ୟ ଦେଇ ଆରବ ସାଗର ଉପକୂଳରେ ଭାରତ ଭୂଇଁରେ ପହଞ୍ଚୁଥିଲା ଓ ସେଠାରୁ ସିନ୍ଧୁନଦୀର ଭଗୀର ଜଳସ୍ରୋତ ଦେଇ ସିନ୍ଧୁ ଅବବାହିକାରେ ପହଞ୍ଚିପାରୁଥିଲା । ମାସାର୍ଥ ଶୁଣିବାକୁ ପାଇଲେ ମିଶରରୁ ନିକଟରେ ଆସିଥିବା ଏକ ବାଣିଜ୍ୟତରୀ କେତେକ ହାତୀଦାନ୍ତ ଓ ଅଷ୍ଟ୍ରୀଚ ପକ୍ଷୀର ପରନେଇ ଆରବ ସାଗର ଉପକୂଳରେ ଲଙ୍ଗର ପକାଇଛି ଭାରତରୁ ଗୋରୁଗାଈ ଓ ମାଛ ଇତ୍ୟାଦି ନେବା ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଶସ୍ୟଶ୍ୟାମଳା ଭାରତ ଭୂଇଁର ଗୋସମ୍ପଦ ପ୍ରତି ସେମାନଙ୍କର ଖୁବ୍ ଆକର୍ଷଣ ଥିଲା । ଖୁବ୍ କମ୍ ଦିନ ମଧ୍ୟରେ ଏହା ସିନ୍ଧୁନଦୀ ଦେଇ ତାର ଅବବାହିକାସ୍ଥିତ ସ୍ଥଳଭାଗରେ ଲଙ୍ଗର ପକାଇବ । ଏହା ମଧ୍ୟରେ ନିଜର ଜନ୍ମମାଟି ପ୍ରିୟ ପରିଜନଙ୍କୁ ଛାଡ଼ି ଆସିବାର ଦୁଇବର୍ଷ ଅତୀତ ହୋଇଗଲାଣି । ସେମାନଙ୍କର ଭାବନା ମଝିରେ ମଝିରେ ଏକ ବାତ୍ୟା ବିକ୍ଷୁବ୍ଧ ସାଗରର ଜଳରାଶି ପରି ତାଙ୍କ ମନକୁ ଆନ୍ଦୋଳିତ କରି ପକାଏ । କର୍ମ ମଧ୍ୟରେ ନିଜକୁ ହଜାଇ ଦେଇ ସେ ଭାବନାଗୁଡ଼ିକୁ ସେ ମନର ପରିଧି ମଧ୍ୟରୁ ଦୂରକୁ ଠେଲିବାକୁ ଚେଷ୍ଟା କରନ୍ତି କିନ୍ତୁ ପାରନ୍ତି ନାହିଁ ।

ଅପେକ୍ଷା କରିଥିଲେ ମାସାର୍ଥ ପାହାନ୍ତା ପ୍ରହର । ଶୀତଳ ରାତ୍ରିର ଆୟୁଷ କ୍ରମେ ସରି ସରି ଆସୁଛି । ଫିକା ଫିକା ଲାଗୁଛି ଆକାଶ, ତା କୋଳରେ ଥିବା ତାରା, ଜହ୍ନ ସବୁ କିଛି । ଶାନ୍ତ, ସ୍ନିଗ୍ଧ ସକାଳର ଆଗମନୀ ପକ୍ଷୀଗଣ ଗାଇବାକୁ ଆରମ୍ଭ କଲେଣି । ଏହି ପରି ଏକ

Digitized by srujanika@gmail.com

ସମୟରେ ସିନ୍ଧୁ ଅବବାହିକାରେ ମିଶରର ବାଣିଜ୍ୟ ତରୀ ଲଙ୍ଗର ପକାଇଲା । କେତେକ ବିଶିଷ୍ଟ ଗ୍ରାମବାସୀଙ୍କ ସହ ମାସାର୍ଥ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଲେ । ପଚାରି ବୁଝିନେଲେ ତାଙ୍କ ଘରର ଭଲମନ୍ଦ ଖବର । କିପରି ଅଛନ୍ତି ତାଙ୍କର ବୃଦ୍ଧ ପିତା, ମାତା, ପତ୍ନୀ, ସନ୍ତାନ ଇତ୍ୟାଦି । ଯେଉଁମାନଙ୍କର ଚିନ୍ତା ଅଧିକାଂଶ ସମୟରେ ତାଙ୍କ ହୃଦୟକୁ ଆଚ୍ଛନ୍ନ କରିଥିଲା । ମାତ୍ର ତାଙ୍କର ଉପାୟ ନାହିଁ । କଠୋର କର୍ତ୍ତବ୍ୟ ନିକଟରେ ସବୁ କିଛି ହାର ମାନିଛି ।

ପରିଶେଷରେ ପଚାରି ବସିଲେ ପିରାମିଡ୍‌ର ଖବର । ରାସ୍ତା ନିର୍ମାଣର ଖବର । ମିଶରର ଭାଗ୍ୟ ବିଧାତା ସମ୍ରାଟ ଚିଆପସ୍‌ଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ବନ୍ୟାକ୍ଲିଷ୍ଟ ମିଶରବାସୀ ରାସ୍ତା ତିଆରି କରିବାକୁ ଯାଇ ନିଜକୁ ଗୋଡ଼ି ମାଟି ସହ ମିଶାଇ ଦେଇଛନ୍ତି । କବର ନିର୍ମାଣ ହେବାକୁ ସ୍ଥିରିକୃତ ଥିବା ପୀଠର ଅନତି ଦୂରରେ ଅବସ୍ଥିତ ଚିଆପସ୍‌ଙ୍କ ସମର ପ୍ୟାଲେସ୍ । ସେହିଠାରେ ଅବସ୍ଥାନ କରି ଅଧିକାଂଶ କାର୍ଯ୍ୟ ତଦାରଖ କରନ୍ତି ସେ ନିଜେ । ସମର ପ୍ୟାଲେସର ସୁବର୍ଣ୍ଣ ନିର୍ମିତ ପଲଙ୍କ ଉପରେ ତୁଳି ତଳ୍ପ ଶଯ୍ୟାରେ ଶୟନ କରିଥିବା ଚିଆପସ୍ ଧୂଳି, ମାଟି ସହ ନିଜକୁ ସାମିଲ୍ କରି ଖଟୁଥିବା ଶ୍ରମିକମାନଙ୍କର ଅନ୍ତରର ବ୍ୟଥାକୁ ଅନୁଭବ କରିବାର ଶକ୍ତି ପାଇବେ କୁଆଡୁ ? ଶ୍ରମିକଙ୍କ ବ୍ୟଥାକୁ, ଦୁଃଖକୁ ମାସାର୍ଥ ଅନୁଭବ କଲେ, ଈଶ୍ୱରଙ୍କ ଦରବାରରେ ଧନୀ, ଦରିଦ୍ର ସମସ୍ତେ ସମାନ । ସମସ୍ତଙ୍କ ଆତ୍ମାରେ ଈଶ୍ୱର ସତ୍ତା ବିଦ୍ୟମାନ । ଭାରତୀୟ ସଂସ୍କୃତି ହିଁ ଏହା ତାଙ୍କୁ ଶିଖାଇଛି । ମାତ୍ର ତାଙ୍କର ଏ କ୍ଷେତ୍ରରେ କୌଣସି ଉପାୟ ନାହିଁ । ସମ୍ରାଟ ଚିଆପସ୍ ସେମାନଙ୍କର ପ୍ରିୟ ଦେବତା 'ଅମନ-ରା'ଙ୍କ ଅବତାର । ତାଙ୍କ ବିରୁଦ୍ଧରେ ଶବ୍ଦଟିଏ ମଧ ଉଚ୍ଚାରଣ କରିବାର ଶକ୍ତି କାହାର ନାହିଁ । ମିଶର ବାସୀମାନଙ୍କର ଦୃଢ଼ ବିଶ୍ୱାସ ଦେବତା 'ଅମନ୍-ରା' ଓ ନୀଳନଦୀର ଦେବତା ଓସିରସଙ୍କ ସହ ରଥ ଆରୋହଣ କରି ଫାରୋମାନେ ନିର୍ବିଘ୍ନରେ ଆକାଶ ପଥରେ ଗତି କରନ୍ତି । ତେଣୁ ସେମାନେ ମଧ ସ୍ୱୟଂ ଦେବତା । ଦେବତାଙ୍କ ଆଦେଶ ଅନ୍ୟାୟ, ନ୍ୟାୟ ନିର୍ବିଶେଷରେ ଶିରୋଧାର୍ଯ୍ୟ ।

ଫେରିବାଲାଗି ମାସାର୍ଥଙ୍କ ମନ ବ୍ୟାକୁଳ ହୋଇ ଉଠିଲା । ନିଜ ଦେଶର ମାଟି, ପାଣି, ପବନ ପ୍ରତି ସମସ୍ତଙ୍କର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି । ଭାରତକୁ ଜାଣିବାର ଓ ଭାରତରୁ କିଛି ପାଇବାର ପ୍ରବଳ ଆଗ୍ରହ ନେଇ ତାର ପବିତ୍ର ମାଟିକୁ ସ୍ପର୍ଶ କରିଥିଲେ ସେ । ହେଲେ ... ସେ ଭାରତକୁ ଯେତିକି, ଯେତିକି ଦେଖୁଛନ୍ତି, ଯେତିକି ଯେତିକି ଜାଣୁଛନ୍ତି, ତାର ସୁଉନ୍ନତ ସଭ୍ୟତା, ତାର ସଂସ୍କୃତି, ତାର ବୈଶିଷ୍ଟତା ତାଙ୍କ ସମ୍ମୁଖରେ ଏ ଦେଶକୁ ସେତିକି, ସେତିକି ରହସ୍ୟାବୃତ୍ତ କରିଦେଉଛି । ନାନା ଆଲୋଚନାରୁ ସେ ଜାଣିବାକୁ ପାଇଲେ ଭାରତକୁ ଜାଣିବାକୁ ହେଲେ, ତାକୁ ଚିହ୍ନିବାକୁ ହେଲେ ତାର ଆତ୍ମା ହିମାଳୟକୁ ଯିବାକୁ ପଡ଼ିବ । ହିମାଳୟର ସେହି ତୁଷାରାବୃତ୍ତ ଗିରିକନ୍ଦରରେ ଯୋଗାବିଷ୍ଟ ସାଧକମାନଙ୍କୁ ଥରେ ଦେଖିନେଲେ ଭାରତର ବାସ୍ତବ ରୂପ ତାଙ୍କ ଚକ୍ଷୁରେ ସ୍ପଷ୍ଟ ହୋଇଯିବ ।

ହିସ୍ପା ଗ୍ରାମର ଆକର୍ଷଣକୁ ଏଡ଼ାଇ ଦେଇ ତାଙ୍କୁ ଯିବାକୁ ପଡ଼ିବ । ସମ୍ମୁଖରେ କର୍ତ୍ତବ୍ୟର ଆହ୍ୱାନ । କର୍ତ୍ତବ୍ୟ ନିକଟରେ ସ୍ନେହ, ମମତା, ପ୍ରୀତି ସବୁକିଛି ତୁଚ୍ଛ । ଭାରତର ଆଉ କେତେକ ଅଞ୍ଚଳ ଘୁରି ଘୁରି ଗିରିରାଜ ହିମାଳୟର ଦର୍ଶନ ସାରି ସେ ମିଶର ଫେରିଯିବେ । ମନର କଥା

Digitized by srujanika@gmail.com

ତାଙ୍କର ବ୍ୟକ୍ତ କଲେ ମୁଖିଆଙ୍କ ସମ୍ମୁଖରେ । ଗୋଟି ଗୋଟି କରି ଗ୍ରାମବାସୀମାନଙ୍କ ଠାରୁ ବିଦାୟ ନେଲେ । ସମସ୍ତଙ୍କ ଆଖିରେ ଥିଲା ଲୁହ । ସତେ ଯେପରି ଦୂର ଦେଶର ଏକ ଅତିଥିଙ୍କୁ ସେମାନେ ବିଦାୟ ଦେଉନାହାନ୍ତି, ନିଜ ପରିବାରର କାହାକୁ ବିଦାୟ ଦେଉଛନ୍ତି । ଗ୍ରାମର ମୁଖିଆ ତାଙ୍କୁ ବ୍ରୋଞ୍ଜ ନିର୍ମିତ ପଶୁପତିଙ୍କର ଯୋଗାସୀନ ଅବସ୍ଥାରେ ଉପବିଷ୍ଟ ଥିବା ଏକ ମୂର୍ତ୍ତି ଉପହାର ଦେଲେ । ତାଙ୍କ ପାଦ ନିକଟରେ ଥିଲା ଏକ ମୃଗର ଚିତ୍ର । ଗ୍ରାମବାସୀଙ୍କର ସ୍ନେହ, ପ୍ରୀତି ଭରା ଉପହାରଟିକୁ ଛାତିରେ ଜାକି ଧରି ବିଦାୟ ମାଗିଲେ ସେ ।

ପଛରେ ପଡ଼ି ରହିଲାଣି ହିସ୍ପା ଗ୍ରାମ । ଗୋଟିଏ ପାଦଚଲା ଅଙ୍କାବଙ୍କା ରାସ୍ତା ଦେଇ ସେ ଚାଲିଥାଆନ୍ତି । ରାସ୍ତାର ଦୁଇପଟେ ଗହଳିଆ ଗଛଲତାର ସମାରୋହ । ଏହି ଗଛଲତାର ସବୁଜିମା ଭିତରେ ସତେ ଯେପରି ଭରି ରହିଛି ଏକ ଅପୂର୍ବ ମାଦକତା । ସଦାଚଞ୍ଚଳ ମଣିଷର ମନକୁ ଟାଣି ରଖିବାର ଏକ ଅପୂର୍ବ ଶକ୍ତି । ସେମାନେ ନିର୍ବାକ, ନିସ୍ପନ୍ଦ । ତାଙ୍କର ମନ ନାହିଁ, ହୃଦୟ ନାହିଁ । ଏସବୁ ସତ୍ତ୍ୱେ ସେମାନଙ୍କ ଠାରେ ଭରି ରହିଛି ମଣିଷର ମନକୁ ବାନ୍ଧି ରଖିବା ପାଇଁ ଏକ ଶକ୍ତି । ଏ ଶକ୍ତି ତାଙ୍କ ଦେହରେ ଭରି ଦେଇଛନ୍ତି ସ୍ୱୟଂ ସୃଷ୍ଟିକର୍ତ୍ତା । ପବନରେ ଭାସି ଆସୁଥିବା ଏକ ପ୍ରକାର ରଣୁଝୁଣୁ ଶବ୍ଦ ମାସାର୍ଥଙ୍କ ଭାବନାରେ ବାଧା ସୃଷ୍ଟି କଲା । ପଛକୁ ସେ ଫେରି ଚାହିଁଲେ ସେ । ଗଛଲତାର ପତ୍ର ଫାଙ୍କ ଦେଇ ତଳେ ପଡୁଥିବା ସୂର୍ଯ୍ୟକିରଣ ନାନା ଆକୃତିର ଜ୍ୟାମିତିକ କ୍ଷେତ୍ର ଅଙ୍କନ କରୁଥାଏ । କାହାର ଅସ୍ପଷ୍ଟ ପାଦଧ୍ୱନି ଶୁଣା ଯାଉଥିଲା । ବୋଧହୁଏ ତାଙ୍କୁ କେହି ଅନୁସରଣ କରୁଛି ଆଉ ଏହି ଅନୁସରଣ କରୁଥିବା ବ୍ୟକ୍ତିଟି ଯେ ଜଣେ ସ୍ତ୍ରୀ ଲୋକ ଏକଥା ମଧ୍ୟ ସେ ନିଶ୍ଚିନ୍ତ ହେଲେ । କ'ଣ ଭାବି ସେହିଠାରେ ଛିଡ଼ା ହୋଇ ଗଲେ ସେ । ମାତ୍ର କିଏ ସେ ଆସୁଛି ? କଣ ପାଇଁ ଆସୁଛି ? ଏ ନିଛାଟିଆ ବଣ ଭିତରେ କୌଣସି ଅପଦେବତା ନୁହେଁ ତ ? ଏମିତି ନାନା ଆଶା ଆଶଙ୍କାରେ ଆନ୍ଦୋଳିତ ହୋଇଉଠିଲା ତାଙ୍କ ମନଟି । ସନ୍ଦେହର କୁହୁଡ଼ି କ୍ରମେ ମନ ମଧ୍ୟରେ ଘନିଭୂତ ହେଲା । ତଥାପି ସେ ସେଠି ଅପେକ୍ଷା କରିରହିଲେ । ଚତୁଃପାର୍ଶ୍ୱରେ ଅଖଣ୍ଡ ନୀରବତା । କ୍ରମେ ଘଞ୍ଚ ଗଛ ଗହଳିରୁ ଏକ ଛାୟା ମୂର୍ତ୍ତି ସ୍ପଷ୍ଟ ହୋଇଉଠିଲା ।

ଆରେ ଏ ଯେ ଅର୍ପିତା । ସେ ତ ପୂର୍ବଦିନ ଠାରୁ ଅର୍ପିତା ଠାରୁ ବିଦାୟ ନେଇ ଆସିଥିଲେ । ପୁଣି କେଉଁ କାରଣରୁ ସେ ତାଙ୍କର ପଶ୍ଚାତ ଧାବନ କରୁଛି । ଅର୍ପିତାର ଦେହରେ ଥିବା ମଞ୍ଜରି, ବାଜବନ୍ଧ ଓ କଙ୍କଣର ଆୱାଜ ସକାଳର ମୃଦୁ୍ୟ ମନ୍ଦ ପବନରେ ଭାସି ଆସି ତାଙ୍କ କର୍ଣ୍ଣ ଗହ୍ୱରରେ ଏକ ସୁମଧୁର ସଙ୍ଗୀତର ସ୍ୱର ସୃଷ୍ଟି କରୁଥିଲା । ଧଇଁ ସଇଁ ହୋଇ ତାଙ୍କ ନିକଟରେ ପହଞ୍ଚି ତଳକୁ ମୁହଁ ପୋତି ଛିଡ଼ା ହେଲା ସେ ।

''କ'ଣ ମତେ କିଛି କହିବେ,'' କୋମଳ କଣ୍ଠରେ ପ୍ରଶ୍ନ କଲେ ମାସାର୍ଥ ।

'ହଁ'

'କୁହ କ'ଣ ଅଛି ।'

ନିଜ ଶାଢ଼ୀର ପଣତ ଉହାଡ଼ ମଧ୍ୟରୁ ହାତରେ ଅଙ୍କା ଏକ ଫଟୋ କାଢ଼ି ମାସାର୍ଥଙ୍କ ହାତକୁ ବଢ଼ାଇଦେଲା ସେ ।

Digitized by srujanika@gmail.com

ମାସାର୍ଥ ହାତକୁ ନେଇ ଦେଖିଲେ ଫଟୋଟି ଥିଲା ଏକ ଯୁବକଙ୍କର । ତାଙ୍କର ତେଜୋଦୀପ୍ତ ଆଖି ଦୁଇଟିରେ ଫୁଟି ଉଠିଥିଲା ଏକ ସାତ୍ତ୍ୱିକ ଭାବ । ଶୁଦ୍ଧପୂତ ଜୀବନ ଯାପନର ଏକ ପ୍ରତିଛବି ତାଙ୍କ ଉଜ୍ଜ୍ୱଳ ମୁଖ ମଣ୍ଡଳରେ ପ୍ରତି ବିମ୍ବିତ ହେଉଥିଲା । ଲଜ୍ୟା ସଂକୋଚରେ ଜଡ଼ସଡ଼ ଅର୍ପିତା ସଂକୁଚିତ ଭାବେ ତଳକୁ ଅନାଇ ଛିଡ଼ା ହୋଇଥିଲା । ଲଜ୍ୟାନତ ମୁଖରେ ତାର ସନ୍ଧ୍ୟାର ପାଟଳ ରଙ୍ଗ ଉକୁଟି ଉଠିଥିଲା ।

ହେଲେ ତାଙ୍କୁ କାହିଁକି ଫଟୋଟି ଦେଉଛି, ଏକ ପ୍ରଶ୍ନ ବାଚକ ଦୃଷ୍ଟିରେ ଅର୍ପିତାର ମୁହଁକୁ ଚାହିଁ ରହିଲେ ସେ ।

ମାସାର୍ଥଙ୍କ ନୀରବ ଚାହାଣୀର ଆବେଦନ ଠିକ୍ ଭାବେ ବୁଝି ପାରିଲା ସେ । ଧୀର ସ୍ୱରରେ କହିଲା ସେ ଘର ଛାଡ଼ିବାର ଅଳ୍ପ ଦିନ ପୂର୍ବରୁ କାହିଁକି କେଜାଣି ତାଙ୍କର ଏହି ଫଟୋଟି ମୁଁ ନିଜ ହାତରେ ଆଙ୍କି ରଖିଥିଲି । ଲୋକମୁଖରୁ ଶୁଣିଛି, ସେ ସାଧନାରେ ସିଦ୍ଧି ଲାଭ କରିବା ନିମନ୍ତେ ହିମାଳୟର ଦୁର୍ଗମ ଅରଣ୍ୟ ମଧ୍ୟରେ ଆତ୍ମଗୋପନ କରିଛନ୍ତି । ଆପଣ ତ ଯାଉଛନ୍ତି .... ତାହାହେଲେ .... ବାକ୍ୟ ପୂରଣ କରି ପାରିନଥିଲା ସେ । ତାର ଦୁଇ ସୁକୋମଳ ଗଣ୍ଡ ଦେଶକୁ ଆର୍ଦ୍ର କରି ଗଡ଼ି ଆସିଲା ଉଷୁମ ଲୁହର ଧାରା । ସେମିତି କାନ୍ଦି କାନ୍ଦି ସେ କହିଲା ତାଙ୍କୁ ଥରୁଟିଏ ଖାଲି କହିବେ, ''ଏମିତି ମନ ଉପରେ ପଥରର ଚାପା ଦେଇ ମୁଁ କେତେଦିନ ଏ ନିଷ୍ଠୁର ସମାଜରେ ବଞ୍ଚି ରହିପାରିବି ।

ବ୍ୟସ୍ତ ହୋଇ ଉଠିଲେ ମାସାର୍ଥ । କଣ୍ଠକୁ ଯଥା ସମ୍ଭବ କୋମଳ କରି କହିଲେ ସବୁ ମଣିଷ ସୁଖ ଚାହାନ୍ତି । ମାତ୍ର ସୁଖ ଏକ ଦୁର୍ଲଭ ପଦାର୍ଥ । ଏହା ସହଜଲଭ୍ୟ ନୁହେଁ । ଦୁଃଖକୁ ସମସ୍ତେ ଘୃଣା କରନ୍ତି । ସେହି ଦୁଃଖ ହିଁ ମଣିଷ ଜୀବନର ସାଥୀ ହୋଇରହିଛି । ସେଥିରେ ଏତେ ଭାଙ୍ଗି ପଡ଼ିଲେ ଚଳିବ ନାହିଁ । ମୋ ଉପରେ ଆପଣ ନ୍ୟସ୍ତ କରିଥିବା କାର୍ଯ୍ୟରେ ସଫଳତା ହାସଲ କଲେ ମୁଁ ଆପଣଙ୍କ ଦୁଃଖ ନିଶ୍ଚୟ କହିବି । ତାଙ୍କ କଣ୍ଠରେ ରହିଥିଲା ସମବେଦନାର ଛାପ । ଦୁହେଁ କିଛି ସମୟ ସେହିଠାରେ ନୀରବରେ ଛିଡ଼ା ହୋଇ ରହିଲେ । ମାସାର୍ଥ ଭାବିଲେ ଏ ଝିଅଟି ସହ ଏକ ଅଜଣା ଆକର୍ଷଣର ଡୋରି ସତେ ଯେପରି ତାଙ୍କୁ ବାନ୍ଧି ପକାଇଛି । ମାତ୍ର ସେ ଜଣେ ବିଦେଶୀ ଭ୍ରମଣକାରୀ । ଏହା ତାଙ୍କ ପକ୍ଷେ ଉଚିତ ନୁହେଁ । ଧୀରେ ଧୀରେ ବିଦାୟ ମାଗିଲେ ସେ । ମାସାର୍ଥଙ୍କ ଗନ୍ତବ୍ୟ ପଥକୁ ଏକଲୟରେ ଅନେଇ ସେହିଠାରେ ସ୍ଥାଣୁ ପରି ଛିଡ଼ା ହୋଇରହିଲେ ଅର୍ପିତା ।

ହରପ୍ପା ନଗରୀଠାରୁ ହିମାଳୟର ଦୂରତା କିଛି କମ୍ ନଥିଲା । ଏହି ଦୂରତାକୁ ଅତିକ୍ରମ କରିବାକୁ ସେତେବେଳେ ମଧ୍ୟ ଯାନବାହନର ବିଶେଷ ସୁବିଧା ନଥିଲା । ପାଦରେ ଚାଲି ଚାଲି କେତେ ଜନପଦ, ବନ, ଗିରି, କାନ୍ତାର ଅତିକ୍ରମ କରି ପରିଶେଷରେ ମାସାର୍ଥ ପହଞ୍ଚିଲେ ତାଙ୍କ ଲକ୍ଷ୍ୟ ସ୍ଥଳରେ, ଗିରିରାଜ ହିମାଳୟ ନିକଟରେ । ହିମାଳୟର ସୁନ୍ଦର ମନୋଜ୍ଞ ପର୍ବତଶ୍ରେଣୀ, ତୁଷାରାବୃତ ଶ୍ୱେତ ପର୍ବତମାଳା, ସ୍ୱଚ୍ଛ ନଦୀଧାରା ଆଉ ଗଗନଚୁମ୍ବୀ ଗିରିଶୃଙ୍ଗମାନ ତାଙ୍କ ମନରେ ସ୍ୱପ୍ନର ଏକ ଛବିଳ ମହଲ ରଚନା କରିଥିଲା । ଚାରିଆଡ଼େ ଘନ ସବୁଜିମା, ଅଖଣ୍ଡ ନୀରବତା ।

Digitized by srujanika@gmail.com

ଚତୁର୍ଦ୍ଦିଗରେ ସରଳ ଉଚ୍ଚ ବୃକ୍ଷରାଜି । ସେଠାକାର ଶୀତଳ ପବନରେ, ନଦୀର କୁଳୁକୁଳୁ ଧ୍ୱନିରେ, ଗଛ ପତ୍ରର ସାଇଁ ସାଇଁ ଶବ୍ଦରେ ସବୁଥିରେ ସେ ଅନୁଭବ କରୁଥିଲେ କିପରି ଏକ ଅପାର୍ଥିବ ଆନନ୍ଦର ସ୍ପର୍ଶ । ଏ ପ୍ରକାର ସ୍ପର୍ଶ ସେ ଜୀବନରେ କେବେ ପାଇଥିଲା ପରି ତାଙ୍କର ମନେ ହେଲା ନାହିଁ ।

ତରଳ ତୁଷାର ସ୍ରୋତ ଦ୍ୱାରା ସୃଷ୍ଟ କ୍ଷୁଦ୍ର କ୍ଷୁଦ୍ର ପାହାଡ଼ି ଝରଣା ଅସଂଖ୍ୟ କ୍ଷୁଦ୍ର ନଈ ସୃଷ୍ଟି କରୁଥାଏ । ସେଥିରେ ସୂର୍ଯ୍ୟକିରଣ ପ୍ରତିଫଳିତ ହୋଇ ଯେଉଁ ବିଦ୍ୟୁତ ଝଟକର ଆଭା ପ୍ରକଟିତ କରେ, ତାହା ଯେ କୌଣସି ଦର୍ଶକର ମନ ଏବଂ ହୃଦୟ ଭିତରେ ଅଫୁରନ୍ତ ଆନନ୍ଦର ଢେଉ ସୃଷ୍ଟି କରେ । ମାସାର୍ଥ ଏହି ଅନିନ୍ଦ୍ୟ, ଅପରୂପ ଶୋଭାରାଜି ଦର୍ଶନରେ ସମ୍ମୋହିତ ହୋଇପଡ଼ିଲେ । ସେ ସେତେବେଳେ ଚିନ୍ତାକରି ସ୍ଥିରକଲେ ଯେ ଏହି ବନସ୍ଥଳୀରେ ପ୍ରକୃତିର ଶୋଭା ଭଣ୍ଡାର ଦେଖି ଭାରତର ମୁନିଋଷିମାନେ ସଦାଚଞ୍ଚଳ ମନକୁ ସ୍ଥିରକରି ଜୀବନରେ ଗଭୀର ସତ୍ୟ ଉଦ୍‌ଘାଟନ କରିବାରେ ସମର୍ଥ ହେଉଥିଲେ ।

ଏହି ଅପାର୍ଥିବ ସୌନ୍ଦର୍ଯ୍ୟକୁ ଆହରଣ କରି କରି ସେ ପର୍ବତ ଉପରକୁ ଉଠୁଥାଆନ୍ତି । ତୁଷାର କଣା ବାହୀ ଶୀତଳ ପବନ ତାଙ୍କୁ ତାଙ୍କର ଲକ୍ଷ୍ୟପଥରୁ ବିଚ୍ୟୁତ କରି ପାରିନଥିଲା । ଯେତେଯେତେ ଉପରକୁ ଉଠୁଥାଆନ୍ତି ସେତେ ସେତେ ଆଶ୍ଚର୍ଯ୍ୟ ସୁନ୍ଦର ଦୃଶ୍ୟମାନ ତାଙ୍କର ଦୃଷ୍ଟିଗୋଚର ହେଉଥାଏ । ବିଶାଳ ହିମାଳୟର ବହୁ ଉଚ୍ଚରେ ତୁଷାରବୃତ୍ତ ଗିରିଶୃଙ୍ଗମାନ ଧ୍ୟାନମଗ୍ନ ଋଷି ପରି ଗମ୍ଭୀର ଭାବରେ ଦଣ୍ଡାୟମାନ । ସେହି ଗିରିଶୃଙ୍ଗମାନଙ୍କରୁ ଖଣ୍ଡ ଖଣ୍ଡ ବରଫମାନ ତଳକୁ ଝୁଲି ପଡ଼ିଥାଏ । ସେଥିରେ ସୂର୍ଯ୍ୟଙ୍କର କିରଣ ପତିତ ହୋଇ ଆଉଟା ରୂପାର ଭ୍ରମ ସୃଷ୍ଟି କରୁଥାଏ । ସେହି ବରଫ ଉପରେ ପାଦ ଚିପି ଚିପି ଜିଜ୍ଞାସୁ ମନନେଇ ପର୍ବତ ଆରୋହଣ କରୁଥାଆନ୍ତି ମାସାର୍ଥ ।

କଳକଳ ଛନ୍ଦରେ ଜାହ୍ନବୀର ପବିତ୍ର ଜଳଧାରା ଅକର୍ମ ଶୀଳା ଉପରେ ପ୍ଲାବନ ସୃଷ୍ଟି କରି ବହି ଚାଲିଥାଏ । ତାର ଉଭୟ ପାର୍ଶ୍ୱରୁ ବରଫ ତରଳି ସୃଷ୍ଟି ହୋଇଥିବା ଅସଂଖ୍ୟ ଗିରିନଦୀ କୂଳପ୍ଲାବନୀ ଗଙ୍ଗାର ପବିତ୍ର ସ୍ରୋତକୁ ଜଳପୁଷ୍ଟ କରାଉଥାଆନ୍ତି । ହିସ୍ବା ଗ୍ରାମର ଅଧିବାସୀମାନେ ଥରେ ତାଙ୍କୁ କହୁଥିଲେ ସ୍ୱର୍ଗରୁ ଦେବତାମାନେ ଏହି ସ୍ଥାନକୁ ଆସନ୍ତି । ସତରେ ଦେବତାମାନଙ୍କ ଆସିବା ପାଇଁ ସ୍ଥାନଟିଏ ଏକା ।

ନଦୀର ଉଭୟ କୂଳରେ ସରଳ ଉଚ୍ଚ ଦେବଦାରୁ ଗଛର ଘଞ୍ଚ ଜଙ୍ଗଲ । ସେହି ଜଙ୍ଗଲ ମଧ୍ୟରେ ଛୋଟ ଛୋଟ କୁଡ଼ିଆ ନିର୍ମାଣ କରି ଅନେକ ସାଧୁସନ୍ୟାସୀ ରହିଥାଆନ୍ତି । ସେମାନଙ୍କର ଝାଟିମାଟିର କୁଡ଼ିଆଟି ମାନ ମତୁଆଲା ହେମାଳ ପବନରେ ଦୋହଲି ଉଠୁଥାଏ । ହେଲେ ସେମାନଙ୍କର ସେଥିପ୍ରତି ଖାତିରି ନଥାଏ । ପ୍ରବଳ ଶୀତରେ ଦେହରେ କିଛି ଆବରଣ ନଥାଇ ସେମାନେ ସେହି ବରଫ ମଧ୍ୟରେ ଯାତାୟାତ କରୁଥାଆନ୍ତି । ହିମକଣାବାହୀ ଶୀତଳ ପବନରେ ଏମାନଙ୍କ ଦେହର ପିଞ୍ଜରାହାଡ଼ ଦୋହଲି ଉଠୁଥିଲେ ମଧ୍ୟ ସେଥିପ୍ରତି ସେମାନଙ୍କର କିଛି ପ୍ରତିକ୍ରିୟା ନଥିଲା । ଯେମିତି ଗମ୍ଭୀର, ସେମିତି ସ୍ଥିର । ସମ୍ପୂର୍ଣ୍ଣ ଜନମାନବହୀନ ଗିରି ଗୁହାରେ ପ୍ରଚଣ୍ଡ

Digitized by srujanika@gmail.com

ହେମାଳ ପବନକୁ ଉପେକ୍ଷା କରି ଏମାନେ କ'ଣ ଯେ କରୁଛନ୍ତି, ତାକୁ ବୁଝିବାକୁ ମାସାର୍ଥଙ୍କର ଶକ୍ତି ନଥିଲା । ଈଶ୍ୱରଙ୍କ ଆହ୍ୱାନ ସତେ କ'ଣ ଏମାନଙ୍କୁ ଏମିତି ସଂସାର ଛଡ଼ା କରିଛି ?

କେତେକ ସାଧୁଙ୍କ ସହ ଈଶ୍ୱରଙ୍କ ବିଷୟରେ ସେ କିଛି ଆଲୋଚନା କଲେ । ତାଙ୍କୁ ଜଣେ ମିଶରୀୟ ଜାଣି ଜନୈକ ସାଧୁ କହିଲେ ସେମାନଙ୍କ ମତରେ ଯେପରି ଈଶ୍ୱରଙ୍କ ତିନିରୂପ ହେଲା ଅମୌନା-ରା, ଅମୋନ ବିଭ ଏବଂ ସିବେକ-ରା ଆମ ଭାରତୀୟମାନେ ମଧ ଠିକ୍ ସେହିପରି ଈଶ୍ୱରଙ୍କୁ ତିନିରୂପକୁ ବିଶ୍ୱାସ କରନ୍ତି । ସେହି ତିନିରୂପ ହେଲା ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଓ ସଂହାର କର୍ତ୍ତା ଶିବ । କେବଳ ଭାରତୀୟମାନେ ନୁହନ୍ତି ଅନ୍ୟାନ୍ୟ ବହୁଦେଶବାସୀ ମଧ ଈଶ୍ୱରଙ୍କ ଏହି ତିନିରୂପ ଉପରେ ବିଶ୍ୱାସ କରନ୍ତି । ଆଶ୍ଚର୍ଯ୍ୟ ହେଲେ ସୋମେସ୍ । ସେ ମନେ ମନେ ଭାବିଲେ ସେହି ପୁରୁଣା ମତ ଅନୁସାରେ ହିଁ ଆମର ବୈଜ୍ଞାନିକମାନେ କହୁଛନ୍ତି ଯେ ତିନୋଟି କାଉଁରି ହାଡ଼ ସ୍ପର୍ଶରେ ଏ ବିଶ୍ୱର ସମସ୍ତ ପଦାର୍ଥ ସୃଷ୍ଟି । ଯାହା ହେଲା ଇଲୋକଟ୍ରନ, ପ୍ରୋଟନ ଓ ନିୟୁଟ୍ରନ । ତେଣୁ ଆମେ କେବଳ ସେହି ପୁରାତନକୁ ହିଁ ତର୍ଜମା କରୁଛେ ।

ସେ ଶୁଣିଲେ ଗିରିରାଜର ପାହାଡ଼ିଆ ଖୋଲ ଅଭ୍ୟନ୍ତରରେ ଆହୁରି ଅନେକ ଧ୍ୟାନମଗ୍ନ ତପସ୍ୱୀ ଏବେବି ସାଧନାରତ । ତାଙ୍କ ମନ ଗଭୀର ଭକ୍ତିରେ ଭରିଗଲା । ହେମାଳ ପବନର ଗର୍ଜନକୁ ଉପେକ୍ଷା କରି ସେ ମଧ ଚାଲିଲେ ଭିତରକୁ ଆହୁରି ଭିତରକୁ । ମନରେ ତାଙ୍କର ଅସୀମ କୌତୂହଳ । ସାଧୁମାନଙ୍କୁ ଦର୍ଶନ କରି ତାଙ୍କଠାରୁ ବୁଝିନେବେ କ'ଣ ଏ ସଂସାର ? କ'ଣ ପାଇଁ ମଣିଷ ଏତେ କଷ୍ଟ ଭୋଗେ ... ଇତ୍ୟାଦି ଇତ୍ୟାଦି । କିଛି ବାଟ ଯିବା ପରେ ଏକ ଶିଳାଖଣ୍ଡ ଉପରେ ଜଣେ ସାଧୁଙ୍କୁ ବସିଥିବାର ଦେଖିଲେ । ସାଧୁଙ୍କ ମୁହଁକୁ ଅନେଇ ଦେଇ ଚମକି ଉଠିଲେ ସେ । ଘଡ଼ିଏ ଛିଡ଼ା ହେଲେ । ବାରମ୍ବାର ଅନାଇଲେ । ନିରେଖି କରି ଦେଖିଲେ ହଁ ଠିକ୍ ତ ସେହି ମୁହଁ । ଅତି ଯତ୍ନରେ ସାଇତି ଥିବା ଚିତ୍ର ଫଟୋ ଖଣ୍ଡିକୁ କାଢ଼ିଲେ । ଠିକ୍ ... ଠିକ୍ ସେହି ମୁହଁ, ତୀକ୍ଷ୍ଣ ନାକ ପ୍ରଶସ୍ତ ଲଲାଟ । କେବଳ ଚିତ୍ରପଟରେ ନାହିଁ ଗୋଟିଏ ଜିନିଷ । ମୁଣ୍ଡରେ ସନ୍ୟାସୀର ଜଟା ଓ ମୁହଁରେ କିଛି ଶ୍ମଶ୍ରୁ । ସେଇଠି ତାଙ୍କ ପାଖରେ ବସିପଡ଼ିଲେ ସେ । ସନ୍ୟାସୀ ଆଖି ଖୋଲିଲେ ଅର୍ପିତାର ଦୁଃଖ ଜଣାଇବେ । ସେମିତି ବସିଥାଆନ୍ତି । ଏହା ମଧରେ ବହୁସମୟ ଅତିକ୍ରମ ହେଲାଣି । ତଥାପି ସନ୍ୟାସୀ ସେହିପରି ଧ୍ୟାନମଗ୍ନ ଅବସ୍ଥାରେ ବସିଥାଆନ୍ତି । ଥରକ ପାଇଁ ମଧ ଆଖି ଖୋଲି ଅନାଉ ନାହାନ୍ତି । କେବଳ ନିଶ୍ୱାସ ପ୍ରଶ୍ୱାସର ଯାତାୟତ ଦ୍ୱାରା ମଝିରେ ମଝିରେ ତାଙ୍କର ଗୌରବର୍ଣ୍ଣର ଦୀର୍ଘକାୟ ତନୁ ଦୋହଲି ଯାଉଥାଏ ଯାହା । ମାସାର୍ଥଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲା । ତାଙ୍କୁ ଯେ ଫେରିବାକୁ ପଡ଼ିବ ଅନେକ ବାଟ । ହେଲେ ମହାତ୍ମାତ ଆଖି ଖୋଲୁ ନାହାନ୍ତି ? କ'ଣ ସେ କରିବେ ?

ଗିରି କନ୍ଦରରେ ସନ୍ଧ୍ୟାର ପଦପାତ କ୍ରମେ ସ୍ପଷ୍ଟ ହୋଇ ଆସିଲାଣି । ଦିନରେ ଆଲୋକ ମ୍ଳାନ ପଡ଼ିଲାଣି । ତଥାପି ସାଧୁ ଧ୍ୟାନରତ । ତାଙ୍କର ଧ୍ୟାନ ଭାଙ୍ଗୁ ନାହିଁ । ଆଉ ସମ୍ଭାଳି ପାରିଲେ ନାହିଁ ସେ । ଅର୍ପିତାର ଲୁହ ଧୂଆ ମୁହଁଟି ତାଙ୍କ ମାନସ ପଟରେ ଭାସି ଉଠିଲା । ନୀରବତା ଭାଙ୍ଗି

Digitized by srujanika@gmail.com

କହିଲେ, ''ମହାତ୍ମା,'' ଟିକେ ଦୟାକରି ଶୁଣନ୍ତୁ । ଶୁଣନ୍ତୁନା ମୋର ପଦୁଟିଏ କଥା । ଟିକିଏ ଆଖି ଖୋଲନ୍ତୁ । ମୁଁ ଜଣେ ବିଦେଶୀ । ମୋତେ କିଛି କୁହନ୍ତୁନା ।

ତାଙ୍କର ସବୁ ଆକୁଳ ନିବେଦନ ସତ୍ତ୍ୱେ ସନ୍ୟାସୀ ଥିଲେ ସ୍ଥିର, ନିଶ୍ଚଳ । ପୁଣିଥରେ ଚେଷ୍ଟାକଲେ ମାସାର୍ଥ । ଆପଣ ତ ଜଣେ ସାଧୁ । ସଂସାରର ଦୁଃଖ, ଶୋକ ଦୂର କରିବା ଆପଣଙ୍କ କର୍ତ୍ତବ୍ୟ । ଜଣେ ନିରିହା ଝିଅର ଦୁଃଖ ଥରେ ମାତ୍ର ଶୁଣନ୍ତୁନା ? ମାସାର୍ଥଙ୍କର ବିଶ୍ୱାସ ଥିଲା, ଏ ଦେଶରେ ନାରୀଜାତିର ଏକ ସ୍ୱତନ୍ତ୍ର ସମ୍ମାନ ଅଛି । ଜଣେ ନାରୀର ଦୁଃଖ ଶୁଣି ସନ୍ୟାସୀ ନିଶ୍ଚୟ ଆଖି ଖୋଲିବେ । ତାପରେ .... ସେ କହିବେ .... ସବୁ କହିବେ । ସେ ଅର୍ପିତାକୁ କଥା ଦେଇଛନ୍ତି, ତାର ଦୁଃଖକୁ ତାଙ୍କ ଶିରା, ପ୍ରଶିରାରେ ଅନୁଭବ କରିଛନ୍ତି । ତା ପାଇଁ କିଛି କରିବେ । ମାତ୍ର ତାଙ୍କର ସବୁ ଆଶା ବିଫଳ ହେଲା । ସେ ଯେ ସବୁ ଦୁଃଖ, ସୁଖ, ରୋଗ, ଜରା ଉର୍ଦ୍ଧ୍ୱରେ ତା ମାସାର୍ଥ କିପରି ଜାଣିବେ । ସେମିତି ନିର୍ବିକାର, ନିର୍ବିଚଳ ଭାବରେ ବସି ଥାଆନ୍ତି ସେ । ସତେ ଯେପରି ଖଣ୍ଡିଏ ପଥର । କେଉଁ ଆବହମାନ କାଳରୁ ପଡ଼ିରହିଛି । ପଥର ଦେହରେ ମୁଣ୍ଡ ପିଟିଲେ ରକ୍ତ ଝରିବା ହିଁ ସାର ହେବ । ମାସାର୍ଥଙ୍କ କଥାଗୁଡ଼ିକ ନିର୍ଜନ ତୁଷାର ଧବଳ ଗିରିଶୃଙ୍ଗରେ ପ୍ରତିଧ୍ୱନି ତୋଳି ଫେରି ଆସିଲା ତାଙ୍କ ନିକଟକୁ । ତାଙ୍କର ଆଉ କିଛି କରିବାର ନଥିଲା ।

ବିଚିତ୍ର ଏ ଜୀବନ । ତାର ଗୋଟିଏ ପାର୍ଶ୍ୱରେ ଅଛି ଦୁଃଖ, ବେଦନା, ହତାଶ, ଅଶ୍ରୁ । ଅନ୍ୟ ପାର୍ଶ୍ୱରେ ଅଛି ରୂପ, ରଙ୍ଗ ଓ ରସ । ଏଇମାନଙ୍କ ମିଶ୍ରଣରେ ତ ଏ ଜୀବନ । ତାକୁ ସେ ଅନୁଭବ କରିଛନ୍ତି, ଜାଣିଛନ୍ତି । ଆଉ ଅଧିକା ଜାଣିବା ପାଇଁ କ'ଣ ଆବଶ୍ୟକ ? କ'ଣ ପ୍ରୟୋଜନ ? ସେ ଏଥର ନିଶ୍ଚିନ୍ତ ମନରେ ଫେରି ଯାଇପାରିବେ । ମାତ୍ର ଏ କ'ଣ । ହିମାଳୟ ଛାଡ଼ି ଫେରିବା ପାଇଁ ପାଦ ତାଙ୍କର ଚଳୁନାହିଁ । ଗିରିରାଜର ଶାନ୍ତ ସବୁଜିମା ତାଙ୍କୁ ବାନ୍ଧି ପକାଇଛି । ତାଙ୍କ ମନ କହୁଛି ଏଇ ଗିରିଗୁହାରେ ସାରାଜୀବନ ରହିଯିବାକୁ । ଏଇଠି ସେ ଯାହା ପାଇଛନ୍ତି ତା ଅବର୍ଣ୍ଣନୀୟ, ଅତୁଳନୀୟ । କ'ଣ ପ୍ରୟୋଜନ ସେ ମିଶର ଫେରିଯିବାର । ମାତ୍ର ସେ ସାରାଜୀବନ ଏଠି ରହିଗଲେ ତାର ଫଳ କ'ଣ ହେବ ତା ମଧ ସେ ଭଲଭାବରେ ଜାଣନ୍ତି । ତାଙ୍କ ଫେରିବାର ଗୋଟିଏ ଦିନ ବିଳମ୍ବ ହେଲେ ମଧ ଚିଆଁପସ୍ ତାଙ୍କୁ କ୍ଷମା ଦେବେ ନାହିଁ । ସେ ପ୍ରତିଶୋଧ ନେବେ । ଚରମ ପ୍ରତିଶୋଧ ଗୋଟି ଗୋଟି କରି ତାଙ୍କର ପରିବାର ବର୍ଗଙ୍କୁ ହତ୍ୟା କରିବେ । ନା... ନା... ସେ ଏତେଟା ସ୍ୱାର୍ଥପର ହୋଇପାରିବେ ନାହିଁ । ନିଜର ସୁଖ ପାଇଁ, ଶାନ୍ତି ପାଇଁ ଆତ୍ମୀୟ ସ୍ୱଜନମାନଙ୍କୁ ସେ ଅତି ନିଷ୍ଠୁର ଭାବରେ ମୃତ୍ୟୁ ମୁଖକୁ ଠେଲି ଦେଇପାରିବେ ନାହିଁ । କର୍ତ୍ତବ୍ୟର ଆହ୍ୱାନକୁ ସେ ଏଡ଼ିଦେଇ ପାରିବେ ନାହିଁ । ତାଙ୍କୁ ଯିବାକୁ ପଡ଼ିବ । ପିରାମିଡ୍‌ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପଡ଼ିବ ।

ସମାଜର ନିଗଡ ମଧ୍ୟରେ ଥିବା ମଣିଷ ତା ନିଜ ଇଚ୍ଛା ଅନୁସାରେ ଚଳିପାରିବ ନାହିଁ । ସେ ଯାହା ଚାହେଁ, ସେ ଜିନିଷଟି ତାର ଜୀବନ ପରିଧି ମଧ୍ୟରୁ ଦୁରେଇ ଯାଏ । ଯାହା ନ ଚାହେଁ, ତାହା ତାର ଜୀବନ ଅଧ୍ୟାୟର ପ୍ରତିଟି ପଂକ୍ତିରେ ପ୍ରତିଫଳିତ ହୁଏ । ମହାନ୍ ପରମ୍ପରା ଓ ଉଜ୍ଜ୍ୱଳ ଐତିହ ସମ୍ପନ୍ନ ଭାରତବର୍ଷର ସକଳ ସ୍ମୃତିକୁ ପାଥେୟ କରି ଏ ଦେଶ ଛାଡ଼ିଲେ ମାସାର୍ଥ ।

Digitized by srujanika@gmail.com

ସୋମେସ୍ ଭାବିଲେ ଚୀନ ପରିବ୍ରାଜକ ହୁଏନସାଂ ଓ ଗ୍ରୀକ୍ ସେନାପତି ସେଲିଉକାସଙ୍କ ରାଜଦୂତ ମେଘାସ୍ଥିନିସ୍‌ଙ୍କ ଭାରତ ଭ୍ରମଣ ବିବରଣୀ ପରି ମାସାର୍ଥଙ୍କ ଭାରତ ଭ୍ରମଣ ବିବରଣୀ ଇତିହାସ ପୃଷ୍ଠାରେ ସ୍ଥାନ ପାଇନାହିଁ । କୌଣସି ମତେ ତାହା କାଳର କରାଳ ଗର୍ଭରେ ହଜି ଯାଇଛି । ତଥାପି ତାହା ସେମାନଙ୍କ ଲିଖିତ ବିବରଣୀ ଠାରୁ କୌଣସି ଗୁଣରେ କମ୍ ନୁହେଁ । ତତ୍‌କାଳୀନ ଭାରତର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଏକ ସୁନ୍ଦର ଚିତ୍ର ତାଙ୍କର ଭ୍ରମଣ କାହାଣୀ ମଧ୍ୟରେ ପରିସ୍ଫୁଟ ହୋଇପାରିଛି ।

ମାସାର୍ଥଙ୍କ ବିବରଣୀରୁ ତୁଷାର ମୌଳି ହିମାଳୟ କନ୍ଦରରେ ଥିବା ଅଲୌକିକ ପ୍ରତିଭା ସମ୍ପନ୍ନ ମୁନିଋଷି ମାନଙ୍କ କଥାକୁ ମନ୍ତ୍ରମୁଗ୍ଧ ପରି ଶୁଣୁଥିଲା ଆୟେସା ।

ସେ ଦୁହେଁ ତାଙ୍କ ଘର ସାମ୍ନା ବଗିଚା ମଧ୍ୟରେ ବସି ରହିଥିଲେ । ଦୂର ଆକାଶ କୋଳରେ ଜହ୍ନ ହସୁଥିଲା ଫିକା ଫିକା । ଖଣ୍ଡି ଖଣ୍ଡି ବାଦଲ ସବୁ ପ୍ରଜାପତିର ଡେଣାନେଇ ଭାସି ବୁଲୁଥିଲେ ଜହ୍ନ ଉପରେ । କେତେବେଳେ କେମିତି ସେମାନଙ୍କ ପଣତ କାନିର ଉହାଡ଼ରେ ଲୁଚାଇ ଦେଉଥିଲେ ଜହ୍ନକୁ । ମୋଟ ଉପରେ ପୃଥିବୀ ଓ ଆକାଶ ମଧ୍ୟରେ ଚାଲିଥିଲା ଆଲୁଅ ଆଉ ଅନ୍ଧକାର ଏକ ଛାଇ ଖେଳ ।

ସୋମେସ୍ ମଧ୍ୟ ପ୍ରତି ବଦଳରେ ଚାହିଁଥିଲେ ମିଶରର ଅତୀତ ଐତିହ୍ୟ, ଗୌରବକୁ ବର୍ଦ୍ଧନ କରିଥିବା କୌଣସି ମହାମାନବଙ୍କ ବିଷୟରେ କିଛି ଶୁଣିବାକୁ । ଆୟେସା ତାଙ୍କୁ କହିଥିଲା ମିଶରର ପ୍ରଖ୍ୟାତ ଦାର୍ଶନିକ ପଣ୍ଡିତ ହଜାନଙ୍କ କଥା ।

ଖ୍ରୀଷ୍ଟପୂର୍ବ ତିନିଶହ ତିରିଶ ଅବ୍ଦର ଘଟଣା । ଗ୍ରୀସ୍‌ର ମହାନବୀର ଦିଗବିଜୟୀ ଆଲେକଜାଣ୍ଡାର ଦେଶ ପରେ ଦେଶ ଜୟକରି ନରହତ୍ୟାର ସ୍ରୁଅ ଛୁଟାଇ ଉପଗତ ହେଲେ ମିଶର ରାଜ୍ୟରେ । ଅନାୟାସରେ ମିଶର ମଧ୍ୟ ତାଙ୍କର କବଳିତ ହେଲା । ଏହି ସମୟରେ ସେ ଭେଟିଥିଲେ ଦାର୍ଶନିକ ହଜାନଙ୍କୁ ।

ନୀଳନଦୀ କୂଳସ୍ଥ ଏକ ବିସ୍ତିର୍ଣ୍ଣ ବାଲୁକାମୟ ପ୍ରାନ୍ତର । ଅନେକ ଦିନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି ଏକ ବିରାଟ ହ୍ୟୁମ୍ ପାଇପ । ତାହା ହିଁ ଥିଲା ବିଖ୍ୟାତ ପଣ୍ଡିତଙ୍କ ଆଶ୍ରୟ ସ୍ଥଳ । ସୂର୍ଯ୍ୟଙ୍କ ଦିଗକୁ ମୁହଁ କରି ବସିଥିଲେ ସେ । ଆବରଣ ହୀନ ଦେହରୁ ତାଙ୍କର ନିର୍ଗତ ହେଉଥିଲା ଏକ ପ୍ରକାର ଜ୍ୟୋତି । ତାଙ୍କଠାରୁ କିଛି ଉପଦେଶ ଚାହିଁଥିଲେ ଦିଗ୍‌ବିଜୟୀ ବୀର ଆଲେକ୍‌ଜାଣ୍ଡର । ପ୍ରତି ବଦଳରେ ଦାର୍ଶନିକ ତାଙ୍କୁ ଗୋଟିଏ ପ୍ରଶ୍ନ କରିଥିଲେ, ଦିଗ୍‌ବିଜୟର ମୋହ ନେଇ ପ୍ରତି ଦେଶରେ ସେ ଯେଉଁ ରକ୍ତର ସ୍ରୁଅ ଛୁଟାଇଲେ, ଯେଉଁ ନିରିହ ଜୀବନମାନଙ୍କୁ ତାଙ୍କ କାମନାର ଅଗ୍ନିରେ ବଳିଦେଲେ ତାର କ୍ଷତିପୂରଣ ଦେଇପାରିବେକି ?

ସମ୍ରାଟ ନୀରବ ରହିଲେ । ଏ ପ୍ରଶ୍ନର ଉତ୍ତର ଅବା କ୍ଷତିପୂରଣ କୌଣସିଟିରୁ ଗୋଟିଏ ମଧ୍ୟ ସେ ଦେବାକୁ ଅକ୍ଷମ । ନିଜର ଅକ୍ଷମତା ପ୍ରକାଶ କଲେ ନୀରବତା ଦ୍ୱାରା । ଏହାପରେ ଜଣେ ସମ୍ରାଟ ହିସାବରେ ସେ ଚାହିଁଥିଲେ ଦାର୍ଶନିକଙ୍କର କିଛି ଅଭିଳାଷ ପରିପୂର୍ଣ୍ଣ କରିବାକୁ । ମାତ୍ର ସେ କାମନା, ବାସନାକୁ ଦମନ କରିଛି ତାର ବା ଅଭିଳାଷ କ'ଣ ।

Digitized by srujanika@gmail.com

ଫେରିଯାଇଥିଲେ ସମ୍ରାଟ । ମାତ୍ର ଦାର୍ଶନିକଙ୍କ ସହ କଥୋପକଥନ ତାଙ୍କ ହୃଦୟକୁ ଆଚ୍ଛନ୍ନ କରିଥିଲା । ସେ ଅନୁଭବ କରିଥିଲେ ବିରାଟ ସାମ୍ରାଜ୍ୟର ଅଧୀଶ୍ୱର ହେବାର କାମନା ଲାଳସାରେ ଜର୍ଜରିତ ହୋଇ ସେ ଯେଉଁ ଭୁଲ କରିଛନ୍ତି, ନରହତ୍ୟାର ଯେଉଁ ସୁଅ ଛୁଟାଇଛନ୍ତି ତାହା କ୍ଷମଣୀୟ ନୁହେଁ । ବିଶାଳ ସାମ୍ରାଜ୍ୟ, ପ୍ରଚୁର ସମ୍ପତ୍ତିର ଅଧୀଶ୍ୱର ହୋଇଥିଲେ ମଧ୍ୟ ସେ କେତେ ନ୍ୟୁନ । ମାନବିକତାକୁ ଯେ ସେ ବଳି ଦେଇଛନ୍ତି । ସମ୍ପଦଶୂନ୍ୟ, ନିଃସ୍ୱ ଦାର୍ଶନିକ ହଜାନଙ୍କ ପଦୁଟିଏ କଥା ଦିଗବିଜୟୀ ବୀର ଆଲେକଜାଣ୍ଡରଙ୍କ ହୃଦୟରେ ଏକ ବିରାଟ ପରିବର୍ତ୍ତନ ଆଣିଥିଲା ।

ସୋମେସ୍ ବିଚାର କଲେ ବାସ୍ତବିକ ଆଧୁନିକ ଯୁଗରେ ଏପରି ଯୁଗପୁରୁଷ ବିରଳ ।

ପୃଷ୍ଠା ପରେ ପୃଷ୍ଠା ଲେଉଟାଇ ଚାଲିଥିଲେ ସୋମେସ୍ ।

ନୃତ୍ୟ, ଗୀତ, ସଙ୍ଗୀତ, ଆଲୋକର ବର୍ଣ୍ଣାଳୀ ଓ ଆତସବାଜିର ଚମତ୍କାରିତା ମଧ୍ୟରେ ଲାସ୍ୟମୟୀ ମେମ୍ଫିସ୍ ନଗରୀ ଆଜି କମ୍ପି ଉଠୁଛି । ଆଲୋକର ବିପଣୀରେ ସଜ୍ଜିତ ରାଜନବର ଦିଶୁଛି ଇନ୍ଦ୍ର ମହଲ ପରି । ଭାରତ ଭ୍ରମଣ ସାରି ଫେରିଆସିଛନ୍ତି ରାଜବୈଦ୍ୟ ମାସାର୍ଥ ବିଭିନ୍ନ ଅଭିଜ୍ଞତାକୁ ପୁଞ୍ଜିକରି ! ଏଥର ପିରାମିଡ୍ ଆରମ୍ଭ କରିବାକୁ ପଡ଼ିବ । ପିରାମିଡ୍ ନିର୍ମାଣର ଦିନ ଠିକ୍ ହୋଇଯାଇଛି । କାର୍ଯ୍ୟ ଆରମ୍ଭରେ ତିନିଦିନ ପୂର୍ବରୁ ରାଜ୍ୟସାରା ଉତ୍ସବର ଘୋଷଣା କରାଯାଇଛି । ଏ ଉତ୍ସବର ପାଳନରେ ରାଜା, ରାଜକର୍ମଚାରୀ ଓ ପାରିଷଦବର୍ଗ ମତୁଆଲା ହୋଇ ଉଠିଛନ୍ତି ।

ପିରାମିଡ୍ ପାଇଁ ଆବଶ୍ୟକୀୟ ପଥରମାନ ନୀଳନଦୀର ଆରପଟେ ଥିଲା ମେଡ଼ିଟେରିଆନ ପର୍ବତମାଳାରୁ ସଂଗ୍ରହ କରିବାକୁ ପଡ଼ିବ । ଏହି ପର୍ବତମାଳାଟି ପିରାମିଡ୍‌ର ନିର୍ମାଣ ସ୍ଥାନଠାରୁ ଥିଲା ସାତ ଶହ ମାଇଲ ଦୂର । ସୋମେସ୍ ମଧ୍ୟ ଆଶ୍ଚର୍ଯ୍ୟ ହେଲେ । ବାସ୍ତବିକ୍ ଏତେ ଦୂରରୁ ବିରାଟ ବିରାଟ ପଥର ଖଣ୍ଡମାନ କେମିତି ବୋହିଆଣିଥିଲେ ମିଶରବାସୀମାନେ । ନିର୍ମାଣ କ୍ଷେତ୍ରଟି ନୀଳନଦୀ କୂଳସ୍ଥ ଏକ ବାଲୁକାମୟ ସ୍ଥାନରେ ଅବସ୍ଥିତ । ଏହା ନିକଟରେ କୌଣସି ସମୟରେ ହେଲେ ମଧ୍ୟ ପାହାଡ଼ ପର୍ବତ ଥିବା ଏକାନ୍ତ ଅସମ୍ଭବ । ଏବେ ବି ନିକଟରେ ପାହାଡ଼ ପର୍ବତର କୌଣସି ଚିହ୍ନବର୍ଣ୍ଣ ନାହିଁ । ନିଶ୍ଚୟ ଏମାନେ ମରୁଭୂମିର ଅପର ପ୍ରାନ୍ତରେ ଥିବା ପାହାଡ଼ ମାଳାରୁ ସାତଶହ ମାଇଲ ଦୂରରୁ ଆଣିଥିବେ । ହେଲେ କିପରି ଆଣିଲେ ସେହି ବିରାଟ ପ୍ରସ୍ତର ଖଣ୍ଡମାନଙ୍କୁ । ପଥରଟି ମାନ କମ୍ ଓଜନ ନଥିଲା । ଏଥିରେ ବ୍ୟବହୃତ ପଥରମାନ ତିରିଶ ଫୁଟରୁ ଅଧିକ ଲମ୍ବ ଓ ସତୁରୀ ଅଶୀ ମହଣଠାରୁ ଅଧିକ ଓଜନ ଥିଲା । ଜଣାଯାଏ ଯେ ଏଥିରେ ବ୍ୟବହୃତ ସବୁଠାରୁ ବଡ଼ ପଥରର ଓଜନ ତେରଶହ ପଚାଶ ମହଣ ।

ଏହି ପ୍ରସଙ୍ଗରେ ତାଙ୍କର ଆମ କୋଣାର୍କ ମନ୍ଦିରର କଥା ମନେ ପଡ଼ିଲା । କୋଣାର୍କ ମନ୍ଦିରରେ ଥିବା ନବଗ୍ରହ ଓଜନ ଥିଲା ସାତଶହ ବୟାଳିଶି ମହଣ । ଏହି ନବଗ୍ରହ ମୂର୍ତ୍ତିକୁ ସେଠାରୁ ସ୍ଥାନାନ୍ତରିତ କରି କଲିକତା ମ୍ୟୁଜିୟମରେ ରଖିବାର ସରକାରଙ୍କର ଏକାନ୍ତ ଇଚ୍ଛା ଥିଲା । ହେଲେ ଆଧୁନିକ ବିଜ୍ଞାନର ସମସ୍ତ କାରିଗରୀ କୌଶଳ ପ୍ରୟୋଗ କରି ସୁଦ୍ଧା ସେ ସଫଳ

Digitized by srujanika@gmail.com

ହୋଇପାରିନଥିଲେ । ସମୁଦାୟ ନେବାତ ଦୂରର କଥା । ଏହାର ଏକ ତୃତୀୟାଂଶକୁ ସମୁଦ୍ର ପର୍ଯ୍ୟନ୍ତ ମାତ୍ର ଦୁଇମାଇଲ ରାସ୍ତା ମଧ୍ୟ ନିଆଯାଇ ପାରିନଥିଲା । ଆଧୁନିକ ଯୁଗରେ ଟ୍ରେନ୍, ଟ୍ରାମ୍, କ୍ରେନ୍ ଆଦି ଉନ୍ନତ ଧରଣର ଯନ୍ତ୍ରପାତି ଥାଇ ମଧ୍ୟ ଏପରି ପଥର ଖଣ୍ଡମାନଙ୍କୁ ସ୍ଥାନାନ୍ତରିତ କରିବାରେ ଆମେ ଅକ୍ଷମ ହୋଇଛୁ । ତାହାହେଲେ କେଉଁ କୌଶଳ ଅବଲମ୍ବନରେ ଚନ୍ଦ୍ରଭାଗାର ବାଲୁକାଶଯ୍ୟାରେ, ସମୁଦ୍ରର ବାଲିପଠାରେ ପୁରୀ ମନ୍ଦିର କୋଣାର୍କ ମନ୍ଦିର ପରି ବିଶାଳ ମନ୍ଦିର ମାନ ଉତ୍କଳର ଶିଳ୍ପୀକୂଳ ଗଢ଼ିଥିଲେ ଆଉ ଗଢ଼ିଥିଲେ ମିଶରୀୟମାନେ ବିଶାଳକାୟ ପିରାମିଡ୍ । ଠିକ୍ ପିରାମିଡ୍ ପରି ଆମ କୋଣାର୍କ ମନ୍ଦିର ଓ ପୁରୀ ମନ୍ଦିରର ନିକଟରେ ତ କୌଣସି ପାହାଡ଼ ଦେଖାଯାଏ ନାହିଁ । ତାହାହେଲେ କେମିତି ଆଣିଥିଲେ ସେମାନେ ପଥରମାନ ଏତେ ଦୂରରୁ । ଏବେ ପୋଥି ପଢ଼ାରେ ମନୋନିବେଶ କଲେ ସେ ।

ମେଡ଼ିଟେରିଆନ ପର୍ବତମାଳା ଏକ ଦିଗନ୍ତ ବିସ୍ତୃତ ପର୍ବତମାଳା । ବିରାଟକାୟ ପଥର ଖଣ୍ଡମାନଙ୍କର ଏହା ଏକ ସ୍ତୁପ । ପର୍ବତମାଳାକୁ ଫଟାଇ ଏଥିରୁ ପଥର ଖଣ୍ଡମାନ ସଂଗ୍ରହ କରିବାକୁ ପଡ଼ିବ । ଏଠାରେ ସେ ଶିଖିଥିବା ଅଦ୍ଭୁତ ଇନଫ୍ରାସାଉଣ୍ଡର ବ୍ୟବହାର କଲେ । ଖୁବ୍ କମ୍ ସମୟ ମଧ୍ୟରେ ପର୍ବତମାଳାଟି ପ୍ରଚଣ୍ଡ ଶବ୍ଦ ଉତ୍ପନ୍ନ କରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡ଼ିଲା । କମ୍ପି ଉଠିଥିଲା ସେହି ସ୍ଥାନଟି । ସେହି ବିରାଟ ବିସ୍ଫୋରଣର ଶବ୍ଦ । ଆଖ ପାଖ ଗ୍ରାମ ଓ ସହରକୁ ପ୍ରସାରିତ ହୋଇଗଲା । କିଛି ସମୟ ପାଇଁ ଗୃହପାଳିତ ପଶୁମାନେ ଇତସ୍ତତଃଭାବେ ଦୌଡ଼ିବାକୁ ଲାଗିଲେ । ଭୂମିକମ୍ପ ସମୟରେ ପୃଥିବୀପୃଷ୍ଠ କ୍ଷଣିକ ଲାଗି କମ୍ପି ଉଠିବା ପରି ସେ ସ୍ଥାନରେ କମ୍ପନ ସୃଷ୍ଟି ହୋଇଥିଲା । ସେ ଭୟଙ୍କର ଶବ୍ଦରେ ନିଜେ ମାସାର୍ଥ ମଧ୍ୟ କିଛି ସମୟ ପାଇଁ ଚମକି ଉଠିଥିଲେ । ଭୟରେ ଆଖି ବୁଜି ପକାଇଥିଲେ । କିଛି ସମୟ ପରେ ଆଖି ଖୋଲି ଦେଖନ୍ତି ତ ସମ୍ମୁଖରେ ବିଭିନ୍ନ ଆକାରର ଛୋଟବଡ଼ ପଥର ଖଣ୍ଡମାନଙ୍କର ଏକ ସ୍ତୁପାକୃତି ଭଣ୍ଡାର ।

ମାତ୍ର ପଥରଗୁଡ଼ିକୁ ଦୀର୍ଘ ସାତ ସହ ମାଇଲ ଧରି କେମିତି ଗିଜେ ନିକଟକୁ ଅଣାଗଲା ସେ ସମ୍ପର୍କରେ ମାସାର୍ଥ ସ୍ପଷ୍ଟଭାବେ କୌଣସି ମତବ୍ୟକ୍ତ କରିନାହାନ୍ତି । ତେବେ ଯାହା ଜଣାଯାଏ କେବଳ ମନୁଷ୍ୟମାନଙ୍କ ଶକ୍ତି ସାହାଯ୍ୟରେ ଏହି ପ୍ରସ୍ତରଗୁଡ଼ିକୁ ସ୍ଥାନାନ୍ତରିତ କରାଯାଇଥିଲା । ସେମାନେ ଶକ୍ତ କାଠଖଣ୍ଡ ସାହାଯ୍ୟରେ ପଥରଗୁଡ଼ିକୁ ପେଲି, ଗଡ଼ାଇ ଆଣିଥିଲେ । ବନ୍ୟାକ୍ଲିଷ୍ଟ ମିଶରୀୟଙ୍କ ପ୍ରତି ଏହା ଥିଲା ଏକ ଦୁଃସହ ବୋଝ । ପେଟପୁରା ଖାଇବାକୁ ନାହିଁ । ତା ଉପରେ ଅକ୍ଳାନ୍ତ ପରିଶ୍ରମ । ତଥାପି କରିବାକୁ ପଡ଼ିବ । କର୍ତ୍ତବ୍ୟର ଆହ୍ୱାନକୁ କେହି ଏଡ଼ି ଦେଇପାରିବେ ନାହିଁ ।

ସୋମେସ୍ ଚିନ୍ତାକଲେ ଦୀର୍ଘ ପାଞ୍ଚହଜାର ବର୍ଷ ତଳେ ଯଦିଓ ଭାରଦଣ୍ଡ ସାହାଯ୍ୟରେ ବା ସରଳଯନ୍ତ୍ରର ଆବିଷ୍କାର ହୋଇ ନଥିଲା ତଥାପି ଲୋକମାନେ ଭାରଦଣ୍ଡର ପ୍ରୟୋଗ ଜାଣିଥିଲେ । ଅଳ୍ପ ବଳ ଖର୍ଚ୍ଚରେ ଅଧିକ କାମ କରିବାକୁ ଆମେ ଆଧୁନିକ ଯୁଗରେ ଯେପରି ଭାରଦଣ୍ଡର ପ୍ରୟୋଗ କରୁଛୁ ସେମାନେ ମଧ୍ୟ ସେହି ପଦ୍ଧତି ଅବଲମ୍ବନ କରୁଥିଲେ । ସେହି ତିନିଲକ୍ଷ ଶ୍ରମିକ ଓ କ୍ରୀତଦାସମାନେ ଏକତ୍ରିତ ହୋଇ ଛୋଟବଡ଼ ପଥରଖଣ୍ଡମାନଙ୍କୁ ଗଡ଼ାଇ ଗଡ଼ାଇ ନୀଳନଦୀ କୂଳ ପର୍ଯ୍ୟନ୍ତ ଆଣିଥିଲେ । ଗିଜେ ପର୍ଯ୍ୟନ୍ତ ଆସିବାକୁ ସେମାନଙ୍କୁ ସମ୍ମୁଖରେ ଅବରୋଧ କଲା ନୀଳନଦୀର ଧାବମାନ ଜଳରାଶି ।

Digitized by srujanika@gmail.com

ଏହାଛଡ଼ା ଅନ୍ୟ ଏକ ଉପାୟରେ ସେମାନେ ଆଣିଥାଇ ପାରନ୍ତି ବୋଲି ତାର ସୂଚନା ସୋମେସ୍ କେତେକ ସ୍ଥାନରେ ପାଇଥିଲେ । ଯଦି ସେମାନେ ବିଜ୍ଞାନରେ ବାସ୍ତବିକ୍ ଉନ୍ନତି କରିଥାଆନ୍ତି ତାହାହେଲେ ସେ ସ୍ଥାନରେ କୃତ୍ରିମ ମାଧ୍ୟାକର୍ଷଣ ଶକ୍ତିର ପ୍ରୟୋଗ କରିବା କିଛି ଅସମ୍ଭବ ବ୍ୟାପାର ନୁହେଁ । ସେ ସ୍ଥାନରେ ଏପରି ଏକ ମାଧ୍ୟାକର୍ଷଣ ଶକ୍ତିର ପ୍ରୟୋଗ ହୋଇଥିଲା ଯାହା ପୃଥିବୀ ମାଧ୍ୟାକର୍ଷଣର ଦଶଭାଗରୁ ଏକ ଭାଗ ଅଟେ । ଏହା ଫଳରେ ସେ ସ୍ଥାନରେ ଜିନିଷର ପ୍ରକୃତ ଓଜନ ଦଶଭାଗ କମିଯିବ । ଉଦାହରଣ ସ୍ୱରୂପ ଯେଉଁ ପଥରଗୁଡ଼ିକର ଓଜନ ସତୁରି କି ଅଶୀ ମହଣ ହୋଇଥିବ ତାର ଓଜନ ଦଶଭାଗ କମିଯିବ ଅର୍ଥାତ୍ ମାତ୍ର ସାତ କି ଆଠ ମହଣ ହୋଇଯିବ । କାରଣ କୌଣସି ପଦାର୍ଥର ଓଜନ ତା ଉପରେ ମାଧ୍ୟାକର୍ଷଣ ବଳର ପ୍ରଭାବ ଉପରେ ନିର୍ଭର କରେ । ମାଧ୍ୟାକର୍ଷଣ ବଳର ପରିମାଣ କମିଗଲେ ପଦାର୍ଥର ଓଜନ ମଧ୍ୟ କମିଯିବ । ଏହି କାରଣରୁ ଚନ୍ଦ୍ର ପୃଷ୍ଠରେ କୌଣସି ପଦାର୍ଥର ଓଜନ ପୃଥିବୀରେ ପଦାର୍ଥର ଓଜନଠାରୁ କମ୍ ହେବ । କାରଣ ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ପୃଥିବୀ ମାଧ୍ୟାକର୍ଷଣ ବଳର ଛଅ ଭାଗରୁ ଭାଗେ ଅଟେ । ସେହିପରି କୃତ୍ରିମ ମାଧ୍ୟାକର୍ଷଣ ଶକ୍ତିର ପ୍ରୟୋଗ ହୋଇଥିଲେ ପଥରର ଓଜନମାନ କମି ଯାଇଥିବ ଓ କାମ ଅପେକ୍ଷାକୃତ ସହଜରେ ହୋଇଥିବ ।

ଯେକୌଣସି ଉପାୟରେ ହେଉ ପଥରଗୁଡ଼ିକ ନୀଳନଦୀର ତଟଦେଶ ପର୍ଯ୍ୟନ୍ତ ଅଣାଗଲା । ଏବେ ନୀଳନଦୀର ଭରା ଜଳରାଶିକୁ ପାର ହେବା ହିଁ ଏକ ମାତ୍ର ସମସ୍ୟା । ନଦୀପାର ହେବାକୁ ନିର୍ମାଣ କରାଗଲା ବିରାଟ ବିରାଟ କାଠ ଭେଳାମାନ । ଭେଳା ତିଆରିରେ ଏକ ବୈଜ୍ଞାନିକ ଉପାୟ ଅବଲମ୍ବନ କରାଗଲା । ଭେଳାଟି ଏପରି ଭାବେ ନିର୍ମିତ ହେଲା ଯେ ଏହା ପାଣିରେ ପଡ଼ିବାମାତ୍ରେ ବହୁପରିମାଣର ଜଳ ଅପସାରିତ କରିବ । ଏହା ଏତେ ପରିମାଣରେ ଜଳ ଅପସାରିତ କରିବ ଯେ ଯାହାର ଓଜନ କାଠ ଭେଳା ଓ ତା ଉପରିସ୍ଥ ସମସ୍ତ ପଦାର୍ଥ ଠାରୁ ଢେର ଅଧିକ ହେବ । ଫଳରେ ପଥର ବୋଝେଇ କାଠ ଭେଳାଟି ସ୍ୱଚ୍ଛନ୍ଦରେ ନଦୀ ଗର୍ଭରେ ସ୍ରୋତର ଅନୁକୂଳରେ ଭାସି ଭାସି ଚାଲିଲା । ଆଉ ସୋମେସ ସ୍ରୋତର ପ୍ରତିକୂଳରେ ଭାସିଯାଇ କଳ୍ପନା କ୍ଷେତ୍ରରେ ପାଞ୍ଚହଜାର ବର୍ଷ ତଳର ସେହି ଦିବ୍ୟ ଦୃଶ୍ୟଟିକୁ ଦେଖିବାକୁ ଲାଗିଲେ ।

ମାସାର୍ଥ ଭେଳା ସହ ପଥର ଭାସିବା ପାଇଁ ଯେଉଁ ସୂତ୍ର ପ୍ରୟୋଗ କଲେ ତାହାକୁ ଆଧୁନିକ ଯୁଗରେ ଆମ ସୁପ୍ରସିଦ୍ଧ ବୈଜ୍ଞାନିକ ଆର୍କମେଡ଼ିସ୍ ଉଦ୍ଭାବନ କରିଥିଲେ । ମାତ୍ର ବହୁପୁରା କାଳରୁ ପ୍ରାଚୀନ ମିଶରୀୟମାନେ ଏହାର ପ୍ରୟୋଗ ଜାଣିଥିଲେ । ଏଥିରୁ ସ୍ୱତଃ ଅନୁମିତ ହୁଏ ଯେ ବହୁ ପୁରାକାଳରେ ପୃଥିବୀରେ ଏକ ଉନ୍ନତ୍ତ ସଭ୍ୟତାର ପରିପ୍ରକାଶ ଘଟିଥିଲା ।

ଋଷର ପ୍ରଖ୍ୟାତ ଲେଖକ ଗାର୍ବୋଭସ୍କ ପ୍ରାଚୀନ ସଭ୍ୟତାର ରହସ୍ୟ ଉପରେ ଏକ ପୁସ୍ତକ ମଧ୍ୟ ଏହାକୁ ସମର୍ଥନ କରୁଛି । ଆମ ଭାରତୀୟ ଧର୍ମଗ୍ରନ୍ଥମାନଙ୍କରେ ଏ ପ୍ରକାର ଉଦାହରଣର ଅଭାବ ନାହିଁ । ଭରଦ୍ୱାଜ ମୁନିଙ୍କ ଆଶ୍ରମର ମିଳିଥିବା କେତେକ ତାଳପତ୍ର ପୋଥିରୁ ଉଡ଼ାଜାହାଜ ଉଡ଼ିବାର କୌଶଳ ଓ ଇଞ୍ଜିନ୍ ତିଆରିର ମୂଳତତ୍ତ୍ୱର ସୂତ୍ରମାନ ମିଳିଥିଲା । ରାଇଟ୍ ଭାତୃଦ୍ୱୟଙ୍କ ଆବିଷ୍କାରର ବହୁ ପୂର୍ବରୁ ଏହାତ ପୁଣି ସମ୍ଭବ ଥିଲା ।

Digitized by srujanika@gmail.com

ବିରାଟ ବିରାଟ ପଥରଖଣ୍ଡମାନଙ୍କୁ ଧରି ଭାସମାନ କାଠଭେଳା ନଦୀର ତଟ ଦେଶରେ ଉପଗତ ହେଲା । କ୍ଲାନ୍ତ, ଶ୍ରାନ୍ତ ଶ୍ରମିକ ଦଳ ନଦୀର ସବୁଜ ତଟ ଦେଶରେ ବସି ପଡ଼ିଲେ କିଛି ସମୟ ଲାଗି । ଶୀତଳଜଳ କିଛି ପାନ କରି ପଥଶ୍ରାନ୍ତ ଜନିତ କ୍ଲାନ୍ତି ମେଣ୍ଟାଇଲେ । ଭେଳାରୁ ତଟଦେଶର ବହଳ ବାଲିଶେଯକୁ ଗଡ଼ାଇବାକୁ ପଡ଼ିବ ପଥରଖଣ୍ଡମାନଙ୍କୁ । ଏହି ପଥର ଖଣ୍ଡମାନଙ୍କୁ ଗଡ଼ାଉ ଗଡ଼ାଉ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣାମାନ ଘଟିଯାଏ । ପଥର ଗଡ଼ାଇବାବେଳେ ସାମାନ୍ୟ ଅସାବଧାନତାଃବଶତଃ କେତେକ ଶ୍ରମିକ ତା ତଳେ ରହିଯାଇ ମୃତ୍ୟୁ ବରଣ କରନ୍ତି । ସେମାନଙ୍କ ଆର୍ତ୍ତ ଚିତ୍କାରରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠେ । ଏହି ଦୁଃଖଦ ଘଟଣାକୁ ଛାତିରେ ଭରି ନଈକୂଳିଆ ଶୀତ ପବନ ସାଇଁ ସାଇଁ ବହିଯାଏ । ସତେ ଯେପରି ସେ କିଛି ଜାଣିନାହିଁ । କ୍ଷଣିକ ଲାଗି ସ୍ତବ୍ଧ ହୋଇଯାଆନ୍ତି କାର୍ଯ୍ୟରତ ଶ୍ରମିକ ଦଳ । ଏଇମାତ୍ର ତାଙ୍କ ସହ ସାମିଲ ହୋଇ କାମ କରୁଥିବା ଦରଦୀ ବନ୍ଧୁଟି ନିମିଷକ ମଧ୍ୟରେ ମାଂସ ପିଣ୍ଡୁଳାରେ ପରିଣତ ହୋଇଗଲା । ନିର୍ମମ ପଥର ପେଷି ଦେଇଗଲା କେତେ ସୁନ୍ଦର ମଣିଷଟିକୁ । ନୀଳ ନଦୀର ବାଲି ରକ୍ତ ରଞ୍ଜିତ ହୋଇଗଲା । ଏଇ ତ ଜୀବନ । ଝରି ପଡ଼ିବା ତାର ଧର୍ମ ।

ଯେଉଁମାନେ ବଞ୍ôଚରୁହନ୍ତି ସେମାନେ ମିଶର ଜାତିର ପ୍ରଧାନ ଦେବତା ଓସିରସ୍ ଓ ତାଙ୍କ ସ୍ତ୍ରୀ ଇସସ୍‌ଙ୍କ ନିକଟରେ ମୁଣ୍ଡ ନୁଆଇଁ ପ୍ରାର୍ଥନା କରନ୍ତି । ହେ ଦେବତା ମୃତ୍ୟୁର ଏହି ଶୀତଳ ଆଲିଙ୍ଗନରୁ ଆମକୁ ରକ୍ଷାକର ।

ଏହା ମଧ୍ୟରେ ସୁଦୀର୍ଘ ବାରବର୍ଷ ବିତିଯାଇଛି । ଆହୁରି ଏହିପରି କେତେ ଯେ ବର୍ଷ ବିତିଯିବ ତାର ଠିକଣା ନାହିଁ । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରମିକ, ଶିଳ୍ପୀତାର ଶିଳ୍ପକଳାରେ ସମସ୍ତ ଚାତୁରୀ ଫୁଟାଇ, ଶ୍ରମିକ ଅକାତରେ ଶ୍ରମଦାନ କରି ନିର୍ମାଣ କରି ଚାଲିଛନ୍ତି ପିରାମିଡ୍‌କୁ । ନିଜର ସୁଖ, ସ୍ୱାଚ୍ଛନ୍ଦକୁ ବଳିଦେଇ ରାଜକାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ସେମାନଙ୍କ ରହିବା ପାଇଁ ଚିଆପସ୍ ତିଆରି କରାଇ ଦେଇଛନ୍ତି ଝାଟି ମାଟିର କୁଡ଼ିଆ । ସନ୍ତସନ୍ତିଆ ମାଟି ଉପରେ ମୁଣ୍ଡଟେକି ଉଠିଛି ଏହି କୁଡ଼ିଆଟିମାନ ନିହାତି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ । ଦୁଇ ଓଳି ଦୁଇ ମୁଠା ଖାଦ୍ୟ ବିନିମୟରେ ସେମାନଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥାଏ । ସାଗରର ଅଥଳ ଗର୍ଭରେ ଉଜ୍ଜ୍ୱଳ ଆଲୋକ ବିକିରଣ କରୁଥିବା ମୁକ୍ତା ଲୋକଲୋଚନର ଅଗୋଚରରରେ ରହିଗଲା ପରି ବିଶ୍ୱର ସର୍ବଶ୍ରେଷ୍ଠ କଳାକୃତି ନିର୍ମାଣରେ ଏମାନଙ୍କ ଅବଦାନ ଚିରଦିନ ପାଇଁ ଲୋକମାନଙ୍କ ଅଗୋଚରରେ ରହିଗଲା । ଏମାନଙ୍କ ନାମ ଇତିହାସ ପୃଷ୍ଠାକୁ ମଧ୍ୟ ଉଠିପାରିଲା ନାହିଁ । ପିରାମିଡ୍‌ର ନିର୍ମାତା ହିସାବରେ ଚିଆପସ୍‌ଙ୍କ ନାମ ଯୁଗଯୁଗକୁ ଅମର ହୋଇ ରହିଗଲା । ହେଲେ ଏହି ଶ୍ରମିକମାନଙ୍କ ଦୁରାବସ୍ଥା କହିଲେ ନ ସରେ । ପରିଶ୍ରମରେ ହେଳା ହେଲେ ରାଜକର୍ମଚାରୀମାନଙ୍କ ଚାବୁକର ପ୍ରହାର ସହିବାକୁ ପଡ଼େ । ଉପଯୁକ୍ତ ପୃଷ୍ଟିକର ଖାଦ୍ୟର ଅଭାବ ଅବିଶ୍ରାନ୍ତ ପରିଶ୍ରମ ଓ କର୍ମଚାରୀମାନଙ୍କ ଅତ୍ୟାଚାର ଯୋଗୁ ବହୁ ଶ୍ରମିକ ରୋଗରେ ପୀଡ଼ିତ ହୁଅନ୍ତି । ଶାରୀରିକ ଓ ମାନସିକ ଉତ୍ପିଡ଼ନ ଅସହ୍ୟ ହେବାରୁ କେତେକ ଅକାଳରେ ବାର୍ଦ୍ଧକ୍ୟର ଶିକାର ହେଲେ । କେତେ ଅମୂଲ୍ୟ ଜୀବନ ଅକାଳରେ ମଉଳି ପଡ଼ିଲା ।

Digitized by srujanika@gmail.com

ଶୁଣାଯାଏ ଯେ ଚିଆପସ୍ ପାରିଶ୍ରମିକ ବାବଦରେ ଶ୍ରମିକମାନଙ୍କୁ କେବଳ ପିଆଜ ରସୁଣ ଦେଉଥିଲେ । କାରିଗରମାନେ ଅନ୍ୟ ଉପାୟ ନଦେଖି ଏହି ପିଆଜ ଓ ରସୁଣକୁ ହାଟରେ ବିକ୍ରି କରି ସେମାନଙ୍କର ଜୀବିକା ନିର୍ବାହ କରୁଥିଲେ । ପିଆଜ ସମ୍ପର୍କରେ ଆହୁରି ଏକ କୌତୁହଳପ୍ରଦ କାହାଣୀ ଶୁଣାଯାଏ । ଗ୍ରୀକ୍ ଐତିହାସିକ ହେରୋଡ୍ରେଟସ୍ ଲେଖିଛନ୍ତି ଯେ ପିରାମିଡ୍ ନିର୍ମାଣ ସମୟରେ ଅସ୍ୱାସ୍ଥ୍ୟକର ପରିବେଶ ହେତୁ ଶ୍ରମିକମାନେ ନାନା ରୋଗରେ ପୀଡ଼ିତ ହେଲେ । ଏହି ରୋଗ କେବଳ ପିଆଜ ଦ୍ୱାରା ଚିକିତ୍ସା କରାଯାଉଥିଲା । ଶହ ଶହ ଶ୍ରମିକମାନଙ୍କ ଚିକିତ୍ସା ପାଇଁ ପିଆଜର ଅଭାବ ପଡ଼ିଲା । ନିର୍ମାଣକାରୀ ରାଜା ମହାରାଜାମାନେ ଟନ୍ ଟନ୍ ସୁନା ବଦଳାଇ ପିଆଜ ଆଣି ଶ୍ରମିକମାନଙ୍କୁ ଚିକିତ୍ସା କରାଇଲେ । ଅଦୂରରେ ଅବସ୍ଥିତ ରାଜ ଖୁଫୁଙ୍କର ଗ୍ରୀଷ୍ମ ନିବାସ । ଶଙ୍ଖ ମଲମଲ ଚିକ୍କଣ ପଥରରେ ଗଢ଼ା ସୁଦୃଶ ଉଦ୍ୟାନଘେରା ଏହି ଚାରିତଳ ପ୍ରାସାଦର ଏକ ସୁସଜ୍ଜିତ କକ୍ଷରେ ସୁନାର ପଲଙ୍କ ଉପରେ ତୁଳିତଳ୍ପ ଶଯ୍ୟାରେ ଶୟନ କରି ପିରାମିଡ୍‌ର ନିର୍ମାଣ କାର୍ଯ୍ୟକୁ ଅବଲୋକନ କରନ୍ତି ଚିଆପସ୍ । ଶ୍ରମିକମାନଙ୍କର ଦୁରାବସ୍ଥା ତାଙ୍କ ହୃଦୟକୁ କୌଣସି ସମୟରେ ସ୍ପର୍ଶ କରିପାରେ ନାହିଁ । ଦୁଃଖୀ ହିଁ ଦୁଃଖର କଷ୍ଟ ବୁଝେ । ଦରିଦ୍ର ହିଁ ଦାରିଦ୍ର୍ୟତାକୁ ଅନୁଭବ କରିପାରେ । ବିଳାସ ବ୍ୟସନ ଓ ଧନର ପ୍ରାଚୁର୍ଯ୍ୟ ମଧ୍ୟରେ ଯେ ଜୀବନ ବିତାଇଛି, ସେ କାହୁଁ ବୁଝିବ ଦୁଃଖ ନାମକ ଶବ୍ଦଟି କେଡ଼େ କରୁଣ ? ବୋଧହୁଏ ଚିଆପସ୍‌ଙ୍କ ଧାରଣା ଶ୍ରମିକମାନଙ୍କ ଶରୀର ଏକ ଭିନ୍ନ ଉପାଦନରେ ଗଢ଼ା । ସେମାନଙ୍କର ମନ ନାହିଁ, ଦେହ ନାହିଁ, ବୋଧ ଶକ୍ତି ନାହିଁ । ସେମାନେ ଯେମିତି ଖଣ୍ଡେ ଖଣ୍ଡେ ଜୀବନ୍ତ ପଥର । ଚଳପ୍ରଚଳନ ହୁଅନ୍ତି କେବଳ । ମୃତ୍ୟୁ ସେମାନଙ୍କ ପାଇଁ ଏକ ସାଧାରଣ ନିତ୍ୟ ନୈମିତ୍ତିକ ଘଟଣା ।

ଏପଟେ ନିରିହ ଶ୍ରମିକର ସେହି ଛୋଟ ପରିବାରଟିରୁ ହସର ଛିଟା ଲିଭି ଯାଇଛି । ହା, ହୁତାଶ ଓ ଦୀର୍ଘନିଶ୍ୱାସରେ ଭରି ଯାଇଛି ସେମାନଙ୍କ ଘରର କୋଣ ଅନୁକୋଣ । ସ୍ୱାମୀ ହରା ସ୍ତ୍ରୀ, ସନ୍ତାନହରା ମାର ଆକୁଳ କ୍ରନ୍ଦନରେ ପ୍ରତି ପୁରପଲ୍ଲୀ ଫାଟି ପଡୁଛି । ବିଚରା ଶ୍ରମିକ ବଧୂ ଆଖିରେ ଲୁହ ଓ ହୃଦୟରେ କୋହକୁ ଭରି ସ୍ୱାମୀର ଫେରନ୍ତା ପଥକୁ ଉଦ୍‌ବିଗ୍ନ ଭାବେ ଅନେଇ ବସିଥାଏ । ଶ୍ରାବଣର ବର୍ଷା ଭଳି ଆଖିରୁ ତାର ଝରୁଥାଏ ଅବିଶ୍ରାନ୍ତ ଲୋତକରଧାରା । ସେହି ଲୁହର ଘେର ମଧ୍ୟରେ ବଞ୍ଚିବାର ପଥ ତାକୁ ଅସ୍ପଷ୍ଟ ଦେଖାଯାଏ ।

ସମୟର ରଥଚକ ଘୂରି ଯାଏ । କେତେ ଜ୍ୟୋତ୍ସ୍ନାଲୋକ ପ୍ଲାବିତ ରଜନୀ, ସୂର୍ଯ୍ୟାଲୋକରେ ଉଦ୍ଭାସିତ ନିର୍ମଳ ସକାଳ ବିତିଯାଏ ...., ମାତ୍ର ସ୍ୱାମୀ ତାର ଫେରି ଆସେ ନାହିଁ । ଖବର ଆସେ ପିରାମିଡ୍ ନିର୍ମାଣର ପରିସମାପ୍ତି ପାଇଁ ଆହୁରି ଢ଼େର ଦିନ ବାକି ଅଛି । କାହାର ବିରହ ବିଧୁରା ନବ ବିବାହିତା ପତ୍ନୀ ଶୂନ୍ୟ ଶଯ୍ୟାରେ ଶୋଇରହି ହଜିଲା ଦିନର ମଧୁର, ସୁରଭିତ ସ୍ମୃତି ଚାରଣରେ ନିଜକୁ ବୁଡ଼ାଇ ରଖେ । ବିବାହ ପରେ ହାତ ଗଣତି ଦିନ କେତେଟା ମାତ୍ର ସେ ଲାଭ କରିଛି ସ୍ୱାମୀର.ସାନ୍ନିଧ । ସ୍ୱାମୀଙ୍କର ନିବିଡ଼ ବାହୁ ବନ୍ଧନ ମଧ୍ୟରେ ଆଖିବୁଜି ମନେ ମନେ ତାର ସ୍ୱପ୍ନିଳ ଭବିଷ୍ୟତର ଅସୁମାରୀ ଚିତ୍ର ଅଙ୍କନ କରି ଚାଲିଥିଲା । ହେଲେ ସେତେବେଳେ କ'ଣ ସେ କଳ୍ପନା କରିଥିଲା ନିହାତି ଅଚାନକ ଭାବେ କାହୁଁ ଆସି ଏକ ଅଦିନିଆ ଝଡ଼ ତାର ସୁନ୍ଦର ସଂସାରକୁ ବିପର୍ଯ୍ୟସ୍ତ କରିଦେବ । ସେ କ'ଣ କେବେ କଳ୍ପନା କରିଥିଲା ତା

Digitized by srujanika@gmail.com

ଅଦୃଷ୍ଟରେ ବିଧାତା ପୁରୁଷ ଏପରି ଏକ ଭାଗ୍ୟଲିପି ଖଞ୍ଜି ଦେଇଛି ବୋଲି । ନିଷ୍ଠୁର ନିୟତିର କ୍ରୁର ପରିହାସରେ ତା ଜୀବନ ଉପବନର ସବୁଜିମା ହଜିଯାଇଛି । ସ୍ୱପ୍ନର ଫୁଲକଢ଼ି ମଉଳି ଯାଇଛି । ସମ୍ମୁଖରେ ଲମ୍ୱାପଥ । ଗଭୀର ବେଦନା ବୋଧରେ ସନ୍ତୁଳିତ ହୋଇ ଏକା ଏକା ବାଟ ଚାଲୁଛି ସେ । ତଥାପି ଆଶା ମରିନାହିଁ, ଫୁଲ ଝରିନାହିଁ । ହୃଦୟର କେଉଁ କୋଣରେ ଆଶାର ଦୀପଟିଏ ଦିକ୍ ଦିକ୍ ହୋଇ ଜଳୁଛି । ପିରାମିଡ୍‌ର କାର୍ଯ୍ୟଶେଷ କରି ଫେରି ଆସିବେ ତାର ସ୍ୱାମୀ । ତାଙ୍କର ସ୍ନିଗ୍ଧ ପ୍ରେମ ଓ ଉଚ୍ଛ୍ୱସିତ ପ୍ରଣୟ ଲାଭ କରି ସେ ପୁଣି ଧନ୍ୟ ହେବ । ଏହିପରି ଏକ ସାନ୍ତ୍ୱନାରେ ସେ ତାର ଜୀବନର ପ୍ରତିଟି ମୁହୂର୍ତ୍ତ ଅତିବାହିତ କରୁଛି ।

ସବୁରି ଅନ୍ତରରୁ ନିର୍ଗତ ହେଉଥିଲା ବ୍ୟର୍ଥତା ଓ ହତାଶାର ଦୀର୍ଘଶ୍ୱାସ । ଏ ସବୁ ସତ୍ତ୍ୱେ ଆଗେଇ ଚାଲିଥିଲା ପିରାମିଡ୍‌ର ନିର୍ମାଣ କାର୍ଯ୍ୟ । ପଥରଗୁଡ଼ିକ ନିରୂପିତ ସ୍ଥାନରେ ଜମା ହେଲାଣି । ଠକ୍ ଠକ ଆଓ୍ୱାଜ କରି ପ୍ରତିଟି କାରିଗରଙ୍କ ନିହାଣମୁନ ପାଲିସ୍ କରି ଚାଲିଛି ପଥର ଖଣ୍ଡମାନଙ୍କୁ । ସମ୍ରାଟ ଚିଆପସ୍‌ଙ୍କ ବଜ୍ର ନିର୍ଦ୍ଦେଶ ପ୍ରତିଟି ପାଲିସ୍ କରା ପଥର ଯେପରି ଝଲସି ଉଠିବ କାଚଖଣ୍ଡ ଭଳି ।

ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ଦିନ । ମହାସମାରୋହରେ ଅନୁଷ୍ଠିତ ହେଲା ଦେବତା ଅମନଙ୍କ ପୂଜା । ମିଶରୀୟମାନଙ୍କର ଦୃଢ଼ ବିଶ୍ୱାସ ଦେବତା ଅମନ (ସୂର୍ଯ୍ୟ) ସନ୍ତୁଷ୍ଟ ହେଲେ ସକଳ କାର୍ଯ୍ୟ ସିଦ୍ଧହେବ । ଧର୍ମ ଥିଲା ତତ୍‌କାଳୀନ ସମାଜରେ ମୂଳଉସ । ମହାପରାକ୍ରମୀ ସମ୍ରାଟମାନେ ବି ନିଜକୁ ଉତ୍ସର୍ଗ କରିଥିଲେ ଧର୍ମ ନିକଟରେ । ସେହି ଧର୍ମ ଭାବନାରେ ଅନୁପ୍ରାଣିତ ହୋଇ ସେମାନେ ବିଶାଳତମ ପିରାମିଡ୍ ଓ ସ୍ଫିଙ୍କସ୍ ନିର୍ମାଣ ପାଇଁ ସକ୍ଷମ ହୋଇଥିଲେ । ସେମାନଙ୍କର ମତ ଥିଲା ସୂର୍ଯ୍ୟଙ୍କ କିରଣ ନୀଳନଦୀର ଉର୍ବରତା ଓ ବୈଶିଷ୍ଟ୍ୟତାକୁ ହିଁ ପ୍ରଭାବିତ କରୁଛି । ତେଣୁ ହେଲିଓପୋଲିସ୍ ଠାରେ ସେମାନେ ତାଙ୍କର ଏହି ପ୍ରିୟତମ ଦେବତା ଅମନ୍‌ଙ୍କ ପାଇଁ କାରୁକାର୍ଯ୍ୟ ଖଚିତ ଏକ ବିଶାଳ ମନ୍ଦିର ନିର୍ମାଣ କରିଥିଲେ ।

"ବାଃ ପୁରାତନ ମିଶରୀୟମାନଙ୍କ ଧର୍ମଭାବନା ସହିତ ଭାରତୀୟମାନଙ୍କ ଧର୍ମଭାବନା ତ ବେଶ୍ ସମ୍ପୂର୍ଣ୍ଣଭାବେ ମିଶିଯାଉଛି । ମନେ ମନେ ଭାବିଲେ ସୋମେସ୍ । ପୁରାକାଳରୁ ଭାରତୀୟମାନେ ମଧ୍ୟ ସୂର୍ଯ୍ୟପୂଜା ଓ ସୂର୍ଯ୍ୟ ଉପାସନା କରି ଆସୁଛନ୍ତି । ଚନ୍ଦ୍ରଭାଗାର ସୁବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ କାରୁକାର୍ଯ୍ୟ ବିମଣ୍ଡିତ କୋଣାର୍କ ମନ୍ଦିର ହିଁ ଏହାର ମୂକସାକ୍ଷୀ । ବାରଶହ ଉତ୍କଳୀୟ ଶିଳ୍ପୀଙ୍କର ବାରବର୍ଷର ସାଧନାର ଫଳ ଆଜି ଓଡ଼ିଶାର ପରମ ଗୌରବ ହୋଇ ରହିଛି । ସେହିପରି ଏକ ଲକ୍ଷ ଶ୍ରମିକଙ୍କ କୋଡ଼ିଏ ବର୍ଷର ଶ୍ରମଦାନ ଫଳରେ ନିର୍ମିତ ପିରାମିଡ୍ ଆଦି ମିଶରର ଗୌରବ ରୂପେ ପରିଚିତ । ସମୟର ବାଲିଗଦା ତଳେ ଏସବୁ ଅମଳିନ ସ୍ମୃତି କୌଣସି ଦିନ ବି ମଳିନ ପଡ଼ିବ ନାହିଁ ।

ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ପଥରର ଅପୂର୍ବ ଯୋଡ଼େଇ କୌଶଳ । ଦେଶ ବିଦେଶରୁ ଆଗତ ବହୁ ପରିବ୍ରାଜକଙ୍କୁ ଏହା ବିସ୍ମିତ କରାଏ । କେତେ ବିରାଟ ବିରାଟ ପଥର ଖଣ୍ଡ ଅଥଚ ଏପରି ସୂକ୍ଷ୍ମଭାବେ ସେଗୁଡ଼ିକୁ ଯୋଡ଼ା ଯାଇଛି ଯେ ଯୋଡ଼େଇ ସ୍ଥାନ ନିରୂପଣ କରିବା ଖୁବ୍ କଷ୍ଟକର ବ୍ୟାପାର ଅଟେ । ଦୂରରୁ ଦେଖିଲେ ଯେ କୌଣସି ଦର୍ଶକ ମନେ କରିବ

Digitized by srujanika@gmail.com

ଯେ ଯେପରି ଖଣ୍ଡିଏ ମାତ୍ର ପଥରରେ ସମଗ୍ର ପିରାମିଡ୍‌ଟି ମୁଣ୍ଡଟେକି ଉଠିଛି । ଲାଲ ରଙ୍ଗର ଗ୍ରାନାଇଟ୍ ପଥରଗୁଡ଼ିକ ଦୂରରୁ କାଚ ପରି ଝଟକୁଛି, ହେଲେ ସବୁଠାରୁ କୌତୂହଳପ୍ରଦ ବିଷୟ ଏହି ପଥର ଯୋଡ଼େଇ ସମ୍ପର୍କରେ ସେ ସଠିକ ତଥ୍ୟ କେଉଁଠାରୁ ପାଇଲେ ନାହିଁ । ତଥାପି ଯେତିକି ପାଇଲେ ତାହା ମଧ କିଛି କମ୍ ନଥିଲା । କେତେକ ମତବ୍ୟକ୍ତ କରନ୍ତି ଯେ ପ୍ରତ୍ୟେକ ପଥରକୁ ସାଇଜ୍ କରି ଦୁଇଟି ପଥରକୁ ଏପରିଭାବେ ରଖାଯାଇଥିଲା ଯେ ଯେପରି ଗୋଟିଏ ପଥରର ମାଧାକର୍ଷଣ କେନ୍ଦ୍ର ଠିକ୍ ଅନ୍ୟ ପଥରର ମାଧାକର୍ଷଣ କେନ୍ଦ୍ର ଉପରେ ସିଧାଭାବରେ ରହିପାରିବ । ଫଳରେ ପଥର ଦୁଇଟି ପରସ୍ପରକୁ ଏକ ଦୃଢ଼ ବଳରେ ଟାଣି ରଖିବେ । ତେଣୁ ଏହି ଯୋଡ଼େଇରେ କୌଣସି ପ୍ରକାର ପଦାର୍ଥର ଆବଶ୍ୟକତା ନାହିଁ । ପଥର ଦୁଇଟି ପରସ୍ପରକୁ ଏପରିଭାବେ ଟାଣି ଧରନ୍ତି ଯେ, ସେମାନଙ୍କର ଧାରଗୁଡ଼ିକ ସ୍ପଷ୍ଟରୂପେ ବାରି ହୁଏ ନାହିଁ ଓ ସମଗ୍ର ପଥରଟି ଖଣ୍ଡିଏ ପଥର ପରି ପ୍ରତୀୟମାନ ହୁଏ ।

ଏହା ଉପରେ ଆହୁରି ଏକ ତଥ୍ୟ ମଧ ସେ ପାଇଥିଲେ । ସେହି ତଥ୍ୟଟି ଆଧୁନିକ ବୈଜ୍ଞାନିକମାନଙ୍କୁ ମଧ ଆଶ୍ଚର୍ଯ୍ୟାନ୍ୱିତ କରୁଛି । ତାହା ହେଲା ପ୍ରାଚୀନ ମିଶରୀୟମାନେ ଏକ ପ୍ରକାର ଅଦ୍ଭୁତ ରଶ୍ମିର ବ୍ୟବହାର ଜାଣିଥିଲେ । ଏହି ରଶ୍ମିର ଧର୍ମ ହେଲା ଏହା କୌଣସି କଠିନ ପଦାର୍ଥ ଉପରେ ପଡ଼ିଲେ ଉଚ୍ଚ ତାପ ସୃଷ୍ଟି କରେ । କଠିନ ପଦାର୍ଥ ଦୁଇଟି ଏହି ତାପମାତ୍ରାରେ ଉତ୍ତପ୍ତ ହୋଇ ପରସ୍ପର ମଧରେ ସଂଯୋଜନ ହୋଇଯାଆନ୍ତି । ଏହା ମଧରେ ଅବଶ୍ୟ ଏକ ତୀବ୍ର ରାସାୟନିକ ପ୍ରକ୍ରିୟା ସଂଘଟିତ ହୁଏ । ବୋଧହୁଏ ସେମାନେ ଏହି ରଶ୍ମି ସାହାଯ୍ୟରେ ପଥରମାନଙ୍କୁ ଯୋଡ଼େଇ କରିଥିଲେ । ଯାହାଦ୍ୱାରା ପଥର ଦୁଇଟି ଖୁବ୍ ଭଲଭାବରେ ଯୋଡ଼େଇ ହୋଇପାରୁଥିଲା । ଏହି ଯୋଡ଼େଇ ଏପରି ସୂକ୍ଷ୍ମ ଭାବରେ ହେଉଥିଲା ଯେ ଯୋଡ଼ା ସ୍ଥାନ ନିର୍ଣ୍ଣୟ କରିବା କଷ୍ଟକର ହୋଇପଡୁଥିଲା । ଯାହା ଜଣାପଡ଼େ ଅତ୍ୟାଧୁନିକ ବୈଜ୍ଞାନିକମାନଙ୍କ ଦ୍ୱାରା ଆବିଷ୍କୃତ ଲେଜର ରଶ୍ମୀର ଧର୍ମ ଠାରୁ ଏହି ରଶ୍ମୀର ଧର୍ମ କୌଣସି ଗୁଣରେ କମ ନୁହେଁ । ମାତ୍ର ୧୯୬୦ ମସିହାରେ ଆମର ବୈଜ୍ଞାନିକମାନେ ସେହି ମହାନ୍ ଶକ୍ତିଶାଳୀ ଲେଜର ରଶ୍ମିକୁ ପ୍ରସ୍ତୁତି କରିବାକୁ ସକ୍ଷମ ହୋଇଥିବା ସତ୍ତ୍ୱେ ପାଞ୍ଚ ହଜାର ବର୍ଷ ପୂର୍ବରୁ ଏହିପରି ଏକ ରଶ୍ମିର ବ୍ୟବହାର ସେମାନେ ଶିଖିବା ବାସ୍ତବିକ୍ ଆଶ୍ଚର୍ଯ୍ୟ ଜନକ । ବର୍ତ୍ତମାନ ଏହି ରଶ୍ମିର ବିନିଯୋଗ ଆଧୁନିକ ବିଜ୍ଞାନ କ୍ଷେତ୍ରରେ ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଛି । ଏହି ରଶ୍ମି ସାହାଯ୍ୟରେ ଚିକିତ୍ସା, କୃଷି, ରକେଟ ପ୍ରେରଣ ଆଦି ନାନା କାର୍ଯ୍ୟ ହୋଇପାରିବା ସହ ଏହାକୁ ମଧ ନାନା ପ୍ରକାର ଅସ୍ତ୍ର ନିର୍ମାଣରେ ବ୍ୟବହାର କରାଯାଉଛି । ଏହି ରଶ୍ମିର ପ୍ରୟୋଗ ପରମାଣୁ ବୋମାର କାଳାନ୍ତକ ବିସ୍ଫୋରଣ ପରି ଦିନେ ଯେ ଏକ ପ୍ରଳୟକାରୀ ଶକ୍ତିର ଭୂମିକା ଗ୍ରହଣ କରିବ ଏକଥା ମଧ ଆମର ବୈଜ୍ଞାନିକମାନେ ଅନୁମାନ କରିନେଲେଣି ।

ଏପରି ଏକ ଅଦ୍ଭୁତ ଶକ୍ତିଶାଳୀ ରଶ୍ମିର ବ୍ୟବହାର ପ୍ରାଚୀନ ମିଶରୀୟମାନଙ୍କ ଠାରୁ ଆଶା କରିବା କିଛି ଅସମ୍ଭବ ବ୍ୟାପାର ନୁହେଁ । କାରଣ ସେହି ଯୁଗରେ ସେହିମାନେତ ପୁଣି ଜୀବକୋଷକୁ ଏକ ସୁନ୍ଦର ଉପାୟରେ ସଂରକ୍ଷଣ କରି ଆଜି ପର୍ଯ୍ୟନ୍ତ ମମି ଆକାରରେ ରଖିପାରିଛନ୍ତି । ଆଧୁନିକ ବୈଜ୍ଞାନିକମାନଙ୍କର ରକ୍ତ ସଂରକ୍ଷଣ, ହାଡ଼ ସଂରକ୍ଷଣ ପରି ଏହା

Digitized by srujanika@gmail.com

ମଧ୍ୟ ଏକ ଆଶ୍ଚର୍ଯ୍ୟର ବିଷୟବସ୍ତୁ । ତେଣୁ ଏପରି ରଶ୍ମିର ବ୍ୟବହାର, ମାଧ୍ୟାକର୍ଷଣ କେନ୍ଦ୍ର ନିର୍ଣ୍ଣୟ କରି ତାର ପ୍ରୟୋଗ ସେମାନେ ହୁଏତ ଜାଣିଥାଇପାରିଥିବେ ।

ପ୍ରାଚୀନ କାଳର ଲୋକମାନଙ୍କ ଠାରୁ ଆମେ ଯଦି ଆର୍କମେଡ଼ିସ୍‌ଙ୍କ ସୂତ୍ରର ପ୍ରୟୋଗ, ଇନ୍‌ଫ୍ରାସାଉଣ୍ଡର ବ୍ୟବହାର ଓ ଲେଜର ରଶ୍ମୀ ଆଦି ବିଷୟରେ ଆଶା କରିପାରିଲୁ ତେବେ ଏହି ସୁବିଶାଳ ପିରାମିଡ୍ ନିର୍ମାଣରେ ଆହୁରି ଉନ୍ନତ ବୈଜ୍ଞାନିକ ତଥ୍ୟ ପ୍ରୟୋଗ ହୋଇଥିବା ଆଶା କରିବା କିଛି ଅସମ୍ଭବ ନୁହେଁ । ହେଲେ କ'ଣ କ'ଣ ସେ ତଥ୍ୟ କିଏ ତାହାର ଉଦ୍ଭାବକ, ଏସବୁ ରହସ୍ୟର ଗନ୍ତାଘର ମଧ୍ୟରେ ଏବେ ବି ଲୁଚି ରହିଛି ।

କେତେ ବିଶାଳ ଏ ପିରାମିଡ୍ । ଏହାକୁ ଯଦି ଭାଙ୍ଗି ଦିଆଯାଏ ଓ ସେହି ଖର୍ଚ୍ଚରେ ଏକ ସହର ତିଆରି ହେବ ତାହାଲେ ତାହା ଆୟତନରେ ଆମ ଓଡ଼ିଶାର ବଡ଼ ସହର କଟକ ସହରଠାରୁ କୌଣସି ଗୁଣରେ କମ୍ ହେବ ନାହିଁ । ଏହାର ନିର୍ମାଣ କ୍ଷେତ୍ରରେ ଯେବେ ଉନ୍ନତ ବୈଜ୍ଞାନିକ ଚିନ୍ତାଧାରାର ପ୍ରୟୋଗ ହୋଇନଥାନ୍ତା ତାହାହେଲେ ଉଣେଇଶ ଅଡ଼ତିରିଶ ମସିହାରେ ସାକାରା ଠାରେ ଖୋଲାହୋଇଥିବା ଚାରିହଜାର ବର୍ଷ ପୂର୍ବର କବର ନିକଟରୁ ଥାଳିଆରେ ରଖା ଯାଇଥିବା ଫଳ, ମାଂସ, ମିଠା, ରୁଟି ଆଦି ପଦାର୍ଥ ଠିକ୍ ସେହି ରୂପରେ ବାହାରି ନଥାଆନ୍ତା । ଆଜି ମଧ୍ୟ ପ୍ରତ୍ୟେକଟି ଖାଦ୍ୟ ପଦାର୍ଥ ସ୍ପଷ୍ଟ ରୂପରେ ବାରି ହୋଇ ପାରୁଛି । କେବଳ ଏତିକି ନୁହେଁ, ଚାରିହଜାର ବର୍ଷ ତଳର ପଦଚିହ୍ନ କବର ନିକଟସ୍ଥ ବାଲୁକାଶଯ୍ୟାରେ ଏବେ ମଧ୍ୟ ସ୍ପଷ୍ଟ ଭାବେ ଅଙ୍କିତ ହୋଇ ରହିଛି । ଏ ବୈଚିତ୍ର୍ୟତାର ସମାଧାନ ଆଜି ମଧ୍ୟ ମହାଶୂନ୍ୟ ବିଜୟୀ ବୈଜ୍ଞାନିକ ମାନଙ୍କ ନିକଟରେ ବିରାଟ ପ୍ରଶ୍ନବାଚି ହୋଇ ରହିଛି ।

ଏହାଛଡା ମିଶରୀୟ ମାନଙ୍କର ଏକ ଅଦ୍ଭୁତ ଧର୍ମ ବିଶ୍ୱାସ ଥିଲା ଯେ ମୃତ୍ୟୁପରେ ଆତ୍ମା ସ୍ୱର୍ଗରେ ପହଞ୍ଚିଲେ ତାକୁ ତାର ଭଲ, ମନ୍ଦ ବିଷୟରେ ନାନା ପ୍ରଶ୍ନ ପଚରାଯିବ । ପ୍ରଶ୍ନର ଉତ୍ତର ଆତ୍ମାକୁହିଁ ନିଶ୍ଚୟ ଦେବାକୁ ପଡିବ । ଫଳରେ ମିଶରୀୟ ମାନେ ସେମାନଙ୍କର ଜୀବନରେ ଘଟିଥିବା ଅନେକ ଛୋଟବଡ ଘଟଣା ଗୁଡିକୁ ଲିପିବଦ୍ଧ କରି କବର ନିକଟରେ ସଯତ୍ନେ ରଖିଥିଲେ ବଡ଼ ଆଶ୍ଚର୍ଯ୍ୟର କଥା ସେମାନଙ୍କ ଦ୍ୱାରା ଲିଖିତ ଏହି ଆତ୍ମା ଲିପିର କିଛି ଅଂଶ ଏବେ ମଧ୍ୟ ସେହିପରି ରହିଯାଇଛି । ଏହା ଆଜିର ଭାଷା ବୈଜ୍ଞାନିକମାନଙ୍କୁ ହଜାର ହଜାର ବର୍ଷର ଇତିହାସ ଲେଖିବାକୁ ପ୍ରେରଣା ଯୋଗାଉଛି । ସେମାନେ ନୂତନ ଦୃଷ୍ଟିନେଇ ତାକୁ ଦେଖୁଛନ୍ତି । ପଢିବାକୁ ସମର୍ଥ ହେଉଛନ୍ତି ଓ କିଛି ଜାଣିବାର ସୁଯୋଗ ପାଉଛନ୍ତି । ସତରେ ଆଶ୍ଚର୍ଯ୍ୟ ଏହି ପିରାମିଡ୍ । ସତେ ଯେପରି ଏମାନେ ତିନିହଜାର, ଚାରିହଜାର ବର୍ଷ ଧରି ଅପେକ୍ଷା କରି ରହିଥିଲେ ବିଂଶ ଶତାବ୍ଦୀର ବିଜ୍ଞାନୋନ୍ନତ ମାନବ ଜାତିକୁ ପ୍ରାଚୀନ କାଳର ଗୌରବମୟ ଇତିହାସ ଶୁଣାଇବାକୁ ।

ଫଳ ଫଳିବା ପୂର୍ବରୁ ଗଛରେ ଫୁଲ ଫୁଟେ । ଫୁଲ ଫୁଟିବା ମଧ୍ୟରେ ଗଛର ଭାବିବଂଶଧରର ଆତ୍ମପ୍ରକାଶ ପ୍ରଚ୍ଛନ୍ନ ଭାବେ ଲୁକ୍କାୟିତ ହୋଇ ରହିଥାଏ । ଠିକ୍ ସେହିପରି ପୁରାତନକୁ ଖୋଜିବାରେ, ଦେଖିବାରେ ମଧ୍ୟ ନୂତନତ୍ୱର ପରିପ୍ରକାଶ ନିହିତ ଥାଏ ।

ଏବେ ପଥର ଗୁଡିକୁ ଉପରକୁ ଉଠାଇବାର ପାଳି । ମାଟି ପୋତି ପୋତି ସେମାନେ ପଥର ଉଠାଇଥିବାର ସୂଚନା ମିଳେ । ଆମ ଦେଶର ପୁରୀ ଓ କୋଣାର୍କ ମନ୍ଦିର ମାନଙ୍କର

Digitized by srujanika@gmail.com

ମଧ୍ୟ ଏହିପରି ମାଟିପୋତି ପୋତି ପଥର ଖଣ୍ଡ ମାନଙ୍କୁ ଉଠାଯାଇଥିଲା । ଏଥିରୁ ସ୍ପଷ୍ଟ ଅନୁମିତ ହୁଏଯେ ସେମାନେ ବୋଧହୁଏ ବିଦ୍ୟୁତ ଚାଳିତ କ୍ରେନର ବ୍ୟବହାର ଜାଣିନଥିଲେ ।

ସତରେ ବିଚିତ୍ର ଏ ବିଶ୍ୱ ଆହୁରି ବିଚିତ୍ର ଏ ପିରାମିଡ୍ । କେତେ ରଙ୍ଗୀନ୍ ରହସ୍ୟ, କେତେ ଅବିଶ୍ୱାସ୍ୟ ଇତିବୃତ୍ତି ଲିପିବଦ୍ଧ ହୋଇ ରହିଛି ଏହାର ପ୍ରତିଟି ପଥର ଖଣ୍ଡରେ ଭାବିଲେ ଆଶ୍ଚର୍ଯ୍ୟର ଅଥଳ ସାଗରରେ ମନ ମଗ୍ନ ହୁଏ ।

ଫାରୋ ମାନଙ୍କ ମନରେ ଧାରଣା ଥିଲାଯେ ସେମାନେ ଦେବତାଙ୍କ ସନ୍ତାନ । ସେମାନଙ୍କର ମୃତ୍ୟୁ ନାହିଁ । ଦୈହିକ ମୃତ୍ୟୁପରେ ବି ସେମାନଙ୍କର ଆତ୍ମା ଅମର ରହିବ । ସେମାନଙ୍କ ମନରେ ଏପରି ଧାରଣା ଜନ୍ମିବା କିଛି ବିଚିତ୍ର ଜିନିଷ ନୁହେଁ । କାରଣ ଆଦିମ ମାନବ ପୁଣିତ ଦିନେ ଲୋହିତ ପ୍ରସ୍ତର ହେମାଟାଇଟ୍‌ରର ରକ୍ତପରି ଲାଲରଙ୍ଗକୁ ଶବ ଦେହରେ ବୋଳି ପୁନର୍ଜନ୍ମର ସ୍ୱପ୍ନ ଦେଖୁଥିଲା । ତେବେ ମିଶରୀୟ ମାନେ ପୁର୍ନଜୀବନ ଲାଭର ସ୍ୱପ୍ନ ଦେଖିବରେ ବିଚିତ୍ରତା ରହିଲା କେଉଁଠି ? ଆତ୍ମା ଅମର, ଅକ୍ଷୟ, ଅଜର । ମଣିଷ ପୁରୁଣା ବସ୍ତ୍ର ତ୍ୟାଗ କଲାପରି ଏହା ପୁରାତନ ଶରୀର ତ୍ୟାଗ କରି ବାୟୁମଣ୍ଡଳରେ ଘୂରି ବୁଲିବ । କେବେ କେମିତି ଘୂରି ଘୂରି ଚାଲିଯିବ ନୀଳ ଆକାଶର ତାରକା ମେଳକୁ । ସେଠାରୁ କିଛି ବାର୍ତ୍ତାନେଇ ପୁଣି ଫେରି ଆସିବ ପୃଥିବୀ ପୃଷ୍ଠକୁ । ଏହିପରି ଭାବେ ଦିନେ ନା ଦିନେ ସେ ଦେବତାଙ୍କ ଆଶୀର୍ବାଦ ଲାଭକରି ପରିତ୍ୟକ୍ତ ଶରୀରରେ ପୁନଃ ପ୍ରବେଶ କରିବ । ତେଣୁ ପିରାମିଡ୍‌ର ନିର୍ମାଣ ପରେ ପରେ ପରବର୍ତ୍ତୀ କାର୍ଯ୍ୟହେଲା ଆତ୍ମା ଫେରିବା ପର୍ଯ୍ୟନ୍ତ ମୃତ ଦେହକୁ ସାଇତି ରଖିବା । ଏଥିପାଇଁ ଏକ ରାସାୟନିକ ପଦାର୍ଥର ଆବିଷ୍କାର କରିବାକୁ ପଡିବ । ଏହି ନୂତନ ଆବିଷ୍କୃତ ରାସାୟନିକ ପଦାର୍ଥର ଧର୍ମ ଏପରି ହେବଯେ ତାହା ଯେପରି ହଜାର ହଜାର ବର୍ଷପରେ ମଧ୍ୟ ମର ଶରୀରର ପ୍ରତିଟି ଜୀବକୋଷକୁ ସତେଜ ରଖିବାକୁ ସକ୍ଷମ ହୋଇ ପାରିବ । କୌଣସି ପ୍ରକାରେ ଆତ୍ମା ଯେବେ ଫେରିବାକୁ ଅକ୍ଷମହେଲା ତାହାଲେ ଭବିଷ୍ୟତରେ ହୁଏତ ବିଜ୍ଞାନ ଆହୁରି ଉନ୍ନତିର ପଥରେ ଆଗେଇ ଚାଲିବ ଯାହାଫଳରେ କି ସେତେବେଳ କାର ବୈଜ୍ଞାନିକମାନେ ସେମାନଙ୍କୁ ଜୀବନଦାନ ଦେଇ ପାରିବେ ।

ଆଶ୍ଚର୍ଯ୍ୟତମ ପିରାମିଡ୍ ମଧ୍ୟରେ ଅକ୍ଷତ ଅବସ୍ଥାରେ ପାଞ୍ଚହଜାର ବର୍ଷଧରି ସଂରକ୍ଷିତ ଥିବା ଶବ ଯାହାକୁକି ମିଶରୀୟ ଭାଷାରେ କୁହାଯାଏ ମମି, ତାହା ହେଉଛି ବିଶ୍ୱର ସବୁଠାରୁ ଆଶ୍ଚର୍ଯ୍ୟତମ ପଦାର୍ଥ । ଶବ ସଂରକ୍ଷିତ କରି ରଖିବାର ମିଶରୀୟ ମାନଙ୍କର ସେହି କୌଶଳଟି ଏବେ ମଧ ରହସ୍ୟର ଘେର ମଧ୍ୟରେ । ଏହି ମମି ତିଆରି ମୂଳରେ ଲିପିବଦ୍ଧଥିବା ରୋମାଞ୍ଚକର ଇତିହାସଟିକୁ ଜାଣିବାପାଇଁ ସୋମେସ୍ ବ୍ୟଗ୍ର ହୋଇ ପଡିଲେ । ତାଙ୍କ ମନରେ ଭରି ରହିଥିଲା ଅନେକ ପ୍ରଶ୍ନ...... ? ସତେରେ କ'ଣ ସେହି ଜୀବକୋଷଗୁଡ଼ିକ ଏଯାବତ ସଜୀବ ରହିଛି ... ? ସତରେ କ'ଣ ମୃତବତ ପଡ଼ିଥିବା ସେହି ଶବମାନଙ୍କର ଜୀବନୀ ଶକ୍ତି ଏବେ ବି ରହିଛି ? ସତରେ କ'ଣ ସେ ଶବ ଉଠି ଦିନେ କଥା କହିବ ? ତାହାହେଲେ ତ ପରମେଶ୍ୱରଙ୍କ ସୃଷ୍ଟି ପ୍ରକ୍ରିୟାରେ ଆମୂଳଚୂଳ ଆସିଯିବ ବିରାଟ ଏକ ପରିବର୍ତ୍ତନ ।

ଉଣେଇଶ ତେଷଠି ମସିହାରେ ଓକାଲହୋମା ଇଉନିଭରସିଟିରେ ଶରୀର ତତ୍ତ୍ୱ ବିଶାରଦମାନେ ପରୀକ୍ଷା କରି ଏବେ ସ୍ୱୀକାର କରିଛନ୍ତି ଯେ ଦୀର୍ଘ ଚାରିହଜାର ବର୍ଷ ତଳେ

Digitized by srujanika@gmail.com

ପ୍ରାଣତ୍ୟାଗ କରିଥିବା ଇଜିପ୍ଟର ସୁନ୍ଦରୀ ରାଜକୁମାରୀ ମନେଙ୍କ ମମିର ଜୀବକୋଷଗୁଡ଼ିକର ବଞ୍ଚିବାର ଶକ୍ତି ଏବେ ମଧ୍ୟ ରହିଛି । ଏହା କ'ଣ ସତ୍ୟ ... ? ଦିନେ ଆଲୋଚନା ପ୍ରସଙ୍ଗରେ ସୋମେସ୍ ପ୍ରଶ୍ନ ତୋଳିଥିଲେ ଆୟେସାକୁ ।

ସ୍ମିତ ହସିଲା ଆୟେସା । ଏଥିରେ ମିଥ୍ୟା କ'ଣ ରହିଲା । ତୁମେ ହୁଏତ ଦେଖିଥିବ କି ନାହିଁ ଉଣେଇଶ ପଞ୍ଚଷଠୀ ମସିହାରେ ଋଷିଆର ଏକ ଟେଲିଭିଜନ ଦେଖାଉଥିଲା ଯେ ଦୀର୍ଘ ସାତଦିନ ଧରି ବରଫର ଘନ ଆସ୍ତରଣ ମଧ୍ୟରେ ପୋତି ହୋଇ ପଡ଼ିଥିବା କୁକୁର ଦୁଇଟିର ଶ୍ୱାସକ୍ରିୟା ପୁଣି ସ୍ୱାଭାବିକ୍ ଭାବେ ଚାଲିଲା ଓ ସେମାନେ ପୁଣି ଚଳପ୍ରଚଳ ହୋଇପାରିଲେ ତାହେଲେ ମିଶରୀୟମାନଙ୍କ ଶବ ସଂରକ୍ଷଣରେ ବୈଚିତ୍ର୍ୟତା ଆସିଲା କେଉଁଠୁ ? କେବଳ ଏତିକି ନୁହେଁ, ପ୍ରାଚୀନ କାଳରୁ ସଂରକ୍ଷିତ ମମିଗୁଡ଼ିକ ମଧ୍ୟରୁ ଅଧିକାଂଶ ଏପରି ଅଛନ୍ତି ଯେ ସେମାନଙ୍କୁ ଦେଖିଲେ ଜୀବନ୍ତ ମଣିଷ ପରି ଲାଗିବ । ଆମ ଆଧୁନିକ ବିଜ୍ଞାନ କହେ ଯେ ଆମେ ଶ୍ୱାସକ୍ରିୟା ଦ୍ୱାରା ଯେଉଁ ବାୟୁ ଗ୍ରହଣ କରୁ ତା ମଧ୍ୟରୁ ଅମ୍ଳଜାନ ଗ୍ୟାସକୁ ଜୀବକୋଷମାନେ ଗ୍ରହଣ କରିନିଅନ୍ତି । ଫଳରେ ସେମାନେ କାର୍ଯ୍ୟକ୍ଷମ ରହିପାରନ୍ତି । ମାତ୍ର ମୃତବ୍ୟକ୍ତିତ ଶ୍ୱାସକ୍ରିୟା କରିପାରୁନଥିବ । କେବଳ ରାସାୟନିକ ପଦାର୍ଥ ଦ୍ୱାରା ସେମାନେ ଚର୍ମର ସତେଜତା ବଜାଏ ରଖୁଥିଲେ । ଏଭଳି ଅଦ୍ଭୁତ ବୈଜ୍ଞାନିକ ଉପାୟରେ ମୃତ ଦେହ ସଂରକ୍ଷଣ କରିବାରେ ମିଶରୀୟମାନେ ହିଁ କେବଳ ସକ୍ଷମ ହୋଇ ପାରିଥିଲେ । ଆମର ପ୍ରତ୍ନତତ୍ତ୍ୱବିତ୍‌ମାନେ ଏପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ଖୋଳାଖୋଳି କରି ବହୁ ସମାଧି ଓ ଶବମାନ ଆବିଷ୍କାର କରୁଛନ୍ତି । ଉଣେଇଶ ଶହ ବାଇଶ ମସିହାରେ ଫାରୋ ତୁତନ୍‌ଖେମାନଙ୍କ ମୃତଦେହ ଏକ କବର ତଳୁ ଆବିଷ୍କାର କରାଗଲା । ଦେଖାଗଲା ଏହା ସମ୍ପୂର୍ଣ୍ଣରୂପେ ଅକ୍ଷତ ଅବସ୍ଥାରେ ରହିଛି । ଆମର ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ହାୱାର୍ଡ଼ କାର୍ଟାର ତୁତନଖେମାନଙ୍କ ସମାଧି ଆବିଷ୍କାର କରିଥିଲେ ।

ଟିକେ ଚିନ୍ତିତ ଭାବେ ସୋମେସ୍ କହିଲେ, ''ଦିଲ୍ଲୀରେ ଥିବାବେଳେ ମୁଁ ଆମ ବିଜ୍ଞାନାଲୋକ ପତ୍ରିକାରୁ ଏହି ଶବସଂରକ୍ଷଣ ଉପରେ ଏକ ଆର୍ଟିକିଲ୍ ପଢ଼ିଥିଲି । ଡେନ୍‌ମାର୍କ, ହାମବର୍ଗ, ସ୍କଟଲ୍ୟାଣ୍ଡ ଓ ଆୟାରଲ୍ୟାଣ୍ଡ ପ୍ରଭୃତି ଅଞ୍ଚଳରୁ କୁଆଡ଼େ ଥରେ ବହୁତ ଗୁଡ଼ିଏ ଶବର ସନ୍ଧାନ ମିଳିଥିଲା । ପରୀକ୍ଷା ଦ୍ୱାରା ଜଣାଗଲା ଯେ ଏମାନଙ୍କ ମଧ୍ୟରେ ତିନି ହଜାର ତଳ ବର୍ଷର ଶବ ମଧ୍ୟ ରହିଛନ୍ତି । ବଡ଼ ଆଶ୍ଚର୍ଯ୍ୟର କଥା ଯେ ଏତେ ଦିନ ଧରି ରହିଥିଲେ ସୁଦ୍ଧା ଶବଗୁଡ଼ିକ କେହି ନଷ୍ଟ ହୋଇନାହାନ୍ତି । ଶବ ବ୍ୟବଚ୍ଛେଦ ପରେ ଦେଖାଗଲା ଯେ ସେମାନଙ୍କର ମସ୍ତିଷ୍କ, ବୃକକ୍, ହୃତପିଣ୍ଡ ଓ ପାକସ୍ଥଳୀମାନ ମଧ୍ୟ ଅକ୍ଷତ ଅବସ୍ଥାରେ ଅଛି । ଏହାତ ବଡ଼ ଅସମ୍ଭବ କଥା ।''

''ନା ଏଥିରେ ଆଶ୍ଚର୍ଯ୍ୟ ହେବାର୍ କିଛି ନାହିଁ । ବୈଜ୍ଞାନିକମାନେ ମତ ଦିଅନ୍ତି ଯେ ଶବ ଦେହରେ ଫରମାଲଡ଼ିହାଇଡ୍ ବୋଲି ଏକ ସନ୍ତସନ୍ତିଆ ସ୍ଥାନରେ ରଖିଦେଲେ ଏକ ରାସାୟନିକ ପ୍ରକ୍ରିୟା ସୃଷ୍ଟି ହୁଏ । ଏହି ପ୍ରକ୍ରିୟା ଦ୍ୱାରା ପ୍ଲାଷ୍ଟିକ ଭଳି ଏକ ପଦାର୍ଥର ଉତ୍ପନ୍ନ ହୁଏ । ଏହି ପ୍ଲାଷ୍ଟିକ ପରି ପଦାର୍ଥଟି ଶବକୁ ସଂରକ୍ଷିତ କରି ରଖିବାରେ ସାହାଯ୍ୟ କରେ । ଫରମାଲଡ଼ିହାଇଡ଼ ଜଳ ସହ ପ୍ରତିକ୍ରିୟା କରି ଏହି ପ୍ଲାଷ୍ଟିକ ପରି ପଦାର୍ଥଟିକୁ ଉତ୍ପନ୍ନ କରେ । ଏହିପରି ଭାବେ ସମଗ୍ର

Digitized by srujanika@gmail.com

ଶରୀରଟି ସୁରକ୍ଷିତ ହୋଇ ରହିବା ଫଳରେ ଶରୀର ବାୟୁ ସଂସ୍ପର୍ଶରେ ଆସିପାରେ ନାହିଁ କି ପଚି ନଷ୍ଟ ହୁଏ ନାହିଁ ।''

''ତାହାହେଲେ ମିଶରୀୟମାନେ କ'ଣ ଏହି କୌଶଳ ଅବଲମ୍ବନ କରୁଥିଲେ ?

''ମିଶରୀୟମାନେ ଯେ କେଉଁ କୌଶଳ ଅବଲମ୍ବନ କରୁଥିଲେ ତାହା ଏବେ ମଧ୍ୟ ଅସ୍ପଷ୍ଟ ରହିଯାଇଛି । ତେବେ ଯାହା ଜଣାଯାଏ ଏମାନେ ଏକ ନୂତନ ଧରଣର ରାସାୟନିକ ପଦାର୍ଥ ଆବିଷ୍କାର କରିଥିଲେ । ଏହାକୁ ଶବ ଦେହରେ ମହମ ଆକାରରେ ବୋଳି ଦେଉଥିଲେ । ମାତ୍ର ଏହି ମଲମଟି ଯେ ପ୍ରକୃତରେ କ'ଣ, କେଉଁ କେଉଁ ରାସାୟନିକ ପଦାର୍ଥକୁ କି, କି ଅନୁପାତରେ ମିଶ୍ରଣ କରାଯାଇ ଏଭଳି ଏକ ଅଦ୍ଭୁତ ପଦାର୍ଥର ସୃଷ୍ଟି ସମ୍ଭବ ହୋଇଥିଲା ତା ବିଷୟରେ ଆମ ଆଧୁନିକ ବୈଜ୍ଞାନିକମାନେ କିଛି ଜାଣିପାରୁ ନାହାନ୍ତି । ତେବେ ଆହୁରି ଏକ ଆଶ୍ଚର୍ଯ୍ୟର କଥା ହେଉଛି ଦୀର୍ଘଦିନ ଧରି ପଡ଼ି ରହିଥିବା ଏହି ଶବମାନଙ୍କ ଦେହରୁ ଦୁର୍ଗନ୍ଧ ନିର୍ଗତ ହେବା ପରିବର୍ତ୍ତେ ଏକ ଅପୂର୍ବ ସୁଗନ୍ଧ ନିର୍ଗତ ହୁଏ, ଯାହା ମନ ଭିତରେ ଏକ ଅପାର୍ଥିବ ଅନୁଭୂତି ଭରିଦିଏ । ଦୀର୍ଘ ପାଞ୍ଚହଜାର ବର୍ଷ ବ୍ୟାପି ଯାଇଥିଲେ ମଧ୍ୟ ସେ ସୁଗନ୍ଧିତ ପଦାର୍ଥର ବାସ୍ନା ପୂର୍ବପରି ରହିଛି । ବହୁ ବିଶେଷଜ୍ଞ ମତ ଦିଅନ୍ତି ଯେ ସେମାନେ ବହୁ ସ୍ଥାନ ଭ୍ରମଣ କରିଛନ୍ତି । ମାତ୍ର ଏପରି ଅପୂର୍ବ ସୁଗନ୍ଧ ପଦାର୍ଥ ସଂସ୍ପର୍ଶରେ କେଉଁଠାରେ ଆସି ନାହାନ୍ତି । ହୁଏତ ଫାରୋମାନଙ୍କର ବିଶ୍ୱାସ ଥିଲା ଯେ ସମୟ କ୍ରମେ ବିଜ୍ଞାନ ଆହୁରି ଉନ୍ନତିର ପଥରେ ଅଗ୍ରଗତି ହେବ । ସେହି ସମୟର ବୈଜ୍ଞାନିକମାନେ ହୁଏତ ସେମାନଙ୍କୁ ଜୀବଦାନ ଦେବାରେ ସକ୍ଷମ ହେବେ । ଆମର ବୈଜ୍ଞାନିକମାନେ ମମିକୁ ଜୀବଦାନ ଦେବାତ ଦୂରର କଥା, ପ୍ରାଚୀନ କାଳର ସେହି ରାସାୟନିକ ପଦାର୍ଥକୁ ବିଶ୍ଳେଷଣ କରିବାକୁ ମଧ୍ୟ ଅକ୍ଷମ ହେଲେ ।

ଶୁଣାଯାଏ ଫାରୋମାନଙ୍କର ମୃତ ଶରୀରକୁ ସହର ବାହାରକୁ ନିଆଯାଏ ଏବଂ ସେଠାରେ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ବ୍ୟକ୍ତିମାନଙ୍କ ଦ୍ୱାରା ସେମାନଙ୍କ ଶରୀରରୁ ପ୍ରଥମେ ଅନ୍ତନାଳୀକୁ କଢ଼ାଯାଏ । ଏହାପରେ ତତ୍‌କାଳୀନ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ସେହି ରାସାୟନିକ ପଦାର୍ଥକୁ ଶବର ସମଗ୍ର ଶରୀରରେ ଭଲ ଭାବରେ ଲେପନ କରିଦିଅନ୍ତି । ଏହି ପ୍ରଲେପ ବା ମଲମର ଏପରି ଏକ ବିଶିଷ୍ଟ ଗୁଣ ରହିଛି, ଯାହାଦ୍ୱାରା କି ମଲ ଶରୀରର ପ୍ରତିଟି ଜୀବକୋଷ ଦୀର୍ଘଦିନ ଧରି ସତେଜ ରହିପାରୁଥିଲା । ଏହାପରେ ଏହି ଶବ ବା ମମିକୁ ଏକ ସୂକ୍ଷ୍ମବସ୍ତ୍ର ଦ୍ୱାରା ଢାଙ୍କି ଦିଆଯାଏ । ସେତେବେଳକାର ସେ ବସ୍ତ୍ର ଏପରି ସୂକ୍ଷ୍ମଭାବେ ବୁଣାଯାଇଥିଲା ଯେ ଦେଖିଲେ ଯେ କେହ ଆଶ୍ଚର୍ଯ୍ୟ ହୋଇଯାଏ । ସେ ବସ୍ତ୍ରର କିଛି ଅଂଶ ଏବେ ମଧ୍ୟ ଆମ ମ୍ୟୁଜିୟମରେ ସୁରକ୍ଷିତ ଅଛି । ପୂର୍ବରୁ ମମିର ଶରୀର ଗଠନ ଅନୁସାରେ ଏକ କାଠ ନିର୍ମିତ କଫିନ ମଧ୍ୟରେ ରଖାଯାଏ । ଏହି କଫିନଟିକୁ ନେଇ ଏକ ପଥରବାକ୍ସ ମଧ୍ୟରେ ରଖାଯାଏ । ଏହି ପଥର ବାକ୍ସଟିକୁ ସାରକୋଫେଗସ ନାମରେ ନାମିତ କରାଯାଇଛି । ଆତ୍ମା ଯେ ନିଶ୍ଚୟ ଦିନେ ଫେରି ଆସିବ ଓ ମୃତ ଦେହରେ ପୁନଃ ପ୍ରବେଶ କରିବ, ଏ ବିଶ୍ୱାସ ସେମାନଙ୍କର ଖୁବ୍ ଦୃଢ଼ ଥିଲା । ଆତ୍ମା ଏକ ସୂକ୍ଷ୍ମ ପଦାର୍ଥ ଅଟେ । କାଳେ ଏହା ମର ଶରୀର ମଧ୍ୟକୁ ପ୍ରବେଶ ନ କରି ପାରି ପୁଣି ଫେରିଯିବ, ସେହି ଭୟରେ ପଥର ବାକ୍ସ ମଧ୍ୟରେ ଏକ

Digitized by srujanika@gmail.com

ସୂକ୍ଷ୍ମଛିଦ୍ର ରଖାଯାଇଥାଏ । ଏହି ଛିଦ୍ର ମଧ ଦେଇ ଆତ୍ମା ସାରକୋଫେସ ମଧ୍ୟରେ ଥିବା ତାର ପରିତ୍ୟକ୍ତ ଶରୀର ମଧକୁ ପ୍ରବେଶ କରିବ ।

ଏହି ପଥରବାକ୍ସକୁ ପିରାମିଡ୍‌ର କେନ୍ଦ୍ର ସ୍ଥଳରେ ନିର୍ମିତ ରାଜାଙ୍କ କୋଠରୀରେ ଏକ ଆୟତାକାର ବେଦୀ ଉପରେ ସଯତ୍ନେ ରଖିଦିଆଗଲା ।

''ସେହି ଦିନ ଠାରୁ ସେ ଶବ ସେମିତି ରହିଛି ଆଜି ପର୍ଯ୍ୟନ୍ତ ସେ ଯୁଗର କାହାଣୀ କହିବାକୁ ତାର ନୀରବ ଭାଷାର'' ମନ୍ତବ୍ୟ ଦେଲେ ସୋମେସ୍ । (ଅପୂର୍ବ କାରୁକାର୍ଯ୍ୟଭରା କାରନାକ୍ ମନ୍ଦିର ।)

ମନ୍ଦିର ବେଢ଼ାସ୍ଥ ଏକ ଶିଳାଖଣ୍ଡ ଉପରେ ଚିନ୍ତାମଗ୍ନ ଭାବେ ବସି ରହିଥିଲା ଆୟେସା । ତାର ସୁନ୍ଦର ମୁଖ ମଣ୍ଡଳକୁ ଆଚ୍ଛନ୍ନ କରି ରଖିଥିଲା ଦୁଃଖ ଓ ବେଦନାର ଏକ ଘୁମନ୍ତ ଛାୟା । ଅଦୂରରେ ପ୍ରବାହିତ କଳ କଳ ନାଦିନୀ ଥେବ ନଦୀ ।

ସୋମେସ୍ ବୁଲି ବୁଲି କାରନାକ୍ ମନ୍ଦିରର ଚମତ୍କାର ସ୍ଥାପତ୍ୟକୁ ନିରୀକ୍ଷଣ କରୁଥିଲେ । ମିଶରୀୟମାନଙ୍କ ଉନ୍ନତ ସ୍ଥାପତ୍ୟ କଳାର ଚମତ୍କାର ପରିଚୟ ପ୍ରଦାନକାରୀ ଏହି କାରନାକ୍ ମନ୍ଦିର ଥେବ୍ ନଦୀର ବାଲୁକା ଶଯ୍ୟାରେ ଅବସ୍ଥିତ । ଏହା ଏକ ସର୍ବବୃହତ୍ ଏବଂ ବିଖ୍ୟାତ ମନ୍ଦିର ରୂପେ ପୃଥିବୀର ଅଦ୍ୟାବଧି ପରିଚିତ । ଏହି ମନ୍ଦିରଟି ସୂର୍ଯ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା । ଭାରତ ଫେରିଯିବା ପୂର୍ବରୁ ଆୟେସାକୁ ସାଙ୍ଗରେ ଧରି ଏହି ସୁବିଖ୍ୟାତ ମନ୍ଦିରକୁ ପରିଦର୍ଶନ ନିମନ୍ତେ ଯାଇଥିଲେ ସୋମେସ୍ ।

ଆମ କୋଣାର୍କ ମନ୍ଦିର ସହ ଏହି ମନ୍ଦିରର ବହୁ ସାମଞ୍ଜସ୍ୟ ଦେଖାଯାଏ । କୋଣାର୍କ ମନ୍ଦିର ଚବିଶଗୋଟି ଚକ ଉପରେ ନିର୍ମାଣ ହୋଇଥିଲା ପରି ଏହି ମନ୍ଦିରଟି ବାରଗୋଟି ବିଶାଳ ସ୍ତମ୍ଭଉପରେ ନିର୍ମାଣ କରାଯାଇଛି । ପ୍ରତି ସ୍ତମ୍ଭର ଉଚ୍ଚତା ଥିଲା ଅଣାଅଶୀରୁ ଅଶୀଫୁଟ ପର୍ଯ୍ୟନ୍ତ । ଆମର ପ୍ରାଚୀନ ଉତ୍କଳୀୟ ଶିଳ୍ପୀମାନେ କୋଣାର୍କ ମନ୍ଦିରକୁ ଚବିଶଟି ଚକ ଓ ସାତଗୋଟି ଘୋଡ଼ା ସଂଶ୍ଳିଷ୍ଟ କରାଇ ସୂର୍ଯ୍ୟଙ୍କର ଏକ ଚଳନ୍ତା ରଥର ରୂପ ଦେଲାପରି ବାରଗୋଟି ସ୍ତମ୍ଭ ବିଶିଷ୍ଟ ଏହି ମନ୍ଦିରକୁ ତତ୍‌କାଳିନ ଶିଳ୍ପୀମାନେ ଏହିପରି ଏକ ରଥର ରୂପ ପ୍ରଦାନ କରିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଯେ ଉଭୟ ମନ୍ଦିର ଦ୍ୱୟ ସୂର୍ଯ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଶୁଣାଯାଏ ଯେ ଏହି ସୁପ୍ରସିଦ୍ଧ ମନ୍ଦିରର ନିର୍ମାଣ ଲାଗି ପ୍ରାୟ ଦୁଇହଜାର ବର୍ଷ ବ୍ୟାପି ଯାଇଥିଲା । ମନ୍ଦିରର ସ୍ତମ୍ଭଗୁଡ଼ିକ ଥିଲା ଖୁବ୍ ସୁନ୍ଦର ଆଉ ପ୍ରଶସ୍ତ । ଏହି ସ୍ତମ୍ଭଗୁଡ଼ିକ ଏତେ ପ୍ରଶସ୍ତ ଯେ ଏହା ଉପରେ ଏକାଥରକେ ଶହେଜଣ ଲୋକ ଛିଡ଼ା ହୋଇପାରିବେ । ଆମ କୋଣାର୍କ ମନ୍ଦିର ଗାତ୍ରରେ ସୂର୍ଯ୍ୟ, ବିଭିନ୍ନ ନାୟକ, ନାୟିକା, ନର୍ତ୍ତକୀ, ଅଂସଖ୍ୟ ଦେବଦେବୀ, ପଶୁପକ୍ଷୀ, ବୃକ୍ଷଲତା, ଫଳପୁଷ୍ପ ଆଦି ଅପୂର୍ବ କାରୁକାର୍ଯ୍ୟ ଖୋଦିତ ହେଲାପରି ଏହି ମନ୍ଦିରର ସ୍ତମ୍ଭ ଓ ପ୍ରାଚୀରରେ ନାନାପ୍ରକାର ଫୁଲ, ବୃକ୍ଷଲତା ଓ ଅନ୍ୟାନ୍ୟ ଦୃଶ୍ୟମାନ ଖୋଦିତ ହୋଇଥିଲା । ଏହାଛଡ଼ା ବହୁ ବିଶିଷ୍ଟ ଫାରୋମାନଙ୍କର ଜୀବନର ବିଭିନ୍ନ କାର୍ଯ୍ୟାବଳୀର ଚିତ୍ରଣ ମଧ କରାଯାଇଥିଲା । ବାସ୍ତବିକ୍ ଏହାର ନିର୍ମାଣଶୈଳୀ ପୃଥିବୀରେ ଅଦ୍ୱିତୀୟ ।

Digitized by srujanika@gmail.com

ମନ୍ଦିର ଗାତ୍ରରେ ଫୁଟି ଉଠିଥିବା ଚିତ୍ରମାନଙ୍କରୁ ମିଶରୀୟ ଶିଳ୍ପୀମାନଙ୍କର କଳା ନୈପୁଣ୍ୟତାକୁ ଗଭୀର ତନ୍ମୟତାର ସହ ଅନୁଧ୍ୟାନ କରୁଥିଲେ ସୋମେସ୍ । ତେଣୁ ଆୟେସାର ଅନୁପସ୍ଥିତିକୁ ସେ ଅନୁଭବ କରିପାରିନଥିଲେ । କୌଣସି ଏକ ବିଶିଷ୍ଟ ଚିତ୍ର ସମ୍ପର୍କରେ କିଛି ପଚାରିବାକୁ ପଛକୁ ଚାହିଁ ଦେଖନ୍ତି ତ ଆୟେସା ନାହିଁ । ଚାରିପାଖକୁ ଥରେ ବୁଲି ବୁଲି ଚାହିଁଲେ କାହିଁ, କେଉଁଠି ନିକଟତେ ତ ଦେଖାଯାଉ ନାହିଁ । ହେଲେ ମନ୍ଦିର ବେଢ଼ାମଧ୍ୟକୁ ତ ସେ ଠିକ୍ ତାଙ୍କ ପଛେ ପଛେ ପ୍ରବେଶ କରିଥିଲା । ଲୋକଗହଳି ମଧ୍ୟରେ କେଉଁଠି ରହିଯାଇଥିବ ଅବା ? ଆୟେସାକୁ ଖୋଜି ଖୋଜି ସେ ସେହିଠାରୁ ପଛକୁ ଫେରିଲେ ।

ଟିକେ ନିଛାଟିଆ ସ୍ଥାନରେ ପତିତ ଶିଳା ଖଣ୍ଡ ଉପରେ ଏକ ଧ୍ୟାନମଗ୍ନ ଋଷି ପରି ବସି ରହିଥିଲା ସେ । ପ୍ରଖର ସୂର୍ଯ୍ୟତାପରେ ଫୁଲର ନରମ କଅଁଳ ପାଖୁଡ଼ା ମଉଳି ପଡ଼ିଲା ପରି ତାର ସୁନ୍ଦର ନିଟୋଳ ମୁହଁଟି ମଉଳି ପଡ଼ିଥିଲା । ତାର ଅତି ନିକଟକୁ ଯାଇ ପ୍ରଶ୍ନ ତୋଳିଲେ ସୋମେସ୍ । ''ଏ କ'ଣ ଆୟେସା, ତୁମେ ଏଠାରେ ଏମିତି ନିଃସଙ୍ଗ ଭାବେ ବସିରହି କ'ଣ ଚିନ୍ତାକରୁଛ ?

ସୋମେସ୍‌ଙ୍କ ଆହ୍ୱାନରେ ଚିନ୍ତାରାଜ୍ୟରୁ ଫେରିଆସିଲା ଆୟେସା ଓ ନିର୍ବାକ, ନିଷ୍ପନ୍ଦଭାବେ ସେ କେବଳ ଚାହିଁ ରହିଲା ସୋମେସ୍‌ଙ୍କ ମୁହଁକୁ ।

ଆୟେସାର ଏ ପ୍ରକାର ଅସ୍ୱାଭାବିକ୍ ଚାହାଣୀରେ ସୋମେସ୍‌ଙ୍କ ମନ କି ଏକ ଆଶଙ୍କାରେ ଥରି ଉଠିଲା । ତଥାପି ମୁହଁରେ ସ୍ମିତ ହସ ଫୁଟାଇ ସେ କହିଲେ, ''ତୁମର ଏ କାରୁକାର୍ଯ୍ୟ ଭରା କାରନାକ ମନ୍ଦିର ବାସ୍ତବିକ୍ ଅତୁଳନୀୟ । ଯେତେ ଦେଖିଲେ ବି ନୂଆ ନୂଆ ଲାଗୁଛି । ଏହାର ଅନେକ ଅଂଶ ଆହୁରି ବାକି ଅଛି ଦେଖିବାକୁ । ଆସନା ମିଶିକରି ଦେଖିବା ।

''ନା, ଆଜି ଥାଉ । ଆଉ ଦିନେ ଦେଖିବା ।'' ଆୟେସାର କଣ୍ଠରେ ଅୟୁତ ଯୁଗର ଶୀତଳତା । ତାର ସୁନ୍ଦର ଆଖି ଦୁଇଟି ପଥର ପରି ସ୍ଥିର । ସୋମେସ୍‌ଙ୍କ ଚମକ ଭାଙ୍ଗିଲା । ସେ ଆୟେସାର ନିକଟବର୍ତ୍ତୀ ହେଲେ । ଅପେକ୍ଷାକୃତ କୋମଳ କଣ୍ଠରେ ପଚାରିଲେ, ''ତୁମେ କ'ଣ ଅସୁସ୍ଥ ଆୟେସା ?''

''ନା'', ପଦୁଟିଏ ମାତ୍ର ଉଚ୍ଚାରଣ କଲାପରେ ତାର ବାକ୍‌ରୁଦ୍ଧ ହେଲା । ଆଖି କୋଣରେ ମୁକ୍ତାପରି ଚକ୍ ଚକ୍ କରି ଉଠିଲା କେଇ ବିନ୍ଦୁ ଅଶ୍ରୁ । ଏଇ ଥରକ ନୁହେଁ, ଅନେକ ଥର ଆୟେସାକୁ ସେ ଏପରି ଅବସ୍ଥାରେ ଦେଖିଛନ୍ତି । ମାତ୍ର କାହିଁକି ତାର ଏ ଅବସ୍ଥା, ହୃଦୟ ଭିତରେ କେଉଁ ଦୁଃଖ ତାକୁ ଏପରି ବ୍ୟାକୁଳିତ କରୁଛି ତା ଜାଣିବାକୁ ଚାହିଁଲେ ବି ଆୟେସା ଏଡ଼ାଇ ଯାଏ ।

ସେଦିନ ମନ୍ଦିର ପରିଦର୍ଶନ ସେତିକିରେ ରହିଲା । ଆୟେସା ପଛେ ପଛେ ନିର୍ବାକ ସୋମେସ୍ ବିସ୍ମୟରେ ପ୍ରତ୍ୟାବର୍ତ୍ତନ କଲେ ।

ପିରାମିଡ୍ ନିର୍ମାଣର ଇତିହାସ ଉପରେ ଆଖି ପକାଉ ଥିଲେ ସୋମେସ୍ । ମହାକାଳର ପ୍ରଖର ସ୍ରୋତରେ ବର୍ଷ ବର୍ଷ ହୋଇ ଅତୀତ ହୋଇଯାଇଛି ଦୀର୍ଘ କୋଡ଼ିଏଟି ବର୍ଷ, ତା ସହ ଲିଭି ଯାଇଛି କେତେ ଶ୍ରମିକ, କ୍ରୀତଦାସଙ୍କ ଜୀବନ ଦୀପାଳୀ । ଏହି ସମୟ ମଧ୍ୟରେ ଖୁଫୁଙ୍କ

Digitized by srujanika@gmail.com

ପରିକଳ୍ପିତ ପିରାମିଡ୍‌ର କାର୍ଯ୍ୟ ଶେଷ ହେବା ଉପରେ । ଭୂମି ପତନ ଠାରୁ ପାଞ୍ଚସହ ଏକାଅଶୀଫୁଟ ଉଚ୍ଚତା ବିଶିଷ୍ଟ ଏହି ବିରାଟକାୟ ତ୍ରିଭୂଜକୁ ଅନେଇଲେ ମନେ ହୁଏ ସତେ ଯେପରି ଏହା ଆକାଶର କୋଳକୁ ଭେଦି ଯାଇଛି । ଏକ ତ୍ରିଭୁଜାକାର ଆକୃତି ନେଇ ଏହା ସଦର୍ପରେ ଦଣ୍ଡାୟମାନ । ମୂଳ ଆଡୁ ଚଉଡ଼ା ହୋଇ ଉପର ଆଡ଼କୁ କ୍ରମଶଃ ସରୁ ହୋଇଯାଇଛି । ସ୍ଥୁଳରୁ ହୋଇଛି ସୂକ୍ଷ୍ମ, ସୂକ୍ଷ୍ମରୁ ସୂକ୍ଷ୍ମତର । ସମଗ୍ର ମାନବ ଜାତି ସମ୍ମୁଖରେ ଏକ ମହନୀୟ ସତ୍ୟକୁ ଉନ୍ମୋଚିତ କରୁଛି । ମଣିଷର ସ୍ଥୁଳ ଶରୀର, ଜୀବନ ସବୁ ମିଥ୍ୟା, ସବୁ ଅଳିକ । ତାର ସୂକ୍ଷ୍ମ ରୂପ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟାକର । ଆତ୍ମାକୁ ଚିହ୍ନିପାରିଲେ ସୃଷ୍ଟିର ଚିରନ୍ତନ ସତ୍ୟ ଦିନେ ଆପେ ତୁମ ସମ୍ମୁଖରେ ଉଦ୍‌ଘାଟିତ ହେବ ।

ଏହି ପିରାମିଡ୍ ମଧ୍ୟରେ ମୁଣ୍ଡଟେକି ଉଠିଥିଲା ଅଦ୍ଭୂତ କାରୁକାର୍ଯ୍ୟଭରା ରାଜାଙ୍କ ମହଲ, ରାଣୀମହଲ, ଅସ୍ତ୍ରାଗାର ଇତ୍ୟାଦି । ଶେଷରେ ପିରାମିଡ୍‌ର ହିସାବ ନିକାଶକୁ ଏକ ବିରାଟ ମସୃଣ ପଥର ଦେହରେ ଖୋଦେଇ କରି ଲେଖିବାକୁ ଆଦେଶ ପ୍ରଦାନ କଲେ ମାସାର୍ଥ । ଦୁଇ ନିୟୁତ ତିନି ଲକ୍ଷ ପଥର ଖଣ୍ଡର ସମାରୋହରେ ଗଠିତ ଥିଲା ଏହି ପିରାମିଡ୍‌ଟି । ଏକ ଲକ୍ଷ କାରିଗରଙ୍କର ଅବିଶ୍ରାନ୍ତ ଭାବେ କୋଡ଼ିଏ ବର୍ଷର ଫଳ ଥିଲା ଏହା । କାରିଗରମାନଙ୍କର କେବଳ ଖାଇବା ଖର୍ଚ୍ଚକୁ ହିସାବ କଲେ ବର୍ତ୍ତମାନର ପରିମାଣରେ ଛୟାନବେ ଲକ୍ଷ ଟଙ୍କା ।

ଶୀତସକାଳର ଘନ କୁହୁଡ଼ି ସୂର୍ଯ୍ୟଙ୍କ କିରଣ ପରିପ୍ରକାଶ ମାତ୍ରକେ କ୍ରମେ କ୍ରମେ ଦୂରିଭୂତ ହେଲା ପରି ପିରାମିଡ୍‌ର ଚାରିପଟେ ଘେରି ରହିଥିବା ରହସ୍ୟର ପର୍ଦ୍ଦା ସୋମେସ୍‌ଙ୍କ ସମ୍ମୁଖରେ କ୍ରମେ ଉନ୍ମୋଚିତ ହେବାକୁ ଲାଗିଲା । ମିଶର ଦେଶର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ପରିପ୍ରକାଶ କରୁଥିବା ପିରାମିଡ୍ ଚତୁଃପାର୍ଶ୍ୱରେ ଥିବା ଅଭେଦ୍ୟ ଦୁର୍ଗକୁ ସେ ସିନା ଭେଦ କରିଛନ୍ତି, ମାତ୍ର ଆହୁରି ଅନେକ କଥା ତାଙ୍କ ସମ୍ମୁଖରେ ଅବୋଧ ରହିଯାଇଛି । ତାଙ୍କର ସମସ୍ତ ପରିଶ୍ରମ ସତ୍ତ୍ୱେ ସେ ମମିରେ ବ୍ୟବହୃତ ରାସାୟନିକ ପଦାର୍ଥର ଗଠନ ସମ୍ପର୍କରେ କୌଣସି ତଥ୍ୟ ପାଇପାରିଲେ ନାହିଁ । ମିଶରକୁ ବହୁ ପ୍ରଖ୍ୟାତ ଐତିହାସିକ, ଗବେଷକଙ୍କ ସହ ସାକ୍ଷାତ କଲେ ମାତ୍ର ସନ୍ତୋଷ ଜନକ ଉତ୍ତର କାହାଠାରୁ ପାଇପାରିଲେ ନାହିଁ । ତାଙ୍କର ଜଣେ ବନ୍ଧୁ ତାଙ୍କୁ ଏ ସମ୍ପର୍କରେ ତଥ୍ୟ ପାଇବାକୁ ହେଲେ ପ୍ରଫେସର ବୋଡ଼େଙ୍କୁ ସାକ୍ଷାତ କରିବାକୁ ଉପଦେଶ ଦେଇଥିଲେ । କାଏରୋ ଠାରୁ ଅନତି ଦୂରରେ ଏକ ଫାର୍ମ ହାଉସରେ ପ୍ରଫେସର ବୋଡ଼େ ରୁହନ୍ତି । ସେ ରସାୟନ ବିଜ୍ଞାନ ଓ ପଦାର୍ଥ ବିଦ୍ୟା ଉଭୟରେ ଡିଗ୍ରୀ ହାସଲ କରିଛନ୍ତି । ସମଗ୍ର ମିଶର ଦେଶରେ ସେ ଜଣେ ଜ୍ଞାନୀ ବ୍ୟକ୍ତି ରୂପେ ସମ୍ମାନିତ । ବନ୍ଧୁଙ୍କ ଠାରୁ ପ୍ରଫେସରଙ୍କ ବାସଗୃହ ଠିକଣା ନେଇ ସାକ୍ଷାତ ଉଦ୍ଦେଶ୍ୟରେ ସେ ବାହାରିଲେ ।

ପ୍ରଫେସର ଜଣେ ଖୁବ୍ ବୟସ୍କ ବ୍ୟକ୍ତି । ମୁଣ୍ଡରେ ପକ୍ୱକେଶ । ଦେହର ଚମ ଧୁଡୁ ଧୁଡୁ । କଥା ମଧ୍ୟ ପରିଷ୍କାର କହିପାରୁନାହାନ୍ତି । ଜୀବନର ଶେଷ ପାହାଚରେ ପଦଥାପି ସେ ମୃତ୍ୟୁର ଅପେକ୍ଷାରେ ରହିଛନ୍ତି । ତଥାପି ସୋମେସଙ୍କ ପରିଚୟ ପାଇ ତାଙ୍କୁ ଖୁବ୍ ଆଦର କଲେ । ଜ୍ଞାନୀ ବ୍ୟକ୍ତି ହିଁ ଜ୍ଞାନର ମୂଲ୍ୟ ବୁଝେ । ଦୀର୍ଘ ସମୟ ଧରି ସୋମେସ୍‌ଙ୍କ ଠାରୁ ସବୁ ଶୁଣିଲେ । ଶୁଣିଲେ

Digitized by srujanika@gmail.com

କ'ଣ ତାଙ୍କର ଦରକାର । ଶେଷରେ ଧୀରେ ଧୀରେ କହିଲେ, 'ତୁମେ ପାରିବ ? ସେ ସ୍ଥାନକୁ ଯାଇପାରିବ ?

ଜିଜ୍ଞାସୁ ଦୃଷ୍ଟିରେ ସୋମେସ୍ ଚାହିଁଥିଲେ ତାଙ୍କ ମୁହଁକୁ । ''ନୀଳନଦୀର ଅବବାହିକାର ଏକ ଅଞ୍ଚଳରେ ପରିଦୃଷ୍ଟ ହୁଏ ନିଘଞ୍ଚ ଅରଣ୍ୟ । ନାନା ଛୋଟ ବଡ଼ ଗଛର ସମାରୋହରେ ଗଠିତ ଏହି ଜଙ୍ଗଲଟି ଏପରି ଘଞ୍ଚ ଯେ ଏହା ମଧ୍ୟକୁ ସୂର୍ଯ୍ୟକିରଣ ପଡ଼ିବାର ଉପାୟ ନାହିଁ । ବହୁ ହିଂସ୍ରଜନ୍ତୁଙ୍କର ନିବାସ ସ୍ଥଳ ଏହି ନିବିଡ଼ ଅରଣ୍ୟ ମଧ୍ୟକୁ ସ୍ୱଷ୍ଟ ଦିବାଲୋକରେ ମଧ୍ୟ ଯିବାକୁ ଯେ କେହି ଭୟ କରନ୍ତି । ଏହିପରି ଏକ ବିପଦସଂକୁଳ ସ୍ଥାନ ମଧ୍ୟରେ ରହିଛି ଏକ ପିରାମିଡ୍ । ତାହା କେଉଁ ଫାରୋଙ୍କ ଶାସନ କାଳରେ ନିର୍ମାଣ କରାଯାଇଥିଲା ତାର ସଠିକ ବିବରଣୀ ଇତିହାସରେ ଯଦିଓ ସ୍ଥାନ ପାଇନାହିଁ, ତଥାପି ଗୋଟିଏ ପିରାମିଡ୍ ଯେ ଅଛି ଏହା ନିଶ୍ଚିତ ।

ଏହି ପ୍ରସଙ୍ଗରେ ସୋମେସ୍‌ଙ୍କର ମନେ ପଡ଼ିଗଲା ଗୋଟିଏ କଥା । ତାଙ୍କର ପାଇଲଟ ବନ୍ଧୁ ତାଙ୍କ ସମ୍ମୁଖରେ ନିଜର ଅଭିଜ୍ଞତା ବର୍ଣ୍ଣନା କରୁଥିଲା । ତାଙ୍କ ବିମାନଟି ସେଦିନ ହିମାଳୟର ଖୁବ୍ ଉଚ୍ଚରେ ଉଡୁଥିଲା । ଗିରିରାଜର ସୁଉଚ୍ଚ ଶୃଙ୍ଗମାନଙ୍କର ଦୃଶ୍ୟ । ତାଙ୍କୁ ମୁଗ୍ଧ କରୁଥିଲା । ବରଫ ଆଚ୍ଛାଦିତ ଗିରିଶୃଙ୍ଗରେ ଶୁଭ୍ର ବର୍ଣ୍ଣରେ ସୂର୍ଯ୍ୟ କିରଣ ପ୍ରତିଫଳିତ ହୋଇ ଏକ ଅପୂର୍ବ ମାୟାଲୋକ ସୃଷ୍ଟି କରୁଥିଲା । ହଠାତ୍ ତାଙ୍କ ବାଇନୋକୁଲାରରେ ଭାସି ଆସିଲା ଏକ ବିଚିତ୍ର ଦୃଶ୍ୟ ଯାହାକି ତାଙ୍କ ଅଭିଭୂତ କରିପକାଇଲା । ହିମାଳୟର ବରଫାବୃତ ଅଞ୍ଚଳରେ ବରଫ ଆଚ୍ଛାଦିତ ଏକ ବିରାଟ୍ ତ୍ରିଭୁଜାକାର ପିରାମିଡ୍ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଭାରତର ମାଟିରେ ପିରାମିଡ୍‌ର ପରିକଳ୍ପନା, ଏକଥା କାହା କଳ୍ପନାରେ ମଧ୍ୟ ସ୍ଥାନ ପାଇନଥିଲା । ପରେ ପରେ ଆହୁରି କେତେଜଣ ପାଇଲଟ ମଧ୍ୟ ଅନୁରୂପ ମନ୍ତବ୍ୟ ଦେବାର ସେ ଶୁଣିଲେ ।

ଟିକିଏ ବିଶ୍ରାମ ନେଇ ପୁଣି ଆରମ୍ଭ କଲେ ପ୍ରଫେସର । ତଥାପି ଏହି ପିରାମିଡ୍‌ଟି ମିଶରର ପ୍ରାଚୀନତମ ପିରାମିଡ୍ ରୂପେ ସ୍ୱୀକୃତ । ପିରାମିଡ୍‌ର ଚାରିପଟେ ପୁରି ରହିଛି ଖୁବ୍ ଉଚ୍ଚା ଉଚ୍ଚା ଘାସମାନ । ଏହାର କେନ୍ଦ୍ର ସ୍ଥଳରେ ଏକ ଆୟତାକାର ବେଦୀ ଉପରେ ଶୋଇ ରହିଛି ଏକ ମମି । ମାତ୍ର ତଫାତ୍ ଏତିକି ଯେ ମମିକୁ କୌଣସି ଗୁହରେ ରଖାଯାଇ ନାହିଁ । ଏହା ମୁକ୍ତ ଅବସ୍ଥାରେ ରହିଅଛି । କେହି କେହି କୁହନ୍ତି ଯେ ସେହି ମମିର ଏପର୍ଯ୍ୟନ୍ତ ଶ୍ୱାସକ୍ରିୟା ଚାଲିଛି । ମାତ୍ର ଏହାକୁତ ବିଶ୍ୱାସ କରି ହୁଏନା । ଶାୟିତ ମମିର ଅତି ନିକଟରେ ଏକ ପ୍ରସ୍ତର ନିର୍ମିତ ବାକ୍ସ ମଧ୍ୟରେ ଉକ୍ତ ରାସାୟନିକ ପଦାର୍ଥର ଫର୍ମୁଲାଟି ରହିଅଛି, ଯାହାକୁ ମମି ଦେହରେ ପ୍ରଲେପ ଦେଇ ମମିକୁ ସତେଜ ରଖାଯାଇଛି ।

''ଆଚ୍ଛା ଏଇ ମମିତ କେବଳ ରାଜା, ମହାରାଜାମାନେ ତିଆରି କରିନଥିଲେ, ବହୁ ଧନୀ ଲୋକ ମଧ୍ୟ ସେମାନଙ୍କର ମମି ତିଆରି କରି ରଖିଯାଇଛନ୍ତି । ତେବେ ସେମାନେ ମମି ତିଆରିର କୌଶଳଟାକୁ ଏପରି ଲୁକାୟିତଭାବେ ରଖିଗଲେ କାହିଁକି ? ଯାହାର କି ସନ୍ଧାନ ଏପର୍ଯ୍ୟନ୍ତ କେହି ପାଇପାରିନାହାନ୍ତି ।''

ଏକ ସ୍ନେହପୂର୍ଣ୍ଣ ତଥା ଗମ୍ଭୀର ସ୍ୱରରେ ପ୍ରଫେସର କହିଲେ, ''ତୁମେ କ'ଣ ଏହାର ସନ୍ଧାନ ପାଇବାକୁ ଚାହଁ । ତେବେ ଶୁଣ ୟଙ୍ଗମ୍ୟାନ । ଯେତେ ଜଣ ଏହାର ସନ୍ଧାନରେ ଯାଇଛନ୍ତି

Digitized by srujanika@gmail.com

ସେମାନେ ଆଉ ଫେରି ନାହାନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେମାନଙ୍କର ଶବ ମଧ୍ୟ ମିଳି ପାରିଲା ନାହିଁ । ବଡ଼ ରହସ୍ୟ ଜନକଭାବେ ସେମାନେ ମୃତ୍ୟୁ କବଳରେ କବଳିତ ହୋଇଛନ୍ତି । ପ୍ରଥମେ ବିଶ୍ୱାସ କରାଯାଉଥିଲା ବୋଧହୁଏ କୌଣସି ହିଂସ୍ରଜନ୍ତୁଙ୍କ କବଳରେ ପଡ଼ି ସେମାନେ ପ୍ରାଣ ହରାଉଛନ୍ତି । ମାତ୍ର ବହୁ ଖୋଜାଖୋଜି ପରେ ସେମାନଙ୍କର ଶରୀରର ସାମାନ୍ୟତମ ଅଂଶ ମଧ୍ୟ ଜଙ୍ଗଲ ମଧ୍ୟରୁ ମିଳିଲା ନାହିଁ । ଏହା ଘଟଣାକୁ ଆହୁରି ରହସ୍ୟାବୃତ କରିଦେଲା ।'' ଟିକିଏ ଦମ୍ ନେଇ ପ୍ରଫେସର ପୁଣି ଆରମ୍ଭ କଲେ, ''ଏହିପରି କେତେକ ଘଟଣାରୁ କେହି କେହି ଅନୁମାନ କରିନେଲେ ବୋଧହୁଏ ଏହି ସ୍ଥାନଟିରେ ଅନ୍ୟ ଗ୍ରହର ସଭ୍ୟ ସୁଶିକ୍ଷିତ ଅଧିବାସୀମାନେ ଏକ ଗୁପ୍ତ ଘାଟୀ ସ୍ଥାପନ କରିଛନ୍ତି । ନିଘଞ୍ଚ ଅରଣ୍ୟ ଅଭ୍ୟନ୍ତରରେ ଅଂସଖ୍ୟ ଗୁଳ୍ମ, ଲତା ଓ ଘାସ ପରିବେଷ୍ଟିତ ଏହି ପ୍ରାଚୀନତମ ପିରାମିଡ୍‌ଟି ହିଁ ହେଉଛି ସେମାନଙ୍କର ଅବତରଣର ସ୍ଥାନ । ଆଉ ସେହି ମାନେ ହିଁ ଆମ ପୃଥିବୀବାସୀଙ୍କୁ ଏପରି ରହସ୍ୟ ଜନକଭାବେ ଅପହରଣ କରିନେଉଛନ୍ତି । ଯିଏ ଯାଉଛି ସେ ଚିରଦିନ ପାଇଁ ଯାଉଛି । ତେଣୁ ଆଉ କେହି ସେଠାକୁ ଯିବାକୁ ସତ୍‌ସାହସ କରୁନାହାନ୍ତି । ଏବେ ମଧ୍ୟ ଏହା ରହସ୍ୟାବୃତ୍ତ ହୋଇ ରହିଛି ।'' ଏତିକି କହି ଦେଇ ପ୍ରଫେସର ନୀରବ ଭାବେ ବସିଗଲେ । ଏକ ସମୟରେ ଏତେ କଥା କହିବା ଦ୍ୱାରା କ୍ଳାନ୍ତ, ଅବସନ୍ନ ବୋଧ କରୁଥିଲେ ସେ । ସବୁ ଶୁଣି ସୋମେସ୍ ଚିନ୍ତାକଲେ ଯିବେକି ସେ ସ୍ଥାନକୁ ... ? ଶେଷଥର ପାଇଁ ଏକ ଚେଷ୍ଟା କରିବେ କି ... ? ମାତ୍ର ଯଦି ଅନ୍ୟମାନଙ୍କ ଦଶାଭୋଗ କରନ୍ତି ତାହାହେଲେ ... ? ଏମିତି ନାନା ଚିନ୍ତା ସୋମେସ୍‌ଙ୍କୁ ବ୍ୟତିବ୍ୟସ୍ତ କରିପକାଇଲା ।

କିଛି ସମୟ ପରେ ସେ ସ୍ଥାନର ଏକ ନକ୍ସା ମଧ୍ୟ ତାଙ୍କୁ ଦେଖାଇଲେ । ପ୍ରଫେସରଙ୍କ ପ୍ରତି ଗଭୀର କୃତଜ୍ଞତାରେ ସୋମେସ୍‌ଙ୍କ ମନ ଭରିଗଲା । ଫେରିବାକୁ ପ୍ରସ୍ତୁତ ହେଲେ ସୋମେସ୍ । ହାତ ଉଠାଇ ଆଶୀର୍ବାଦ ସୂଚକ ଭଙ୍ଗୀରେ ସୋମେସ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ।

ଦୂର ଆକାଶରେ ବାଦଲଖଣ୍ଡମାନଙ୍କ ମଧ୍ୟରେ ମୁହଁ ଲୁଚାଇ ଜହ୍ନ ଆଗେଇ ଚାଲିଥାଏ, କେଉଁ ଏକ ଶେଷହୀନ ଯାତ୍ରାରେ । ନାନାଚିନ୍ତାରେ ଭାରାକ୍ରାନ୍ତ ହୋଇ ଉଠୁଥିଲା । ସୋମେସଙ୍କର ମନ । ମାୟାବିନୀ ରାତ୍ରୀର ସେହି ନକ୍ଷତ୍ର ଖଚିତ ଆକାଶ, ପୃଥିବୀ ବକ୍ଷରେ ଚାଲିଥିବା ଜ୍ୟୋସ୍ନାର ମହୋତ୍ସବ କିଛି ଯେପରି ତାଙ୍କ ଚିନ୍ତାକ୍ଲିଷ୍ଟ ମନକୁ ସ୍ପର୍ଶ କରିପାରିନଥିଲା ।

ପିରାମିଡ୍ ନିର୍ମାଣ ମୂଳରେ ଜଡ଼ିତ ଥିବା କାହାଣୀର ଶେଷ ଅଧ୍ୟାୟ । ଚିଆପସ୍‌ଙ୍କ ଶେଷ ସମୟ । ନିର୍ମାଣକାରୀ କାରିଗରମାନଙ୍କୁ କେବଳ ଖାଦ୍ୟ ଓ ବସ୍ତ୍ର ଯୋଗାଇ ମଧ୍ୟ ରାଜ୍ୟର ରାଜକୋଷ ଶୂନ୍ୟ ପ୍ରାୟ । କର ଦାଉରେ ପ୍ରପୀଡ଼ିତ, ନିଷ୍ପେସିତ ରାଜ୍ୟବାସୀଙ୍କ ହୃଦୟରୁ ନିର୍ଗତ ହେଉଥାଏ ହା ହୁତାଶ-ମୟ ଦୀର୍ଘଶ୍ୱାସ । ରାଜ୍ୟର ଏ ଶୋଚନୀୟ ଅବସ୍ଥା କୌଣସି ସମୟରେ ଚିଆପସ୍‌ଙ୍କ ଦୃଷ୍ଟିକୁ ଆସେ ନାହିଁ । ସେ ତାଙ୍କ ଜିଦ୍‌ରେ ଅଟଳ ।

ନିର୍ମାଣ କାର୍ଯ୍ୟର ପରିସମାପ୍ତି ପରେ ଉପଯୁକ୍ତ ବୈଜ୍ଞାନିକ କୌଶଳ ଅବଲମ୍ବନ କରି ଶବସଂରକ୍ଷଣର କୌଶଳଟିକୁ ଆୟତ କରିବାକୁ ସେ ରାଜ୍ୟର ବୈଜ୍ଞାନିକମାନଙ୍କୁ ନିର୍ଦ୍ଦେଶ ଦେଲେ । ରାଜାଙ୍କ ଆଦେଶ ଶିରୋଧାର୍ଯ୍ୟ କରି ବିଶିଷ୍ଟ ବୈଜ୍ଞାନିକଗଣ ଶରୀରରକ୍ଷାର ମହୌଷଧି

Digitized by srujanika@gmail.com

ଆବିଷ୍କାର ପାଇଁ ନିଜ ନିଜକୁ ନିୟୋଜିତ କଲେ । ବହୁ ଅର୍ଥ ବିନିମୟରେ ଚାଲିଲା ଗବେଷଣା । ଲକ୍ଷ୍ୟ ରହିଲା ରାଜାଙ୍କ ଇପ୍‌ସିତ ବସ୍ତୁର ଆବିଷ୍କାର ଯେକୌଣସି ମତେ ହେବ ।

ରାଜବୈଦ୍ୟ ମାସାର୍ଥଙ୍କ ହୃଦୟରେ ଏକ ନୂତନ ଚିନ୍ତାଧାରାର ଉନ୍ମେଷ ହେଲା । ବିଦେଶ ଭ୍ରମଣ କରି ବହୁ ଅଭିଜ୍ଞତାକୁ ପୁଞ୍ଜିକରି ଫେରିଥିବା ରାଜବୈଦ୍ୟ ଏହି ଅଦ୍ଭୁତ ପଦାର୍ଥଟି ହୁଏତ କୌଣସି ବୃକ୍ଷଲତାରୁ ମିଳିପାରେ ବୋଲି ଆଶଙ୍କା କରିଥିଲେ । କାରଣ ସେ ଜାଣିଛନ୍ତି ବହୁ ଜୀବନ ରକ୍ଷାକାରୀ ଔଷଧମାନ ଭାରତୀୟମାନେ ବୃକ୍ଷର ପତ୍ର, ଚେର, ଫୁଲ ଓ ଫଳରୁ ପ୍ରସ୍ତୁତ କରିଥାଆନ୍ତି । ସେତେବେଳେ ଯଦିଓ ତାଙ୍କ ରାଜ୍ୟରେ ବିଜ୍ଞାନ ଦ୍ରୁତ ଉନ୍ନତି କରିଥିଲା, ସେମାନେ ନାନା ପ୍ରକାର ଧାତବ ଓ ଅଧାତବ ପଦାର୍ଥର ପ୍ରୟୋଗ ସମ୍ପର୍କରେ ଶିଖିଥିଲେ । ରାଜ୍ୟରେ ଉଚ୍ଚମାନର ଗବେଷଣାଗାରମାନ ସ୍ଥାପିତ ହୋଇଥିଲା ତଥାପି ମାସାର୍ଥଙ୍କୁ କାହିଁକି ମନେ ହେଉଥିଲା ଏହାର ମୂଳ ଉପାଦାନ ଯେପରି ଉଦ୍ଭିଦ ଜଗତ ମଧ୍ୟରେ ହିଁ ଲୁଚି ରହିଯାଇଛି । ତେଣୁ ସେ ତାଙ୍କର ଦୁଇଜଣ ସହକାରୀଙ୍କୁ ପ୍ରତ୍ୟହ ଜଙ୍ଗଲକୁ ପଠାଇ ନାନା ବୃକ୍ଷର ପତ୍ର, ଚେର, ଫୁଲ ଆଦି ସଂଗ୍ରହ କରାଇ ସେମାନଙ୍କର ଗୁଣକୁ ପରୀକ୍ଷା କରନ୍ତି । ଏହିପରି ଭାବେ ବିତିଗଲା ଅନେକ ଦିନ ।

ଦିନେ ଏକ ଅଦ୍ଭୁତ ଘଟଣା ଘଟିଲା । ସହକାରୀ ଦ୍ୱୟ ଜଙ୍ଗଲ ଅଭ୍ୟନ୍ତରରେ ଘୂରି ଘୂରି ନାନାପ୍ରକାର ଦରକାରୀ ପଦାର୍ଥ ସଂଗ୍ରହ କରନ୍ତି । ଧୀର ମନ୍ଦ ପବନରେ ବହି ଆସୁଥାଏ ନାନା ଜଙ୍ଗଲି ଫୁଲର ବାସ୍ନା । ଆରଣ୍ୟକ ଫୁଲର ସୁରଭିରେ ମହକି ଉଠୁଛି ଚତୁର୍ଦ୍ଦିଗ । ଗଛ ଉପରେ ମାଡ଼ିଥିବା ନାନା ଚିହ୍ନା, ଅଚିହ୍ନା ଲଟାରେ ଫୁଟିଛି ନାନାରଙ୍ଗର, ନାନା ବର୍ଣ୍ଣର ଫୁଲ । ଏହିପରିଭାବେ ସେହି ଅରଣ୍ୟକ ଶୋଭା ସମ୍ପଦ ମଧ୍ୟରେ ନିଜକୁ ହଜାଇ ହଜାଇ ଦେଇ ସେମାନେ ଆଗକୁ ଅଗ୍ରସର ହେଉଥିଲେ ହଠାତ୍ ଘଞ୍ଚ ଗଛ ଗହଳି ମଧ୍ୟରେ ଏକ ପକ୍ଷୀ ମରିପଡ଼ିଥିବା ଦୃଶ୍ୟ ସେମାନଙ୍କର ଦୃଷ୍ଟିଗୋଚର ହେଲା । ଜଙ୍ଗଲ ମଧ୍ୟରେ ପଶୁ କିମ୍ବା ପକ୍ଷୀର ମୃତ୍ୟୁ ତ ଏକ ନିତ୍ୟ ନୈମିତିକ ଘଟଣା । ତେଣୁ ଘଟଣାଟି ପ୍ରତି ଗୁରୁତ୍ୱ ନ ଦେଇ ସେମାନେ ସେମାନଙ୍କ କର୍ମ ପଥରେ ଅଗ୍ରସର ହେଲେ । ପରଦିନ ସେହି ନିର୍ଦ୍ଦିଷ୍ଟ ପଥ ଦେଇ ଗଲାବେଳେ ପକ୍ଷୀଟିକୁ ସେହିପରି ଅବସ୍ଥାରେ ପଡ଼ିଥିବାର ଦେଖିଲେ । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଯେ ଦୁଇଦିନ ଗତ ହୋଇଯାଇଥିଲେ ମଧ୍ୟ ପକ୍ଷୀଟିର ଶରୀର ସେହିପରି ସତେଜ ରହିଥିଲା । ମୃତ ଶରୀରଟି ପଚିନଷ୍ଟ ହେବାର କୌଣସି ଲକ୍ଷଣ ଦେଖା ଯାଉନଥିଲା । ଆଶ୍ଚର୍ଯ୍ୟ ହେଲେ ସହକାରୀ ଦ୍ୱୟ । ସେମାନେ ଏହି ବିଚିତ୍ର ଘଟଣାଟିକୁ ଦେଖାଇବା ଲାଗି ମାସାର୍ଥଙ୍କୁ ଡାକି ଆଣିଲେ । ବହୁ ସମୟ ଧରି ପକ୍ଷୀଟିକୁ ନୀରକ୍ଷଣ କଲେ ରାଜବୈଦ୍ୟ । ବାସ୍ତବିକ୍ ସହକାରୀ ଦ୍ୱୟଙ୍କ କଥା ମିଥ୍ୟା ନଥିଲା । ପକ୍ଷୀଟିର ଦେହ ଏବେ ମଧ୍ୟ ସତେଜ ଅଛି । ଏକ ଅନିର୍ବଚନୀୟ ଆନନ୍ଦରେ ମନ ତାଙ୍କର ଭରି ଉଠିଲା । ତାଙ୍କୁ ବୋଧ ହେଲା ତାଙ୍କ ସମ୍ମୁଖରେ ଯେପରି ହୀରା, ନୀଳା ମୋତି ମାଣିକର ଏକ ସ୍ତୁପାକୃତି ଭଣ୍ଡାର । ଜଣେ ସାଧକ ପକ୍ଷେ ତାର ସାଧନାଲବ୍ଧ ବସ୍ତୁକୁ ପାଇବାଠାରୁ ବଳି ବଡ଼ କଥା ଆଉ କ'ଣ ଅଛି । ପକ୍ଷୀଟିର ଆହୁରି ନିକଟକୁ ଯାଇ ତନ୍ନ ତନ୍ନ କରି ଦେଖିନେଲେ ସେ । ଜଙ୍ଗଲି ଗଛରେ କଅଁଳ ଛନ ଛନ ପତ୍ରମାନ ଦିନର ଆଲୁଅରେ ଝଲମଲ କରୁଥିଲା ପବନ ବହୁଥିଲା ଧୀରେ ଧୀରେ ।

Digitized by srujanika@gmail.com

ମାସାର୍ଥ ଦେଖିଲେ ନିକଟସ୍ଥ ବୃକ୍ଷର ଏକ ଡାଳରୁ ନିର୍ଗତ କ୍ଷୀର ପକ୍ଷୀଟି ଦେହରେ ଟୋପା ଟୋପା ହୋଇ ପଡୁଛି । କ୍ଷୀରରୁ ନିର୍ଗତ ଏକ ପ୍ରକାର ଅପୂର୍ବ ସୁଗନ୍ଧରେ ସେ ସ୍ଥାନଟି ଭରି ଉଠିଛି । ସେହି କ୍ଷୀରରୁ କିଛି ସଂଗ୍ରହ କରି ସେ ଘରକୁ ଫେରିଲେ । ଏହାପରେ ଗଛର କ୍ଷୀର ଉପରେ ଚାଲିଲା ତାଙ୍କର ଗବେଷଣା । ଅନେକ ପରୀକ୍ଷା, ନିରୀକ୍ଷା ପରେ ଦେଖାଗଲା ଯେ ସେ ଠିକ୍ ସଫଳତା ହାସଲ କରି ପାରିଛନ୍ତି । ନିହାତି ଆକସ୍ମିକଭାବେ ଘଟିଥିବା ଏକଥା ସେ କଳ୍ପନା ମଧ୍ୟକରି ପାରିନଥିଲେ । ତାଙ୍କର ଦୀର୍ଘ ଦିନର ସ୍ୱପ୍ନର ଆଜି ସଫଳ ରୂପାୟନ ହୋଇଛି । ଶରୀର ରକ୍ଷାର ସେହି ମହୌଷଧି ଆବିଷ୍କାର ହୋଇପାରିଛି । ମାସାର୍ଥ ଅନୁଭବକଲେ ସୁଦୂର ଉର୍ଦ୍ଧରେ ଈଶ୍ୱରଙ୍କରର ଏକ ସାକାର ସତ୍ତା ବିଦ୍ୟମାନ ଯେଉଁଠାରୁ କି ଏକ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିପ୍ରତି କରୁଣାର ଧାରା ବିନ୍ଦୁ ବିନ୍ଦୁ ହୋଇ ଝରିପଡେ ।

ପ୍ରଜାଙ୍କର ଦୟନୀୟ ଅବସ୍ଥାକୁ ମାସାର୍ଥ ଠିକ୍ ଅନୁଭବ କରିପାରିଥିଲେ । ରାଜକୋଷ ଶୂନ୍ୟ ପ୍ରାୟ ରାଜ୍ୟର ପରିଚାଳନା ପାଇଁ ଅର୍ଥର ଆବଶ୍ୟକ । ଅର୍ଥର ଅଭାବ ପୂରଣ ପାଇଁ ଅଧିକରୁ ଅଧିକ କର ପ୍ରଜାମାନଙ୍କ ଉପରେ ବସେ । କରନଦେଇ ପାରିଲେ ପିଠିରେ ଚାବୁକ୍ ବସେ । କେହି ଦୁଃଖରେ ପଡି ଫିଆପସ୍‌ଙ୍କ ସମ୍ମୁଖରେ କିଛି ଗୁହାରୀ କଲେ ସେ କର୍ଣ୍ଣପାତ କରନ୍ତି ନାହିଁ । ହେଲେ...... ପ୍ରଜାମାନଙ୍କ ଦୁଃଖକୁ ଅନୁଭବ କରନ୍ତି ମାସାର୍ଥ । ସେମାନଙ୍କ ମନରେ କରୁଣ ଆବେଦନଟିକୁ ପଢି ନିଅନ୍ତି ସେ । ଅନ୍ୟର ଦୁଃଖକୁ ମାନବିକତାର ଦୃଷ୍ଟିକୋଣ ଦେଇ ଅନୁଭବ କରିବାର ଶକ୍ତି ସେ ଭାରତୀୟ ମାନଙ୍କଠାରୁ ଶିଖିଛନ୍ତି । ତେଣୁ ଅନେକ ମୁହୂର୍ତ୍ତରେ ପ୍ରଜାମାନଙ୍କର ଯନ୍ତ୍ରଣା କାତର ଜୀବନଯାପନ ଦେଖି ତାଙ୍କର ସରଳ ମନଟି ଦୁଃଖ ,ଏବଂ ଯନ୍ତ୍ରଣାରେ ମୁହ୍ୟମାନ ହୋଇ ଉଠୁଥାଏ । ତାଙ୍କ ମନରେ ପ୍ରତିବାଦର ତରଙ୍ଗ ଉଠେ । ମାତ୍ର ମହାମହିମ ମିଶର ସମ୍ରାଟଙ୍କ ସମ୍ମୁଖରେ ଏହା ସମୁଦ୍ରର ନିସ୍ତରଙ୍ଗ ଜଳରାଶି ମଧ୍ୟରେ ଛୋଟିଆ ଢେଉଟିଏ ପରି ମିଳାଇଯାଏ ।

ଦିନପରେ ରାତି ଆସେ । ସକାଳ ପରେ ସନ୍ଧ୍ୟା ଆସେ । ଏକ ବିଚିତ୍ର ନିୟମରେ ସମୟର ଚକ ଘୂରି ଚାଲେ । ସେହି ଘୂର୍ଣ୍ଣାୟମାନ ଚକ ଭିତରେ ଆମ ଜୀବନର ଶୋକ, ଆନନ୍ଦ, ସୁଖ, ମିଳନ, ବିଛେଦ ସବୁ କିଛି ଘୂରି ଚାଲେ ।

ସୋମେସ୍‌ଙ୍କର ପିରାମିଡ୍ ଉପରେ ଗବେଷଣା କାର୍ଯ୍ୟ ଶେଷ ହେବା ଉପରେ । ଆଉ ଅଳ୍ପ ଦିନପରେ ତାଙ୍କୁ ମିଶର ପରିତ୍ୟାଗ କରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡିବ । ପୁଣିଯେ କେବେ ସେ ମିଶରକୁ ଆସିପାରିବେ ତାହାବି ତାଙ୍କର ବିଶ୍ୱାସ ନାହିଁ । ଏ ଦେଶ ପରିତ୍ୟାଗ କଥା ଚିନ୍ତାକଲାବେଳେ ତାଙ୍କୁ ବୋଧହୁଏ ଯେପରି ସେ ଏଠାରେ କୌଣସି ଏକ ବଡ ଜିନିଷ ହଜାଇ ଦେଇ ଚାଲିଯିବେ । ତାହା ଥିଲା ଆୟେସା ପ୍ରତି ଥିବା ତାଙ୍କର ସ୍ନେହ, ମମତା ଓ ଆକର୍ଷଣ । ତାଙ୍କର ହୃଦୟ ମଧ୍ୟରେ ଆୟେସା ବେଶ୍‌କିଛି ସ୍ଥାନ ଅଧିକାର କରି ପାରିଥିଲେ । ସେ ତାର ଅକୁଣ୍ଠିତ ସାହାଯ୍ୟ ଓ ଅମାୟିକ ବ୍ୟବହାର ବଳରେ ତାଙ୍କ ହୃଦୟକୁ ଜୟ କରି ପାରିଥିଲା । ହେଲେ ଏତେ ଦିନର ପରିଚୟ ମଧ୍ୟରେ ତାଙ୍କର ସ୍ଥାନଯେ ତା ହୃଦୟର କେଉଁଠି ସେ କଥା ସେ ଜାଣି ପାରିନଥିଲେ । ତା ସହିତ ଜାଣିପାରିନଥିଲେ ତାରସରଳ ହୃଦୟ ମଧ୍ୟରେ

Digitized by srujanika@gmail.com

କେଉଁ ଘଟଣା ଏକ ଗଭୀର କ୍ଷତ ସୃଷ୍ଟି କରି ରହିଛି । ସେହି କ୍ଷେତରୁ ଏବେବି ସମୟେ ସମୟେ ରକ୍ତ କ୍ଷରଣ ହୁଏ । ସେତିକିବେଳେ ତାର ମନ ଓ ହୃଦୟ ସବୁକିଛି ଗଭୀର ଦୁଃଖରେ ଆଚ୍ଛନ୍ନ ହୋଇଯାଏ । ସେ ଦୁଃଖ କ'ଣ, କିପ୍ରକାର ଦୁଃଖ ତାହା ତାଙ୍କର ବହୁଚେଷ୍ଟା ସତ୍ତ୍ୱେବି ତାଙ୍କପାଇଁ ଅବୋଧ ରହିଯାଇଛି । ଏମିତି ଚିନ୍ତାକରି ସେ ସେଦିନ ବାହାରିଲେ ଆୟେସାର ଘରକୁ । ମନେ ପଡୁଥାଏ ତାଙ୍କର କେତୋଟି ସ୍ମୃତି ।

ଦିନେ ତାଙ୍କ ଡ୍ରଇଁରୁମ୍‌ରେ ବସି ଚା ପାନ କରୁଥିଲା ବେଳେ ସେ ଆୟେସାକୁ କହିଥିଲେ । ''ତୁମେ ତ ଭାରତୀୟ ସଂସ୍କୃତି ଓ ଦର୍ଶନର ଜଣେ ଚରମ ଉପାସିକା । କେବେ ଥରେ ଭାରତ ଚାଲନା ? ଭାରତ ଗଲେ ଆମ ଓଡିଶାକୁ ନିଶ୍ଚୟ ଯିବ । ଦେଖି ଆସିବ ନୈସର୍ଗିକ ଶୋଭା ସମ୍ପଦରେ ଭରପୁର ପୁରୀର ସୁବିସ୍ତୃତ ବେଳାଭୂମି, ବିଶ୍ୱବିଖ୍ୟାତ ଜଗନ୍ନାଥଙ୍କ ମନ୍ଦିର, ଅପୂର୍ବ କାରୁକାର୍ଯ୍ୟ ଭରା କୋଣାର୍କ ମନ୍ଦିର, ଠିକ୍ ତୁମର କାରନାକ୍ ମନ୍ଦିର ପରି । ଆହୁରି ଅନେକ ଶୋଭାର ଭଣ୍ଡାର ଆମର ପବିତ୍ର ଉତ୍କଳକୁ ।

ଉତ୍ତରରେ ଆୟେସା କହିଥିଲେ, ଯିବି ତ ନିଶ୍ଚୟ, ମାତ୍ର ଏବେ ନୁହେଁ ଆରଦିନ ଆୟେସାର ମା କଥା ଛଳରେ ତାଙ୍କୁ ଝିଅର ଦୁଃଖ ବିଷୟରେ କିଛି କହିଥିଲେ । ଏଇ ପରି ନାନା ଚିନ୍ତା ଭିତରେ ସେ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିସାରିଥିଲେ ।

ଜନକୋଳାହଳ ଠାରୁ ଅନତି ଦୂରରେ ଅବସ୍ଥିତ ଏକ ଆରଣ୍ୟକ ପରିବେଶ ମଧ୍ୟରେ ଅବସ୍ଥିତ ପଲ୍ଲୀର ଶାନ୍ତ, କାନ୍ତ କମନୀୟ ରୂପ ତାଙ୍କୁ ମୁଗ୍ଧ କରାଏ । ଆକାଶ ବୁକୁରେ ହସିଉଠୁଥାଏ ଦ୍ୱାଦଶୀ ଜହ୍ନ । ଚନ୍ଦ୍ରର ସେହି ମୁଗ୍ଧ ମଧୁର ଜ୍ୟୋତ୍ସ୍ନାଲୋକ ଧରଣୀ ପୃଷ୍ଠରେ ଟାଣି ଦେଉଥାଏ ଶୁଭ୍ର ସ୍ଫଟିକର ଏକ ମଧୁମୟ ମନୋରମ ଆସ୍ତରଣ । ସେହି ଜ୍ୟୋତ୍ସ୍ନାଲୋକରେ ଭିଜିଭିଜି ଚାଲିଥାନ୍ତି ସେ ।

ଅନତି ଦୂରରେ ଏକ ଶ୍ମଶାନ । ନିର୍ଜନ ଶ୍ମଶାନ ପ୍ରାନ୍ତରରେ ମୁଣ୍ଡ ଟେକି ଉଠିଥିଲା କେତୋଟି କବର । ନୀରବରେ ପଥ ଅତିକ୍ରମ କରୁ କରୁ ଗୋଟିଏ ସ୍ଥାନରେ ସୋମେସ୍‌ଙ୍କ ଦୃଷ୍ଟି ସ୍ଥିର ହୋଇଗଲା । ଦୂରସ୍ଥ ଏକ କବର ନିକଟରେ ଏକ ଛାୟାମୂର୍ତ୍ତୀର ଉପସ୍ଥିତ ତାଙ୍କୁ ଅସ୍ପଷ୍ଟ ଭାବେ ଦେଖାଯାଉଥିଲା । ତାଙ୍କ ମନମଧ୍ୟରେ ନାନା ସନ୍ଦେହ କୁହୁଡି କ୍ରମେ ଘନିଭୂତ ହେଉଥିଲା । ଆଉଟିକିଏ ନିକଟରେ ହୋଇ ଦେଖିଲେ ଛାୟାମୂର୍ତିଟି ଜଣେ ନାରୀର । ଏପରି ଏକ ନିର୍ଜନ ପରିବେଶ ମଧ୍ୟରେ ଜଣେ ନାରୀର ଉପସ୍ଥିତି ତାଙ୍କ ମନ ମଧରେ ନାନା ଆଶା ଓ ଆଶଙ୍କାର ବୀଜ ବପନ କଲା । ତାହାଲେ ଏହି ନାରୀ ମୂର୍ତ୍ତୀଟି କ'ଣ ମାନବୀ ନୁହେଁ, କୌଣ ଏକ ଦେବୀ ବା ପ୍ରେତାତ୍ମା । ଆହୁରି ନିକଟତର ହେଲେ ସେ । ପିଲାଟି ଦିନରୁ ସେ ଭୂତ, ପ୍ରେତର ଅସ୍ତିତ୍ୱକୁ ବିଶ୍ୱାସ କରନ୍ତି ନାହିଁ । ମୃତ୍ୟୁପରେ ମଣିଷର ସ୍ଥୂଳଶରୀର ମାଟିରେ ମିଶିଯାଏ, ସୂକ୍ଷ୍ମଶରୀର ବା ଆତ୍ମା ପୁରାତନ ଶରୀର ତ୍ୟାଗକରି ନୂତନ ଶରୀରରେ ପ୍ରବେଶ କରେ । ଭୁତ, ପ୍ରେତ ଏସବୁ ଦୁର୍ବଳମନା ବ୍ୟକ୍ତିର ବିଶ୍ୱାସ । ନାରୀ ମୂର୍ତ୍ତିଟିର ନିକଟତର ହୋଇ ଚମକି ଉଠିଲେ ସେ । ଏ....ଏ....ଯେ.... ତାଙ୍କର ଅତି ପରିଚିତ, ଯାହାକୁସେ, ହାତ ପାହାନ୍ତାରେ ପାଇ ସୁଦ୍ଧା ସ୍ପର୍ଶକରି ପାରିନାହାନ୍ତି, ଆଖିର ଅତି ନିକଟରେ ପାଇ ସୁଦ୍ଧା ମନ

Digitized by srujanika@gmail.com

ପୁରାଇ ଦେଖିପାରି ନାହାନ୍ତି ସେ । ସେହି କବର ନିକଟରେ ନୀରବରେ ବସିରହି ଅଶ୍ରୁମୋଚନ· କରୁଛି ସେ । ମାତ୍ର କାହିଁକି ? କ'ଣ ପାଇଁ ତାର ଏ ଅଶ୍ରୁ, କାହା ଉଦ୍ଦେଶରେ..... ? ପୁଣି କାହା କବର ନିକଟରେ ? ଏମିତି ନାନାପ୍ରଶ୍ନ ବୁଢିଆଣୀର ଜାଲ ପରି ତାଙ୍କ ମନ ମଧ୍ୟରେ ଛନ୍ଦି ହୋଇଗଲା । କ୍ରମେ ଆହୁରି ନିକଟତର ହେଲେ ସେ । କବର ଉପରେ ଏକ ସୁନ୍ଦର ଲାଲ ଗୋଲାପର ତୋଡା । ପାର୍ଶ୍ୱଦେଶରେ ରୋପିତ ଏକ ପୁଷ୍ପ ବୃକ୍ଷର ମୃଦୁ ମନ୍ଦ ସାନ୍ଧ୍ୟ ସମୀରଣ ସ୍ପର୍ଶରେ କବର ଉପରେ ଝରି ପଡୁଥାଏ ଗୋଟିଏ ପରେ ଗୋଟିଏ ଫୁଲ । ତାର ଚତୁଃପାର୍ଶ୍ୱରେ ବେଷ୍ଟନ କରି ରହିଥାଏ ଶ୍ୟାମଳ ଘାସର ଏକ ଗାଲିଚା ।

ଖୁବ୍ ସନ୍ତର୍ପଣରେ ଆୟେସାର କାର୍ଯ୍ୟ କଳାପକୁ ନିରୀକ୍ଷଣ କରି ନିଃଶବ୍ଦରେ ଦଣ୍ଡାୟମାନ ହୋଇରହିଲେ ସୋମେସ୍ । ତାର ହାବ୍ ଭାବ୍‌ରୁ ସଚିତ ହେଉଥିଲା ଯେପରିକି ଅଶ୍ରୁ ମୋଚନ କରି ତା ଅନ୍ତର ମଧ୍ୟରେ ଉଠିଥିବା ଦୁଃଖର ଘୂର୍ଣ୍ଣିକୁ ପ୍ରଶମିତ କରିବାକୁ ଚେଷ୍ଟା କରୁଥିଲାସେ । କିଛି ସମୟପରେ ଆୟେସା ଉଠି ବୁଲି ପଡିଲା ବେଳକୁ ନିହାତି ଅପ୍ରତ୍ୟାଶିତ ଭାବେ ସୋମେସ୍‌ଙ୍କୁ ସେ ସ୍ଥାନରେ ଦେଖି ଚମକି ପଡିଲାସେ । କିଛି ନକହି ଆଗକୁ ବଢିଲା । ସୋମେସ୍ ତାକୁ ଅନୁସରଣ କଲେ କେବଳ ।

ଆୟେସାର ଅତୀତ ଜୀବନ ଯାହା ଏତେ ଦିନ ଧରି ସୋମେସ୍‌ଙ୍କ ସମ୍ମୁଖରେ ଏକ ଅଭେଦଦୁର୍ଗ ହୋଇ ରହିଥିଲା ତାହା କ୍ରମେ ତାଙ୍କ ଚକ୍ଷୁ ସମ୍ମୁଖରେ ସ୍ପଷ୍ଟହୋଇ ଉଠିଲା । ଧୀରେ ଧୀରେ ସେ ଜାଣିବାକୁ ପାଇଲେ ତା ପିଛିଲା ଜୀବନର ମର୍ମନ୍ତୁଦ କାହାଣୀକୁ ।

ସୋମେସ୍‌ଙ୍କ ମନେ ପଡିଲା ଦିନେ ଆୟେସାର ଅନୁପସ୍ଥିତିରେ ତାର ମା ତାଙ୍କୁ ଏକ ଦୁଃଖ ଭରା କଣ୍ଠରେ କହିଥିଲେ, ଏହି ଏକ ଜିଦିଆ ଝିଅଟାକୁ ଆପଣ ଟିକେ ବୁଝାଇ ଦିଅନ୍ତୁନା ? ଆପଣ ତାକୁ ଖୁବ୍ ଭଲ ଲାଗିଛନ୍ତି । ହୁଏତ ସେ ଆପଣଙ୍କ କଥା ମାନିଯାଇ ପାରେ ।

-"ବୁଝାଇବି ? କଣ ?" ଏକ ପ୍ରଶ୍ନବାଚକ ଦୃଷ୍ଟିରେ ମାଙ୍କ ମୁହଁକୁ ଚାହିଁ ଉତ୍ତର ଦେଇଥିଲେ ସେ ।

-"ଆପଣ କ'ଣ ତା ବିଷୟରେ କିଛି ଜାଣି ନାହାନ୍ତି । ସେ କ'ଣ ତା ମନର ଦୁଃଖ କେବେବି ଆପଙ୍କ ସମ୍ମୁଖରେ ପ୍ରକାଶ କରିନାହିଁ ? ବଡ ଦୁଃଖୀ ମୋର ଝିଅଟି ବିଚରା । ତାର ଦୁଃଖ ଆଜି ସମଗ୍ର ପରିବାରକୁ ଆଚ୍ଛନ୍ନ କରିଛି । କହିଲେ, ମଲାଲୋକ କ'ଣ କେଭେ ଫେରିଆସି ପାରିବ ? ଦୂରରୁ ଆୟେସାକୁ ଆସୁଥିବାର ଦେଖି ଚୁପ୍ ହୋଇଗଲେ ସେ । ସେଦିନ କଥା ସେତିକିରେ ବନ୍ଦ ରହିଲା ।

ମାଙ୍କ କଥାରୁ ସୋମେସ୍ ଜାଣିବାକୁ ପାଇଲେ ନିଶ୍ଚୟ ଆୟେସାର ଅତୀତ ଜୀବନ ସହ ଏକ ଦୁଃଖଭରା କାହାଣୀ ଜଡିତ ଅଛି ।

ସେ କାହାଣୀଟି ଥିଲା ଏହିପରି । ବିଭିନ୍ନ ଦେଶର ଧର୍ମ, ଶାସ୍ତ୍ର ମାନଙ୍କ ସମ୍ବନ୍ଧରେ ଜାଣିବାକୁ ଆୟେସାର ଖୁବ୍ ଆଗ୍ରହଥିଲା । ବିଶେଷକରି କୃଷ୍ଣପ୍ରେମ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ତାକୁ ଅଧିକ ଆକର୍ଷିତ କରିଥିଲା ।

Digitized by srujanika@gmail.com

ଥରେ ଏକ ମ୍ୟାଗାଜିନ୍‌ରେ କୃଷ୍ଣ ପ୍ରେମ ଓ ସେହି କୃଷ୍ଣଙ୍କର ଲୀଳାସ୍ଥଳୀ ଭାରତବର୍ଷର ଦ୍ୱାରିକା, ମଥୁରା, ବୃନ୍ଦାବନ ବିଷୟରେ ବେଶ୍ ସୁନ୍ଦର ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା । ତା ବିଷୟରେ ଆଉ ଅଧିକ କିଛି ଜାଣିବାର ଆଗ୍ରହ ନେଇ ପ୍ରବନ୍ଧଟିର ଲେଖକଙ୍କୁ ସେ ଭେଟିବାକୁ ଇଚ୍ଛାକଲା । ଲେଖାର ତଳେ ପ୍ରକାଶ ପାଇଥିବା ଠିକଣା ଅନୁଯାୟୀ ସେ ଲେଖକଙ୍କୁ ଭେଟିଲେ । ସେ ଭାବିଥିଲା ଧର୍ମଶାସ୍ତ୍ରରେ ଗଭୀର ଜ୍ଞାନଥିବା ଲେଖକ ଜଣଙ୍କ ନିଶ୍ଚୟ ଜଣେ ବୟସ୍କ ବ୍ୟକ୍ତି ହୋଇଥିବେ । ମାତ୍ର ଲେଖକଙ୍କ ସାକ୍ଷାତ ପାଇ ସେ ଆଶ୍ଚର୍ଯ୍ୟ ହେଲା । ସେ ଥିଲେ ଖୁବ୍ କମ୍ ବୟସର ଜଣେ ଯୁବକ । ଦେଖିବାକୁ ବେଶସୁନ୍ଦର, ଉଚ୍ଚ ଶିକ୍ଷିତ ମଧ୍ୟ । ତାଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ତାକୁ ଆକର୍ଷିତ କଲା । ନାନା ଆଳାପ ଆଲୋଚନା ମଧ୍ୟରେ ଦୁଇଜଣଙ୍କର ବହୁବାର ସାକ୍ଷାତ ହେଲା । ଏହାପରେ ସେ ନିଃସଙ୍କୋଚରେ ଦିନେ ଏହାର ଲେଖକ ଅଜ୍ଞେୟଙ୍କୁ ତାଙ୍କ ଘରକୁ ଆସିବାକୁ ନିମନ୍ତ୍ରଣ ଜଣାଇଲା । ଅଜ୍ଞେୟ ମଧ୍ୟ ସାଦରେ ତା ନିମନ୍ତ୍ରଣକୁ ରକ୍ଷା କଲେ ।

ଦିନେ ସନ୍ଧ୍ୟାରେ ଅଜ୍ଞେୟ ତା ନିମନ୍ତ୍ରଣ ରକ୍ଷାକରି ତାଙ୍କ ଘରେ ଉପସ୍ଥିତ ହେଲେ । ତାଙ୍କୁ ନିଜଘରେ ଦେଖି ଆୟେସାର ମନ ଏକ ଅନିର୍ବଚନୀୟ ଆନନ୍ଦରେ ପୂରି ଉଠିଲା । ସେ ଖୁବ୍ ଆଗ୍ରହରେ ଅଜ୍ଞେୟଙ୍କୁ ନେଇ ତାର ବାପା ସହ ପରିଚିତ କରାଇଦେଲା । ଘର ବାହାରେ ଥିବା ବଗିଚାର ଦୁଇଟି ବେତର ଚେୟାର ଉପରେ ବସି ସେମାନେ ନାନା କଥାବାର୍ତ୍ତାରେ ମଜି ଗଲେ । ତାର ବାପା କିଛି ସମୟପାଇଁ ଅଜ୍ଞେୟଙ୍କ ସହ କଥାବାର୍ତ୍ତା ହେଲେ । ତାଙ୍କର କଥା କହିବାର ଢଙ୍ଗ ଓ ପରିମାର୍ଜିତ ବ୍ୟବହାର ତାଙ୍କୁ ଖୁବ୍‌ଭଲ ଲାଗିଲା । ଅଜ୍ଞେୟଙ୍କ ପ୍ରତ୍ୟେକ କଥା ଓ ବ୍ୟବହାରରେ ଫୁଟି ଉଠୁଥିବା ସଂଯମତା, କୋମଳ କଥା ଓ ସୁନ୍ଦରତା ତାଙ୍କୁ ମୁଗ୍ଧ କଲା । ଆଧୁନିକ ଯୁଗରେ କଲେଜ ପାଠପଢା ଯୁବକମାନଙ୍କ ନିକଟରେ ଏପରି ନମ୍ରତା ଓ ଗାମ୍ଭୀର୍ଯ୍ୟତା ସେ ଖୁବ୍‌କମ ଦେଖିଛନ୍ତି । ସେ ଅନୁଭବକଲେ ଏହି ଯୁବକଟିର ବାହ୍ୟରୂପରେ ଯେପରି ସୌନ୍ଦର୍ଯ୍ୟତା ଭରି ରହିଛି ତାର ଅନ୍ତର ମଧ୍ୟରେ ମଧ୍ୟ ସେହିପରି ସୌନ୍ଦର୍ଯ୍ୟ ଭରିରହିଛି । ଫଳ ଭାରରେ ଗଛଟିଏ ନଇଁ ପଡିଲାପରି ଜ୍ଞାନ ଭାରରେ ସେ ନଇଁ ପଡିଛି ।

ଅଜ୍ଞେୟ ମଧ୍ୟ ଏକରି ଏକ ରୁଚିସମ୍ପନ୍ନ ପରିବାର ସହ ପରିଚିତ ହୋଇ ଖୁବ୍ ଖୁସି ହେଲେ । ଆୟେସାର ବାପାଙ୍କର ବୟସ ଯଦିଓ ଅନେକ ବେଶି ହୋଇ ଯାଇଥିଲା, ହେଲେ ବୟସ ତୁଳନାରେ ତାଙ୍କର ଶରୀର ଖୁବ୍ ଦୃଢ ଓ ମଜଭୁତ୍ ଥିଲା । ତାଙ୍କର ମନ ମଧ୍ୟ ଖୁବ୍ ପ୍ରସନ୍ନଥିଲା । ଅନେକ ସମୟ ପର୍ଯ୍ୟନ୍ତ ସେହି ବଗିଚାରେ ବସି ସେମାନେ ନାନା ଆଡୁ ନାନା କଥା ପକାଇଲେ । ସନ୍ଧ୍ୟା ହେବାରୁ ରାତ୍ରୀରେ ଫୁଟୁଥିବା ଫୁଲ ଗୁଡିକ କ୍ରମେ ପାଖୁଡା ମେଲିବାକୁ ଲାଗିଲେ । ସେହି ଫୁଟନ୍ତା ଫୁଲର ସୁବାସ ସାନ୍ଧ୍ୟ ପବନରେ ଖେଳାଇହୋଇ ଆସି ସେମାନଙ୍କୁ ଆମୋଦିତ କଲା । ଚାରିଆଡେ ଯେପରି ଅପୂର୍ବ ଏକ ଶାନ୍ତର ଭାବ ସଞ୍ଚରି ଯାଉଥାଏ । ଶେଷରେ ତାର ମା ଆସି ସୋମାନଙ୍କୁ ରାତ୍ରୀ ଭୋଜନ ପାଇଁ ଡାକିଥିଲା ।

ଫେରିଲାବେଳେ ମମତାଭରା କଣ୍ଠରେ ତାର ମା ଓ ବାବା କହିଲେ, " ତୁମେତ ଏଇ ନିକଟରେ ରହୁଛ । ସମୟ ସୁବିଧା ଦେଖି ଏଠାକୁ ବୁଲିବାକୁ ଆସୁଥିବ । ତୁମ କଥା କେତେଭଲ ଲାଗୁଛି, ତୁମ ସହ କିଛି ସମୟ କଥା ହେଲାପରେ ଲାଗୁଛି ଯେପରି ଆମ ମନରୁ ଦୁଃଖ ପୋଛି

Digitized by srujanika@gmail.com

ହୋଇଯାଇଛି ।'' ବାବା ଓ ମାଙ୍କ କଥା ଶୁଣି ଆୟେୟେସାର ମନ ଆହୁରି ଖୁସିରେ ଭରିଗଲା । ସେ କେବଳ ନୀରବରେ ଥରେ ତାର ବଡବଡ ଆଖି ଦୁଇଟାକୁ ଉଠାଇ ଅଜ୍ଞେୟଙ୍କ ମୁହଁକୁ ଚାହିଁଲା ଓ ପୁଣି ମୁହଁ ତଳକୁ ପୋତିଦେଲା । ତାର ସେହି ନୀରବ ଚାହାଣୀ ମଧ୍ୟରେ ସତେଯେପରି ସେ ଅଜ୍ଞେୟଙ୍କୁ କହିଦେଲା ଦେଖିଲତ ଆମ ମିଳାମିଶାକୁ ଆମ ପରିବାର କେବେହେଲେ ବାଧା ଦେବେ ନାହିଁ । ବାବା ଓ ମାଙ୍କୁ ଏକତ୍ର ନମସ୍କାର କରି, ଆୟେସାର ମୁହଁକୁ ଥରେ ପ୍ରେମଭରା ଚାହାଣୀରେ ଚାହିଁ ସେ ଫେରି ଆସିଲେ ।

ସେହି ଦିନଠାରୁ ଆୟେସାର ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିଲା । ତାକୁ ଲାଗିଲା ସାରା ପୃଥିବୀଟା ଖୁବ୍ ସୁନ୍ଦର । ତାର ଘର ଆଉ ବଗିଚା ମଧ୍ୟ ସବୁଠାରୁ ସୁନ୍ଦର । ତାର ବଗିଚାର ଯେଉଁ ଅଂଶରେ ଅଜ୍ଞେୟ ବସିଥିଲେ ସେଠାରେ କିଛି ସମୟ ଛିଡାହେଲା ସେ ତା ହୃଦୟ ମଧ୍ୟରେ ଏକ ବିଚିତ୍ର ଭାବ ଅନୁଭବ କରେ । ଶ୍ରାବଣର ଘନକୃଷ୍ଣ ମେଘମାଳା, ନଦୀ, ଆକାଶ କୋଳରେ ବିଜୁଳିର ଝଲକ ସବୁ ତା ଦେହରେ ପୁଲକ ଭରିଦେଲା । ବଜ୍ରର ଗୁରୁ ଗମ୍ଭୀର ଗର୍ଜ୍ଜନ ତାତନୁ ମନରେ କେତେ ରଙ୍ଗ ଲେସି ଦେଲା । ଏଣିକି ପ୍ରତିଟି ଦିନ ତାପାଇଁ ସ୍ୱପ୍ନରେ ଭରପୁର ହୋଇ ଉଠିଲା ସେ ସ୍ୱପ୍ନ ଥିଲା ତାର ଅଜ୍ଞେୟଙ୍କୁ ନେଇ ସାରା ଦୁନିଆର ସେ କେବଳ ଗୋଟିଏ ମାତ୍ର ରୂପ ଦେଖିଲା ।

ସୁବିଧାଦେଖି ଅଜ୍ଞେୟ ମଧ୍ୟ ଦିନେ ଆୟେସାକୁ ତାଙ୍କ ନିଜ ଘରକୁ ଡାକିନେଲେ । ବହୁତ ପାଠ ପଢି ଥିଲେ ମଧ୍ୟ ଅଜ୍ଞେୟ ବାପା, ମାଙ୍କର ଖୁବ୍ ବାଧ୍ୟଥିଲେ । ସେ ବାପା ଓ ମାଙ୍କୁ ସାକ୍ଷାତ ଦେବତା ପରି ମାନୁଥିଲେ । ଜେଜେବାପା କହୁଛନ୍ତିଯେ ସେ ତାଙ୍କ ବୟସ ସମୟରେ କିଛି ଦିନ ଭାରତବର୍ଷରେ କଟାଇବାର ସୁବିଧା ପାଇଥିଲେ । ସେହି ସ୍ୱଳ୍ପ ଦିନର ରହଣି ଭିତରେ ଭାରତର ଧର୍ମ, ସଂସ୍କୃତି ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ତାଙ୍କରି ଠାରୁ ଶୁଣିଶୁଣି ଆଖିରେ ସେ ଦେଶକୁ ନଦେଖି ମଧ୍ୟ ସେ ତାର ସଂସ୍କୃତି ବିଷୟରେ ବେଶ୍ କିଛି ଜ୍ଞାନ ଅର୍ଜନ କରି ପାରିଥିଲେ । ସେ ସେହି ଅନୁଯାୟୀ ନିଜକୁ ମଧ୍ୟ ଗଢି ତୋଳିଥିଲେ ।

ତେଣୁସେ ଭାବିଥିଲେ ତାଙ୍କ ବାପା ଓ ମାଙ୍କ ମଧ୍ୟ ଆୟେସାକୁ ପସନ୍ଦ କରିବା ଉଚିତ୍ । ମା ଦେଖିଲେ ତାଙ୍କ ପୁଅ ସାଙ୍ଗରେ ଝିଅଟିକୁ ଧରି ମା ମା ଡାକି ଘର ଭିତରକୁ ପ୍ରବେଶ କରୁଛି । ତାଙ୍କର ଆଖି ସେହି ଝିଅଟି ଉପରେ କିଛି ସମୟ ପାଇଁ ଲାଖି ରହିଲା । ସେ ଝିଅଟିର ହାତ ଧରି ବଡ ସ୍ନେହରେ ଘର ଭିତରକୁ ଟାଣି ନେଲେ । ଝିଅଟିର ନରମ, କୋମଳ କଥା, ତାର ମାର୍ଜିତ ବ୍ୟବହାର ତାଙ୍କ ମନକୁ କିଣି ନେଇଥିଲା । ସେଦିନ ସେ ବାଧ୍ୟକରି ଆୟେସାକୁ ତାଙ୍କ ସହ ଖାଇବାଲାଗି ଅଟକାଇଥିଲେ । ମାଙ୍କ ମୁହଁରେ ଫୁଟି ଉଠିଥିବା ପ୍ରସନ୍ନତାକୁ ଲକ୍ଷ୍ୟକରି ଅଜ୍ଞେୟ ମଧ୍ୟ ମନେମନେ ଆମୋଦିତ ହେଉଥିଲେ ।

ପିଲା ମାନଙ୍କର ନିଷ୍ପତ୍ତି ଦୁଇ ପରିବାରବର୍ଗ ମାନଙ୍କ ମନରେ କୌଣସି ଆଘାତ ସୃଷ୍ଟି କଲା ନାହିଁ । ବରଂ ସେମାନେ ଖୁସିରେ ସେମାନଙ୍କ ବିବାହକୁ ଅନୁମୋଦନ କଲେ ।

ସୁଖ ଦୂରନ୍ତ ଆକାଶର ଏକ ନକ୍ଷତ୍ରପରି, ତାକୁ କେବଳ ଦେଖିହୁଏ ଅନେକ ବର୍ଣ୍ଣରେ, ଅନେକ ରୂପରେ । ଚାହିଁଲେ ଆଖିପାଏ ନାହିଁ, ହାତ ବଢାଇଲେ ହାତପାଏନାହିଁ । ଆଶା

Digitized by srujanika@gmail.com

ଆଶଙ୍କାର ସୁଅ ସେ କେବଳ ମଣିଷକୁ ଭସାଇନିଏ, ସେହି ସୁଖର ଦୋଳାରେ ଆୟେସାର ମନଟି ଦୋଳାୟମାନ ହେଉଥିଲା ।

କେତେ ନିରୋଳା ସନ୍ଧ୍ୟା ସେମାନେ ସମୁଦ୍ର କୂଳରେ ବାଲି ଉପରେ ବୁଲି ବୁଲି କଟାଇଥିଲେ । ସନ୍ଧ୍ୟାର ସେହି ଗୋଧୂଳି ଆକାଶ ଓ ନୀଳ ଲହରୀ ଭରା ଅଶାନ୍ତ ସମୁଦ୍ର ଯେଉଁଠି କୋଳା କୋଳି ହେଉଛନ୍ତି ତାକୁ ଦେଖି ପୁଲକିତ ହେଲେ । କେତେ ଚନ୍ଦ୍ରଲୋକଭରା ରଜନୀ ସେମାନେ ନଦୀର ବାଲିଭରା ପଠାରେ କଟାଇଥିଲେ । ଅଜ୍ଞେୟଙ୍କର ତା ପ୍ରତିଥିବା ସ୍ନେହ ଓ ପ୍ରେମ ମିଶ୍ରିତ ଭାବଟି ତାକୁ ଆମୋଦିତ କଲା । ଅଜ୍ଞେୟଙ୍କ ହୃଦୟଭରା ପ୍ରେମ ତା ହୃଦୟରେ ଅସୀମ ଶକ୍ତି ଭରିଦେଲା । ସେ ଭାବିନେଲାଯେ ଆଙ୍କରି ସହ ଜୀବନଭରି ଗୋଟିଏ ରାସ୍ତାରେ ବାଟ ଚାଲିଲେ ସେ ନିଶ୍ଚୟ ଶାନ୍ତି ପାଇପାରିବ ।

ଆୟେସାର ଆକର୍ଷଣୀୟ ଚେହେରା ଓ ତାର ବଡ ବଡ କଳାକଳା ସ୍ୱପ୍ନଭରା ଆଖି ଦୁଇଟି ଅଜ୍ଞେୟଙ୍କୁ ସତେ ଅବା ବାନ୍ଧି ପକାଇଲା । ସୌନ୍ଦର୍ଯ୍ୟମୟୀ ଝିଅତ ସେ ଏହି ସହରରେ ଅନେକ ଦେଖିଛନ୍ତି । ହେଲେ ସେମାନଙ୍କ ଆଖିରେ ଫୁଟି ଉଠୁଥିବା କାମନା, ଲାଳସାର ଚିହ୍ନ ଏ ଝିଅଟିର ପାଖରେ ନାହିଁ । ତାହା ପରିବର୍ତ୍ତେ ଅନ୍ୟର ହୃଦୟକୁ ଚିହ୍ନିବାର ଏକ ଶକ୍ତି ଏହାର ଦୁଇ ଆଖିରେ ଭରି ରହିଛି । ତାର ଅନ୍ତର ମଧ୍ୟରେ ପବିତ୍ରତାର, ସରଳତାର ଯେଉଁ ସ୍ରୋତ ସୁନ୍ଦର ସାବଲିଳ ଗତିରେ ପ୍ରବାହିତ ହେଉଛି, ତାହାତାର କଥାକୁହା ଆଖି ମାଧ୍ୟମରେ ପରିପ୍ରକାଶ ଘଟିଛି ଅବା । ଆୟେସାପରି କେଉଁ ଝିଅର ଅନ୍ତର ମଧ୍ୟରେ ଏପରି ଅମାପ ସୌନ୍ଦର୍ଯ୍ୟ ଭରିରହିଛି ତାହା ତାଙ୍କତ ଦୃଷ୍ଟିକୁ ଆସିନାହିଁ । ତାଛଡା ଏହି ଅଳ୍ପ ବୟସର ଝିଅଟିର ପ୍ରତ୍ୟେକ ବିଷୟରେ ରହିଛି ଗଭୀର ଜ୍ଞାନ ଯାଦ୍ୱାରା ସେ ଅନାୟାସସେ ଆୟେସା ପ୍ରତି ଆକୃଷ୍ଟ ହୋଇ ପଡିଲେ ।

ଦୁଇଟି ମନ, ଦୁଇଟି ହୃଦୟ କ୍ରମେ ଏକ ହେଲା, ଜୀବନଭରି ଏକାରାସ୍ତାରେ ଚାଲିବାକୁ ସେମାନେ ଶପଥ ନେଲେ । ଠିକ୍ ଏହି ସମୟରେ ହଠାତ୍ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଗଲା । ଏକ ଗୁରୁତର କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହେଲେ ଅଜ୍ଞେୟ । ପ୍ରଚୁର ଅର୍ଥବ୍ୟୟରେ ସହରରେ ଅଭିଜ୍ଞ ଡାକ୍ତର ଓ ଆଧୁନିକ ବିଜ୍ଞାନୋନ୍ନତ ଚିକିତ୍ସା ପ୍ରଣାଳୀ ଅଜ୍ଞେୟ ତାଙ୍କର ଜୀବନ ଫେରାଇ ଦେଇଥିଲେ ସତ ମାତ୍ର ସେ ହରାଇ ବସିଥିଲେ ସାମର୍ଥ୍ୟ ପୁରୁଷର ସବୁକିଛି, ପୌରୁଷକୁ, ପୁରୁଷର ପୁରୁଷତ୍ୱକୁ । ଆୟେସାର ସୁଖ ସ୍ୱପ୍ନ ସବୁ ତୁଟିଗଲା, ସୁଖର ରାତି ପାହିଗଲା ଓ ଦୁଃଖର ଦିନ ଘନେଇ ଆସିଲା । ହେଲେ ଆୟେସା ସୁଖଲୋଭି ନଥିଲା । କର୍ତ୍ତବ୍ୟବୋଧହିଁ ତା ସମ୍ମୁଖରେ ଥିଲା ସବୁଠାରୁ ବଡ । ଅଜ୍ଞେୟଙ୍କର ଏ ଘୋର ଦୁର୍ଦ୍ଦିନରେ ତାଙ୍କୁ ଦୁଃଖର ସାଗର ମଧ୍ୟରେ ନିମଗ୍ନ କରାଇ ତାଙ୍କ ଜୀବନ ପରିଧି ମଧ୍ୟରୁ ଦୂରେଇ ଯିବା ମାନବିକତାର କାର୍ଯ୍ୟ ହେବ ନାହିଁ ବୋଲି ଆୟେସା ଅନୁଭବ କରିଥିଲା । ତାଜୀବନରେ ଆଉ କିଛି ନହେଲେ ହେଁ ଅଜ୍ଞେୟପରି ଦରଦୀ, ସେହ୍ନୀ ବନ୍ଧୁଟିଏତ ପାଇଯିବ । ସୁଖ ଏବଂ ସୌଭାଗ୍ୟ ପୂର୍ଣ୍ଣ ମୁହୂର୍ତ୍ତ ଅପେକ୍ଷା ଦୁଃଖ ଆଉ ଦୈନ୍ୟ ପ୍ରତିଟି ମୁହୂର୍ତ୍ତରେ ସ୍ୱାମୀକୁ ସଙ୍ଗଦାନ କରିବା ଏକ ଉତ୍ତମ ସ୍ତ୍ରୀର ପବିତ୍ର ଆଉ ପ୍ରଧାନ କର୍ତ୍ତବ୍ୟ, ପିତା, ମାତା ଏବଂ ଆତ୍ମୀୟ ସ୍ୱଜନ ମାନଙ୍କ ତାଡନା ସତ୍ତ୍ୱେ ସେ ତା ନିଷ୍ପତ୍ତିରେ ଅଟଳ ରହିଲା । ବିବାହ କରିବା ଯଦି ଦରକାର ତାହାଲେ ସେ ଅଜ୍ଞେୟଙ୍କୁ ହିଁ ବିବାହ କରିବ ।

Digitized by srujanika@gmail.com

ଅଜ୍ଞେୟଙ୍କ ଜୀବନରେ ଘଟି ଯାଇଥିବା ସେହି ଦୁଃଖଦ ଘଟଣାଟି ତାଙ୍କ ମସ୍ତିଷ୍କକୁ ସବୁ ସମୟରେ ଭାରକ୍ରାନ୍ତ କରି ରଖିଥିଲା । ବିବାହ ପୂର୍ବରୁ ଏପରି ଏକ ଆକସ୍ମିକ ଧକ୍କା ତାଙ୍କ ମନକୁ ଦୋହଲାଇ ଦେଇଥିଲା । ଆୟେସାର ସଙ୍ଗଲାଭ କରି ବିବାହୋରର ଦିନଗୁଡ଼ିକୁ ରଙ୍ଗୀନ୍ କରି ତୋଳିବା ସ୍ୱପ୍ନରେ ସେ ବିଭୋର ହୋଇଥିଲା ବେଳେ ହଠାତ୍ ତାଙ୍କ ସବୁ ସ୍ୱପ୍ନ ପାଖୁଡ଼ା ପାଖୁଡ଼ା ହୋଇ ଝରିଗଲା । ନିହାତି ନିଃସଙ୍ଗ ଭାବେକ ଯନ୍ତ୍ରଣା ଜର୍ଜରିତ ହୋଇ ଜୀବନ କାଟୁଥିଲା ବେଳେ ଆୟେସାର ଦୃଢ଼ ନିଷ୍ପତ୍ତି ତାଙ୍କ କାନକୁ ଗଲା । ଚମକି ଉଠିଲେ ସେ । ଏକି ପ୍ରକାର ନିଷ୍ପତ୍ତି ନେଲା ଆୟେସା .... !! ଏହା କ'ଣ କେବେ ସମ୍ଭବ.... !!! ନା..ନା..ନା... । ବିବାହପରେ ସେ ବା ଆୟେସାକୁ କ'ଣ ଦେଇ ପାରିବେ ? ସେ ଯେ ଆଜି ଶୂନ୍ୟ... । ଏପରି ଏକ ବିଡମ୍ବିତ ବୈବାହିକ ଜୀବନ କେତେଦିନ ଅବା ତିଷ୍ଠିବ ? କେତେଦିନ ଅବା ଆୟେସା ତାର ନାରୀ ମନର କାମନା, ବାସନା ଉପରେ ପଥର ଚାପ ଦେଇ ରହିବ ? ନା..ନା.. ଏ ଯନ୍ତ୍ରଣା ଯେ ବଢ଼ି ପଡ଼ିବ, ଏହାଛଡ଼ା ଜଣେ ସରଳା, ନିଷ୍ପାପ ଝିଅଟିକୁ ସେ କାହିଁକି ତାଙ୍କ ଯନ୍ତ୍ରଣା ଜର୍ଜରିତ ଜୀବନର ପରିଧି ମଧ୍ୟକୁ ଟଣି ଆଣିବେ । ଯଦିଓ ଆୟେସାର ସେହି ସୁନ୍ଦର, ମୁଖମଣ୍ଡଳରେ ଦୃଷ୍ଟିଥାପି, ଅତୀତର ସେହି ସୁଖଭରା ଦିନ ଗୁଡ଼ିକ ସ୍ମୃତିଚାରଣରେ ସେ କିଛିଟା ଆନନ୍ଦ ଅନୁଭବ କରିଥାଆନ୍ତେ, ତଥାପି ନିଜସୁଖ ପାଇଁ ଅନ୍ୟସୁଖକୁ ବଳିଦେବାକୁ ସେ ଚାହୁଁନଥିଲେ । ଦୃଢ଼ଭାବରେ ସେ ଆୟେସା ସହ ବିବାହକୁ ପ୍ରତ୍ୟାଖାନ କରିଥିଲେ ।

ଅଭିମାନରେ ଭାରି ହୋଇ ଉଠିଥିଲା ଆୟେସାର ସୁନ୍ଦର, କୋମଳ ମନଟି । ସମସ୍ତ ଆଶା, ଭରସା, ଅବଲମ୍ବନ ହରାଇ ବଞ୍ଚିବାହିଁ ତା ପ୍ରତି ଦୁର୍ବିସହ ହୋଇ ପଡ଼ିଲା । ହୃଦୟ ମଧ୍ୟରେ ଯିଏ ଥରେ ଆସନ ପାତି ବସିଥାଏ, ତାହାକୁ ପାଶୋରି ଦେବା ସେତେ ସହଜ ନୁହେଁ ।

ଦିନେ ଅଜାଣତରେ ତାର ଗୋଡ ତାକୁ ଟାଣି ନେଲା ସେହି ନଈ କୂଳକୁ ଯେଉଁ ନଈକି ଥିଲା ସେମାନଙ୍କ ପ୍ରଥମ ମିଳନର ମୂକସାକ୍ଷୀ, ଦିନେ ନଦୀ କୂଳରେ ବୁଲି ବୁଲି ପ୍ରବହମାନ ଜଳରାଶିର ଆପାସୋରା ସଙ୍ଗୀତ ଶୁଣି ଶୁଣି ସେମାନେ ମୁଗ୍ଧ ହେଉଥିଲେ । ନଦୀର ତଟସ୍ଥ ବିସ୍ତୃତ ଶ୍ୟାମଳ ବନଭୂମି, ଉପରେ ବିସ୍ତାରିତ ଆକାଶର ବର୍ଣ୍ଣାଢ୍ୟଶୋଭା ଥିଲା ସେମାନଙ୍କର ପ୍ରଣୟର ମୂକସାକ୍ଷୀ ।

ଦୂର ଆକାଶରେ ଭାସମାନ ବାଦଲଖଣ୍ଡ କେତୋଟି ମଥାନତ କରି ଭାସି ଚାଲିଥିଲେ । ଏକାକୀ ବସିରହି ଅତୀତର ସେହି ଅପାସୋରା ସ୍ମୃତି ଗୁଡ଼ିକୁ ସାଉଁଟୁ ଥିଲେ ସେ । ଆଖିରୁ ତାର ଟପ୍ ଟପ୍ ହୋଇ ଝରି ପଡୁଥିଲା ଲୁହର ଧାରା ।

ଆୟେସା ସହ ସମସ୍ତ ସମ୍ପର୍କ ଛିନ୍ନ କରି, ବିବାହକୁ ପ୍ରତ୍ୟାଖାନ କରି ଅଜ୍ଞେୟ ମଧ୍ୟ କମ୍ କଷ୍ଟରେ ଦିନ କାଟୁନଥିଲେ । ମୋଟ ଉପରେ ସେହି ଦୁର୍ଘଟଣା ତାଙ୍କର ସମଗ୍ର ଜୀବନକୁ ଏକ ବିୟୋଗାନ୍ତକ, ଅଶ୍ଳୀଳ କାବ୍ୟରେ ପରିଣତ କରିଥିଲା । ସେଦିନର ସେହି ଭରାର୍ଣ୍ଣ ଅପରାହ୍ଣରେ ସେ ମଧ୍ୟ ଟାଣି ହୋଇ ଯାଇଥିଲେ ବେଣ୍ଟି ନଦୀର ବାଲୁକାଶଯ୍ୟା ନିକଟକୁ । ନଦୀଶଯ୍ୟାରେ ବାଲିକୁ ମୁଠା ମୁଠା କରି ହାତରେ ଧରି ସେ ଅନୁଭବ କରୁଥିଲେ ତାଙ୍କ ପ୍ରଣୟିନୀର ମଧୁର ସ୍ମୃତିକୁ, ଅଳ୍ପ ଦୂରରେ ଚିନ୍ତାମଗ୍ନ ଆୟେସା ହଠାତ୍ ଅଜ୍ଞେୟଙ୍କୁ ଦେଖି ପକାଇ ଏକ

Digitized by srujanika@gmail.com

ପ୍ରକାର ଦୌଡି ଦୌଡି ତାଙ୍କ ନିକଟରେ ପହଞ୍ଚିଗଲା । ଆୟେସାକୁ ସମ୍ମୁଖରେ ଦେଖି ଭୂତ ଦେଖିଲାପରି ଚମକି ପଡିଲେ ଅଜ୍ଞେୟ । ତାଙ୍କୁ ବୋଧହେଲା ସୂର୍ଯ୍ୟଙ୍କର ମହାକର୍ଷଣ ବଳରେ ଆକର୍ଷିତ ହୋଇ ତାଙ୍କ ଚତୁଃଦିଗରେ ଘୂରୁଥିବା ପୃଥିବୀଟା ହଠାତ୍ ଯେପରି ତାର ପଥରେ ଅଟକି ଗଲା ।

କାନ୍ଦି କାନ୍ଦି ଆୟେସା କହିଲା, ଆଉ କେତେ ଦିନ ମତେ ଦଣ୍ଡଦେଲେ ତୁମମନ ଶାନ୍ତିହେବ । କୁହ ଅଜ୍ଞେୟ କୁହ । ମୋ ପ୍ରଶ୍ନର ଉତ୍ତର ଦିଅ ।

''ନା ଆୟେସା ନା'', ମୁଁ କୌଣସି ଦିନ ଏପରି କାର୍ଯ୍ୟ କରିବି ନାହିଁ । ଗଡି ଆସୁଥିବା ଲୁହ ଧାରାକୁ ବଡ କଷ୍ଟରେ ଆଖି କୋଣରେ ଢାକିଦେଇ ଦୃଢଭାବେ ଉତ୍ତର ଦେଲେ ସେ ।

-'' କାହିଁକି , କାହିଁକି ତୁମର ଏ ଜିଦି । ମୁଁ ସବୁ ବୁଝିଛି । ମୁଁ ତୁମ ଠାରୁ କିଛି ଚାହେଁ ନାହିଁ । ଚାହେଁ ନିର୍ମଳ ବନ୍ଧୁତ୍ୱ । ବନ୍ଧୁତ୍ୱ ଆଶା, ଆଶ୍ୱାସନା ମଧ୍ୟରେ, ଦୁଃଖର ଅନ୍ଧାରରେ ତୁମେ ସଳିତାଟିଏ ହୋଇ ମତେ କେବଳ ପଥ ଦେଖାଇବ କଥାଦିଅ । ତାଙ୍କର ଗୋଟିଏ ହାତକୁ ତା ହାତମୁଠା ମଧ୍ୟରେ ଧରି ରଖି ତାଙ୍କ ଠାରୁ ଉତ୍ତର ଚାହୁଁଥିଲା ଆୟେସା । କି ଉତ୍ତର ଦେବେ ଅଜ୍ଞେୟ ?

ନିର୍ବାକ, ନିଷ୍ପନ୍ଦ ଭବେ ସେ କେବଳ ଛିଡାହୋଇ ରହିଲେ ।

ଏ ପର୍ଯ୍ୟନ୍ତ ତାଙ୍କ ହାତ ଆୟେସାର ହାତମୁଠା ଭିତରେ ରହିଥିଲା । ଆୟେସା ନିଜ ହାତମୁଠାକୁ ଆହୁରି କଠିନ କରି ଲୁହ ଭରା ଆଖିରେ କହୁଥିଲା, ''ମତେ କଥା ଦିଅ ଅଜ୍ଞେୟ, ମତେ କଥା ଦିଅ, ମତେ ଅସହାୟ କରି କୁଆଡେ ଯିବ ତମେ ?''

ଅଜ୍ଞେୟଙ୍କ ହୃଦୟରେ ସେତେବେଳେ ତୁମୁଳ ଝଡ ଉଠୁଥିଲା । ଆଉ ତାଙ୍କର ଚେହେରାରେ ଫୁଟିଉଠୁଥିଲା ଅସହାୟତା, ବ୍ୟାକୁଳତା । ଜୀବନର ଅନ୍ୟ ନାମତ ଯନ୍ତ୍ରଣା, ସେହି ଯନ୍ତ୍ରଣା ଭିତରେ ବଞ୍ଚିରହିବା ମଣିଷର ଧର୍ମ । ତଥାପି ନିଜ ହୃଦୟରେ ଅସୀମ ଧୈର୍ଯ୍ୟ ସଞ୍ଚୟ କରି ଆୟେସାର ମଥାରେ ଧୀରେ ଧୀରେ ହସ୍ତ ସଞ୍ଚାଳନକରି ସେ କହିଲେ, '' ଏହା କ'ଣ ସମ୍ଭବ ଆୟେସା । ତୁମେ ଅଦୃଷ୍ଟ ପାଖରେ ଆତ୍ମସମର୍ପଣ କର ।

-''କାହିଁକି ନୁହେ, କାହିଁକି ନୁହେ ?'' ଖୁବ୍ ଦୃଢ ଭାବରେ ଏତକ କହି ଆକୁଳ ଆବେଗରେ କାନ୍ଦି କାନ୍ଦି ସେ ଅଜ୍ଞେୟଙ୍କର ବକ୍ଷଲଗ୍ନା ହୋଇ ଢଳି ପଡିଲା ।

ସନ୍ଧ୍ୟାର ଆକାଶରେ ଫୁଟି ଉଠୁଥିବା ତାରା ଫୁଲ କେପେଟି ଦୁଇ ପ୍ରତାୟୀ ଯୁଗଳଙ୍କର ଏହି ବିୟୋଗାନ୍ତକ ନାଟକକୁ ନିବିଷ୍ଟ ଭାବେ ଅବଲୋକନ କରୁଥିଲେ ।

ବହୁ କଷ୍ଟରେ ବକ୍ଷ ସଂଲଗ୍ନା ଅଶ୍ରୁମୁଖୀ ଆୟେସାକୁ ନିଜ ଠାରୁ ଅଲଗା କରି ତାକୁ ଘରେ ଛାଡିଦେଇ ଆସିଲେ ଅଜ୍ଞେୟ । ନିଜର ବିକଳାଙ୍ଗ ଜୀବନ ପରିଧିରୁ ଆୟେସା କୁ ଦୂରକରିବାକୁ ହେଲେ...କିଛି ଚିନ୍ତା କଲେ ସେ ।

କୋଳାହଳମୟ ଦିବସର ଆଲୋକ କ୍ରମେ ଲିଭି ଲିଭି ଆସୁଥିଲା ।

Digitized by srujanika@gmail.com

ଚିନ୍ତାକୁଳ ଭାବେ ଆୟେସା ବସି ରହି ତାଜୀବନରେ ଦେଖାଦେଇଥିବା ଦୁଃଖଦ ପରିସ୍ଥିତି ସମ୍ପର୍କରେ ଭାବୁଥିଲା । ଆଜି ତା ଆଖିରେ ଅଶ୍ରୁ ନାହିଁ, ମନତଳେ ନାହିଁ ବେଦନା ବୋଧର ଦୀର୍ଘଶ୍ୱାସ । ମଣିଷ ମାତ୍ରେ ହିଁ ପରିସ୍ଥିତିର ଦାସ । ପରିସ୍ଥିତି ସହ ନିଜକୁ ଖାପ ଖୁଆଇ ସବୁଦୁଃଖ ଭିତରୁ ସେ ସୁଖକୁ ହିଁ ସାଉଁଟି ଦେବ । ସେ ସୁଖ ହେଉଛନ୍ତି ଅଜ୍ଞେୟ, ତାଙ୍କର ସାହଚର୍ଯ୍ୟ ।

ହଠାତ୍ ହସପିଟାଲରୁ ଫୋନ ଆସିଲା, ବସିଲା ଠାରୁ ସେମିତି ସେହି ଅବସ୍ଥାରେ ଉଠିଗଲା ଆୟେସା । ଗଲାବେଳକୁ ସବୁ ଶେଷ ହୋଇ ଯାଇଥିଲା ।

ଅଜ୍ଞେୟଙ୍କ ଜଡ଼ଶରୀରଟି ହସପିଟାଲର ସଫେଦ ବିଛଣା ଉପରେ ପଡିରହିଥିଲା । ପ୍ରାଣପକ୍ଷୀଟି ପଞ୍ଜୁରୀ ଛାଡି ଉଡି ଯାଇଥିଲା । ସେହି ମୃତ ଶରୀରଉପରେ ଲୋଟି ପଡିଲା ଆୟେସା । କାନରେ କେବଳ ବାଜିଥିଲା ଡାକ୍ତରଙ୍କ ପଦୁଟିଏ କଥା ''ତୀବ୍ର ବିଷର ପ୍ରତିକ୍ରିୟାରୁ ତାଙ୍କୁ ରଖିବା କଷ୍ଟକର ହୋଇ ପଡିଲା'' ଅଜ୍ଞେୟ ତାହାଲେ ସୁଇସାଇଡ୍ କଲେ । ଆଉ କିଛି ଭାବି ପାରି ନଥିଲା ସେ । ତାର ସଞ୍ଜ୍ଞାହୀନ ଶରୀର ଢଳିପଡିଲା ସେଇଠି । କେତେଦିନ ସେ ଏମିତି କଟାଇଛି ତାର ହିସାବ ସେ ରଖିନାହିଁ କି କାହାକୁ ମଧ ପଚାରି ନାହିଁ । ତଥାପି ଏତିକି ମାତ୍ର ଜାଣିଥିଲା ସ୍ୱାଭାବିକ ଅବସ୍ଥା ଫେରିପାଇବା ପାଇଁ ତାକୁ ଅନେକ ଦିନ ଲାଗିଥିଲା ।

ଭିତର, ବାହାର ଚାରିଆଡେ ତାର ଶୂନ୍ୟତାର ଢେଉ ମୁଣ୍ଡ ପିଟୁଥିଲା ହଜିଯାଇଥିବା ତାଜୀବନର ସବୁ ସୁଖସ୍ୱପ୍ନ ।

ଏକ ଅମଳିନ ଦୀପ ଶିଖାପରି ଅଜ୍ଞେୟଙ୍କ ପବିତ୍ର ସ୍ମୃତି ତା ହୃଦୟ ମଧରେ ଅହରହ ଜଳୁଥିଲା । ସେହି ସ୍ମୃତିକୁ ପାଥେୟ କରି ସେ ବଞ୍ଚିବାକୁ ଚେଷ୍ଟାକଲା

ଏହିପରି ଏକ ଦୁଃଖଦ ପରିସ୍ଥିତି ମଧ୍ୟରେ ସେ ଗତି କରୁଥିଲା ବେଳେ ତାର ଜଣେ ବନ୍ଧୁ ତା ହାତରେ ଟେକି ଦେଇଥିଲେ ଭାରତୀୟ ଦର୍ଶନର ସର୍ବଶ୍ରେଷ୍ଠ ଅବଦାନ ଶ୍ରୀମଦ୍ ଭଗବଦ୍ ଗୀତା, ଯାହାକୁ ଅଧ୍ୟୟନ କରି ସେ ଜୀବନକୁ ଚିହ୍ନିଥିଲା, ଜାଣିଥିଲା । ଗୀତାର ପ୍ରତ୍ୟେକ ପଂକ୍ତି ହିଁ ତାକୁ ସମ୍ମୋହିତ କରିଥିଲା । ବଞ୍ଚିବା ପାଇଁ ପଥ ଦେଖାଇଥିଲା । ତା ମନରେ ବାରମ୍ବାର ପ୍ରତିଫଳିତ ହେଉଥିଲା-

ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ, ଶୀତୋଷ୍ଣ ସୁଖ ଦୁଃଖଦାଃ,
ଆଗମାବାୟିନୋନିତ୍ୟା, ସ୍ତାଂସ୍ତିତିକ୍ଷସ୍ୱ ଭାରତ ।

ଇନ୍ଦ୍ରିୟର ବଶବର୍ତ୍ତୀ ହୋଇ ମନୁଷ୍ୟ ସୁଖ, ଦୁଃଖ ଭୋଗ କରେ । ଯାହା ସବୁ ଅନିତ୍ୟ ସେଥିରେ ବିଚଳିତ ହେବା ଆଦୌ ଉଚିତ୍ ନୁହେଁ ।

ସେହିଦିନ ଠାରୁ ଦର୍ଶନ, ବେଦ, ବେଦାନ୍ତ ଓ ଧର୍ମଶାସ୍ତ୍ର ପଢିବା, ନୂଆ ନୂଆ ଗବେଷଣା ମଧ୍ୟରେ ହଜିଯିବାରେ ସେ, ନିଜକୁ ଅଧିକ ଭାବରେ ନିୟୋଜିତ କରିଥିଲା । ସେ ଠିକ୍ କଲା ସେ ବଞ୍ଚିବ, ବୌଦ୍ଧିକ ଜୀବନ ମଧ୍ୟରେ ହିଁ ବଞ୍ଚିବ । ସାଙ୍ଗ, ସାଥୀ, ପାଟି, ପିକ୍‌ନିକ୍ କୌଣସି ପ୍ରତି ଆକର୍ଷଣ ନରଖି ସେ ନିଜ ଭିତରେ ହିଁ ବୁଡି ରହିଲା । ଆତ୍ମମଗ୍ନ ମଣିଷ ଟିକୁଯେ ଦୁଃଖ ଛୁଇଁ ପାରେନାହିଁ ।

Digitized by srujanika@gmail.com

ଏତେ କମ୍ ବୟସରେ ଆୟେସାର ଜୀବନ ଉପରେ ବହି ଯାଇଥିବା ଝଡ ସୋମେସଙ୍କ ହୃଦୟକୁ ମଧ୍ୟ ଚହଲାଇ ଦେଇଥିଲା । ଆୟେସାକୁ ଶାନ୍ତ୍ୱନା ଦେବାକୁ ଯାଇ ନିହାତି ଅନ୍ତରଙ୍ଗ ସ୍ୱରରେ କହିଲେ, " ମଣିଷ ତା ଜୀବନରେ ବହୁ କିଛି କରିବାର ସ୍ୱପ୍ନ ଦେଖିଥାଏ । ମାତ୍ର ନିହାତି ଅଚାନକ ଭାବେ ମୃତ୍ୟୁ କେତେବେଳେ ପାଦ ଚିପି ଚିପି ତା ନିକଟରେ ପହଞ୍ଚି ଯାଏ ସେ ଜାଣି ପାରେନା । ହଠାତ୍ ମୃତ୍ୟୁର ଶୀତଳ ପଦଧ୍ୱନୀ ଶୁଣି ତାର ସ୍ୱପ୍ନ ତୁଟିଯାଏ, ଆଶା ଝରିଯାଏ, ମହାକାଳର ଇଂଗିତରେ ସେ ସେହି ଅଜଣା ରାଜ୍ୟକୁ ଚାଲିଯାଏ ।

ଅନନ୍ତ ସମୁଦ୍ର ବକ୍ଷରେ ଅନେକ ଢେଉ ଉଠେ । ସବୁ ଢେଉ ବେଳାଭୂମିକୁ ସ୍ପର୍ଶ କରିବାର ଦୁର୍ବାର କାମନା କରିଥାନ୍ତି । ମାତ୍ର ସବୁ ଢେଉ ଯେପରି କୂଳ ଛୁଇଁ ପାରନ୍ତି ନାହିଁ । ସେମିତି ମଣିଷର ଆଶର ସମୁଦ୍ରରେ ଉଠିଥିବା ସବୁ ଢେଉ ପରିପୂର୍ଣ୍ଣତାର କୂଳ ଛୁଇଁ ପାରନ୍ତି ନାହିଁ । ତୁମେ ସେ ସବୁ ମନରୁ ପୋଛି ପକାଅ । ତୁମର ଗବେଷଣା ଓ ନୂତନ ଜ୍ଞାନ ଆହରଣରେ ନିଜକୁ ହଜାଇ ଦିଅ । ତାହାହିଁ ତୁମକୁ ବଞ୍ଚିବାପାଇଁ ଖୋରାକ ଯୋଗାଇବ । ସେହିଦିନ ଠାରୁ ଆୟେସା ପ୍ରତି ତାଙ୍କ ମନରେ ଥିବା ସମସ୍ତ ଦୁର୍ବଳତାକୁ ସେ ପୋଛି, ଫିଙ୍ଗି ଦେଇଥିଲେ । ଆଉ ତାକୁ ମନେ କରିଥିଲେ ସ୍ନେହମୟୀ ଭଗିନୀ ବୋଲି ।

ଚିଆପସ୍‌ଙ୍କ ଜୀବନରେ ଏହାପରେ ଶେଷ ଅଧ୍ୟାୟ ଥିଲା ପିରାମିଡ୍ ନିର୍ମାଣ ମୂଳରେ ଜଡିତଥିବା ରହସ୍ୟମୟ କାହାଣୀର ଶେଷ ଦୃଶ୍ୟ ।

ମେମ୍ଫିସୋ ନଗରୀର ଆକାଶରେ ସେଦିନ ଦୁର୍ଦ୍ଦିନର କଳାମେଘ ଘୋଟି ଯାଉଥିଲା । ସମସ୍ତଙ୍କ ମୁହଁରେ ଥିଲା ଭୟ ଓ ଆତଙ୍କର ଚିହ୍ନ । ଫାରୋ ଚିଆପସ୍‌ଙ୍କର ଜୀବନର ଆଶା ଖୁବ୍ କ୍ଷୀଣ ଥିଲା । କେଉଁ ଏକ ଦୁଃଖଦ ମୁହୂର୍ତ୍ତରେ ଯେ ତାଙ୍କର ଜୀବନ ଦୀପଟି ଲିଭିଯିବ ସେଥିପାଇଁ ତାଙ୍କର ପାତ୍ର, ମନ୍ତ୍ରୀ ଓ ଅମାତ୍ୟ ବର୍ଗ ଚିନ୍ତିତ ଥିଲେ । ଧରାକୁ ସରା ମନେକରୁଥିବା ସମ୍ରାଟ ଚିଆପସ୍ ଆଜି ମୃତ୍ୟୁର କବଳରେ କବଳିତ । ମୃତ୍ୟୁ ତାର ଶୀତଳ ହାତ ବଢାଇଛି, ସମ୍ରାଟଙ୍କୁ କବଳିତ କରିବାପାଇଁ । ମୃତ୍ୟୁ ଯେ ଏକ ଦୁନିର୍ବାର ଅଲଂଘ୍ୟ ସତ୍ୟ ଏହା ଜାଣି ସୁଦ୍ଧା ଚିଆପସ୍ ଚାହାନ୍ତି ଯେ ଯେପରି ହେଉ ବଞ୍ଚିବେ । ଆହୁରି ଅନେକ ଦିନ ବଞ୍ଚିରହି ସେ ଏହି ସୁନ୍ଦର, ଆଲୋକିତ ପୃଥିବୀକୁ ଉପଭୋଗ କରିବେ । ଯୌବନ ସମୟରେ ଯାହାର ପ୍ରତିଟି ପଦଘାତ ସମଗ୍ର ମିଶରକୁ ଭୀତ, ଆତଙ୍କିତ କରିରଖୁଥିଲା, ଜୀବନର ଉତ୍ତୀର୍ଣ୍ଣ ପାଦରେ ଆଜି ସେ ଅହେତୁକ ଭାବେ ଭୀତ, ଆତଙ୍କିତ । ସେ ଆତଙ୍କ ଭିତରେ ଲୁଚି ରହିଛି ବଞ୍ଚି ରହିବାର ଏକ ସ୍ୱର । ସେ ଚାହାନ୍ତି ବଞ୍ଚିରହିବାକୁ ଅନନ୍ତ କାଳ ପାଇଁ । କାରଣ ଯେ ମିଶରର ଫାରୋ, ଦେବତାଙ୍କ ସନ୍ତାନ । ମୃତ୍ୟୁ ତାଙ୍କର ଅସମ୍ଭବ । ନା, ନା ସେ ବଞ୍ଚିବେ, ତାଙ୍କର ମମି ମଧ୍ୟରେ ହିଁ ବଞ୍ଚିବେ । ବହୁପୂର୍ବରୁ ଚିଆପସ୍ ତାଙ୍କ ମନର କଥା ବ୍ୟକ୍ତ କରିଥିଲେ । ମୃତ୍ୟୁପରେ ତାଙ୍କ ଶବକୁ ମମି ତିଆରି ପଦ୍ଧତିରେ ମମି ତିଆରି କରାଯିବ । ତାଙ୍କ ସହ ସହଗାମୀ ହେବେ ତାଙ୍କର ରୂପସୀ ରାଣୀ ମାନେ, ଅନେକ ଦାସଦାସୀ, ରାଜ କର୍ମଚାରୀ ଆଉ ରାଜ୍ୟର ଶ୍ରେଷ୍ଠ ବୈଜ୍ଞାନିକ ମାସାର୍ଥଙ୍କ ସମେତ ତାଙ୍କର ଅନ୍ୟାନ୍ୟ ସହକର୍ମୀ ମାନେ । ସମସ୍ତ ମମି ମାନଙ୍କୁ ତାଙ୍କ ନିର୍ମିତ ବିଶାଳକାୟ ପିରାମିଡ଼ରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ମହଲରେ ସଯତ୍ନେ ରଖି ଦିଆଯିବ । ଆତ୍ମା ନୀଳ ଆକାଶର ତାରକା

Digitized by srujanika@gmail.com

ମେଳରେ ଘୂରି ଘୂରି ଦିନେ ନିଶ୍ଚୟ ପୁଣି ଫେରି ଆସିବ ଓ ତାଙ୍କର ପରିତ୍ୟକ୍ତ ଶରୀର ମଧ୍ୟରେ ପୁନଃ ପ୍ରବେଶ କରିବ । ପୁଣି ଏକ ନୂଆଜୀବନ ନେଇ ସେମାନେ ଉଠିବସିବେ । ଉଠି ବସିବେ ଫାରୋ ଖୁଫୁ, ତାଙ୍କର ରାଣୀ ମାନେ ଓ ଦାସଦାସୀ ସମୂହ ଫେରିଆସିପୁଣି ମଣ୍ଡନ କରିବେ ମିଶରର ରାଜ ସିଂହାସନ ଆଉ ସୁଖକର ଜୀବନ ଯାପନର ପଥ ବାଛିନେବେ । ଏଜୀବନ କାଳ ତାଙ୍କର ଅସୀମ କାଳ ପର୍ଯ୍ୟନ୍ତ ଅବ୍ୟାହତ ରହିବ । ଦୀର୍ଘ ଦିନର ବ୍ୟବଧାନ ପରେ ଆତ୍ମା ଫେରିଲା ବେଳକୁ ହୁଏତ ନିଜ ମୃତ ଦେହକୁ ଠିକ୍ ଭାବରେ ଚିହ୍ନି ପାରିବ ନାହିଁ । ସେଥିପାଇଁ ତାଙ୍କ ଶବ ରହିବା ପାଇଁ ଉଦ୍ଦିଷ୍ଟ ଥିବା କୋଠରୀର କାନ୍ଥରେ ତାଙ୍କ ଜୀବନର ବିଶିଷ୍ଟ ଘଟଣାବଳୀର ସମାରୋହକୁ ସୁନ୍ଦର ଭାବେ ଚିତ୍ରିତ କରାଯିବ । ଯାହାଫଳରେ ଘୂରି ବୁଲୁଥିବା ଆତ୍ମା ଏହି ଫୁଟି ଉଠୁଥିବା ଚିତ୍ରକୁ ଦେଖିଲେ ତାଙ୍କ ଶରୀରକୁ ଠିକ୍ ଚିହ୍ନି ପାରି ତନ୍ମଧ୍ୟରେ ପ୍ରବେଶ କରିବ ।

ଚିଆପସ୍ ଜାଣି ପାରିଥିଲେଯେ ତାଙ୍କର ଏ ଜନ୍ମର ସମୟ ସରି ସରି ଆସୁଛି । ଏହାପରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଆତ୍ମା ଫେରିଲେ ଆରମ୍ଭ ହେବ ଏକ ନୂଆ ଜୀବନ । ମାତ୍ର ଆତ୍ମା ଏଜନ୍ମର ଏହି ମର ଶରୀରକୁ ତ୍ୟାଗ କଲାପରେ ଯେଉଁ ପଥ ଦେଇ ଗତି କରିବ, ସେ ପଥ ବହୁତ ଦୀର୍ଘ, କଳ୍ପନାର ବାହାରେ । ବହୁ କଷ୍ଟକାୟକ, ବହୁ ବ୍ୟଥା ଦୁଃଖଦେଇ ସେ ଦୀର୍ଘ ପଥ ଆତ୍ମାକୁ ଅତିକ୍ରମ କରିବାକୁ ପଡ଼ିବ । ତେଣୁ ପୁରାତନ ଓ ନୂତନ ଜୀବନର ଏହି ସନ୍ଧି କ୍ଷଣରେ ତାଙ୍କ ନାସ୍ତିକ ମନତଳେ ଭଗବଦ୍ ବିଶ୍ୱାସର ଏକ କ୍ଷୀଣ ସ୍ରୋତ ହଠାତ୍ ପ୍ରବାହିତ ହେବାକୁ ଲାଗିଲା । ସେ ଅନୁଭବ କଲେ ଏହି ଦୁଃଖକର କ୍ଲାନ୍ତ ଜନିତ କଷ୍ଟଦାୟକ ପଥକୁ ହୁଏତ ଭଗବଦ୍‌ଶକ୍ତ ନାମକ ସେହି ଅଦୃଶ୍ୟ ଶକ୍ତିର ଆଶୀର୍ବାଦରେ ସହଜରେ ଅତିକ୍ରମ କରାଯାଇ ପାରେ । ପ୍ରାର୍ଥନା,ଭଜନ ଦ୍ୱାରା ଏହି ଦୀର୍ଘ ପଥକୁ ସୁଖ ଦାୟକ ତଥା ସୁଗମ କରାଯାଇ ପାରେ । ତେଣୁ ଏକ ପୁସ୍ତକରେ କିଛି ପ୍ରାର୍ଥନା ଲିପିବଦ୍ଧ କରି ପିରାମିଡ୍ ମଧ୍ୟରେ ରଖିବାକୁ ସେ ଆଦେଶ ପ୍ରଦାନ କଲେ ।

ଆସନ୍ନ ନିର୍ବାଣ ମୁଖୀ ଦୀପଶିଖା ଲିଭିଯିବା ପୂର୍ବରୁ ତେଜିୟାନ ହୋଇ ଜଳି ଉଠିଲା ପରି ମୃତ୍ୟୁଶଯ୍ୟାରେ ଶାୟିତ ଚିଆପସ୍‌ଙ୍କ ମୁଖ ମଣ୍ଡଳ ସେଦିନ ଖବ୍ ଉଜ୍ଜଳ ଦେଖାଯାଉଥିଲା । ସେ ଜାଣିନେଲେଯେ ତାଙ୍କର ଶେଷ ସମୟ ଖୁବ୍ ନିକଟତର । କେତେକ ପାରିଷଦ ବର୍ଗ ଓ ପ୍ରଧାନ-ମନ୍ତ୍ରୀଙ୍କୁ ନିଜ ନିକଟକୁ ଡାକିଲେ ସେ । ନିଜର ମନ ଗହନର କଥା ମାନ ବ୍ୟକ୍ତ କଲେ । ମିଶର ସିଂହାସନର ଉତ୍ତରାଧିକାରୀ ରାଜପୁତ୍ର ଖେଫ୍ରେଙ୍କ ଅଭିଷେକ ଉତ୍ସବର ଆୟୋଜନ ପାଇଁ ରାଜ୍ୟରେ ଘୋଷଣା କରିବାକୁ ଆଦେଶ ଦେଲେ ।

ରାଜପୁତ୍ର ଖେଫ୍ରେଙ୍କ ସମ୍ବନ୍ଧରେ କିଛି ପଢିବା ସମୟରେ ସୋମେସଙ୍କର ମନେ ପଡିଗଲା ପିରାମିଡ୍‌ର ଖୁବ୍ ନିକଟରେ ଅବସ୍ଥିତ ଅପେକ୍ଷାକୃତ ଛୋଟ ଏକ ପିରାମିଡ୍‌କୁ ଦେଖାଇ ଆୟେସା ତାଙ୍କୁ ଚିହ୍ନାଇ ଦେଇଥିଲା ଏବଂ କହିଥିଲା ଏହା ହେଉଛି ଚିଆପସ୍‌ଙ୍କ ପୁତ୍ର ଖେଫ୍ରେଙ୍କର ପିରାମିଡ୍ । ସେ ନିଜର ପିତାଙ୍କୁ ଅନୁସରଣ କରି ନିଜ ପାଇଁ ଏଇ ପିରାମିଡ୍ ନିର୍ମଣ କରିଥିଲେ । ଯଦିଓ ଏହା ବିଶାଳତାର ଚିଆପସ୍‌ଙ୍କ ଦ୍ୱାରା ନିର୍ମିତ ଗ୍ରେଟ୍ ପିରାମିଡ୍ ସମକକ୍ଷ ହୋଇପାରିନଥିଲା । ସେହି ନିକଟରେ ସେ ଛୋଟ ବଡ ହୋଇ ଅନେକ ଗୁଡାଏ ପିରାମିଡ୍ ମଧ୍ୟ ଦେଖିଥିଲେ ।

Digitized by srujanika@gmail.com

ପ୍ରତ୍ୟେକ ପିରାମିଡ୍‌ର ରାସ୍ତାମାନ ପରସ୍ପର ସହ ସଂଯୁକ୍ତ ହେବାର କୌଣସି କାରଣ ସେ ବୁଝି ପାରୁନଥିଲେ । ହୋଇପାରିଥାଏ ମମି ଗୁଡିକ ଜୀବଦାନ ପାଇସାରିବା ପରେ ସେହି ପଥ ଦେଇ ଅନ୍ୟ ପିରାମିଡ୍ ମଧ୍ୟରେ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କୁ ସାକ୍ଷାତ କରିବେ । ସେଦିନ ଅପରାହ୍ନର ମ୍ଳାନ ଆଲୋକରେ ଫାରୋ ଖୁଫୁ ଓ ତାଙ୍କର ପୁତ୍ର ଖେଫ୍ରେଙ୍କର ପିରାମିଡ୍ ଦୁଇଟିକୁ ନିରୀକ୍ଷଣ କରୁ କରୁ ସେ ଭାବିଥିଲେ ମୃତ୍ୟୁହିଁ ହେଉଛି ଏକ ଶାଶ୍ୱତ ସତ୍ୟ । ମୃତ୍ୟୁ ନିକଟରେ ଏ ବିଶ୍ୱର ସମସ୍ତ ଐଶ୍ୱର୍ଯ୍ୟ କେତେ ନିଷ୍ପ୍ରଭ ସତେ । ଏଇଠି ଶେଷ ହେଲା ନଥିର ଇତିବୃତ୍ତି ।

ଚିଆପସ୍ ଓ ପିରାମିଡ୍ ବିଷୟରେ କିଛି ଜାଣିବା ପରେ ଏଥର ସୋମେସ୍‌ଙ୍କ ମନ ଚାହିଁଥିଲା ମମି ତିଆରିର କୌଶଳ ଉପରେ କିଛି ଜାଣିବାକୁ ।

ସୋମେସ୍‌ଙ୍କର ମନରେ ଏକାଧାରରେ ଦୁଇଟି ସ୍ୱପ୍ନ ଜାଗିଉଠିଲା । ଗୋଟିଏ ହେଉଛି ଦୀର୍ଘଦିନର ଗବେଷଣା ଓ ଅନୁସନ୍ଧାନ ପରେ ଯଦି ଏକ ନୂତନତଥ୍ୟର ସନ୍ଧାନ ସେ ପାଆନ୍ତି, ସାରା ପୃଥିବୀରେ ତାଙ୍କ ଜୀବନଯାତ୍ରାର ଜୟଗାନ ଶୁଣିବାକୁ ମିଳିବ । ଅନ୍ୟଦିଗରେ ନୀଳନଦୀର ଅବବାହିକାସ୍ଥ ଘଞ୍ଚଅରଣ୍ୟ, ଏପର୍ଯ୍ୟନ୍ତ ମନୁଷ୍ୟ ଦୃଷ୍ଟିକୁ ଏଡାଇ ତାହା ରହସ୍ୟାଚ୍ଛନ୍ନ ହୋଇରହିଛି ଯେ ଯାଉଛି ସେ ଆଉ ଫେରୁନାହିଁ । ତାର ସନ୍ଧାନ ବି ମଣିଷଜାତି ପାଉନାହିଁ । ସେ ଯିବେ, ଯଦି ସେହିପରି ଏକ ରହସ୍ୟମୟ ପରିସ୍ଥିତିରେ ତାଙ୍କ ଜୀବନଦୀପଟି ନିର୍ବାପିତ ହୁଏ ଓ ତା'ର ସନ୍ଧାନ ଯଦି କେହି ନ ପାଆନ୍ତି, ତାଙ୍କର ସମସ୍ତ ଗପେଷଣା, ଅନୁସନ୍ଧାନ କେଉଁ ଏକ ଅଜ୍ଞାତ କବର ମଧରେ ଯେ ରହିଯିବ ତାହା କାହାରିକୁ ଜଣା ପଡିବ ନାହିଁ ।

ପୁଣି ତାଙ୍କ ମନରେ ନୂଆ ଏକ ଭାବନାର ସ୍ରୋତ ଛୁଟିବାକୁ ଆରମ୍ଭ କଲା, ମଣିଷ ଆସିଛି ସଂସାରକୁ, ନିଶ୍ଚୟ ଦିନେ ନା ଦିନେ ସେ ମରିବ । ମରିବା ପୂର୍ବରୁ ମଣିଷ ଜାତିର ମଙ୍ଗଳ ପାଇଁ ଯଦି ସେ କିଛି ଦେଇଯାଇ ପାରେ ତା'ର ଜୀବନର ସଫଳତା ଆସିଯିବ । ମୃତ୍ୟୁ ସେଠି ଅମରତ୍ୱରେ ପରିଣତ ହେବ । ଯେଉଁମାନେ ମରଣକୁ ଡରି କାପୁରୁଷ ପରି ମୃତ୍ୟୁସହ ସାଲିସ୍ କରିଛନ୍ତି ସେମାନଙ୍କୁ ଜୀବନରେ କିଛି ମିଳିନାହିଁ । ଜୀବନର ହାହୁତାଶ ମଧ୍ୟରେ ବଞ୍ଚି ରହିବାର ଦୁର୍ବାରଲାଳସା ହିଁ ଜୀବନର ଏକମାତ୍ର ଲକ୍ଷ୍ୟ ହୋଇ ରହିଛି ।

ପ୍ରଫେସର ବୋଡ୍‌ଙ୍କ କଥା ଅନୁଯାୟୀ ନୀଳ ନଦୀର ଅବବାହିକାସ୍ଥ ସେହି ଘଞ୍ଚ ଅରଣ୍ୟ ମଧ୍ୟରେ ତାଙ୍କର ଜୀବନଦୀପ ହୁଏତ ଲିଭିଯାଇ ପାରେ । ଏହି କ୍ଷଣ ଭଙ୍ଗୁର ଦୁନିଆରେ କାହାର ଜୀବନ ଦୀପତ ଆଉ ଅନନ୍ତ କାଳ ପର୍ଯ୍ୟନ୍ତ ଜାଜ୍ୱଲ୍ୟମାନ ହୋଇ ଜଳିବନାହିଁ । ମନେ ମନେ ସୋମେସ ଭାବିଲେ ଯଦି ଏପରି ଏକ ଘଟଣା ଘଟିଯାଏ ତାହାଲେ ହୁଏତ ଦୁଃଖର ଅସହ୍ୟ ଯନ୍ତ୍ରଣାରେ ବାପା, ମା ଭାଙ୍ଗି ପଡିବେ, ମାତ୍ର ଏଇଟାତ କିଛି ନୂଆ କଥାନୁହେଁ । କେତେ ବାପା, ମାଆ ଆଉ କେତେ ସୋମେସ୍‌ଙ୍କ ଭାଗ୍ୟରେ ପ୍ରକୃତିର ଏହି ନିଚ୍ଛକ ପରିହାସ ଘଟୁଛି ଏବଂ ଘଟିଥିବ । ପୁଣି ମନେ ମନେ ସେ ଚିନ୍ତାକରେ, ସେଥିପାଇଁ ତାଙ୍କର ଚିନ୍ତା କରିବାର କଣ ଦରକାର । ମନେକର, ମୁଁ ସେଠାକୁ ଯିବିନାହିଁ । ମୋ ଦେଶକୁ ଫେରିବା ବାଟରେ ମୁଁ ଯାଉଥିବା ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହେବ । ତାହାଲେତ ଆଉ ମାତ୍ର କେଇ ମିନିଟ୍ ପରେ ପାଟନା ବିମାନ ବନ୍ଦରରେ ଅବତରଣ କରିବାକୁ ଥିବା ଚଉବ ନ ଯାତ୍ରୀଙ୍କ ଜୀବନଦୀପ ତ ପୁଣି ବିମାନ ଦୁର୍ଘଟଣାରେ

Digitized by srujanika@gmail.com

ଲିଭିଗଲା ଅତି କରୁଣ ଭାବେ ମୋର ମୃତ୍ୟୁ ହେବ । ସେତେବେଳେ ତ ବାପା ବୋଉ ସମସ୍ତେ ଦୁଃଖରେ ଭାଙ୍ଗିପଡିବେ । ଏପରି ଏକ ଅବାଞ୍ଛିତ ଭୟକୁ ହୃଦୟରେ ସ୍ଥାନଦେଇ ବଡ କାମ କିଛି ହୋଇପାରିବ ନାହିଁ । ମୃତ୍ୟୁ ତ ନିଶ୍ଚୟ ଆସିବ, ଆସୁ । ମରଣକୁ ଡରି ମୁଁ ମୋ ଲକ୍ଷ୍ୟରୁ ବିଚ୍ୟୁତ ହେବିନାହିଁ । ପରିସ୍ଥିତି ଯାହାହେଉନା କାହିଁକି ମୁଁ ନିଶ୍ଚୟ ଯିବି । ସେହି ନିଘଞ୍ଚ ଅରଣ୍ୟ ଭିତରକୁ । ଯଦି କିଛି ମିଳିଯାଏ, ତାହାହେଲେ ମୋ ଜୀବନର ସାର୍ଥକତା ହେବ ସେଇଠି ।

ମନରୁ ଦୋଦୁଲ୍ୟମାନ ଅବସ୍ଥା ଦୂରହେଲା । ସୋମେସ୍ ବର୍ତ୍ତମାନ ଦୃଢପ୍ରତିଜ୍ଞା ତାଙ୍କ ଜୀବନରେ ସେ ନିଜର ଲକ୍ଷ୍ୟହାସଲ ପଥରେ ନିଶ୍ଚୟ ଆଗେଇବେ ।

ପ୍ରଫେସର ଦେଇଥିବା ମାନଚିତ୍ରକୁ ସୋମେସ୍ ଟିକିନିଖିଭାବରେ ବିଶ୍ଳେଷଣ କରି ଦେଖିଲେ । ବାସ୍ତବିକ୍ ନିଘଞ୍ଚ ଅରଣ୍ୟ । ରାସ୍ତାଘାଟର କିଛି ସନ୍ଧାନ ନାହିଁ । ନାନା ପ୍ରକାରର ଜୀବଜନ୍ତୁ ଆକ୍ରମଣର ଭୟ ଥିବ ହିଁ ଥିବ । ଏସବୁ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡିବ । ସୋମେସ୍ ନିଜ ଯାତ୍ରାପାଇଁ କ'ଣ କ'ଣ ନିତ୍ୟାନ୍ତ ଆବଶ୍ୟକ ତାହାର ଏକ ତାଲିକା କଲେ । ଗୋଟିଏ ଭଲ କ୍ୟାମେରା, ଆତ୍ମରକ୍ଷା ପାଇଁ ରିଭଲଭର ଏବଂ କିଛି ଗୁଳି, ବାଇନାକୁଲାର, ପିଇବାପାଣି ପାଇଁ ୱାଟରବ୍ୟାଗ୍ ଓ ଯତକିଞ୍ଚିତ୍ ପୋଷାକପତ୍ର ଧରି ଯାତ୍ରା ଆରମ୍ଭ କଲେ । ଯାତ୍ରା ଆରମ୍ଭ ପୂର୍ବରୁ ସେ ପୁଣିଥରେ ପ୍ରଫେସରଙ୍କ ପାଖକୁ ଯାଇ ଆଶୀର୍ବାଦ ଭିକ୍ଷାକରିଥିଲେ । ଜୀବନ ବିନିମୟରେ ଲକ୍ଷ୍ୟହାସଲ ପାଇଁ ଦୃଢ଼ପ୍ରତିଜ୍ଞ ବୋଲି ସେ ପ୍ରଫେସରଙ୍କ ସମ୍ମୁଖରେ ବିନୀତ ଭାବେ ପ୍ରକାଶ କଲେ । '' ଆପଣ ଆଶୀର୍ବାଦ କରନ୍ତୁ ମୋ ଯାତ୍ରା ସଫଳ ହେଉ ।'' ଏହାଥିଲା ତାଙ୍କର ପ୍ରଫେସରଙ୍କ ନିକଟକରେ ନିବେଦନ ।

ପ୍ରଫେସର ସୋମେସ୍‌ଙ୍କ ଦୃଢ଼ପ୍ରତିଜ୍ଞା ଏବଂ ନୂତନ ଆବିଷ୍କାର ନିମନ୍ତେ ଗଭୀର ଏକାଗ୍ରତା ଦେଖି ଖୁବ୍ ଖୁସି ହେଲେ ଓ ଆଶୀର୍ବାଦ କରି କହିଲେ, '' ସୋମେସ୍ ତୁମ ଯାତ୍ରା ସଫଳ ହେଉ, ତୁମେ ଦୀର୍ଘଜୀବୀହୁଅ ।'' ଏହା ହିଁ ମୋର ତୁମପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା । ପ୍ରଫେସର ବୋଡେଙ୍କ ଆଶୀର୍ବାଦ ନେଇ ସୋମେସ୍ ଯାତ୍ରା ଆରମ୍ଭ କଲେ ନୀଳନଦୀର ଅବବାହିକାସ୍ଥ ସେହି ଅଗମ୍ୟ ସ୍ଥଳକୁ । ଯିବାପୂର୍ବରୁ ତାରି ଶେଷରେ ଉପସ୍ଥିତ ହେଲେ ତାଙ୍କର ପରମ ସାହାଯ୍ୟକାରିଣୀ ବାନ୍ଧବୀ ଆୟେସା ନିକଟରେ । ନିଜମନର ଭାବ ବ୍ୟକ୍ତକରି ତା'ଠାରୁ ବିଦାୟ ମାଗିଲେ । ସୋମେସ୍‌ଙ୍କର ଏ ପ୍ରକାର ନିଷ୍ପତ୍ତିରେ ଚମକି ଉଠିଲା ଆୟେସା । ଏଇ କେଇଦିନର ପରିଚୟ ମଧ୍ୟରେ ସୋମେସ୍‌ଙ୍କ ପ୍ରତି ତା ମନ ମଧ୍ୟରେ ଭରି ରହିଥିଲା ଗଭୀର ସ୍ନେହ, ମମତା ଆଉ ପ୍ରୀତି । ତେଣୁ ତାଙ୍କର ଏପରି ଏକ ବିପଦସଙ୍କୁଳ ପଥକୁ ଯାତ୍ରା ତା'ର ହୃଦୟକୁ ଦୁଃଖଦ ଓ ଅଶ୍ରୁଳ କରି ତୋଳିଲା । ଖୁବ୍ କୋମଳ କଣ୍ଠରେ ସେ ସୋମେସ୍‌କୁ ଏଥିରୁ ନିବୃତ୍ତ ହେବାପାଇଁ ଅନୁରୋଧ କରିଥିଲା । ଉତ୍ତରରେ ସ୍ମିତ ହସିଲେ ସୋମେସ୍ । କହିଲେ ଆୟେସା, ଗୋଲାପର ସୁଗନ୍ଧ ଆହରଣ କରିବାକୁ ଗଲେ ତା' କଣ୍ଟାରେ କ୍ଷତ, ବିକ୍ଷତ ହେବାକୁ ପଡେ । ସେହିପରି ଜୀବନରେ କିଛି ଭଲକାମ କରିବାକୁ ଗଲେ ତୁମକୁ କିଛି ତ୍ୟାଗ କରିବାକୁ ପଡିବ । ସେଥିପାଇଁ ବ୍ୟସ୍ତହେବାର କିଛି ନାହିଁ । ତୁମେ ତୁମର ବନ୍ଧୁଟିକୁ ହସି ହସି ବିଦାୟ ଦିଅ । ପ୍ରତ୍ୟୁତ୍ତରରେ ଆୟେସାର ବଡ ବଡ ସୁନ୍ଦର ନୀଳଆଖି ଦୁଇଟି ଟଳମଳ ହୋଇ ଉଠିଥିଲା ଲୁହର ।

Digitized by srujanika@gmail.com

ଆୟେସାର ଲୁହ ତାଙ୍କୁ ଲକ୍ଷ୍ୟ ପଥରୁ ବିଚ୍ୟୁତ କରିପାରି ନଥିଲା । କ୍ଷୁଦ୍ର ଏକ ଦୀପ ଶିଖା, ଘୋର ଅନ୍ଧକାରକୁ ବିଦୀର୍ଣ୍ଣ କରିବାର ପ୍ରତିଶ୍ରୁତି ନେଇ, ନିର୍ବାପିତ ହେବାର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେତ ପୁଣି ନିଜେ ଜଳି ଜଗତ ବାସୀଙ୍କୁ ଆଲୋକ ପ୍ରଦାନ କରୁଥାଏ । ତାହାହେଲେ ପୃଥିବୀର ଶ୍ରେଷ୍ଠ ବୁଦ୍ଧିଜିବୀ ପ୍ରଦାନ ହୋଇ ସେ ବା ପଛେଇ ଯିବେ କିପରି ?

ତାଙ୍କ ଯାତ୍ରା ଆରମ୍ଭର ପ୍ରଥମ ଦିନ । ସେଦିନର ସକଳ ତାଙ୍କ ପାଇଁ ଥିଲା ଏକ ଆଶ୍ଚର୍ଯ୍ୟ ଧରଣର ସକାଳ । ସେହି ସକାଳ ମଧ ଦେଇ ସୋମେସ୍ ତାଙ୍କର ଅନ୍ଧକାରମୟ ଭବିଷ୍ୟତର ଏକ ଅସ୍ପଷ୍ଟ ଚିତ୍ର ଦେଖିପାରୁଥିଲେ । ନିଘଞ୍ଚ ଅରଣ୍ୟ । ଗଛ ଲତାର ରାଶି ରାଶି ସମାରୋହ । ସତେ ଯେପରି ତାହା ମଧରେ ଅନେକ ରହସ୍ୟକୁ, ଅନେକ ଆନନ୍ଦ ଓ ଅନେକ ରୋମାଞ୍ଚ ଲୁକାୟିତ ଭାବେ ରହିଛି । ସେହି ରହସ୍ୟ ରୋମାଞ୍ଚ ଏଥର କ୍ରମେ ତାଙ୍କ ସମ୍ମୁଖରେ ଉନ୍ମୋଚିତ ହେବ । ନିର୍ଦ୍ଦିଷ୍ଟ ସମୟରେ ସେ ଅରଣ୍ୟ ଅଭିମୁଖେ ଯାତ୍ରା କଲେ । ସତକୁ ସତ ସେହି ଜଙ୍ଗଲଟି ଥିଲା ତାଙ୍କ କଳ୍ପନା ଠାରୁ ଆହୁରି ଘଞ୍ଚ, ହିଂସ୍ରଜନ୍ତୁ ପରିପୂର୍ଣ୍ଣ ଆଉ ବିପଦ ସଂକୁଳ । ସବୁଠାରୁ ଭୟଙ୍କର କଥା ତାଙ୍କ ପାଇଁ ଥିଲା ଯେ ସେ ଶୁଣି ଥିଲେ,ହିଂସ୍ରପଶୁ ଠାରୁ ଆହୁରି ହିଂସ୍ର ମାନବ କୁଆଡ଼େ ଅଛି ଏଠାରେ ।

ଏହି ଅରଣ୍ୟ ଅଭ୍ୟନ୍ତରରେ ଅନେକ ନରଭକ୍ଷ ଆଦିବାସୀ ଅଛନ୍ତି, ଶିକ୍ଷା ଓ ସଭ୍ୟତାର ଆଲୋକ ସେମାନଙ୍କୁ ସ୍ପର୍ଶ କରିପାରିନାହିଁ । ପଶୁ ତୁଲ୍ୟ ଜୀବନ ବିତାଉ ଥିବା ଏହି ଆଦିବାସୀ ମାନଙ୍କ କବଳରେ ପଡିଗଲେ ବଞ୍ଚିବା କଷ୍ଟକର ।

ସବୁ ଭୟକୁ ପାଦ ପାଦ କରି ଆଡେଇ ନିର୍ଦ୍ଦିଷ୍ଟଦିନ ନିର୍ଦ୍ଧାରିତ ସମୟରେ ସେ ଜଙ୍ଗଲରେ ପହଞ୍ଚିଗଲେ । ବାସ୍ତବିକ୍ ନିଘଞ୍ଚ ଅରଣ୍ୟ । ଆକାଶର ନୀଳ ବକ୍ଷ ସହ ଅରଣ୍ୟର ସବୁଜିମା ସବୁ ମିଶି ଏକାକାର ହୋଇଛନ୍ତି ଏଠାରେ । ମନରେ କିଛି ନୂତନ ଆବିଷ୍କାର ଉନ୍ମାଦନ ସବୁ ଭୟକୁ ଏଡି ଦେଇ ତାଙ୍କ ପାଦକୁ ଟାଣି ନେଉଛି ଆଗକୁ....ଆଗକୁ । କିଛି ପାଇବା ନ ପାଇବାର ଦୋଳାରେ ଝୁଲି ଝୁଲି ସେ ଚାଲି ଥାଆନ୍ତି । ଆଜି ଦିନ ମଧରେ ଜଙ୍ଗଲର କିଛି ଅଂଶ ଦେଖି ତାଙ୍କୁ ସନ୍ଧ୍ୟା ପୂର୍ବରୁ ଫେରିବାକୁ ହେବ ନିକଟସ୍ଥ ଗ୍ରାମକୁ ।

ତାଙ୍କ ଭାବନାରେ ବାଧା ଦେଇ ଖୁବ୍ ନିକଟରୁ ଭାସିଆସିଲା ସମ୍ମିଳିତ ବାଦ୍ୟ ଯନ୍ତ୍ରର ଧ୍ୱନି । ସତର୍କତାର ସହ କାନ ଡେରିଲେ ସେ । ଏ ଯେ ଢୋଲ, ମାଦଳର ଶବ୍ଦ । ତାଙ୍କ ଛାତିରେ ଚମକ ଲାଗିଲା । ବାଦ୍ୟବାଦନକାରୀ ମାନେ ଯଦି ସେହି ଆଦି ବାସୀ ହୋଇଥାଆନ୍ତି..... ?

ତାଙ୍କ ଆଶା ଆଶଙ୍କାକୁ ବାସ୍ତବ ସତ୍ୟରେ ରୂପାୟନ କରି ସେହି ମୁହୂର୍ତ୍ତରେ ଦୂର ଗଛ ଗହଳି ମଧରୁ ଆତ୍ମ ପ୍ରକାଶ କଲା ଏକ ଭୟଙ୍କର ମଣିଷର ମୂର୍ତ୍ତି । ତା ସହ ସେହି ଢୋଲ ମାଦଲର ଶବ୍ଦ କ୍ରମେ ନିକଟତର ହେଲା । ଅଧିକରୁ ଅଧିକ ଆଦିବାସୀ ମଧ ଦେଖାଗଲେ ।

ଆସନ୍ନ ବିପଦ ସମୟରେ ଅସୀମ ଧୈର୍ଯ୍ୟହିଁ ମଣିଷର ପରମ ବନ୍ଧୁ । ସେହି ଧୈର୍ଯ୍ୟର ଆଶ୍ରୟ ନେଇ ଥମକି ଛିଡା ହୋଇଗଲେ ସୋମେସ୍ । ସେମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଅରଣ୍ୟ ରେ ଦୌଡ଼ିବା ଅର୍ଥ ନିଜର ମୃତ୍ୟୁକୁ ନିଜେ ଡାକି ଆଣିବା । ସେମାନଙ୍କ ଠାରୁ

Digitized by srujanika@gmail.com

କିଛିନୂତନ ତଥ୍ୟ ମିଳିପାରେ, ଅଥବା ମିଳିପାରେ ମୃତ୍ୟୁ । ଭୟ କାତର ସୋମେସ୍ ପଥର ମୂର୍ତ୍ତିଟିଏ ପରି ଅବିଚଳିତ ଭାବେ ସେଇଠି ସେମିତି ଛିଡା ହୋଇ ରହିଲେ ।

ପଲକ ମାତ୍ରକେ ଆଦିବାସୀ ମାନେ ତାଙ୍କୁ ଚତୁଃ ପାର୍ଶ୍ୱରୁ ଘେରିଗଲେ, ବନ୍ଦୀ ସୋମେସ୍‌ଙ୍କୁ ସେମାନଙ୍କୁ ଅନୁସରଣ ପାଇଁ ଇଙ୍ଗିତ ଦେଲେ । ଅନ୍ୟଉପାୟ ନ ଦେଖି ସେମାନଙ୍କ ଇଙ୍ଗିତ ଅନୁଯାୟୀ କାମ କଲେ ସୋମେସ୍ ।

ସେହି ବନ୍ଧାଥିବା ଅବସ୍ଥାରେ ତାଙ୍କୁ ନେଇଗଲେ ଏକ ନୌକା ନିକଟକୁ । ନଦୀର ମୁକ୍ତଳା ଜଳରାଶିରେ ଭାସୁଥିବା ନୌକା ଉପରକୁ ତାଙ୍କୁ ଉଠାଇ ଘେରି ବସିଲେ ତାଙ୍କୁ ସେ ହି ଆଦିବାସୀ ଗଣ । ସେମାନେଙ୍କ ଆଖି ର ହିଂସ୍ର ଚାହାଣୀ, ମୁଖ ମଣ୍ଡଳରେ ଫୁଟି ଉଠୁଥିବା ନିଷ୍ଠୁରତା ଯୋଗୁ ଏକ ଅଜଣା ଭୟରେ ଶିହରୀ ଉଠୁଥିଲେ ସୋମେସ୍ । ନଦୀର ଉପର ମୁଣ୍ଡ ଆଡକୁ ନୌକା ଚାଲିଥାଏ । ତେଣୁ ସ୍ରୋତର ପ୍ରତିକୂଳ ଦିଗରେ ଯିବାକୁ ପଡୁଥାଏ । ଏଥିପାଇଁ ନାଉରୀକୁ ଅକ୍ଳାନ୍ତ ପରିଶ୍ରମ କରିବାକୁ କଡୁଥାଏ । ନୀଳନଦୀର ନୀଳଜଳ ରାଶି ମଧରେ ଭାସି ଚାଲିଥାଏ ନୌକାଟି । ସୋମେସ୍‌ଙ୍କର କିନ୍ତୁ ସେ ଦିଗକୁ ନଜର ନଥାଏ । ସମ୍ମୁଖରେ ତାଙ୍କର ମୃତ୍ୟୁ ଦୁଇହାତ ପ୍ରସାରି ନୃତ୍ୟରତ । ଜୀବନ ମରଣର ଏହିସନ୍ଧିକ୍ଷଣରେ ସେ କେବଳ ନାରାୟଣଙ୍କୁ ଡାକି ଚାଲିଥାଆନ୍ତି ଭାବାବେଂଶ ତନ୍ମୟ ହୋଇ । ମୃତ୍ୟୁର ଯନ୍ତାରେ ସେ ଜାଣି ଜାଣି ପାଦ ଥାପି ଥିଲେ । ଏବେ ମୃତ୍ୟୁକୁ ଭୟ କରିବାର କାରଣ ନାହିଁ ।

ହଠାତ୍ ଖରା ମଉଳି ଆସିଲା ଆଉ ଦିଗହଜା ଆଲୋକ କୁ ଢାଙ୍କି ଘୋଟିଗଲାଣି ଅନ୍ଧକାରର କଳା ପରଦା । ପବନ ବହିଲା ...ସୁ..ସୁ.., ବର୍ଷାଆସିଗଲା ବୋଧେ । ବିଜୁଳି ବର୍ଷା ସହ ପ୍ରବଳ ପବନରେ ଉଦ୍ଦାମ ନୃତ୍ୟ କ୍ରମେ ବଢିବାକୁ ଲାଗିଲା । ସତେ ଅବା ନିମିଷକେ ପ୍ରଳୟ ଲୀଳା ଘଟିଯିବ । ପ୍ରବଳ ପବନର ଆଘାତରେ ନୌକାଟି ଦୋହଲିବାକୁ ଲାଗିଲା ଆଉ ଚଳ ଚଳ କରି ନଦୀର ନୃତ୍ୟରତ ଜଳରାଶି ନୌକା ଭିତରକୁ କ୍ରମେ ପ୍ରବେଶ କରିବାକୁ ଲାଗିଲା । ଆତଙ୍କିତ ଭୟ ବିହ୍ୱଳିତ ଆଦିବାସୀମାନେ କ'ଣ ଭାବିଲେ କେଜାଣି ତାଙ୍କ ବନ୍ଧନ ଖୋଲିଦେଲେ । ଠିକ୍ ସେହି ମୁହୂର୍ତ୍ତରେ ନୌକାଟି ଜଳ ଗର୍ଭରେ ଓଲଟି ପଡ଼ିଲା । କାହାର କ'ଣ ଘଟିଗଲା ସେଥିପ୍ରତି ଦୃଷ୍ଟି ନଦେଇ ସନ୍ତରଣ ପଟୁ ସୋମେସ୍ ନଦୀର ସେହି ଗଭୀର ଜଳରାଶି ମଧରେ ପହଁରି ପହଁରି ବହୁ କଷ୍ଟରେ କୂଳରେ ପାଦ ଥୋଇଲେ ।

ମୂଷଳ ଧାରାରେ ବର୍ଷୁଥିବା ମେଘ ଘଡ଼ଘଡ଼ି ସହ ପ୍ରବଳ ଝଡ଼ ବତାସର ପ୍ରକୋପ କମୁଥିଲା ଧିରେ ଧିରେ । ସୋମେସ୍‌ଙ୍କ କ୍ଲାନ୍ତ ଅବସନ୍ନ ଶରୀର ବିଶ୍ରାମ ଖୋଜୁଥିଲା । କୂଳସ୍ଥ ବୃକ୍ଷମୂଳରେ ବିଶ୍ରାମ ନେଲେ ସେ । ସବୁଠାରୁ ବଡ଼ କଥା ତାଙ୍କର ସମସ୍ତ ଦରକାରୀ ଉପକରଣ ଏକ ଓ୍ୱାଟରପ୍ରୁଫ୍ ବ୍ୟାଗରେ ପଶି ତାଙ୍କ ପିଠିରେ ବନ୍ଧା ହୋଇଥିଲା ଏ ସମସ୍ତ ବିପର୍ଯ୍ୟୟ ସତ୍ତ୍ୱେ । ବ୍ୟାଗଟିକୁ ଖୋଲି ତନଖି ନେଲେ ସେ । ସେଥିରେ ସମସ୍ତ ଜିନିଷ ପୂର୍ବ ପରି ଅଛି । କିଛି ଖାଦ୍ୟ ଖାଇ ପାଣି ପିଇ ସେ ଆଗକୁ ପାଦ ବଢ଼ାଇଲେ । ଆକାଶରୁ ମେଘର ଛାୟା ଅପସରି ଯାଇଥିଲା । ଆଉ ଚତୁର୍ଦ୍ଦିଗରେ ଝଲମଲ ହେଉଥିଲା ଉଜ୍ଜ୍ୱଳ ସୂର୍ଯ୍ୟାଲୋକ । ପୁଣିଥରେ ବିଶ୍ୱ ନିୟନ୍ତାଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲେ ସୋମେସ୍ ଯାହାଙ୍କ ପ୍ରଚ୍ଛନ୍ନ ଇଙ୍ଗିତରେ ସଚରାଚର ବିଶ୍ୱର ସମସ୍ତ

Digitized by srujanika@gmail.com

ଘଟଣା, ଦୁର୍ଘଟଣା ଘଟିଥାଏ । ଯାହାଙ୍କର ଇଙ୍ଗିତରେ ମେଘ ପବନ ଘୋଟି ଆସି ରକ୍ଷା କଲା ତାଙ୍କ ଜୀବନକୁ । ଏହା ବିଶ୍ୱକର୍ତ୍ତାଙ୍କ ଚମତ୍କାରିତା ନୁହେଁ ତ ଆଉ କ'ଣ ?

ତାଙ୍କୁ ସ୍ମରଣ କରି ଆଗକୁ ପାଦ ବଢ଼ାଇଲେ ସୋମେସ୍ । କିଛିବାଟ ଗଲାପରେ ସେ ଅନୁଭବ କଲେ ଯେ ସେ ଏକ ଜଙ୍ଗଲରେ ପାଦ ଥୋଇଛନ୍ତି । ଅଦୂରରେ ତାଙ୍କ ଦୃଷ୍ଟି ବଳୟରେ ଧରାଦେଲା କେତେକ ଧୂସର ପାହାଡ଼ ଶ୍ରେଣୀ । ସେଥିପାଇଁ ଜଙ୍ଗଲର ରାସ୍ତା କ୍ରମେ ପଥୁରିଆ ବୋଧ ହେଉଛି । କିଛି ବାଟ ଆଗେଇଲା ପରେ ଏକ ବିରାଟ ପାହାଡ଼ ଧୀରେ ଧୀରେ ତାଙ୍କର ନିକଟତର ହେଲା । ପାହାଡ଼ କୋଳରେ ମୁଣ୍ଡ ଟେକି ଉଠିଥିବା ସବୁଜ ଗଛଲତାର ଚିତ୍ର କ୍ରମେ ସ୍ପଷ୍ଟ ହେଲା । ହେଲେ ପାହାଡ଼ର ମଝିରେ ମଝିରେ ପିରାମିଡ୍ ଆକୃତିର ଏକ ସ୍ତମ୍ଭାକୃତି ବସ୍ତୁ ତାଙ୍କର ଦୃଷ୍ଟିଗୋଚର ହେଲା । ଆଶ୍ଚର୍ଯ୍ୟ ହେଲେ ସେ । ଏ ପୁଣି କ'ଣ ? କିଛିବାଟ ଚାଲିଲା ପରେ ସେ ଅନୁଭବ କଲେ ଏହି ଜଙ୍ଗଲଟି ବୋଧହୁଏ ଏକ ଆଗ୍ନେୟଗିରିର ଗହ୍ୱର ମଧ୍ୟରେ ଅବସ୍ଥିତ । ତାଙ୍କ ଚତୁଃପାର୍ଶ୍ୱସ୍ଥ ପରିବେଶକୁ ଆଉଥରେ ଭଲ ଭାବରେ ନିରୀକ୍ଷଣ କଲେ ସେ । ଯଦି ତାଙ୍କ ଅନୁମାନ ସତ୍ୟ ହୁଏ, ତେବେ ଏହି ଆଗ୍ନେୟଗିରିଟି ନିଶ୍ଚୟ ଏକ ସୁପ୍ତ ଆଗ୍ନେୟଗିରି ଅଟେ । ବହୁବର୍ଷ ଧରି ଏହା ମଧ୍ୟରୁ ଅଗ୍ନି ଉଦ୍‌ଗିରଣ ହୋଇନାହିଁ, ଫଳରେ ଏହି ଗିରିଗହ୍ୱରରେ ମଧ୍ୟ ମୁଣ୍ଡ ଟେକି ଉଠିଛି ଏକ ଘଞ୍ଚ ଜଙ୍ଗଲ । ସେହି ତ୍ରିଭୁଜାକାର ବସ୍ତୁଟି ଜଙ୍ଗଲର କୋଳ ଭେଦକରି କ୍ରମେ ତାଙ୍କ ଦୃଷ୍ଟିର ନିକଟତର ହେଲା । ମନ ତାଙ୍କର ଏକ ଅବର୍ଣ୍ଣନୀୟ ଆନନ୍ଦରେ ଭରିଗଲା । ଏ ଯେ ଏକ ପ୍ରାଚୀନତମ ପିରାମିଡ୍ ଏଥିରେ ତାଙ୍କର ସନ୍ଦେହ ରହିଲା ନାହିଁ ।

ଭାଗ୍ୟ ମନୁଷ୍ୟକୁ ନାନା ରୂପରେ ଖେଳାଉଥାଏ । କେତେବେଳେ ବିପଦର ଘୂର୍ଣ୍ଣି ମଧ୍ୟରେ ପକାଇ ଦିଏ ତ, କେତେବେଳେ ସ୍ୱର୍ଗ ସମ୍ପଦର ସନ୍ଧାନ ଦେଇଥାଏ । ତାଙ୍କର ଚିର ଆକାଂକ୍ଷିତ ପିରାମିଡ୍ ଉପରେ ଘେରି ରହିଥିବା ରହସ୍ୟର ପର୍ଦ୍ଦାକୁ ଉନ୍ମୋଚନ କରିବାକୁ ଯାଇ ଏ ଘଞ୍ଚ ଜଙ୍ଗଲର ପାଦ ଥୋଇଲା ବେଳଠାରୁ ସେ ଭାଗ୍ୟର ଅଟ୍ଟହାସ୍ୟ ହିଁ କେବଳ ସହ୍ୟ କରି ଆସିଛନ୍ତି । ଦେଖାଯାଉ ଏଥର ସେହି ଭାଗ୍ୟ ତାଙ୍କୁ ପୁଣି କେଉଁ ପରିସ୍ଥିତି ଆଡ଼କୁ ଟାଣି ନେଉଛି ।

ଏମିତି ନାନା ଭାବନା ମଧ୍ୟରେ ସେ ଏକ ଉଚ୍ଚା ସ୍ଥାନରେ ପହଞ୍ଚି ଯାଇଥିଲେ । ସେହି ସ୍ଥାନରେ ଛିଡ଼ାହୋଇ ସେ ଜଙ୍ଗଲର ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କଲେ । ଚାରିଆଡ଼େ ଜଙ୍ଗଲର ଶାନ୍ତ, ସ୍ନିଗ୍ଧ ସବୁଜିମା । ବନଭୂମିର ଅପାସୋରା ସୌନ୍ଦର୍ଯ୍ୟ ମଧ୍ୟରେ ତାଙ୍କ ଦୃଷ୍ଟିରେ ଭାସି ଆସିଲା କେତେଗୁଡ଼ିଏ ପଥର ନିର୍ମିତ ଘର, ଘରଗୁଡ଼ିକ ଅଳ୍ପ ଅଳ୍ପ ଛଡ଼ାରେ ଅବସ୍ଥିତ । ଠିକ୍ ଯେମିତି ଗୋଟିଏ ପରିତ୍ୟକ୍ତ ଗ୍ରାମ । ସେହି ଘଞ୍ଚ ଅରଣ୍ୟ ମଧ୍ୟ ଦେଇ ତାଙ୍କର ଦୃଷ୍ଟି ଲମ୍ବି ଯାଇଥିଲା ଦୂରକୁ ... ବହୁ ଦୂରକୁ ଯେଉଁ ପର୍ଯ୍ୟନ୍ତ କି ବିସ୍ତୃତ ହୋଇଥିଲା ସେହି ପଥର ଘରଗୁଡ଼ିକ । ତାଙ୍କର ବିଶ୍ୱାସ ହେଲା ଯେ ପରସ୍ପର ଛନ୍ଦାଛନ୍ଦି ହୋଇଥିବା ଜଙ୍ଗଲର ଗଛ, ଲତା ଓ ଗୁଳ୍ମ ତଳେ ଯେପରି ଲୁଚି ରହିଛି ଅନେକ ପଥରର ଘର ଆଉ ତା ସହିତ ଅନେକ ରହସ୍ୟ । ତାହାହେଲେ ଏହି ସ୍ଥାନଟିରେ କ'ଣ ଏକ ଗ୍ରାମ କି ସହର ଥିଲା, ଯାହାର ନିଦର୍ଶନ ସ୍ୱରୂପ ଏହି ପଥରର ଘରଗୁଡ଼ିକ ରହିଯାଇଛି । ଏହିପରି ମେକ୍ସିକୋରେ ତିଆହୁଆନାକୋ ନାମକ ଏକ ସହର ରହିଅଛି । ତିଆହୁଆନାକେ ସହରଟି ଏଯାବତ୍ ପୃଥିବୀର ଏକ ବିସ୍ମୟ ହୋଇ ଦଣ୍ଡାୟମାନ ହୋଇଛି ।

Digitized by srujanika@gmail.com

କାରଣ ଏହି ସହରରେ ଘର, ଦ୍ୱାର, ପ୍ରାଚୀର ସବୁ ରହିଅଛି, ମାତ୍ର ଘରଗୁଡ଼ିକରେ ମଣିଷ ନାହାନ୍ତି । ସହରଟି ସମ୍ପୂର୍ଣ୍ଣ ଜନମାନବ ଶୂନ୍ୟ । ମଣିଷ ବିହୀନ ଏହି ନିଶବ୍ଦ ସହରଟି ମେକ୍ସିକୋ ମାଚୁପିଚୁ ନାମକ ଏକ ପାହାଡ଼ ଉପରେ ଅବସ୍ଥିତ । ଏହି ସହରଟିର ନାମ 'ତୁଆହୁଆନାକୋ' ଯାହାର ଅର୍ଥ ହେଉଛି 'ମୃତ ଚନ୍ଦ୍ରର ସହର' ।

ତାଙ୍କର ଡାହାଣ ପଟେ ସେହି ମୃତ ସହର ଓ ବାମପଟେ ପ୍ରାଚୀନତମ ପିରାମିଡ୍ । ହୃଦୟ ମଧ୍ୟରେ ଏକ ଅଦ୍ଭୁତ ଅନୁଭୂତି । ଜଙ୍ଗଲର ଲଟା ପତ୍ର ଆଡ଼େଇ ଆଡ଼େ ସେ ଧୀର ପଦକ୍ଷେପରେ ଆଗେଇଥିଲେ ସେହି ରହସ୍ୟମୟ ପିରାମିଡ୍ ନିକଟକୁ, ତାଙ୍କର ଆଶା, ଆକାଂକ୍ଷାର କେନ୍ଦ୍ରବିନ୍ଦୁ ପାଖକୁ । ଦୃଷ୍ଟି ତାଙ୍କର ନିବଦ୍ଧ ଥିଲା ଅରଣ୍ୟ ଅଭ୍ୟନ୍ତରସ୍ଥ ସେହି ପିରାମିଡ୍ ଉପରେ । ଏକ କଳ୍ପନାତୀତ ଆବେଗରେ ହୃଦୟ ତାଙ୍କର ରୋମାଞ୍ଚିତ ହୋଇ ଉଠିଲା । ପିରାମିଡ୍‌ର ସମ୍ମୁଖ ଭାଗରେ ରହିଥିଲା ବିରାଟକାୟ ସ୍ତମ୍ଭ କେତୋଟି । ଏବେ ସମୁଦାୟ ପିରାମିଡ୍‌ଟି ତାଙ୍କ ସମ୍ମୁଖରେ ସ୍ପଷ୍ଟ ହୋଇ ଉଠୁଥିଲା । ତାଙ୍କୁ ବୋଧହେଲା ହୃଦୟ ମଧ୍ୟରେ ତାଙ୍କର ଯେପରି ଏକ ଶୀତଳ ଜଳର ଝରଣା କଳକଳ ନାଦରେ ପ୍ରବାହିତ ହେଉଛି । ଖୁବ୍ ଶୀଘ୍ର ଶୀଘ୍ର ସେ ସେହି ସ୍ତମ୍ଭଗୁଡ଼ିକ ନିକଟରେ ପହଞ୍ଚିଗଲେ ।

ଜଙ୍ଗଲ ମଧ୍ୟରେ ଧୀର ପବନ ବହୁଥାଏ । ଗଛ ଓ ଲତାମାନଙ୍କରେ ନାନା ଜଙ୍ଗଲି ଫୁଲ ଫୁଟିଥାଏ । ଫୁଟନ୍ତା ଫୁଲର ବାସ୍ନାକୁ ବହନ କରି ପବନ ମନ୍ଦ ମନ୍ଦ ଗତିରେ ପ୍ରବାହିତ ହେଉଥାଏ । ଗଛ ଲତାର ଫାଙ୍କ ଦେଇ ତଳେ ପଡ଼ିଥିବା ସୂର୍ଯ୍ୟକିରଣ ଅଳ୍ପ ଅଳ୍ପ ଟାଣ ଲାଗୁଥାଏ । ମନ ମଧ୍ୟରେ ତାଙ୍କର କେତେ ମଧୁର ସ୍ମୃତି ଜାଗ୍ରତ ହେଲା । ତନ୍ମୟ ହୋଇ ସେହି ସ୍ତମ୍ଭଗୁଡ଼ିକ ନିକଟରେ ଛିଡ଼ା ହୋଇଥିଲେ ସେ । ସ୍ତମ୍ଭ ଦେହରେ ଖୋଦିତ ହୋଇଥିଲା ସାପ ଓ ସୂର୍ଯ୍ୟଦେବତାଙ୍କର କେତୋଟି ଚିତ୍ର । ତାଙ୍କ ମନେ ପଡ଼ିଗଲା ଆୟେସା ଠାରୁ ଶୁଣିଥିଲେ ମିଶରୀୟମାନଙ୍କର ପ୍ରତୀକ ହେଉଛି ସୂର୍ଯ୍ୟ ଓ ସାପ । ସେହି ଚିତ୍ର ନିକଟରେ ଥିବା ଶିଳାଲିପିକୁ ପଢ଼ିବାକୁ ଚେଷ୍ଟା କଲେ ସେ । ସେଠାରେ ଖୋଦିତଲିପିର ବ୍ରାହ୍ମୀଲିପି ସହ କିଛିଟା ସାମଞ୍ଜସ୍ୟ ଥିଲା । ତେଣୁ ସୋମେସ୍ କିଛିଟା ପଢ଼ିପାରିଲେ । ସେ ସେଥିରୁ ଜାଣିଲେ ଯେ କେତେକ ଉଦ୍ଭିଦର ରସ ମିଶାଇ ତା ମଧ୍ୟରେ ମଣିଷ ଶରୀରକୁ ବୁଡ଼ାଇଦେଲେ ତାର ଶରୀରରେ ଥିବା ଜରାଜୀର୍ଣ୍ଣ ଜୀବକୋଷଗୁଡ଼ିକ ପରିବର୍ତ୍ତେ ନୂତନ ସତେଜ ଜୀବକୋଷ ସୃଷ୍ଟି ହୁଏ ଓ ଏହି ଶରୀର ଅନନ୍ତ କାଳ ପର୍ଯ୍ୟନ୍ତ ରହିଯାଏ । ଆଉ କେତେକ ଲିପି ଅସ୍ପଷ୍ଟ ଥିଲା । ସମୟର ପ୍ରବାହରେ ବର୍ଷାପାଣି ଓ ଧୂଳିଝଡ଼ ଦ୍ୱାରା ଏଗୁଡ଼ିକର କେତେକାଂଶ ଲିଭିଗଲାଣି ।

ସ୍ତମ୍ଭଗୁଡ଼ିକ ଅତିକ୍ରମ କରି ପିରାମିଡ୍ ନିକଟରେ ପହଞ୍ଚିଲେ ସୋମେସ୍ । କେତେ ଯେ ସୁଖଦାୟକ ଅନୁଭୂତି ତାଙ୍କ ହୃଦୟ କନ୍ଦରରେ ଜାଗ୍ରତ ହେଲା ତାହା ସେ ବର୍ଣ୍ଣନା କରିପାରିବେ ନାହିଁ । ପିରାମିଡ୍‌ର ପଥର ନିର୍ମିତ ପ୍ରାଚୀର ଉପରେ ହାତରଖି ସେ ତନ୍ମୟ ହୋଇଗଲେ । ସେହି ପଥର ନିର୍ମିତ ପିରାମିଡ୍‌ର ଯଦି କିଛି ଅନୁଭବ କରିବାର ଶକ୍ତି ଥାଆନ୍ତା, ତାହାହେଲେ ସେ ସୁଦୂର ଭାରତ ବର୍ଷରୁ ଆଗତ ପ୍ରତ୍ନତତ୍ତ୍ୱବିତ୍‌ଙ୍କର ସ୍ପର୍ଶରୁ ତାଙ୍କ ହୃଦୟଚ ଅଫୁରନ୍ତ ଆନନ୍ଦକୁ ଅନୁଭବି ନେଇ ଥାଆନ୍ତା । ଆଉ ସୋମେସ୍, ସେ ସତେ ଯେପରି ଚୈତନ୍ୟ ହରାଇ ସେହି

Digitized by srujanika@gmail.com

ସ୍ଥାନରେ ଛିଡ଼ା ହୋଇଥିଲେ । ତାଙ୍କୁ ବୋଧହେଲା ସେ ଯେପରି ଏହି ବାସ୍ତବ ଜଗତରେ ଆଉ ନାହାନ୍ତି । ଖୁବ୍ ଦୂରରୁ ଭାସି ଆସି କାହାର ସ୍ୱର ତାଙ୍କ କର୍ଣ୍ଣଗହ୍ୱରରେ ପ୍ରତିଧ୍ୱନି ତୋଳୁଥିଲା । ତାହା ଥିଲା ପ୍ରଫେସର ବୋଡ଼େଙ୍କର ଉକ୍ତି, ''ତୁମେ ପାରିବ ? ସେ ସ୍ଥାନକୁ ଯାଇପାରିବ ଯନ୍ତ୍ରମ୍ୟାନ ? ତାଙ୍କ ଉପର ଦେଇ ବହି ଯାଇଥିବା ସମସ୍ତ ଝଡ଼ ସତ୍ତ୍ୱେ, ସମସ୍ତ ଦୁର୍ବିପାକ ସତ୍ତ୍ୱେ ତାଙ୍କ ବ୍ୟାଗ ମଧ୍ୟରେ ସେହି କ୍ଷୁଦ୍ର କ୍ୟାମେରାଟି ଏକ ୱାଟରପ୍ରୁଫ୍ ମଧ୍ୟରେ ବେଶ୍ ସୁରକ୍ଷିତ ଥିଲା । ଧୀରେ ସେ ପକେଟରୁ ସେହିଟିକୁ ବାହାର କଲେ । ଏହାପରେ ପାଗଳ ପରି ଫଟୋ ପରେ ଫଟୋ ଉତ୍ତୋଳନ କରି ଚାଲିଲେ । ସେହି ଜନହୀନ ନିଶବ୍ଦ ସହରର ଫଟୋ, ପ୍ରାଚୀନତମ ପିରାମିଡ୍‌ର ଫଟୋ, ସୁପ୍ତ ଆଗ୍ନେୟଗିରିର ଗହ୍ୱରସ୍ଥିତ ଘଞ୍ଚ ବନାନୀର ଫଟୋ, ଅସଂଖ୍ୟ ଲତାଗୁଳ୍ମର ଫଟୋ ... ଏମିତି ନାନା ଫଟୋମାନ ।

ତାଙ୍କୁ ମନେ ହେଲା ସେ ଯେପରି ସ୍ୱପ୍ନାଲୋକରେ ବିଚରଣ କରୁଛନ୍ତି । ସମ୍ମୋହିତ ହେଲେ ସେ । କଳ୍ପନାଲୋକରେ ସେ ପ୍ରାଚୀନତମ ପିରାମିଡ୍‌ର ନିର୍ମାଣକାରୀ ଅତୀତର ସେହି ଫାରୋଙ୍କ ରାଜଦରବାରରେ ପହଞ୍ଚି ଯାଇଥିଲେ । ହଠାତ୍ ସେହି ଜନମାନବଶୂନ୍ୟ ନିର୍ଜନ ବନଭୂମିର ନିଥରତା ଭାଙ୍ଗି ଭାସି ଆସିଲା ନାରୀ କଣ୍ଠର ମଧୁର ଧ୍ୱନି । କାହାର ପାଦସ୍ଥିତ ଘୁଙ୍ଗୁରର ରଣୁଝୁଣୁ ନିକ୍ୱଣ । ଲତା ଉହାଡ଼ରୁ କେତେକ ଅପୂର୍ବ ସୁନ୍ଦରୀ ନାରୀ ବାହାରି ତାଙ୍କ ଚତୁଃପାର୍ଶ୍ୱରେ ଘେରିଗଲେ । ସେ ପାଲଟି ଗଲେ ମିଶରର ଜଣେ ପୂର୍ବତନ ଫାରୋ, ଯାହାଙ୍କର ନାମ ଇତିହାସରୁ ମଧ୍ୟ ଲିଭିଯାଇଛି । ରତ୍ନଖଚିତ ସୁବର୍ଣ୍ଣର ସିଂହାସନ ଉପରେ ଉପବେଶନ କରିଛନ୍ତି ମହାମହିଷ ଫାରୋ ପାରିଷଦବର୍ଗ ପରିବେଷ୍ଟିତ ହୋଇ । ସିଂହାସନର ଦୁଇ ପାର୍ଶ୍ୱରେ ଦୁଇଜଣ ଅନିନ୍ଦ୍ୟ ସୁନ୍ଦରୀ ଯୁବତୀ ଛିଡ଼ାହୋଇ ସମ୍ରାଟଙ୍କୁ ପଙ୍ଖା କରୁଥିଲେ । ତାଙ୍କ ସମ୍ମୁଖରେ ଏକ ବିଶିଷ୍ଟ ଆସନରେ ବସି ରହିଥିଲେ ଜଣେ ଦୀର୍ଘକାୟ ଗୌରବର୍ଣ୍ଣ ଶ୍ମଶ୍ରୁଧାରୀ ବ୍ୟକ୍ତି । ତାଙ୍କର ବଡ଼ ବଡ଼ କଳା କଳା ଆଖି ଦୁଇଟିରେ ଭରି ରହିଥିଲା ବିଶାଳ ସମୁଦ୍ରର ଗାମ୍ଭୀର୍ଯ୍ୟତା । ହାତରେ ଥିଲା ଏକ ବିରାଟ ପୋଥି । ସେହି ପୋଥି ଖୋଲି ବେଶ୍ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଣ୍ଠରେ ସେ ସମ୍ରାଟଙ୍କୁ କହିଚାଲିଥିଲେ ଅମରତ୍ୱ ଲାଭର ଉପାୟ । ହୃଦୟରେ ତାଙ୍କର ଏକ ବିଚିତ୍ର ଅନୁଭୂତି । ସେହି ଅନୁଭୂତିକୁ ପୁଞ୍ଜିକରି ସେ ପାହାଡ଼ ଉପରକୁ ଉପରକୁ ଚଢ଼ି ଚାଲୁଥିଲେ । କ୍ରମେ ସେ ତାଙ୍କର ବାହ୍ୟଜ୍ଞାନ ହରାଇ ବସିଲେ । ତାଙ୍କୁ ବୋଧହେଲା ସେ ଯେପରି ଆଉ ଏହି ଜଗତରେ ନାହାନ୍ତି । ସେ କଳ୍ପନାଲୋକରେ ବିଚରଣ କରି ତତ୍‌କାଳୀନ ବୈଜ୍ଞାନିକମାନଙ୍କ ଠାରୁ ସନ୍ଧାନ କରୁଥିଲେ ମମି ତିଆରି ମୂଳରେ ନିହିତ ଥିବା ବୈଜ୍ଞାନିକ ସତ୍ୟକୁ । ଏହାପରେ କ'ଣ ଯେ ସବୁ ଘଟିଗଲା ସେ ବିଷୟରେ କେହି କିଛି କହିପାରିବେ ନାହିଁ ।

ସମ୍ପୂର୍ଣ୍ଣ ବାହ୍ୟଜ୍ଞାନଶୂନ୍ୟ ସୋମେସ୍ ପହଞ୍ଚିପାରିଲେ ନାହିଁ ସେହି ମମି ନିକଟରେ କି ଆବିଷ୍କାର କରିପାରିଲେ ନାହିଁ ଖୋଦିତ ସେହି ଅଦ୍ଭୁତ ରାସାୟନିକ ଫର୍ମୁଲାଟିକୁ । ଚିରଦିନ ପାଇଁ ଲୋକଲୋଚନରେ ଅଗୋଚରରେ ରହିଗଲା ମମି ତିଆରିର କୌଶଳ ।

ଏହାପରେ ସେ ନିଜକୁ ଆବିଷ୍କାର କଲେ ନଗରୀର ହସ୍‌ପିଟାଲରେ କ୍ଷତ ବିକ୍ଷତ ଶରୀରରେ ।

Digitized by srujanika@gmail.com

ସୋମେଶ୍‌ଙ୍କ ଦେହ କ୍ରମେ ଭଲ ହୋଇ ଆସୁଥିଲା ଆଉ କିଛି ଦିନ ପରେ ସେ ହସ୍‌ପିଟାଲରୁ ଛାଡ଼ ପାଇବେ । ତା ପରେ .... ତାପରେ ଫେରିଯିବେ ଭାରତ । କିନ୍ତୁ ଗୋଟିଏ ପ୍ରଶ୍ନ ତାଙ୍କ ମନରେ ଏ ଯାବତ ଅସମାହିତ ରହିଗଲା ।

ମୃଦୁ ପଦଘାତରେ ହସପିଟାଲର କୋଠରୀ ମଧ୍ୟକୁ ପ୍ରବେଶ କରୁଥିଲା ଆୟେସା । ବହୁଦିନର ବ୍ୟବଧାନ ପରେ ସେ ଆଜି ଆସିଛି । ଆୟେସାକୁ ନିକଟରେ ପାଇ ବ୍ୟାକୁଳ ଭାବେ ପ୍ରଶ୍ନ କଲେ ସୋମେଶ୍, ''କୁହ ଆୟେସା, ସେହି ନିଘଞ୍ଚ ଅରଣ୍ୟ ଅଭ୍ୟନ୍ତରରୁ ଉଦ୍ଧାର କରି କେଉଁ ବ୍ୟକ୍ତି ମତେ କିପରି ନେଇ ଆସିଲେ ଏଠାକୁ ?''

ମୁହଁରେ ସ୍ନିଗ୍ଧ ହାସ୍ୟର ଛଟା ଖେଳାଇ ଆୟେସା ଉତ୍ତର ଦେଲା, ''ବାସ୍ତବିକ ଆପଣଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିମାନଙ୍କର ପରିଚୟ ମୁଁ ବି ଜାଣେ ନାହିଁ । ହେଲେ ମତେ ବି ଆଶ୍ଚର୍ଯ୍ୟ ଲାଗେ ସେମାନେ କାହିଁକି ବା ସେ ନିଘଞ୍ଚ ଅରଣ୍ୟକୁ ଯାଇଥିଲେ, ଆଉ କିପରି ବା ତୁମକୁ ଉଦ୍ଧାର କଲେ ତାହା ଏବେ ବି ମୋ ପାଖରେ ରହସ୍ୟର ଘେରରେ, ଠିକ୍ ପିରାମିଡ଼୍ ଓ ମମିର ଅଭେଦ୍ୟ ରହସ୍ୟ ପରି ।

ଦର୍ଶକର ସ୍ମୃତି ରାଜ୍ୟରେ ଚିରକାଳ ଜୀବନ୍ତ ରହିବା ପରି ଏକ ଚମତ୍କାର ସ୍ଥାପତ୍ୟ ଏହି ପିରାମିଡ଼୍ । ଇତିହାସର ନାନା ଘଟଣା, ଦୁର୍ଘଟଣା, ମିଶର ଜାତିର ଜୀବନ ପ୍ରବାହରେ ଦେଖାଦେଉଥିବା କେତେ କାହାଣୀ, ପିରାମିଡ଼୍‌ର ପ୍ରତିଟି ଶିଳାଖଣ୍ଡରେ ଲିପିବଦ୍ଧ । ସୋମେଶ୍ ଅନୁଭବ କଲେ ବାସ୍ତବିକ୍ ଏହି ଅତ୍ୟାଶ୍ଚର୍ଯ୍ୟ ପିରାମିଡ଼୍ ଓ ମମିର ସମସ୍ତ ବିଭବ ଉଦ୍‌ଘାଟନ ପାଇଁ ବିଶ୍ୱର ସମସ୍ତ ଶକ୍ତି ଆଜି ଅସମର୍ଥ ।

❖❖❖

Digitized by srujanika@gmail.com